# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୭/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, December 7/2023 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 14 | ମୂଲ୍ୟ ₹୭/-




ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଓଡ଼ିଶା ଅଗ୍ନି ଓ ପ୍ରାକୃତିକ ବିପର୍ଯ୍ୟୟ ନିରାପତ୍ତା ଏକାଡେମୀଠାରେ ସିଭିଲ୍ ଡିଫେନ୍ସ ଡେ' ପାଳନ ଅବସରରେ ନିଆଁ ଭିତରୁ ଉଦ୍ଧାର କାର୍ଯ୍ୟର କୌଶଳ ପ୍ରଦର୍ଶନ କରାଯାଉଛି। (ଫଟୋ-ବିକାଶ ନାୟକ)

# ୭୨% ଭାରତୀୟ ଅନ୍‌ଲାଇନ ଠକେଇ ଶିକାର

**ନୂଆଦିଲ୍ଲୀ,୬।୧୨**

ନିକଟ ଅତୀତରେ ପ୍ରାୟ ୭୨% ଭାରତୀୟ ଅନ୍‌ଲାଇନ୍ ଠକେଇର ଶିକାର ହୋଇଛନ୍ତି। ବ୍ରିଟେନ୍‌ର ମାର୍କେଟିଂ ଗବେଷଣା ସଂସ୍ଥା ୟୁଗଭ୍ ପକ୍ଷରୁ ଗତ ନଭେମ୍ବରରେ କରାଯାଇଥିବା ଏକ ଇ-ସର୍ଭେରୁ ଏହି ବିଷୟ ଜଣାପଡ଼ିଛି। ଏହାର ବିସ୍ତୃତ ବିବରଣୀ ବୁଧବାର ପ୍ରକାଶ ପାଇଛି। ଫେକ୍ ଚାକିରି ରାକେଟ୍, ଅନ୍‌ଲାଇନ୍ ଶପିଙ୍ଗ୍, ଇନ୍‌ଭେଷ୍ଟମେଣ୍ଟ ସ୍କାମ୍, ବ୍ୟାଙ୍କ/କାର୍ଡ ଫିଶିଙ୍ଗ୍ ଫ୍ରଡ୍/ଲଟେରି କିମ୍ବା ମିଥ୍ୟା ପୁରସ୍କାର ଅଫର୍, ସରକାରୀ କିମ୍ବା ସୋସିଆଲ ମିଡିଆ ଠକେଇ, ମିଛ ଋଣ, ଡେଟିଂ/ରୋମାନ୍ସ ଲୋଭ/ଫେକ୍ ଚ୍ୟାରିଟି ଭଳି ଠକେଇର ଶିକାର ହୋଇଥିବା ୭୨ ପ୍ରତିଶତଙ୍କ ମଧ୍ୟରୁ ୨୦% ଲୋକ ଟଙ୍କା ହରାଇଥିବା ବିଷୟ ମାନିଛନ୍ତି। ୪୭% ଲୋକ ସେମାନଙ୍କ ପରିବାରର ଜଣେ ସଦସ୍ୟ କିମ୍ବା ବନ୍ଧୁ ଠକାମିରେ ପଡ଼ିଥିବା ସ୍ୱୀକାର କରିଛନ୍ତି। ୨୮% ଉତ୍ତରଦାତାଙ୍କ କହିବା ହେଲା ସେମାନେ ଏପରି ଚାଲବାଜିରୁ ବର୍ତ୍ତିଯାଇଛନ୍ତି। ଅବଶିଷ୍ଟ ୧୦% ଲୋକ ଠକେଇର ଶିକାର ହୋଇଥିବା କଥା ଜାଣି ନ ଥିବା କହିଛନ୍ତି। ସର୍ବାଧିକ ୨୭% ଅନ୍‌ଲାଇନ୍ ଶିପିଙ୍ଗ୍ ସ୍କାମ୍‌ରେ ପଡ଼ିଥିବାବେଳେ ଫେକ୍ ଜବ୍ ଅଫର ଜାଲରେ ୨୬% ଫସିଛନ୍ତି। ସେହିପରି ବ୍ୟାଙ୍କ/କାର୍ଡ ଫିଶିଙ୍ଗ୍‌ରେ ୨୧%, ଇନ୍‌ଭେଷ୍ଟମେଣ୍ଟ ସ୍କାମ୍‌ରେ ୧୮%, ଲୋଭନୀୟ ଲଟେରି ଫୋନ୍ କଲ୍ ୧୮%, ସାମାଜିକ ଗଣମାଧ୍ୟମ ପ୍ରତାରଣା ଓ ଲୋନ୍ ଅଫର୍‌ରେ ୧୭%, ଫେକ୍ ଚ୍ୟାରିଟି ଓ ସରକାରୀ ଫିଶିଙ୍ଗ୍‌ରେ ୧୨% ଏବଂ ଡେଟିଂ ଆପ୍ ଫ୍ରଡ୍‌ରେ ୧୧% ପଡ଼ିଛନ୍ତି। ଅନ୍‌ଲାଇନ୍ ଶପିଙ୍ଗ୍ ଠକେଇର ଶିକାର ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ସର୍ବାଧିକ ୩୩% ହେଉଛନ୍ତି ମିଲେନିଆଲ୍ (୧୯୮୦ ଦଶକର ଆଦ୍ୟଭାଗରୁ ୧୯୯୦ ଦଶକର ଶେଷ ଭିତରେ ଜନ୍ମିତ) ବ୍ୟକ୍ତି। ସେହିପରି ୩୧% ଜେନ୍‌ଜେଡ୍ (୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମିତ) ୩୧% ବ୍ୟକ୍ତି ଜାଲ୍ ଚାକିରି/ ନିଯୁକ୍ତି ଅଫର୍‌ଜନିତ ଠକେଇର ଶିକାର ହୋଇଛନ୍ତି। ବହୁ ସଂଖ୍ୟକ ଭାରତୀୟ ଠକାମିରେ ପଡ଼ିଥିଲେ ମଧ୍ୟ ମାତ୍ର ୩୦% ଏନେଇ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି। ୪୮% ଲୋକ ସେମାନଙ୍କ ଟଙ୍କା ଫେରିପାଇଥିବା କହିଛନ୍ତି। ୪୬% ଲୋକ ହରାଇଥିବା ଟଙ୍କା ଫେରିପାଇ ନ ଥିବା ନେଇ ସୂଚନା ଦେଇଛନ୍ତି। ୨୬% ଲୋକ ସେମାନେ ହରାଇଥିବା ଟଙ୍କା ସରକାର ଭରଣା କରନ୍ତୁ ବୋଲି କହୁଛନ୍ତି। ୨୩ ପ୍ରତିଶତଙ୍କ ମତରେ ଏଥିପାଇଁ ଖାଉଟିମାନେ ହିଁ ଦାୟୀ। ଅନ୍ୟପକ୍ଷେ ବ୍ୟାଙ୍କଗୁଡ଼ିକ ସେମାନଙ୍କ କ୍ଷତିପୂରଣ ଦେବା ଉଚିତ ବୋଲି ୨୨% ମତ ଦେଇଥିବାବେଳେ ୪ ପ୍ରତିଶତ ଉତ୍ତରଦାତା ଏହିସବୁ ଠକେଇ ପାଇଁ ଟେଲିକମ୍ କମ୍ପାନୀଗୁଡ଼ିକୁ ଦାୟୀ କରିଛନ୍ତି। ୧୮ରୁ ଊର୍ଦ୍ଧ୍ୱ ବୟସର ୧,୦୨୨ ଜଣଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା।

## ୧୦୦ ବିଦେଶୀ ୱେବ୍‌ସାଇଟ୍ ବ୍ଲକ୍

### ବେଆଇନ ନିବେଶ, ପାର୍ଟ-ଟାଇମ୍ ନିଯୁକ୍ତି ଠକେଇରେ ସମ୍ପୃକ୍ତ

**ନୂଆଦିଲ୍ଲୀ,୬।୧୨**

ବେଆଇନ ନିବେଶ ଓ ପାର୍ଟ-ଟାଇମ୍ ନିଯୁକ୍ତି ଭଳି ସଙ୍ଗଠିତ ଅପରାଧରେ ଜଡ଼ିତ ତଥା ବିଦେଶରୁ ପରିଚାଳିତ ୧୦୦ରୁ ଊର୍ଦ୍ଧ୍ୱ ୱେବ୍‌ସାଇଟ୍‌କୁ ଭାରତରେ ବ୍ଲକ୍ କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି, ଏହି ୱେବ୍‌ସାଇଟ୍‌ଗୁଡ଼ିକୁ ଇଣ୍ଡିଆନ୍ ସାଇବରକ୍ରାଇମ୍ କୋଅର୍ଡିନେଶନ୍ ସେଣ୍ଟର (୧୪ସି) ପକ୍ଷରୁ ଚିହ୍ନଟ ପରେ ବ୍ଲକ୍ କରିବାକୁ ସୁପାରିସ କରାଯାଇଥିଲା। ୧୪ସି ହେଉଛି ସାଇବର ଅପରାଧ ରୋକିବା ଉଦ୍ଦେଶ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏକ ଇନିସିଏଟିଭ। ନ୍ୟାଶନାଲ ସାଇବରକ୍ରାଇମ୍ ଥ୍ରେଟ୍ ଆନାଲିଟିକ୍ସ ୟୁନିଟ୍ (ଏନ୍‌ସିଟିଏୟୁ) ଜରିଆରେ ସମନ୍ୱିତ ଓ ବିସ୍ତୃତ ଭାବେ ଏଭଳି ପଦକ୍ଷେପ ନିଆଯାଇଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ ସାଇବର କ୍ଷେତ୍ରରେ ଭାରତକୁ ସୁରକ୍ଷିତ ରଖିବା ସର୍ବୋଚ୍ଚ ପ୍ରାଥମିକତା ବୋଲି ଅଧିକାରୀ ଜଣକ କହିଛନ୍ତି। ଠକେଇଗୁଡ଼ିକରେ ମୂଳତଃ ଘରେ ବସି ଚାକିରି, ଘରେ ବସି କିପରି ଆୟ କରିବେ ଭଳି ଡିଜିଟାଲ ବିଜ୍ଞାପନ ଜରିଆରେ ଲୋକଙ୍କୁ ଟାର୍ଗେଟ କରାଯାଇଥାଏ। ସର୍ବାଧିକ ଠକେଇର ଶିକାର ଅବସରପ୍ରାପ୍ତ କର୍ମଚାରୀ, ମହିଳା ଓ ବେକାର ଯୁବତୀଯୁବକ ହୋଇଥାଆନ୍ତି। ସେମାନେ ହ୍ୱାଟ୍ସଆପ୍ କିମ୍ବା ଟେଲିଗ୍ରାମ ଜରିଆରେ ଫସିଥାଆନ୍ତି। ସେମାନଙ୍କୁ ଲାଇକ୍, ସବ୍‌ସ୍କ୍ରାଇବ କିମ୍ବା ରେଟିଂ ଭଳି କିଛି ଟାସ୍କ ଦିଆଯାଇଥାଏ। ସେମାନେ ସେହି କାମ କରିସାରିବା ପରେ କମିଶନ ଆକାରରେ କିଛି ଅର୍ଥ ପାଇଥାଆନ୍ତି। ପରେ ସେମାନଙ୍କୁ ଅଧିକ ଲୋଭ ଦେଖାଇ ନିବେଶ କରିବାକୁ ☞ପୃଷ୍ଠା-୪

## ରଗଡ଼ି ଜେଲରେ ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା

**■ ତଣ୍ଟିଚିପି ହତ୍ୟା କରାଯାଇଥିବା ଅଭିଯୋଗ**

**ଯାଜପୁର/କୋରେଇ(ହର୍ଷବର୍ଦ୍ଧନ ବେହେରା/ଚନ୍ଦ୍ରକାନ୍ତ ପତି),୬।୧୨**

ଯାଜପୁର ଜିଲାର ରଗଡ଼ିଠାରେ ଥିବା ଯାଜପୁର ରୋଡ୍ ଉପକାରାଗାରର ଏକ ଅର୍ଦ୍ଧ ନିର୍ମିତ ଘରେ ବୁଧବାର ପୂର୍ବାହ୍ନରେ ଜଣେ ବିଚାରାଧୀନ କଏଦୀ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ପାଣିକୋଇଲି ଥାନା କରଦା ପଞ୍ଚାୟତ ମଙ୍ଗଳପାଟଣା ଗ୍ରାମର ବଳରାମ ବେହେରା (୨୯)। କୋରେଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ। ଏନେଇ ଏକ ଅପମୃତ୍ୟୁ ମାମଲା(ନଂ.୨୫/୨୩) ରୁଜୁ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି। ଗତ ୨ ବର୍ଷ ମଧ୍ୟରେ ଏହି ଜେଲରେ ଏହା ୨ୟ ଆତ୍ମହତ୍ୟା ଘଟଣା। ଅନ୍ୟ ଜଣେ ଏକଦୀ ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ସୂଚନା ମିଳିଛି। ଗତ ସେପ୍ଟେମ୍ବରରେ ପାଣିକୋଇଲି ଥାନା ଅନ୍ତର୍ଗତ କରଦା ଗ୍ରାମର ଜଣେ ବିଧବା ମହିଳାଙ୍କୁ ଏକୁଟିଆ ପାଇ ଅସଦାଚରଣ କରାଯିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏ ଘଟଣାରେ ବଳରାମଙ୍କୁ ପୋଲିସ ଗିରଫ କରି ସେପ୍ଟେମ୍ବରରେ ୧୭ରେ କୋର୍ଟ ଚାଲାଣ କରିଥିଲା। ☞ପୃଷ୍ଠା-୪

## ଓଡ଼ିଶାରେ ଅଗ୍ନିକାଣ୍ଡ ମୃତ୍ୟୁ ସର୍ବାଧିକ

**ଭୁବନେଶ୍ୱର, ୬।୧୨ (ସତ୍ୟଜିତ୍ ରାଉତ)**

ସାରା ଦେଶରେ ଅଗ୍ନିକାଣ୍ଡଜନିତ ମୃତ୍ୟୁ ଯେତିକି ଘଟୁଛି, ସେଥିରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଛି। ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ୨୦୨୨ରେ ଓଡ଼ିଶାରେ ୧,୨୧୯ ଜଣଙ୍କ ଅଗ୍ନିକାଣ୍ଡଜନିତ ମୃତ୍ୟୁ ଘଟିଛି। ସେଥିରେ ୯୦୬ ପୁରୁଷ ଏବଂ ୩୧୩ ମହିଳା ଅଛନ୍ତି। ଓଡ଼ିଶାରେ ୨୦୨୧ ତୁଳନାରେ ୨୦୨୨ରେ ଏହି ମୃତ୍ୟୁ ସଂଖ୍ୟା ସାମାନ୍ୟ ହ୍ରାସ ପାଇଥିବା ସତ୍ତ୍ୱେ ଦେଶରେ ସର୍ବାଧିକ ରହିଛି। ୨୦୨୧ରେ ଅଗ୍ନିକାଣ୍ଡ ମୃତ୍ୟୁ ସଂଖ୍ୟା ୧୨୪୮ ରହିଥିଲା। ☞ପୃଷ୍ଠା-୪

### ଚୁଲି ନିଆଁରେ ପୋଡ଼ି ହୋଇ ନାବାଳିକା ମୃତ

**ଫିରିଙ୍ଗିଆ,୬।୧୨ (ବିକ୍ରମ ଦିଗାଲ)**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ସୁମେରୁବନ୍ଧ ପଞ୍ଚାୟତ ଅନ୍ତର୍ଗତ ମିଗୁନି ପଦର ଗାଁରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଶୀତରୁ ରକ୍ଷା ପାଇଁ ଚୁଲି ମୂଳେ ବସିଥିବା ଜଣେ ନାବାଳିକାଙ୍କ ନିଆଁରେ ପୋଡ଼ି ହୋଇ ମୃତ୍ୟୁ ଘଟିଛି। ସେ ହେଲେ କୃଷ୍ଣ କହଁରଙ୍କ ଝିଅ ଲକ୍ଷ୍ମୀ ପ୍ରିୟ (୯)। ମଙ୍ଗଳବାର ସନ୍ଧ୍ୟାରେ ଲକ୍ଷ୍ମୀ ପ୍ରିୟ ଘରେ ନିଆଁ ପୋଉଁଥିବା ସମୟରେ ଅସାବଧାନତା ଯୋଗୁ ପିନ୍ଧିଥିବା ଡ୍ରେସରେ ନିଆଁ ଲାଗିଯିବାରୁ ସେ ଜଳିଯାଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଫିରିଙ୍ଗିଆ ଡାକ୍ତରଖାନାକୁ ନେଇଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ଲକ୍ଷ୍ମୀଙ୍କୁ ଫୁଲବାଣୀ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଫିରିଙ୍ଗିଆ ଥାନାରେ ନଂ. ୧୧/୨୩ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିଥିବା ଫିରିଙ୍ଗିଆ ଥାନା ପକ୍ଷରୁ ସୂଚନା ମିଳିଛି।

## ୨ ନୂଆ ଗର୍ଭ ନିରୋଧକ ପଦ୍ଧତି

### ରାଜ୍ୟ ପରିବାର ନିୟୋଜନରେ ସାମିଲ

**ଭୁବନେଶ୍ୱର, ୬।୧୨ (ବନ୍ଦନା ସେଠୀ)**

ରାଜ୍ୟ ପରିବାର ନିୟୋଜନ ବା ଫାମିଲି ପ୍ଲାନିଂ ପ୍ରକ୍ରିୟାରେ ଦୁଇ ନୂଆ ଗର୍ଭନିରୋଧକ ପଦ୍ଧତି 'ସବ୍ ଡର୍ମାଲ ଇମ୍ପ୍ଲାଣ୍ଟ' ଓ ସବ୍‌କ୍ୟୁଟାନିୟମ୍ ଇଞ୍ଜେକ୍ସଟେବୁଲ କଣ୍ଟ୍ରାସେପ୍‌ଟିଭ୍ ଏମ୍‌ପିଏ (ଅନ୍ତରା) ଯୋଡି ହୋଇଛି। ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ, ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ଓଡ଼ିଶା ଓ ୟୁଏନ୍‌ଏଫ୍‌ପିଏର ମିଳିତ ସହଭାଗିତାରେ ସ୍ଥାନୀୟ ଏକ ହୋଟେଲରେ ରାଜ୍ୟସ୍ତରୀୟ ନୂତନ ଗର୍ଭନିରୋଧକ ଶୁଭାରମ୍ଭ କରାଯାଇଛି। ସବ୍ ଡର୍ମାଲ ଇମ୍ପ୍ଲାଣ୍ଟ ବା ଇମ୍ପ୍ଲାନନ୍ ପଦ୍ଧତିରେ ନିଡିଲ ଆକାରର ଏକ ରଡ୍‌କୁ ମହିଳାଙ୍କ ବାମ ହାତର ଉପର ଭାଗରେ ଚର୍ମ ତଳେ ଲଗାଯିବ। ଇମ୍ପ୍ଲାନନ୍ ୩ବର୍ଷ ପର୍ଯ୍ୟନ୍ତ ଶରୀରରେ ରହିବ। ଏଥିରୁ ଏକ ହର୍‌ମୋନ୍ କ୍ଷରିତ ହେବ, ଯାହାକି ମହିଳାଙ୍କ ଗର୍ଭ ଧାରଣକୁ ରୋକିବାରେ ସହାୟକ ହେବ। ସେହିପରି ଅନ୍ତରା ଇଞ୍ଜେକ୍ସନକୁ ବିକଳ୍ପ ଭାବେ ଗ୍ରହଣ କରି ମହିଳାମାନେ ୩ମାସ ପାଇଁ ଗର୍ଭ ଧାରଣକୁ ରୋକିପାରିବେ। ପ୍ରାରମ୍ଭିକ ଭାବେ 'ସବ୍ ଡରମାଲ୍ ଇମ୍ପ୍ଲାଣ୍ଟ' ଗଞ୍ଜାମ ଏବଂ କଟକ ଜିଲାରେ ଆରମ୍ଭ କରାଯିବାର ଯୋଜନା ରଖାଯାଇଥିବାବେଳେ 'ଅନ୍ତରା' ବାଲେଶ୍ୱର ଏବଂ ଗଜପତିରେ ଆରମ୍ଭ କରାଯିବ। ଏହି ଅବସରରେ ଫ୍ୟାମିଲି ପ୍ଲାନିଂ ୨୦୩୦ ରୋଡ୍‌ମ୍ୟାପ୍ ଉନ୍ମୋଚିତ ହୋଇଥିଲା। ଏ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି, ଏବେ ରାଜ୍ୟର ଫର୍ଟିଲିଟି ହାର ୧.୮ ରହିଛି, ଯାହାକି ଅନୁକୂଳ ଫର୍ଟିଲିଟି ହାର ୨.୧ ତୁଳନାରେ କମ୍ ରହିଛି। ତେବେ ରାଜ୍ୟର ଫାମିଲି ପ୍ଲାନିଂ ଚଏସ୍ ଅଫ୍ ବାସ୍କେଟକୁ ସମ୍ପ୍ରସାରଣ କରିବା ସହ କିଭଳି ଶତ ପ୍ରତିଶତ ଲୋକଙ୍କ ନିକଟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କ୍ଷତିକାରକ ନିବେଶକ**






## ଆଗକୁ ଉଷ୍ମ ଶୀତଋତୁ

### ବୈଜ୍ଞାନିକମାନଙ୍କ ପୂର୍ବାନୁମାନ

**ନୂଆଦିଲ୍ଲୀ,୬।୧୨**

ଆଗାମୀ ଦିନରେ ଶୀତଋତୁ ଉଷ୍ମ ହେବ ବୋଲି ବୈଜ୍ଞାନିକମାନେ ପୂର୍ବାନୁମାନ କରିଛନ୍ତି। ୨୦୨୩-୨୪ର ଶୀତଋତୁରେ ପୃଥିବୀ ପୃଷ୍ଠର ହାରାହାରି ତାପମାତ୍ରା ନୂଆ ଐତିହାସିକ ରେକର୍ଡ ସୃଷ୍ଟି କରିବାର ୯୫ ପ୍ରତିଶତ ସମ୍ଭାବନା ଥିବା ଗବେଷକମାନେ ଜାଣିବାକୁ ପାଇଛନ୍ତି। ଏହି ସମୟରେ ୟୁରେସିଆର ମଧ୍ୟ-ନିମ୍ନ ଅକ୍ଷାଂଶ ଅଞ୍ଚଳ ଏବଂ ଆମେରିକାର ଅଧିକାଂଶ ସ୍ଥାନରେ ଆଶାତୀତ ଭାବେ ଉଷ୍ମ ଶୀତଋତୁ ଅନୁଭୂତ ହୋଇପାରେ ବୋଲି ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସେସ୍‌ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଟମୋସ୍ଫିୟରିକ୍ ଫିଜିକ୍ସର ଗବେଷକମାନେ କହିଛନ୍ତି। ଆଗାମୀ ଦିନରେ ଉତ୍ତର ଗୋଲାର୍ଦ୍ଧରେ ଶୀତଋତୁକୁ ପୂର୍ବ ପ୍ରଶାନ୍ତ ମହାସାଗରୀୟ ଏଲ୍ ନିନୋ ପ୍ରଭାବିତ କରିବ। ☞ପୃଷ୍ଠା-୪



# ପଦାତିକ ବାହିନୀର ଅତୁଳନୀୟ ବଳିଦାନ

ମାତୃଭୂମିର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ପଦାତିକ ବାହିନୀର ବଳିଦାନ ଅତୁଳନୀୟ। ପଦାତିକ ବାହିନୀର କର୍ମଚାରୀଙ୍କ କଲ୍ୟାଣ ପାଇଁ ଡିସେମ୍ବର ୭ରେ ଜାତୀୟ ପଦାତିକ ବାହିନୀ ପତାକା ଦିବସ (ନ୍ୟାଶନାଲ ଆର୍ମଡ ଫୋର୍ସ ଫ୍ଲାଗ୍ ଡେ) ପାଳନ କରାଯାଇଥାଏ। ଦେଶର ଜନସାଧାରଣଙ୍କଠାରୁ ଏନେଇ ପାଣ୍ଠି ସଂଗ୍ରହ କରିବା ଲାଗି ଏହି ଦିବସରେ ସଚେତନତା ସୃଷ୍ଟି କରାଯାଇଥାଏ। ୧୯୪୯ ଡିସେମ୍ବର ୭ରୁ ଏହା ପାଳିତ ହୋଇ ଆସୁଛି। ଭାରତ ସ୍ୱାଧୀନତା ହାସଲ କରିବା ପରେ ପ୍ରତିରକ୍ଷା କର୍ମଚାରୀଙ୍କ କଲ୍ୟାଣ ପାଇଁ ସରକାର ଚିନ୍ତା କରିଥିଲେ। ୧୯୪୯ ଅଗଷ୍ଟ ୨୮ରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଅଧୀନରେ ଏକ କମିଟି ଗଠନ କରାଯାଇ ପ୍ରତିବର୍ଷ ଡିସେମ୍ବର ୭ରେ ପତାକା ଦିବସ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।



ଏହି ଦିନ ସାଧାରଣ ଜନତାଙ୍କୁ ଛୋଟ ପତାକା ବଣ୍ଟନ କରିବା ଏବଂ ପ୍ରତିବଦଳରେ ଦାନ ସଂଗ୍ରହ କରିବା ମୁଖ୍ୟ ଲକ୍ଷ୍ୟ ଥିଲା। ପତାକା ଦିବସର ମହତ୍ତ୍ୱ ହେଉଛି, ଦେଶ ସୁରକ୍ଷା ପାଇଁ

## ଜାତୀୟ ପଦାତିକ ବାହିନୀ ପତାକା ଦିବସ

ଜୀବନ ଉତ୍ସର୍ଗ କରୁଥିବା ସଶସ୍ତ୍ର ବାହିନୀର କର୍ମଚାରୀଙ୍କ ପରିବାର ଏବଂ ନିର୍ଭରଶୀଳଙ୍କ ଯତ୍ନ ନେବା ଭାରତର ସାଧାରଣ ନାଗରିକଙ୍କ ଦାୟିତ୍ୱ। ଏହି ଦିବସ ପାଳନ ଅବସରରେ ଦେଶର ଜନସାଧାରଣଙ୍କ ମଧ୍ୟରେ ଭାରତୀୟ ସେନାର ପଦାତିକ ବାହିନୀର ବଳିଦାନକୁ ସ୍ମରଣ କରାଯିବା ସହିତ ଶହୀଦଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

# ନିଶାସକ୍ତ ଅବସ୍ଥାରେ ସନି

ମୁମ୍ବାଇ

ଅଭିନେତା ସନି ଦେଓଲ ଫିଲ୍ମ ଗଦର-୨ ପାଇଁ ନିକଟରେ ଚର୍ଚ୍ଚାରେ ରହିଥିଲେ। ଏବେ ପୁଣିଥରେ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ହେଲେ ଏଥର ଏକ ଭିଡିଓ ପାଇଁ ଚର୍ଚ୍ଚାରେ ରହିଛନ୍ତି, ଯାହା ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ଯେଉଁଥିରେ ସେ ନିଶାସକ୍ତ ଅବସ୍ଥାରେ ମୁମ୍ବାଇ ରାସ୍ତାରେ ବୁଲୁଥିବା ନଜର ଆସିଛନ୍ତି। ସେ ରାସ୍ତା ପାର ହେଉଥିବାବେଳେ ଜଣେ ଅଟୋଚାଳକ ସନିଙ୍କୁ ସମ୍ଭାଳିବା ସହ ତାଙ୍କୁ ଅଟୋରେ ବସାଇଥିଲେ। ଆଉ କିଛି ଖବର ଅନୁସାରେ, ଭାଇରାଲ ହେଉଥିବା ଏହି ଭିଡିଓ ସନିଙ୍କ ଆଗାମୀ ଚଳଚ୍ଚିତ୍ରର ଏକ କ୍ଲିପ୍ ଅଟେ। ଏହି ଭିଡିଓ ନେଇ ସନି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ଆଉ ଏକ ଭିଡିଓ ଶେୟାର କରିଛନ୍ତି। ଯେଉଁଥିରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି, ସନି ତାଙ୍କ ଆଗାମୀ ଫିଲ୍ମ 'ସଫର' ପାଇଁ ଶୁଟିଂ କରୁଛନ୍ତି।



# ମିଠା ପାନୀୟ ପିଇ ୫୩ ବର୍ଷ

**ହାନୋଇ:** ଦୁନିଆରେ ଅଲଗା ଅଲଗା ପ୍ରକାରର ଲୋକ ରହୁଛନ୍ତି। ସେମାନେ ନିଜ ବିଚାର ମୁତାବକ ଜୀବନ ବିତାଇଥାନ୍ତି। ଭିଏଟନାମ୍‌ର ଜଣେ ମହିଳା ଏପରି କିଛି ଅଜବ ପ୍ରକାର ଜୀବନ ବିତାଉଛନ୍ତି। ମହିଳାଙ୍କ କହିବା ଅନୁସାରେ, ଗତ ୫୦ ବର୍ଷ ହେଲାଣି ସେ କୌଣସି କଠିନ ଖାଦ୍ୟ ଖାଇନାହାନ୍ତି। ସେ କେବଳ ପାଣି ବା ମିଠା ପାନୀୟ ପିଇ ଜୀବନ ବିତାଉଛନ୍ତି। ରିପୋର୍ଟ ମୁତାବକ, ଭିଏଟନାମ୍‌ର ନିନ୍ କମ୍ୟୁନିର ବାସିନ୍ଦା ମିସ୍ ବୁଇ ଥି ଲୋଇ ତାଙ୍କ ବୟସ ଅନୁସାରେ



ଅତ୍ୟନ୍ତ ଫିଟ୍ ଏବଂ ସୁସ୍ଥ ଅଛନ୍ତି। ତାଙ୍କ କହିବା କଥା ଯେ ୧୯୬୩ ମସିହାରେ ସେ ଯେତେବେଳେ ଅନ୍ୟ ମହିଳାମାନଙ୍କ ସହିତ ପାହାଡ଼ ଚଢୁଥିଲେ, ସେତେବେଳେ ତାଙ୍କ ଉପରେ ବିଜୁଳି ପଡ଼ିଥିଲା। ସେ ଚେତାଶୂନ୍ୟ ହୋଇଯାଇଥିଲେ କିନ୍ତୁ ତାଙ୍କ ଜୀବନ ବଞ୍ଚିଯାଇଥିଲା। ଏହାପରେ ସେ କିଛି ଦିନ ପର୍ଯ୍ୟନ୍ତ ଖାଇ ନ ଥିଲେ କି କିଛି ବୁଝିପାରୁ ନ ଥିଲେ। ସେତେବେଳେ ତାଙ୍କ ସାଙ୍ଗମାନେ ତାଙ୍କୁ ମିଠା ପାନୀୟ ଦେବା ଆରମ୍ଭ କଲେ। ପରେ ସେ ପରିବାରର କହିବା ଅନୁସାରେ କିଛି ଫଳ ଖାଉଥିଲେ। ହେଲେ ସେ ଫଳ ଖାଇବାକୁ ଉଚିତ ମନେକଲେନି। ୧୯୭୦ ମସିହା ବେଳକୁ ସେ ସମ୍ପୂର୍ଣ୍ଣ ଭାବେ ଖାଦ୍ୟ ଖାଇବା ଛାଡ଼ିଦେଲେ। କେବଳ ପାଣି ଏବଂ ମିଠା ପାନୀୟ, ସର୍ବତ ପିଇବାକୁ ଲାଗିଲେ। ୭୫ ବର୍ଷୀୟା ଲୋଇଙ୍କ କହିବା ଅନୁସାରେ, ସେ ତାଙ୍କ ପିଲାଙ୍କ ପାଇଁ ଖାଇବା ପ୍ରସ୍ତୁତ କରୁଥିଲେ, ହେଲେ ତାଙ୍କୁ ଖାଇବାକୁ ଇଚ୍ଛା ହେଉ ନ ଥିଲା। ଏବେ ତାଙ୍କ ପିଲାମାନେ ବଡ଼ ହେଲେଣି। ପିଲାମାନେ ବାହାରକୁ ଯିବା ପରଠାରୁ ସେ ଆଉ ରୋଷେଇ ମଧ୍ୟ କରୁନାହାନ୍ତି। ତେବେ ଡାକ୍ତର ତାଙ୍କୁ ଏପରି ଖାଦ୍ୟ ଛାଡ଼ିବାକୁ କେବେ କହିନାହାନ୍ତି। ହେଲେ ତାଙ୍କୁ ଖାଦ୍ୟ ଖାଇବାକୁ ଆଉ ଭଲ ଲାଗୁ ନ ଥିବାରୁ ସେ କେବଳ ପାନୀୟ ପିଉଥିବା କହିଛନ୍ତି।




# ବିଶ୍ୱର ସବୁଠୁ ବଡ଼ ଜାହାଜ: ଜାନୁୟାରୀରେ ଜଳାବତରଣ

ଥିରୁଭାନନ୍ତପୁରମ

ଆସନ୍ତା ଜାନୁୟାରୀ ୨୭ରେ ରୟାଲ କେରେବିୟନ୍ ଜାହାଜର ଜଳାବତରଣ ହେବ। ଏହାପରେ ଏହି ଶିପ୍ ବିଶ୍ୱର ସବୁଠୁ ବଡ଼ ଜାହାଜର ମାନ୍ୟତା ପାଇବ। ଏହା ଟାଇଟନିକ୍ ଜାହାଜଠାରୁ ୫ ଗୁଣ ବଡ଼। ଏହି ବିଶାଳ ଜାହାଜରେ ଅନେକ ପ୍ରକାର ସୁବିଧାସୁଯୋଗ ରହିଛି। ଆସନ୍ତା ମାସରେ ଲଞ୍ଚ କରିବାକୁ ସମସ୍ତ ବ୍ୟବସ୍ଥା ଚାଲିଛି। ଏହି ଜାହାଜକୁ 'ଆଇକନ୍ ଅଫ୍ ଦି ସି' ବା 'ୱଣ୍ଡର ଅଫ୍ ଦି ସି' ବୋଲି କୁହାଯାଉଛି। ରିପୋର୍ଟ ମୁତାବକ, ଏକାଥରକେ ୫୬୧୦ ଜଣ ଯାତ୍ରୀଙ୍କୁ ନେବାର କ୍ଷମତା ଏହାର ରହିଛି, ଯାହାର ଆକାର ଏକ ଛୋଟ ସହର ଭଳି ହେବ। ବିଶ୍ୱର ସବୁଠୁ ବଡ଼ ୱାଟର ପାର୍କ ଏଥିରେ ରହିଛି, ଯାହାର ନାମ କାଟେଗୋରି ୬ ରଖାଯାଇଛି। ଏହାଛଡ଼ା ଶିପ୍‌ରେ ୭ଟି ସୁଇମିଂ ପୁଲ୍ ଏବଂ ଜଳଭଉଁରି ମଧ୍ୟ ରହିଛି। ଏହି ବିଶାଳ ଜାହାଜର ଲମ୍ବ ୩୬୫ ମିଟର ହୋଇଥିବାବେଳେ ଏହାର ଓଜନ ୨,୫୦,୮୦୦ ଟନ୍ ହେବ। ଏହା ଟାଇଟନିକ୍(୪୬,୩୨୯ ଟନ୍)ର ୫ ଗୁଣ ଅଧିକ। ଉଚ୍ଚତାରେ ଏହା ଆଇଫିଲ ଟାୱାରଠାରୁ ମଧ୍ୟ ଉଚ୍ଚ ହେବ। ଜାହାଜଟି ଏତେ ବଡ଼ ଯେ ତାକୁ ୨୦ ଡେକ୍‌ରେ ବଣ୍ଟାଯାଇଛି। ଯେଉଁଠାରେ ଲୋକେ ଦିନ ଏବଂ ରାତିର ମଜା ଆରାମରେ ଉଠାଇପାରିବେ। ଏଥିରେ ସ୍ନେକ ବାର୍, ଆକ୍ୱା ପାର୍କ ଏବଂ ଲାଉଞ୍ଜର ମଧ୍ୟ ରହିଛି। ତେବେ ଏହି ବିଶାଳ ଜାହାଜ ପାଇଁ ବୁକିଂ ପୂର୍ବରୁ ଖୋଲା ରହିଛି। ପ୍ଲାନିଂର ୩ ମାସ ପୂର୍ବରୁ ୨୦୨୫-୨୬ ପର୍ଯ୍ୟନ୍ତ ବୁକିଂ ଖୋଲା ରହିବ ବୋଲି ରୟାଲ କେରେବିୟନ୍ ଚଳିତ ସପ୍ତାହରେ ଘୋଷଣା କରିଛି। ରୟାଲ କେରେବିୟନ୍ ଶିପ୍‌ର ସିଇଓ ମାଇକେଲ ବେଲେଙ୍କ କହିବା ମୁତାବକ,



ଯେଉଁମାନେ ଛୁଟି କଟାଇବାକୁ ବେଶ୍ ପସନ୍ଦ କରନ୍ତି, ସେମାନେ ଏଠାକୁ ଆସି ମଜା ଉଠାଇପାରିବେ। ଶିପ୍‌ରେ ମିୟାମିଠାରୁ କ୍ୟାରିବିୟନ ପର୍ଯ୍ୟନ୍ତ ଅଞ୍ଚଳର ଲୋକେ ଏହାର ଫାଇଦା ନେଇପାରିବେ।







ଅନ୍ୟ ଖବର

# କର୍ଣ୍ଣି ସେନା ମୁଖ୍ୟଙ୍କୁ ହତ୍ୟା ପ୍ରତିବାଦରେ ରାଜସ୍ଥାନ ବନ୍ଦ



ରାଜସ୍ଥାନ ବନ୍ଦ ବେଳେ ଯୋଧପୁରଠାରେ ସୁଖଦେବଙ୍କ ସମର୍ଥକମାନେ ରାସ୍ତାରେ ଟାୟାର ଜାଳୁଛନ୍ତି।

ନୂଆଦିଲ୍ଲୀ,୬।୧୨

କର୍ଣ୍ଣି ସେନା ଅଧ୍ୟକ୍ଷ ସୁଖଦେବ ସିଂ ଗୋଗମେଦିଙ୍କୁ ହତ୍ୟା ପ୍ରତିବାଦରେ ଶ୍ରୀ ରାଷ୍ଟ୍ରୀୟ ରାଜପୁତ୍ କର୍ଣ୍ଣି ସେନା ଓ ଉକ୍ତ ସମ୍ପ୍ରଦାୟର ଅନ୍ୟ ସଂଗଠନଗୁଡ଼ିକ ବିକ୍ଷୋଭ କରିବା ସହ ବୁଧବାର ରାଜସ୍ଥାନ ବନ୍ଦ ପାଳନ କରିଥିଲେ। ହତ୍ୟାକାଣ୍ଡର ବିଚାରବିଭାଗୀୟ ତଦନ୍ତ ପାଇଁ ସେମାନେ ଦାବି କରିଛନ୍ତି। ମାମଲାର ତଦନ୍ତ ପାଇଁ ପୋଲିସ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛି। ଗୁଳି ଚଳାଇଥିବା ପ୍ରଥମ ଅଭିଯୁକ୍ତ ରୋହିତ ରାଠୋରଙ୍କର ଘର ମକ୍ରନା ନାଗୌର ଏବଂ ଦ୍ୱିତୀୟ ଅଭିଯୁକ୍ତ ନୀତିନ ଫୌଜି ଘର ହରିୟାଣାର ମହେନ୍ଦ୍ରଗଡ଼ ବୋଲି ପୋଲିସ କହିଛି। ସୁଖଦେବଙ୍କ ପ୍ରତି ବିପଦ ଥିବା ଜାଣି ମଧ୍ୟ ତାଙ୍କୁ ପୋଲିସ ସୁରକ୍ଷା କାହିଁକି ଦିଆଯାଇ ନ ଥିଲା ବୋଲି କର୍ଣ୍ଣି ସେନା ପ୍ରତିଷ୍ଠାତା ଲୋକେନ୍ଦ୍ର ସିଂ କାଲ୍‌ଭିଙ୍କ ପୁଅ ଭୱାନୀ ସିଂ କାଲ୍‌ଭି ପ୍ରଶ୍ନ କରିଛନ୍ତି। ରାଜ୍ୟର କଂଗ୍ରେସ ସରକାର ସୁଖଦେବଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ନବନିର୍ବାଚିତ ଭାଜପା ବିଧାୟକ ଦିୟା କୁମାର କହିଛନ୍ତି। କର୍ଣ୍ଣି ସେନା ଅଧ୍ୟକ୍ଷ ସୁଖଦେବଙ୍କୁ ରାଜସ୍ଥାନର ଜୟପୁର ସହରରେ ମଙ୍ଗଳବାର ଗୁଳିକରି ହତ୍ୟା କରାଯାଇଥିଲା। ତାଙ୍କ ଘର ଭିତରକୁ ୩ ଜଣ ପ୍ରବେଶ କରି ଆଖିବୁଜା ଗୁଳି ଚଳାଇଥିଲେ। ସୁଖଦେବଙ୍କୁ ଗୁରୁତର ଅବସ୍ଥାରେ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ସଦସ୍ୟ ରୋହିତ ଗୋଦରା ହତ୍ୟା କରିଥିବା ଦାବି କରିଥିଲା।









# ଫସଲ କ୍ଷୟକ୍ଷତି ଆକଳନ ନିର୍ଦ୍ଦେଶ

## ବାତ୍ୟା ମିଗ୍‌ଜୋମ୍

### ୧୨ ସୁଦ୍ଧା ରିପୋର୍ଟ ଦେବେ ଜିଲାପାଳ

ଭୁବନେଶ୍ୱର,୬।୧୨(ଅନିଲ ଦାସ)

ସାମୁଦ୍ରିକ ଝଡ଼ 'ମିଗ୍‌ଜୋମ୍' ପ୍ରଭାବରେ ରାଜ୍ୟରେ କ୍ଷତିଗ୍ରସ୍ତ ହୋଇଥିବା ଫସଲ ସମ୍ପର୍କରେ ରିପୋର୍ଟ ଦେବାକୁ ରାଜ୍ୟ ସରକାର ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୃଷି ଓ ରାଜସ୍ୱ ବିଭାଗର ଅଧିକାରୀଙ୍କ ଦ୍ୱାରା ମିଳିତ ଭାବେ ଫସଲ କ୍ଷୟକ୍ଷତିର ଆକଳନ କରି ଏକ ନିର୍ଦ୍ଧାରିତ ଫର୍ମାଟରେ ରିପୋର୍ଟ ଦେବାକୁ ବୁଧବାର ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ସତ୍ୟବ୍ରତ ସାହୁ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଆସନ୍ତା ୧୨ତାରିଖ ସୁଦ୍ଧା କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବାକୁ ସେ ପରାମର୍ଶ ଦେଇଛନ୍ତି।

ଏସ୍‌ଆରସି ଚିଠିରେ ଉଲ୍ଲେଖ କରିଛନ୍ତି ଯେ ବାତ୍ୟା ମିଗ୍‌ଜୋମ୍ ପ୍ରଭାବରେ ଗତ କିଛିଦିନ ଧରି ରାଜ୍ୟରେ ବର୍ଷା ହୋଇଛି। ଏଥିଯୋଗୁ ଖରିଫ ଫସଲ ଓ ଉଦ୍ୟାନ କୃଷି ଫସଲ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ଚାଷୀଙ୍କ କ୍ଷତି ଭରଣା ନିମନ୍ତେ ରାଜ୍ୟ ବିପର୍ଯ୍ୟୟ ଓ ପ୍ରଶମନ ପାଣ୍ଠିର ସର୍ତ୍ତାବଳୀ ଅନୁସାରେ ୩୩ ପ୍ରତିଶତ କିମ୍ବା ଏହାଠାରୁ ଅଧିକ ପରିମାଣର ଫସଲ କ୍ଷତି ହୋଇଥିବା ଚାଷୀଙ୍କୁ କୃଷି ଇନ୍‌ପୁଟ ସବ୍‌ସିଡି ପ୍ରଦାନ କରାଯିବ। ଉଭୟ କୃଷି ଓ ରାଜସ୍ୱ ବିଭାଗର ଅଧିକାରୀମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ଫସଲର ଆକଳନ କରି ଏକ ନିର୍ଦ୍ଧାରିତ ଫର୍ମାଟରେ ରିପୋର୍ଟ ଦାଖଲ କରିବାକୁ ଜିଲାପାଳମାନଙ୍କୁ କୁହାଯାଇଛି। ବିଶେଷକରି ସହରାଞ୍ଚଳ, ବ୍ଲକ, ପଞ୍ଚାୟତ ଓ ଗ୍ରାମୱାରି କ୍ଷୟକ୍ଷତି ରିପୋର୍ଟ ପଠାଇବାକୁ ଏସ୍‌ଆରସି ନିର୍ଦ୍ଦେଶ ଦେଇଛନ୍ତି।

ଏହି ଫସଲ କ୍ଷୟକ୍ଷତି ଆକଳନ ବେଳେ କ୍ଷତିଗ୍ରସ୍ତ ଚାଷୀଙ୍କ ଜମିର ରେକର୍ଡକୁ ଭୂଲେଖ ଦ୍ୱାରା ଯାଞ୍ଚ କରାଇବାକୁ ମଧ୍ୟ ଏସ୍‌ଆରସି ପରାମର୍ଶ ଦେଇଛନ୍ତି। ଜିଲାପାଳମାନେ ଫସଲ କ୍ଷୟକ୍ଷତି(ଆକଳନ ଅନୁସାରେ ଫସଲ ନଷ୍ଟ ହୋଇଥିବା ଜମିର ଚାଷଭିତ୍ତିକ ପରିମାଣ) ଅନୁମୋଦନ କରିବେ। କୃଷି ଇନ୍‌ପୁଟ ସବ୍‌ସିଡି ବଣ୍ଟନ ପାଇଁ ଅର୍ଥର ଆବଶ୍ୟକତାକୁ ଗ୍ରହଣୀୟ ଭାବେ ପ୍ରଦାନ କରିବେ। ଆକଳନ ସମୟରେ କ୍ଷତିଗ୍ରସ୍ତ ଫସଲ ଜମିର ଜିଓ ଟ୍ୟାଗ୍ ସହ ଫଟୋ ଉଠାଇ କେସ୍ ରେକର୍ଡରେ ସଂରକ୍ଷିତ ରଖିବାକୁ ଏସ୍‌ଆରସି ପରାମର୍ଶ ଦେଇଛନ୍ତି।

ତଦାରଖକାରୀ ଅଧିକାରୀ (ଉପଜିଲାପାଳ, ତହସିଲଦାର, ଅତିରିକ୍ତ ତହସିଲଦାର, ଜିଲା କୃଷି ଅଧିକାରୀ, ବ୍ଲକ କୃଷି ଅଧିକାରୀ) ଠିକ୍ ମୂଲ୍ୟାୟନ ନିଶ୍ଚିତ କରିବା ପାଇଁ ଆବଶ୍ୟକ ଯାଞ୍ଚ କରିବେ। ଏଥିସହିତ ଜିଲାପାଳଙ୍କ ନିକଟରେ ଦାଖଲ ହୋଇଥିବା କ୍ଷୟକ୍ଷତି ରିପୋର୍ଟକୁ ଅନୁମୋଦନ ନିମନ୍ତେ ନିଜେ ଏକ ସାର୍ଟିଫିକେଟ ମଧ୍ୟ ଦେବେ। ତେବେ ଏହି କ୍ଷୟକ୍ଷତି ରିପୋର୍ଟ ପଠାଇବା ବେଳେ ଚଳିତବର୍ଷ ବନ୍ୟା ଓ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା(ପୂର୍ବରୁ ରିପୋର୍ଟ ଆସିଥିବା) ଫସଲ କ୍ଷୟକ୍ଷତିକୁ ସାମିଲ ନ କରିବାକୁ ପରାମର୍ଶ ଦିଆଯାଇଛି।

ସାମୁଦ୍ରିକ ଝଡ଼ 'ମିଗ୍‌ଜୋମ୍' ଧୀରେ ଧୀରେ ଦୁର୍ବଳ ହେବାରେ ଲାଗିଛି। ଏହାର ପ୍ରଭାବରେ ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଥିବା ଜଣାପଡ଼ିଛି। ଉପକୂଳ ଓଡ଼ିଶାରେ ମଧ୍ୟ ବୁଧବାର ଦିନତମାମ ବର୍ଷା ହୋଇଛି।

# ବାପାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ବେଳେ ଡାଳ ପଡ଼ି ପୁଅ ମୃତ

ବୋରିଗୁମ୍ମା,୬।୧୨( ବିଜୟ ସାହୁ)

ବାପାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ବେଳେ ଗଛଡ଼ାଳ ପଡ଼ି ପୁଅଙ୍କ ମୃତ୍ୟୁ ହୋଇଛି। ଉଭୟଙ୍କୁ ହରାଇ ଦୁଃଖରେ ଭାଙ୍ଗି ପଡିଛନ୍ତି ପରିବାର ଲୋକେ। ଗୋଟିଏ ପରିବାରରେ ଏପରି ଦୁଃଖଦ ଘଟଣା ବୋରିଗୁମ୍ମା ବ୍ଲକର କାମତା ଗ୍ରାମରେ ଘଟିଛି। ଏଥିରେ ଗାଁରେ ଶୋକର ଛାୟା ଖେଳାଇଦେଇଛି।


ବେଣୁ ମଣ୍ଡଳ

ଖବରରୁ ଜଣାପଡିଛି, ୨ ପୁଅ ଓ ଗୋଟିଏ ଝିଅକୁ ନେଇ ଗ୍ରାମର ଲକ୍ଷ୍ମଣ ମଣ୍ଡଳଙ୍କ ପରିବାର। ନିଜ ଗ୍ରାମ କାମତାରୁ କୋରାପୁଟ ଆସି ବିଭିନ୍ନ କାର୍ଯ୍ୟ କରି ରୋଜଗାର କରି ଲକ୍ଷ୍ମଣ ପରିବାର ଚଳାଉଥିଲେ। ମାତ୍ର ଦୀର୍ଘ ଦିନ ହେବ ସେ ଶାରୀରିକ ଅସୁସ୍ଥତା ଯୋଗୁ ଶଯ୍ୟାଶାୟୀ ଥିଲେ। ପୁଅ ବେଣୁ ପରିବାରର ଏକମାତ୍ର ରୋଜଗାରିଆ ଥିଲେ। ଲକ୍ଷ୍ମଣ ଶଯ୍ୟାଶାୟୀ ହେବା ଦିନଠାରୁ ବେଣୁ ଘରେ ଏକ ଜଳଖିଆ ଦୋକାନ କରି ପରିବାର ଚଳାଉଥିଲେ। ଦୋକାନରୁ ଟିକେ ଅବସର ମିଳିଲେ ସେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ। ଅସହାୟଙ୍କୁ ଡାକ୍ତରଖାନା ନେବା ହେଉ ଅବା କାହାକୁ ରକ୍ତର ଆବଶ୍ୟକ ପଡ଼ିଲେ ରକ୍ତ ଯୋଗାଡ଼ କରୁଥିଲେ। ଦରକାର ବେଳେ ନିଜେ ମଧ୍ୟ ଅନେକଥର ରକ୍ତଦାନ କରିଛନ୍ତି। ଦୀର୍ଘଦିନ ଅସୁସ୍ଥ କାରଣରୁ ମଙ୍ଗଳବାର ଭୋର ସମୟରେ ଲକ୍ଷଣଙ୍କ କୋରାପୁଟ ମେଡିକାଲ କଲେଜରେ ମୃତ୍ୟୁ ହୋଇଥିଲା। ବୁଧବାର ପରିବାର ଲୋକେ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଲକ୍ଷଣଙ୍କୁ କାମତାକୁ ଆଣିଥିଲେ। ସେଠାରେ ଶବଦାହ ପାଇଁ କାଠ ସହ ଅନ୍ୟାନ୍ୟ ସାମଗ୍ରୀ ଯୋଗାଡ଼ ଚାଲିଥିବା ବେଳେ ଖରାପ ପାଗ ଓ ଲଗାଣ ବର୍ଷା ଯୋଗୁ ଗୋଟିଏ ବଡ଼ ଗଛ ଡାଳ ଛିଣ୍ଡିପଡି ବେଣୁଙ୍କ ମୁଣ୍ଡ ଉପରେ ପଡିଥିଲା। ଉପସ୍ଥିତ ଲୋକେ ତାଙ୍କୁ ବୋରିଗୁମ୍ମା ଡାକ୍ତରଖାନା ଆଣିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବି. ସିଂହପୁର ପୋଲିସ ଏକ ଅପମୃତ୍ୟୁ ମାମଲା (୧୨/ ୨୩) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶେଷରେ ବାପା ଓ ପୁଅଙ୍କ ଜୁଇ ଏକ ସାଙ୍ଗରେ ଦାହ କରାଯାଇଥିଲା।

# ଧର୍ମଘଟକୁ ଓହ୍ଲାଇପାରିବେନି ସ୍ୱାସ୍ଥ୍ୟସେବା କର୍ମଚାରୀ

## ଲାଗୁହେଲା ଏସ୍ମା

ଭୁବନେଶ୍ୱର,୬।୧୨(ଅନିଲ ଦାସ)

ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଧର୍ମଘଟକୁ ବାରଣ କରିବା ପାଇଁ ରାଜ୍ୟ ସରକାର ଆବଶ୍ୟକ ସେବା ରକ୍ଷଣାବେକ୍ଷଣ(ଏସ୍ମା) ଆଇନ ଲଗାଇଛନ୍ତି। ଏ ନେଇ ବୁଧବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଓଡ଼ିଶା ଜରୁରୀ ସେବା(ରକ୍ଷଣାବେକ୍ଷଣ) ଅଧିନିୟମ ୧୯୮୮ (ଓଡ଼ିଶା ଆକ୍ଟ ୯ର ୧୯୯୨)ର ସେକ୍ସନ୍-୨ ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତାକୁ ବ୍ୟବହାର କରି ରାଜ୍ୟ ସରକାର ଧର୍ମଘଟ ଉପରେ ଏହି ପ୍ରତିବନ୍ଧକ ଲଗାଇଛନ୍ତି। ଆସନ୍ତା ୬ ମାସ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଏହି ଆଇନ ଲାଗୁ ହେବା ଫଳରେ ସ୍ୱାସ୍ଥ୍ୟସେବାରେ ନିୟୋଜିତ ଚୁକ୍ତିଭିତ୍ତିକ କର୍ମଚାରୀଙ୍କଠାରୁ ଆରମ୍ଭ କରି ନର୍ସ, ପାରାମେଡିକ୍ସ, ଟେକ୍ନିସିଆନ, ଅନ୍ୟ କର୍ମଚାରୀ କାର୍ଯ୍ୟ ବନ୍ଦ କରିବା ଭଳି ଧର୍ମଘଟକୁ ଓହ୍ଲାଇପାରିବେ ନାହିଁ। ମେଡିକାଲ କଲେଜ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟ, ସବ୍‌ଡିଭିଜନାଲ ହସ୍ପିଟାଲ, କମ୍ୟୁନିଟି ହେଲ୍‌ଥ ସେଣ୍ଟର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ମ୍ୟୁନିସିପାଲିଟି ହସ୍ପିଟାଲ, ଇଏସ୍‌ଆଇ ହସ୍ପିଟାଲ ଓ ଅନ୍ୟାନ୍ୟ ହସ୍ପିଟାଲଗୁଡ଼ିକରେ ଚିକିତ୍ସା ସେବା ସହିତ ଜଡ଼ିତ କର୍ମଚାରୀମାନଙ୍କ ପାଇଁ ଏହା ଲାଗୁ ହେବ।

DSPL-443



सत्यमेव जयते

MESSAGE

On the occasion of Armed Forces Flag Day-07th December 2023, I extend my heartiest greetings to all ranks of the Armed Forces personnel as well as our Ex-Servicemen, Widows and their families.

I also convey my gratitude to Armed Forces personnel for securing the territorial integrity and sovereignty of our nation. The Armed Forces Flag Day provides us an opportunity to connect with the Armed Forces personnel in uniform, Ex-Servicemen & their families and to reciprocate by contributing to Flag Day Fund to support the welfare and rehabilitation of War Widows, Disabled Soldiers, Ex-Servicemen and their families.

I appeal to all citizens to come forward and donate wholeheartedly to Armed Forces Flag Day Fund for the noble cause.

Jai Hind !

(Raghubar Das)

# ଭକ୍ତଙ୍କ ପାଇଁ ହେବ ଏସି ଟନେଲ

- ରାସ୍ତା ପାର୍ଶ୍ୱରୁ ହଟିଲେ ଉଠାଦୋକାନୀ
- ପ୍ରଶାସନ ପକ୍ଷରୁ ମାପଚୁପ ଆରମ୍ଭ

ପୁରୀ, ୬।୧୨(ଅଜିତ୍ ମହାନ୍ତି)

ଆସନ୍ତା ଜାନୁୟାରୀ ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ତଥା ଲୋକାର୍ପଣ ହେବାକୁ ଯାଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ନୂଆବର୍ଷଠାରୁ ନୂଆ ଅନୁଭୂତି ନେଇ ପୁରୀରୁ ଫେରିବେ ଭକ୍ତ। ଅନ୍ୟପକ୍ଷରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତମାନେ ବ୍ୟାରିକେଡ୍‌ରେ ଘଣ୍ଟା ଘଣ୍ଟା ସମୟ ଧରି ଠିଆହୋଇ ଯେଉଁ ସମସ୍ୟା ଭୋଗୁଥିଲେ ଏବେ ତାହା ଦୂର ହେବ ବୋଲି ଆଶା କରାଯାଉଛି। କାରଣ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ମରିଚକୋଟ ଛକ ପର୍ଯ୍ୟନ୍ତ ଏକ ଏସି (ଶୀତତାପ ନିୟନ୍ତ୍ରିତ) ଟନେଲ ନିର୍ମାଣ କରିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି। ଏଥିଲାଗି ବୁଧବାରଠାରୁ ମାପଚୁପ ଆରମ୍ଭ କରାଯାଇଛି।

ପ୍ରଶାସନର ସୂଚନା ଅନୁଯାୟୀ, ଭକ୍ତଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ଏସି ଟନେଲ ନିର୍ମାଣ ବା କ୍ୟୁ ମ୍ୟାନେଜମେଣ୍ଟ ସିଷ୍ଟମ କରାଯିବ। ୮୪ ମିଟର ଲମ୍ବ ଓ ୧୨ମିଟର ଚଉଡ଼ା ବିଶିଷ୍ଟ ଏହି ଟନେଲ ଭିତରେ ଷ୍ଟିଲ ବ୍ୟାରିକେଡ୍ କରାଯିବ। ସେଠାରୁ ୪୦ ମିଟର ପରେ ଅସ୍ଥାୟୀ ଜୋତାଷ୍ଟାଣ୍ଡ ହେବ ଓ ଶୌଚାଳୟ ରହିବ। ଶ୍ରୀକୃଷ୍ଣ ସିନେମା ହଲ ଛକ ବା ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ମରିଚକୋଟ ଛକ ଯାଏ ଟନେଲ ନିର୍ମାଣ କରାଯିବ। ଶ୍ରୀମନ୍ଦିର ସିଂହଦ୍ୱାର ବାମ ପାର୍ଶ୍ୱରେ



ଟନେଲ ହେବ। ୧୫ଟି ଖୁଣ୍ଟ ସହ ସମ୍ପୂର୍ଣ୍ଣ ଆଚ୍ଛାଦିତ କରାଯିବ। ତେବେ ରଥଯାତ୍ରା ସମୟରେ ଏହି ଡେଡିକେଟେଡ୍ ବ୍ୟାରିକେଡ୍ ହଟାଇ ଦିଆଯିବ। ରଥଯାତ୍ରା ପରେ ପୁଣି କାର୍ଯ୍ୟକ୍ଷମ କରାଯିବ। ଡିସେମ୍ବର ୨୫ ସୁଦ୍ଧା କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ଓବିସିସି ପକ୍ଷରୁ କୁହାଯାଇଛି। ସେହିପରି ଟ୍ରାଫିକ ସମସ୍ୟା ଦୂର ପାଇଁ ଶ୍ରୀମନ୍ଦିରଠାରୁ ମରିଚିକୋଟ ଛକ ପର୍ଯ୍ୟନ୍ତ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରଶାସନ ସହ ଆଲୋଚନା ପରେ ମଙ୍ଗଳବାର ରାତିରେ ସମ୍ପୃକ୍ତ ଉଠାଦୋକାନୀମାନେ ହଟିଯାଇଛନ୍ତି। ପ୍ରଭାବିତ ଉଠାଦୋକାନୀମାନଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭଠାରେ ଥଇଥାନ କରାଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

# ରାଜ୍ୟର ବିଭିନ୍ନ ସ୍ଥାନରେ ଆୟକର ଚଢ଼ାଉ

## ନଗଦ ୫୦ କୋଟି ଟଙ୍କା ଜବତ

ବୌଦ୍ଧ/ଭୁବନେଶ୍ୱର(ଅଜିତ କୁମାର ବାରିକ/ସତ୍ୟଜିତ୍ ରାଉତ), ୬।୧୨

ଓଡ଼ିଶାରେ ଆଗକୁ ସାଧାରଣ ନିର୍ବାଚନ ଆସୁଛି। ଏଭଳିସ୍ଥିତିରେ ଏବେଠାରୁ ଆୟକର ବିଭାଗ ତତ୍ପର ହୋଇଛି। ବୁଧବାର ରାଜ୍ୟର ବିଭିନ୍ନ ସ୍ଥାନରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ୫୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରାଯାଇଥିବା ସୂଚନା ମିଳିଛି। ଚଢ଼ାଉ ହୋଇଥିବା ସଂସ୍ଥା ମଧ୍ୟରେ ବୌଦ୍ଧ, ଟିଟିଲାଗଡ଼, ଖୋର୍ଦ୍ଧା, ଭୁବନେଶ୍ୱର, ବଲାଙ୍ଗୀରର ଏକାଧିକ ମଦ ପ୍ରସ୍ତୁତକାରୀ କମ୍ପାନୀ ଏବଂ ବ୍ୟବସାୟୀ ଆଦି ରହିଛନ୍ତି। ଆୟକର ବିଭାଗର ୫ଟି ଗାଡ଼ିରେ ଯାଇଥିବା ଏକ ଟିମ୍ ବୌଦ୍ଧ ଡିଷ୍ଟିଲାରୀ ପ୍ରାଇଭେଟ ଲିମିଟେଡର ରାମ୍ବିକଟାସ୍ଥିତ କାରଖାନା ଓ କାର୍ଯ୍ୟାଳୟରେ ଭୋର ସମୟରୁ ଚଢ଼ାଉ କରି ଯାଞ୍ଚ ଜାରି ରଖିଛନ୍ତି। ଏହି ଚଢ଼ାଉରେ ଆୟକର ବିଭାଗର ୨୦ରୁ ଊର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଛନ୍ତି। ତେବେ ସୁରକ୍ଷା ଦୃଷ୍ଟିରୁ ସିଆଇଏସ୍‌ଏଫ୍ ଯବାନ ଓ ସ୍ଥାନୀୟ ପୋଲିସ ମଧ୍ୟ କାରଖାନା ପରିସରରେ ମୁତୟନ ହୋଇଛନ୍ତି। ଆୟକର ବିଭାଗ ପକ୍ଷରୁ ଉତ୍ପାଦନ ଏବଂ ବ୍ୟବସାୟ ସହ ଆୟକର ଯାଞ୍ଚ କରାଯାଉଥିବା ଜଣାପଡ଼ିଛି। ସେହିପରି କମ୍ପାନୀର ପଲାଶପଲ୍ଲିସ୍ଥିତ କର୍ପୋରେଟ୍ ଅଫିସ ଏବଂ କେତେଜଣ ଅଧିକାରୀଙ୍କ ଘରେ ଚଢ଼ାଉ ହୋଇଛି। ଏହି କମ୍ପାନୀ ସହ ଲିଙ୍କ୍ ଥିବା ଅଭିଯୋଗରେ ବୌଦ୍ଧ ପୁରୁଣା କଟକର ଜଣେ ବ୍ୟବସାୟୀଙ୍କ ରାଣୀସତୀ ରାଇସ୍ ମିଲ୍, ତାଙ୍କ ବାସଭବନ ଏବଂ ଅନ୍ୟସ୍ଥାନରେ ମଧ୍ୟ ଏହି ଆୟକର ଅଧିକାରୀମାନେ ଯାଞ୍ଚ କରୁଛନ୍ତି। ଏପରିକି ସଂସ୍ଥାର ଏକାଧିକ ନିର୍ଦ୍ଦେଶକ ଓ ପରିଚାଳନା ନିର୍ଦ୍ଦେଶକଙ୍କ ଘରେ ମଧ୍ୟ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି। ଅନ୍ୟପକ୍ଷରେ ବଲାଙ୍ଗୀର ଓ ଟିଟିଲାଗଡ଼ରେ ମଧ୍ୟ ଏକାଧିକ ମଦ୍ୟ ବ୍ୟବସାୟୀଙ୍କ ପାଖରେ ପହଞ୍ଚି ଆୟକର ଟିମ୍ ପଚରାଉଚରା କରୁଛି। ମଦ ବ୍ୟବସାୟୀ ସଞ୍ଜୟ ଓ ଦୀପକଙ୍କ ଘର ଏବଂ ମଦଭାଟିରେ ଆୟକର ବିଭାଗର ୩୦ଜଣିଆ ଟିମ୍ ଚଢ଼ାଉ କରିଛି। ତେବେ ବଡ଼କଥା ହେଲା ଏହି ଲିଙ୍କରେ ଆୟକର ଟିମ୍ କଲିକତା ଏବଂ ରାଞ୍ଚିସ୍ଥିତ ଅଫିସ୍ ଓ ଅଧିକାରୀଙ୍କ ଘରେ ମଧ୍ୟ ଯାଞ୍ଚ ଜାରି ରଖିଛି। ଏନେଇ ଆୟକର ବିଭାଗ ପକ୍ଷରୁ କୌଣସି ବିସ୍ତୃତ ସୂଚନା ଦିଆଯାଇନାହିଁ। ଖବର ଲେଖାହେବା ପର୍ଯ୍ୟନ୍ତ ଆୟକର ବିଭାଗ ପକ୍ଷରୁ ଏହି ଚଢ଼ାଉ ଜାରି ରହିଥିବାବେଳେ ଗୁରୁବାର କିମ୍ବା ଶୁକ୍ରବାର ଏନେଇ ଏଜେନ୍ସି ପକ୍ଷରୁ ରିପୋର୍ଟ ଦିଆଯିବ ବୋଲି ସୂଚନା ମିଳିଛି।



MESSAGE

I convey my best wishes and gratitude to the Armed Forces Personnel in Uniform, War Widows, Ex-Servicemen and their families on the occasion of Armed Forces Flag Day on December-07, 2023.

Our Armed Forces are the pride of our nation. In the face of both external and internal threats, they have been displaying immense courage, dedication and commitment to protect our motherland. The entire nation is indebted to the personnel of our Armed Forces who have made supreme sacrifices for the nation.

I appeal to all my fellow citizens to contribute generously to the Armed Forces Flag Day Fund, to support the welfare of our Ex-Servicemen and their families.

(NAVEEN PATNAIK)

OIPR-12088/13/0002/2324

# ଉତ୍କଳ ହସ୍ପିଟାଲରେ ପ୍ରଥମ କିଡ୍‌ନୀ ପ୍ରତିରୋପଣ ସଫଳ

## ବ୍ୱାଇଁଙ୍କଠାରେ ଲାଗିଲା ଶାଶୁଙ୍କ କିଡ୍‌ନୀ

ଭୁବନେଶ୍ୱର, ୬।୧୨
(ଅନୁରାଧା ମହାରଣା)

ସୁପର ମଲ୍ଟି-ସ୍ପେଶାଲିଟି ଉତ୍କଳ ହସ୍ପିଟାଲରେ ପ୍ରଥମ କିଡ୍‌ନୀ ପ୍ରତିରୋପଣ ସଫଳ ହୋଇଛି। ରୋଗୀ ଜଣକ ସମ୍ପୂର୍ଣ୍ଣ ସୁସ୍ଥ ଥିବାବେଳେ ବୁଧବାର ଡିସ୍‌ଚାର୍ଜ ହୋଇଛନ୍ତି। ଏବେ ସେ ଅନ୍ୟମାନଙ୍କ ଭଳି ସ୍ୱାଭାବିକ ଜୀବନ ନିର୍ବାହ କରିବା ସହ କାମ କରିପାରିବେ ବୋଲି ହସ୍ପିଟାଲର ନେଫ୍ରୋଲୋଜି ବିଭାଗର ସିନିୟର କନ୍‌ସଲଣ୍ଟାଣ୍ଟ ଡା. ଲଲାଟ ବରୁଣ ପାତ୍ର କହିଛନ୍ତି। ଗତ ୬ ମାସ ତଳେ ଏହି ପୁରୁଷରୋଗୀଙ୍କ କିଡ୍‌ନୀରେ ସମସ୍ୟା ଥିବା ଜଣାପଡ଼ିଥିଲା। ତେଣୁ ସେ ସପ୍ତାହକୁ ୩ଥର ଡାଏଲିସିସ୍ କରୁଥିଲେ। କିଡ୍‌ନୀ ପ୍ରତିରୋପଣର ଆବଶ୍ୟକତା ଥିଲା। ଶେଷରେ ତାଙ୍କ ଶାଶୁ ତାଙ୍କର ଗୋଟିଏ କିଡ୍‌ନୀ ତାଙ୍କ ବ୍ୱାଇଁଙ୍କୁ ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହାପରେ ଗତ ନଭେମ୍ବର ୨୭ରେ ପୀଡିତଙ୍କଠାରେ କିଡ୍‌ନୀ ପ୍ରତିରୋପଣ କରାଯାଇଥିଲା। ଏହି ଜଟିଳ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟେଶନ ଉତ୍କଳ ହସ୍ପିଟାଲର ପ୍ରଥମ କରି ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି। ରୋଗୀ ଜଣକ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଡ. ଲଲାଟ ବରୁନ ପାତ୍ର (ନେଫ୍ରୋଲୋଜି), ଡ. ପବିତ୍ର କୁମାର ମିଶ୍ର (ୟୁରୋଲୋଜି) ଓ ସପୋର୍ଟ ଟିମ୍‌ର ଅକ୍ଳାନ୍ତ ପରିଶ୍ରମ ଯୋଗୁ ଏହା ସମ୍ଭବ ହୋଇପାରିଛି। ଟିମ୍ ପକ୍ଷରୁ ଉତ୍କଳ ହସ୍ପିଟାଲର ଚେୟାରମ୍ୟାନ ଡା. ଆଦିତ୍ୟ ସାମଲ, ପରିଚାଳନା ନିର୍ଦ୍ଦେଶକ ଡ. ପ୍ରଜ୍ଞାନ ରଞ୍ଜନ ଘଡାଇ ଏବଂ ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର ଡା. ଆଶିଷ ଚନ୍ଦ୍ରା ପ୍ରମୁଖ ଉତ୍ସାହିତ କରିଥିବାରୁ ଡ. ପାତ୍ର ଧନ୍ୟବାଦ ଅର୍ପଣ କରିଛନ୍ତି।


ହସ୍ପିଟାଲରୁ ଡିସ୍‌ଚାର୍ଜ ଅବସରରେ ରୋଗୀଙ୍କ ସହ ପ୍ରତିରୋପଣ କରିଥିବା ଡାକ୍ତରୀ ଟିମ୍।

**ଆଜିର ମନ୍ତବ୍ୟ**

“ଯୁଦ୍ଧବିରତି ଘୋଷଣା ଏବଂ କଶ୍ମୀର ପ୍ରସଙ୍ଗକୁ ଜାତିସଂଘକୁ ନେବା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କର ଦୁଇଟି ବଡ଼ ଭୁଲ୍। ନେହେରୁ ଠିକ୍ ପଦକ୍ଷେପ ନେଇଥିଲେ ପିଓକେ ଭାରତରୁ ଅଲଗା ହୋଇ ନ ଥାନ୍ତା। **–ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠେକିରୁ ତେଲ ସାରିବି ନାହିଁ**
**ପୁଅକୁ ନୁଖୁରା ରଖିବି ନାହିଁ।**

କେଶ ବା ଚୁଟି ନୁଖୁରା ନ ହେବା ଲାଗି ମୁଣ୍ଡରେ ତେଲ ଲଗାଇବାକୁ ପଡ଼ିଥାଏ। ତେବେ ତେଲ ସରିଯିବା ଭୟରେ ମୁଣ୍ଡରେ ତେଲ ଲଗାଇବାକୁ ଚାହୁଁ ନ ଥିବା ବ୍ୟକ୍ତି ଜଣକ ଯେ କୃପଣ ହୋଇଥାଏ ସେକଥା କାହାରିକୁ ଅଛପା ରହି ନ ଥାଏ। ଗୋଟିଏ ପଟେ କେଶ ନୁଖୁରା ନ ହୋଇ ଯିବାର ଚିନ୍ତା ତ ଅନ୍ୟ ପଟେ ଅର୍ଥ ଖର୍ଚ୍ଚର ଭୟ। ଏପରି ଅବସ୍ଥା ଉକ୍ତ ବ୍ୟକ୍ତିକୁ ହରଡ଼ଘଣାରେ ପକାଇଦେବା ସ୍ୱାଭାବିକ ହୋଇଥିବା ସ୍ଥଳେ କୃପଣ ବ୍ୟକ୍ତିଙ୍କର ଧନ ପ୍ରତି ରହିଥିବା ଅହେତୁକ ଦୁର୍ବଳତା ଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଠାରରେ ଚେତଇ ପଣ୍ଡିତ ସୁଜନ**
**ମୂର୍ଖକୁ ଚେତାଏ ଗଳଦ**
**ହଣାରେ ଚେତଇ କଦଳୀ ନଡ଼ିଆ**
**ଘଣାରେ ଚେତଇ ବଳଦ।**

ବୁଦ୍ଧିମାନ ଜ୍ଞାନୀ ବ୍ୟକ୍ତିଙ୍କର ବୁଝିବାର ଶକ୍ତି ଅସୀମ। ଏପରି ବ୍ୟକ୍ତି ସାମାନ୍ୟ ଇଶାରାରେ ମଧ୍ୟ ସବୁ କିଛି ଜାଣିନେଇ ପରିଥାନ୍ତି। ମୂର୍ଖ ବ୍ୟକ୍ତିଙ୍କୁ ମାଡ଼ ଦେଇ ବାଟକୁ ଅଣାଯାଇଥାଏ। କଦଳୀ ତଥା ନଡ଼ିଆ ଭଳି ଗଛ ମୂଳକୁ ହଣାକୋଡ଼ା କରାଗଲେ ଗଛ ଭଲ ବଢ଼ିଥାଏ। ସେହିପରି ଅଳସୁଆ ବଳଦକୁ ଘଣା ପେଡ଼ିବାରେ ଲଗାଇଲେ ବଳେ କାମ କରିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କଲରାପତରିଆ ବାଘଛାଲ ଜବତ, ୬ ଗିରଫ

ଭବାନୀପାଟଣା/କୋକସରା, ୬।୧୨
(ଉତ୍ତମ କୁମାର ଦାଶ/ଦୁଷ୍ମନ୍ତ ପାଟଯୋଶୀ)

କଳାହାଣ୍ଡି ଜିଲାରେ କଲରାପତରିଆ ବାଘଛାଲ ଜବତ ହୋଇଛି। ଏହା ବିକ୍ରି ପାଇଁ ଡିଲ୍ ବେଳେ ବନବିଭାଗ କର୍ମଚାରୀମାନେ ଚଢାଉ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ବୁଧବାର ବନବିଭାଗ ପକ୍ଷରୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ନବରଙ୍ଗପୁର ଜିଲା ଟିକ୍ରାପଡ଼ାର ଗଣେଶ ଗଉଡ ଓ ଲକ୍ଷ୍ମଣ ଗଉଡ, କୁମୁଲିର ନବ ନାୟକ, କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ହାଡ଼ଶୀଳ ଗ୍ରାମର ନବ ମାଝି ଓ ଧୋବା ମାଝି ଏବଂ ମୁଖ୍ୟ ଶିକାରୀ ଜୟପାଟଣା ଥାନା ଚଞ୍ଚରାଗୁଡା ଗ୍ରାମର ରିଷି ମାଝି। ଏ ନେଇ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଆର.କାଲାଇ ଭାନନ ଧର୍ମଗଡ଼ଠାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରକାଶ ଯେ, କଳାହାଣ୍ଡି ଓ ନବରଙ୍ଗପୁର ଜିଲା ସୀମାନ୍ତ ଆମପାଣି ଘାଟିଠାରେ ଗତ ୪ ତାରିଖ ଏକ କଲରାପତରିଆ ବାଘ ଛାଲ ବିକ୍ରି ପାଇଁ ଡିଲ୍ ହେଉଥିବା ଖବରପାଇ ଛତିଶଗଡ଼ ଉଦନ୍ତୀ ସୀତାନଦୀ ବ୍ୟାଘ୍ର ଅଭୟାରଣ୍ୟ ଓ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ କର୍ମଚାରୀଙ୍କ ପକ୍ଷରୁ ଅତର୍କିତ ଚଢାଉ କରାଯାଇଥିଲା। ଏହି ସମୟରେ ଘଟଣାସ୍ଥଳରୁ ଏକ କଲରାପତରିଆ ବାଘଛାଲ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ଥିବା ୫ଜଣକୁ ଧରି ଅଟକ ରଖି ପଚରାଉଚରା କରୁଥିଲା ବନବିଭାଗ। ତେବେ ଅଟକ ଥିବା ବ୍ୟକ୍ତିଙ୍କ ସୂଚନା ଆଧାରରେ ଚଞ୍ଚରାଗୁଡା ଗ୍ରାମର ବାଘ ଶିକାରୀ ରିଷି ମାଝି ଘରେ ଚଢାଉ କରିଥିଲେ। ଏହି ସମୟରେ ଶିକାରରେ ବ୍ୟବହାର ହେଉଥିବା ଲୁହା ପଞ୍ଝା, ବିଭିନ୍ନ ମାରଣାସ୍ତ୍ର ସହ ଭାଲୁ ଦାନ୍ତ, ହାଡ, ଅଜଗର ସାପର ଛାଲ ଜବତ କରାଯାଇଥିଲା। ପରେ ରିଷିଙ୍କୁ ଧରି ବନବିଭାଗ କର୍ମଚାରୀ ଶିକାରସ୍ଥଳକୁ ଯାଇ ସବୁ ପ୍ରମାଣ ସଂଗ୍ରହ କରିଥିଲେ। କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଧର୍ମଗଡ଼ ରେଞ୍ଜ ପକ୍ଷରୁ ଏହି ଘଟଣାରେ ସାମିଲ ଥିବା ସମସ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋକସରା ଜେଏମ୍‌ଏଫସି କୋର୍ଟ ଚାଲାଣ କରାଯାଇଛି। ଏନେଇ କଳାହାଣ୍ଡି ଏସିଏଫ୍ ବିମଳ ପ୍ରକାଶ ଟପ୍ପୋ କହିଛନ୍ତି ଘଟଣାର ଅଧିକ ତଦନ୍ତ ଜାରି ରହିଛି।




ବନଖଣ୍ଡ ଅଧିକାରୀଙ୍କ ଉପସ୍ଥିତିରେ ଜବତ କଲରାପତରିଆ ବାଘଛାଲ ଓ ୬ ଅଭିଯୁକ୍ତ।



୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ନବୀନ ନିବାସରେ ବୁଧବାର ସାକ୍ଷାତ୍ କରୁଛନ୍ତି କୋରାପୁଟ ଏବଂ ମାଲକାନଗିରି ଜିଲାର ବିଜେଡି ନେତାମାନେ।

## ଆମ୍ରି ହସ୍ପିଟାଲର ଆଉ ଏକ ମାଇଲଷ୍ଟୋନ୍
# ବୃଦ୍ଧାଙ୍କ ହାର୍ଟରେ ଲାଗିଲା ଲିଡ୍‌ଲେସ୍ ପେସ୍‌ମେକର

ଭୁବନେଶ୍ୱର, ୬।୧୨
(ଅନୁରାଧା ମହାରଣା)

ଚିକିତ୍ସା କ୍ଷେତ୍ରରେ ଭୁବନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲ ଆଉ ଏକ ମାଇଲଷ୍ଟୋନ୍ ଅତିକ୍ରମ କରିଛି। ପ୍ରଥମଥର ପାଇଁ ଜଣେ ବୟସ୍କ ମହିଳାଙ୍କଠାରେ ଅତ୍ୟାଧୁନିକ ଲିଡ୍‌ଲେସ୍ (ତାର ବିହୀନ) ପେସ୍‌ମେକର ଲଗାଯାଇଛି। ଅତ୍ୟଧିକ ମୁଣ୍ଡ ବୁଲାଇବା (ପ୍ରିସିନକୋପ୍), ଚେତାଶୂନ୍ୟ ହେବା ଭଳି ଅନୁଭବ ହେବାରୁ ପରିବାର ଲୋକେ ତାଙ୍କୁ ଆମ୍ରି ହସ୍ପିଟାଲର ଜରୁରିକାଳୀନ ବିଭାଗକୁ ଆଣିଥିଲେ। ଆବଶ୍ୟକ ପରୀକ୍ଷା ପରେ ସେ ବ୍ରାଡିକାର୍ଡିଆ ରୋଗରେ ଆକ୍ରାନ୍ତ ଥିବା ଓ ତାଙ୍କ ହାର୍ଟରେଟ୍ ୨୨ରୁ କମ୍ ରହିଥିବା ଜଣାପଡିଥିଲା। ହସ୍ପିଟାଲର ଅଭିଜ୍ଞ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ଦିବ୍ୟରଞ୍ଜନ ବେହେରା ଓ ତାଙ୍କ ଟିମ୍ ତୁରନ୍ତ ମହିଳାଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ପ୍ରାଥମିକ ସ୍ତରରେ କିଛି ଇଞ୍ଜେକ୍ସନ୍ ଓ ଔଷଧ ଦ୍ୱାରା ତାଙ୍କ ହାର୍ଟ ରେଟ୍‌କୁ ସାମୟିକ ବଢ଼ାଇ ଥିଲେ। ତେବେ ହାର୍ଟରେଟ ସାଧାରଣଠାରୁ କମ୍ ଥିବାରୁ ଡା. ଦିବ୍ୟରଞ୍ଜନ ମହିଳାଙ୍କ ହାର୍ଟରେ ପେସ୍‌ମେକର ଲଗାଇବା ପାଇଁ ଯୋଜନା କରିଥିଲେ।

ପେସ୍‌ମେକର ସାଧାରଣତଃ ଏକ ଛୋଟିଆ ଯନ୍ତ୍ର, ଯେଉଁଥିରେ ଏକ ବ୍ୟାଟେରି ଓ ତାର ସାହାଯ୍ୟରେ ରୋଗୀଙ୍କ ହାର୍ଟରେଟ୍‌କୁ ନିୟନ୍ତ୍ରଣ କରାଯାଇଥାଏ। ପେସ୍‌ମେକରକୁ ଅପରେଶନ କରି ଛାତି ତଳେ ହାର୍ଟ ପାଖରେ ଲଗାଯାଇଥାଏ। ଏହାର ଲିଡ୍ ବା ତାରଗୁଡ଼ିକ ଯାହା ହାର୍ଟ ଚାମ୍ବର ସହିତ ସଂଯୋଗ କରିଥାଏ। ତେବେ ଛାତିରେ ବା ଛାତିର ଶିରାରେ ଅନ୍ୟ କିଛି ରୋଗ ଥିଲେ ପେସ୍‌ମେକର ଲଗାଯାଇପାରିବ ନାହିଁ। ସେତେବେଳେ ଏପିକାର୍ଡିଆଲ୍ ଲିଡ୍ ପ୍ରତିରୋପଣ ସହିତ ଓପନ୍ ହାର୍ଟ ସର୍ଜରୀ ଏକମାତ୍ର ବିକଳ୍ପ। ତେବେ ଏହି ମହିଳା ଜଣକ ପୂର୍ବରୁ ସ୍ତନ କର୍କଟ ରୋଗରେ ଆକ୍ରାନ୍ତ ଥିବାରୁ ତାଙ୍କର ସ୍ତନ ଅପରେଶନ ସହିତ ରେଡିଏଶନ ଥେରାପୀ ଓ କେମୋଥେରାପୀ କରିଥିଲେ। ତେଣୁ ଏହି କାରଣଗୁଡିକ ପାଇଁ ତାଙ୍କ ଛାତି ଓ ଛାତି ଶିରାରେ ପେସ୍‌ମେକର ଲଗାଇବା ସମ୍ଭବ ହୋଇ ନ ଥିଲା। ଡା. ବେହେରା ସଫଳତାର ସହ ଏହି ଲିଡ୍‌ଲେସ୍ ପେସ୍‌ମେକର ମହିଳାଙ୍କଠାରେ ଲଗାଇଥିଲେ। ଫଳରେ ମହିଳା ଜଣକ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। କୌଣସି ରୋଗୀଙ୍କଠାରେ ତାର ବିହୀନ ପେସ୍‌ମେକର ଲାଗିବା ଆମ୍ରି ହସ୍ପିଟାଲରେ ପ୍ରଥମ ଏବଂ ରାଜ୍ୟର ପ୍ରଥମ କିଛି ମାମଲା ମଧ୍ୟରୁ ଗୋଟିଏ ବୋଲି ଡାକ୍ତର ବେହେରା ସୂଚନା ଦେଇଛନ୍ତି।




ସଫଳ ଚିକିତ୍ସା ସମ୍ପର୍କରେ ହୃଦ୍‌ରୋଗ ବିଶେଷଜ୍ଞ ଡା. ଦିବ୍ୟରଞ୍ଜାନ ବେହେରା ଓ ତାଙ୍କ ଟିମ୍ ସୂଚନା ଦେଉଛନ୍ତି।

## ୨ ମାସ ପାଇଁ ପ୍ରଶାନ୍ତି ଏକ୍ସପ୍ରେସର ମାର୍ଗ ପରିବର୍ତ୍ତନ

ଭୁବନେଶ୍ୱର, ୬।୧୨(ଅନୁରାଧା ମହାରଣା)

ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ଦକ୍ଷିଣ-ପଶ୍ଚିମ ରେଳପଥ ପରିସୀମା ଅଧୀନ ସତ୍ୟ ସାଇ ପ୍ରଶାନ୍ତି ନିଳୟମ (ଏସ୍‌ଏସ୍‌ପିଏନ୍) ଏବଂ ବାସମପଲ୍ଲୀ ରେଳ ଷ୍ଟେଶନ ମଧ୍ୟରେ ଟନେଲ ଓ ବ୍ରିଜଗୁଡିକର ଜରୁରୀ ମରାମତି ଲାଗି ଦୁଇମାସ ପାଇଁ ପ୍ରଶାନ୍ତି ଏକ୍ସପ୍ରେସ୍ ଟ୍ରେନର ମାର୍ଗ ପରିବର୍ତ୍ତନ କରାଯାଇଛି। ଏହାସହ ହାଓଡ଼ା-ଏସ୍‌ଏସ୍‌ପିଏନ୍ ଏକ୍ସପ୍ରେସର ଆଂଶିକ ବାତିଲ କରାଯାଇଛି। ୨୨୮୩୧/୨୨୮୩୨ ହାଓଡ଼ା-ଏସ୍‌ଏସ୍‌ପିଏନ୍-ହାଓଡ଼ା ଏକ୍ସପ୍ରେସ ଡିସେମ୍ବର ୬ରୁ ଫେବୃୟାରୀ ୭ ପର୍ଯ୍ୟନ୍ତ ପ୍ରତି ବୁଧବାର ହାଓଡ଼ାଠାରୁ ଏବଂ ଡିସେମ୍ବର ୮ରୁ ଫେବୃୟାରୀ ୯ ମଧ୍ୟରେ ପ୍ରତି ଶୁକ୍ରବାର ଏସ୍‌ଏସ୍‌ପିଏନ୍‌ଠାରୁ ଛାଡିବାକୁ ଥିବା ଟ୍ରେନ ଉଭୟ ପାର୍ଶ୍ୱରୁ ଧର୍ମାଭରମ ଏବଂ ଏସ୍‌ଏସ୍‌ପିଏନ୍ ମଧ୍ୟରେ ବାତିଲ ରହିବ। ସେହିଭଳି ୧୮୪୬୪/୧୮୪୬୩ ବେଙ୍ଗାଲୁରୁ-ଭୁବନେଶ୍ୱର-ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସ ଆସନ୍ତା ୮ ଡିସେମ୍ବରରୁ ୮ ଫେବୃୟାରୀ ୨୦୨୪ ପର୍ଯ୍ୟନ୍ତ ବେଙ୍ଗାଲୁରୁଠାରୁ ଏବଂ ୭ ଡିସେମ୍ବରରୁ ୭ ଫେବୃୟାରୀ ୨୦୨୪ ପର୍ଯ୍ୟନ୍ତ ଭୁବନେଶ୍ୱରରୁ ଛାଡିବାକୁ ଥିବା ଟ୍ରେନ ଉଭୟ ପାର୍ଶ୍ୱରୁ ପେନୁକୋଣ୍ଡା-ନାଗସମୁଦ୍ରମ-ଧର୍ମାଭରମ ମାର୍ଗରେ ଚଳାଚଳ କରିବ।

## ଦଶମ ଅର୍ଦ୍ଧବାର୍ଷିକ ପରୀକ୍ଷାରେ ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କ ତାଲିକା ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୬।୧୨(ଅନୁରାଧା ମହାରଣା)

୨୦୨୩-୨୪ ଶିକ୍ଷାବର୍ଷରେ ଦଶମ ଶ୍ରେଣୀର ଅନେକ ଛାତ୍ରୀଛାତ୍ର ଅର୍ଦ୍ଧବାର୍ଷିକ ପରୀକ୍ଷା ଦେଇ ନ ଥିଲେ। ବର୍ତ୍ତମାନ ସେହିପିଲାଙ୍କ ତାଲିକା ଦେବା ପାଇଁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇଛି। ବିଦ୍ୟାଳୟ ଅନୁସାରେ ପରୀକ୍ଷାରେ ଅନୁପସ୍ଥିତ ଥିବା ପିଲାଙ୍କ ତାଲିକା ପ୍ରସ୍ତୁତ କରିବାକୁ ଚିଠିରେ ଉଲ୍ଲେଖ ରହିଛି।

## ପ୍ରଥମ ପୃଷ୍ଠାରୁ...

### ରଗଡ଼ି ଜେଲରେ...

ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୨୫୪/୨୦୨୩) ରୁଜୁ ହୋଇଥିଲା। ବଳରାମ ଜଣେ ବିଚାରାଧୀନ କଏଦୀ ଭାବେ ୪୯ ଦିନ ହେବ ଏହି ଉପକାରାଗାରରେ ଥିଲେ। ବୁଧବାର ସକାଳେ କୌଣସି କାରଣରୁ ସେ ଜେଲ ପରିସରରେ ଥିବା ଏକ ଅର୍ଦ୍ଧନିର୍ମିତ ଘରେ ଗାମୁଛା ବାନ୍ଧି ଝୁଲି ପଡିଥିଲେ। ଖବର ପାଇ ଜେଲ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ତୁରନ୍ତ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଏହି ଘଟଣାକୁ ବଳରାମଙ୍କ ପରିବାର ସଦସ୍ୟମାନେ ସହଜରେ ଗ୍ରହଣ କରିପାରିନାହାନ୍ତି । ତାଙ୍କ ବଡ଼ଭାଇ ଦିଲୀପ କୁମାର ବେହେରା କୋରେଇ ଥାନାରେ ଅଭିଯୋଗ କରିଛନ୍ତି ଯେ, ବଳରାମଙ୍କୁ ଜେଲରେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା । ତାଙ୍କୁ ଠିକ୍ ଭାବେ ଖାଇବା ଓ ପିଇବାକୁ ଦିଆଯାଉ ନ ଥିଲା । ଗତ କିଛିଦିନ ତଳେ ସେ କୋର୍ଟକୁ ଆସିଥିବା ବେଳେ ବିଚାରପତିଙ୍କୁ ଏ କଥା କହିଥିଲେ । କୋର୍ଟରୁ ଫେରିବା ପରେ ତାଙ୍କ ପ୍ରତି ନିର୍ଯାତନା ବଢ଼ି ଯାଇଥିଲା । ଏହି କାରଣକୁ ନେଇ କେହି ଜେଲ ଭିତରେ ତାଙ୍କୁ ତଣ୍ଟି ଚିପି ହତ୍ୟା କରିଛନ୍ତି । ହତ୍ୟାକୁ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଇଛି ବୋଲି ସେ ଦର୍ଶାଇଛନ୍ତି ।

ଉଲ୍ଲେଖଯୋଗ୍ୟ, ୨୦୨୧ ଜୁନ୍ ୨୨ରେ ଏହି ସବ୍‌ଜେଲରେ ଏସ.କେ. ହନିଫର ନାମକ ଜଣେ କଏଦୀ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ। ସେହିବର୍ଷ ଜୁଲାଇ ୧୭ରେ ଭଦ୍ରକ ଅଞ୍ଚଳର ସତ୍ୟବ୍ରତ ଖିଲାର ନାମକ ଜଣେ କଏଦୀ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ବାରମ୍ବାର ରଗଡ଼ି ଉପକାରାଗାରରେ ଏହିପରି ଘଟଣା ଘଟୁଥିବା ବେଳେ କଏଦୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଜେଲର ଅନେକ ଅଞ୍ଚଳରେ ସିସିଟିଭି କ୍ୟାମେରା ଲାଗି ନ ଥିବା ଅଭିଯୋଗ ହୋଇଛି। ଏନେଇ ଉପକାରାଗାର ଜେଲର ଅନସୂୟା ଷଡ଼ଙ୍ଗୀଙ୍କୁ ପଚାରିବାରେ ସେ ଖାଦ୍ୟପେୟ ପାଇଁ ନିଜ ରୁମକୁ ଯାଇଥିବା ବେଳେ ଏଭଳି ଘଟଣା ଘଟିଥିବା କହିଛନ୍ତି।

### ଓଡ଼ିଶାରେ ଅଗ୍ନିକାଣ୍ଡ ...

ସେହିପରି ୨୦୨୨ରେ ଓଡ଼ିଶାରେ ୧୨୨୨ଟି ଅଗ୍ନିକାଣ୍ଡ ମଧ୍ୟ ଘଟିଛି, ଯାହାକି ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ସର୍ବାଧିକ। ଦେଶରେ ୭,୫୬୬ ଅଗ୍ନିକାଣ୍ଡ ମାମଲା ରେକର୍ଡ ହୋଇଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା୧,୨୨୬(୧୬.୨%) ରହିଛି। ୨୦୨୨ରେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ୪୪୯ ଦୁର୍ଘଟଣା ଘଟିଥିବାବେଳେ ୪୪୬ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୪୦୩ଜଣ ପୁରୁଷ ଥିବାବେଳେ ୪୩ଜଣ ମହିଳା ଅଛନ୍ତି। ସେହିପରି ବଜ୍ରପାତ, ଅଂଶୁଘାତ, ଅତ୍ୟଧିକ ଥଣ୍ଡା, ପାଣିରେ ବୁଡ଼ି, ବିଷପାନ ଏବଂ ନିଆଁରେ ପୋଡ଼ି ହୋଇ ମୃତ୍ୟୁ ଘଟଣା ଓଡ଼ିଶାରେ ସର୍ବାଧିକ ରେକର୍ଡ କରାଯାଇଛି। ୨୦୨୨ରେ ଏହି ସଂଖ୍ୟା ୨,୪୪୫ ରହିଛି। ୨୦୨୨ରେ ଓଡ଼ିଶାରେ ବଜ୍ରପାତ ଯୋଗୁ ୩୧୬ଜଣଙ୍କ ମୃତ୍ୟୁ ଘଟିଛି, ଯାହାକି ସାରା ଦେଶରେ ତୃତୀୟ ସ୍ଥାନରେ ରହିଛି। ଦୁର୍ଘଟଣାଜନିତ ମୃତ୍ୟୁ ଘଟଣା ମହାରାଷ୍ଟ୍ର ପରେ ଓଡ଼ିଶାରେ ସର୍ବାଧିକ ରହିଛି। ମହାରାଷ୍ଟ୍ରରେ ଏହି ସଂଖ୍ୟା ୪,୨୩୬ ରହିଥିବାବେଳେ ଓଡ଼ିଶାରେ ୨,୩୨୪ ରହିଛି। ସାପକାମୁଡ଼ାରୁ ମୃତ୍ୟୁରେ ମଧ୍ୟ ଓଡ଼ିଶା ୨ୟ ସ୍ଥାନରେ ରହିଛି। ଓଡ଼ିଶାରେ ୧,୦୫୨ଜଣଙ୍କ ସାପକାମୁଡ଼ାରେ ମୃତ୍ୟୁ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୯୩୨ଜଣ ପୁରୁଷ ଏବଂ ୧୨୦ଜଣ ମହିଳା ଅଛନ୍ତି। ସାପକାମୁଡ଼ାଜନିତ ମୃତ୍ୟୁରେ ମଧ୍ୟପ୍ରଦେଶରେ ସର୍ବାଧିକ ୨,୪୮୭ଜଣଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ ପ୍ରକାଶ ପାଇଛି।

### ୧୦୦ ବିଦେଶୀ ..

ପ୍ରବର୍ତ୍ତାଯାଇଥାଏ। ଶିକାର ହୋଇଥିବା ବ୍ୟକ୍ତି ଥରେ ଅଧିକ ପରିମାଣର ଅର୍ଥ ଜମା କଲେ ତାଙ୍କ ଟଙ୍କାକୁ ଫ୍ରିଜ୍ କରି ଦିଆଯାଇଥାଏ। ବ୍ୟକ୍ତି ଜଣକ ଠକେଇର ଶିକାର ହୋଇଥିବା ଜାଣିବା ବେଳକୁ ଆଉ କିଛି ନ ଥାଏ। ଏଭଳି ଠକେଇର ମୁକାବିଲା ଓ ନାଗରିକମାନଙ୍କୁ ସୁରକ୍ଷା ଦେବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଠକମାନେ ବ୍ୟବହାର କରିଥିବା ଫୋନ୍ ନମ୍ବର ତଥା ସୋସିଆଲ ମିଡିଆ ହ୍ୟାଣ୍ଡେଲ୍‌କୁ ନେଇ ତତ୍କାଳ ନ୍ୟାଶନାଲ ସାଇବରକ୍ରାଇମ୍ ରିପୋର୍ଟିଂ ପୋର୍ଟାଲ(ଏନ୍‌ସିଆର୍‌ପି)ରେ ଅଭିଯୋଗ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପରାମର୍ଶ ଦେଇଛି। ମିଳିଥିବା କେତେକ ଅଭିଯୋଗ ଆଧାରରେ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି ମନ୍ତ୍ରଣାଳୟ ସୂଚନା ପ୍ରଯୁକ୍ତି ଆଇନ, ୨୦୦୦ ଅଧୀନ ନିଜ କ୍ଷମତାର ଉପଯୋଗ କରି ସମ୍ପୃକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ବ୍ଲକ୍ କରିଛି।

### ଆଗକୁ ଉଷ୍ମ ...

ଶକ୍ତିଶାଳୀ ଏଲ୍ ନିନୋ ଯୋଗୁ ଉତ୍ତରପଶ୍ଚିମ ପ୍ରଶାନ୍ତ ମହାସାଗରରେ ଅସାଧାରଣ ଆଣ୍ଟିସାଇକ୍ଲୋନ୍ ଗତିବିଧି ଦେଖାଯିବା, ଯାହା ପୂର୍ବ ଏସିଆ ଏବଂ ଉତ୍ତର ଆମେରିକାରେ ଶୀତଦିନିଆ ଜଳବାୟୁକୁ ପ୍ରଭାବିତ କରିବ ବୋଲି ଗବେଷକମାନେ କହିଛନ୍ତି। ଉକ୍ତ ଅଧ୍ୟୟନ ଆଡଭାନ୍ସେସ୍ ଇନ୍ ଆଟ୍‌ମୋସ୍ଫିୟରିକ୍ ସାଇନ୍ସେସ୍ ପତ୍ରିକାରେ ପ୍ରକାଶ ପାଇଛି।

### ୨ ନୂଆ ଗର୍ଭ ନିରୋଧକ ...

ଏହାକୁ ପହଞ୍ଚାଯାଇ ପାରିବ, ତାହା ଏହି ରୋଡ୍‌ମ୍ୟାପରେ ଲକ୍ଷ୍ୟ ରଖାଯାଇଛି ବୋଲି ଡାକ୍ତର ପାଣିଗ୍ରାହୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ନିର୍ଦ୍ଦେଶିକା ଡା. ବୃନ୍ଦା ଡି. ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ, ଅନ୍ୟମାନଙ୍କ ମଧ୍ୟରେ ଭାରତ ଓ ଭୁଟାନରେ ୟୁଏନ୍‌ଏଫ୍‌ପିଏର ପ୍ରତିନିଧି ଆଣ୍ଡ୍ରିଆ ଏମ୍. ୱ୍ଜନର ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବିଶେଷ କିଛି ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ସମସ୍ତ କାମ ଠିକ୍ ଭାବରେ ଚାଲିବ କିନ୍ତୁ ଝିନ୍‌ଝଟ୍ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ସବୁ ସୁବିଧା ଥିଲେ ମଧ୍ୟ ବିଚଳିତ ରହିବା କାରଣରୁ ଅଶାନ୍ତି ଅନୁଭବ କରିବେ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ବୃଷ** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଓ ପ୍ରାଧାନ୍ୟ ଦେଇ ପ୍ରଶଂସିତ ହେବେ। ଉଚ୍ଚ ଚିନ୍ତା କରିବେ, ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଏକାଧିକ କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ସେପରି କିଛି ବିଶେଷ ଅସୁବିଧା ହେବନାହିଁ।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ କୌଶଳରେ କାର୍ଯ୍ୟ ହାସଲ କରିନେବେ। ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିପାରନ୍ତି। ଧୀରସ୍ଥିର ମନ ଦେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ। ସାମାଜିକ ସ୍ତରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**କର୍କଟ** ପ୍ରତ୍ୟେକ ପରିସ୍ଥିତିରେ ଦୃଢ଼ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରିନେବେ। ସାଙ୍ଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ଯେକୌଣସି କାମରେ ହେଉନା କାହିଁକି ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ। ଭଲ କାମ କଲେ ମଧ୍ୟ ଆତ୍ମୀୟଙ୍କ କଟୁ ସମାଲୋଚନାର ପାତ୍ର ହେବେ।

**ସିଂହ** ଆଜି ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିବ। ଗତକାଲିର ଯୋଜନା ଠିକ୍‌ଭାବରେ ବଦଳାଇବା ପାଇଁ କଷ୍ଟକର ହୋଇପାରେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ଆଶଙ୍କା ରହିଛି।

**କନ୍ୟା** ଆଜି ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ଏବଂ ଯଥାସମ୍ଭବ କମ୍ କଥାବାର୍ତ୍ତା କଲେ କଳହରୁ ଦୂରେଇ ରହିବାରେ ସମର୍ଥ ହେବେ। ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ତୁଳା** ପରିବାର ହେଉ କିମ୍ବା କର୍ମକ୍ଷେତ୍ର ହେଉ ଯାହା ଓ ଯେମିତି କଲେ ମଧ୍ୟ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ନିକଟ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଆଜି ଦିନଟି ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଭଲ। ଦାମ୍ପତ୍ୟ ଜୀବନରେ ଅସହିଷ୍ଣୁତା ଅଶାନ୍ତିର କାରଣ ହୋଇପାରେ।

**ବିଛା** ଆଜି ଏକାଧାରରେ ଅର୍ଥ ଓ ସମ୍ମାନ ପାଇବେ, ମାତ୍ର ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣକରି ଉଚ୍ଚ ପ୍ରଶଂସିତ ହେବେ। ଦୀର୍ଘଦିନର ଆଶା ଫଳବତୀ ହେବ ଓ ନୂତନ ସମ୍ପର୍କ ସ୍ଥାପିତ ହୋଇପାରେ। ପରିବାର ସହ ଆଜିର ଭ୍ରମଣ ବେଶ୍ ଆନନ୍ଦଦାୟକ ହେବ।

**ଧନୁ** ଛୋଟ ଛୋଟ କଥାକୁ ଧରିବସିଲେ ନିଜେ ହିଁ ଅସୁବିଧାର ସମ୍ମୁଖୀନ ହେବେ। ଆର୍ଥିକ ଦୁଃସ୍ଥିତି ମାନସିକ ସ୍ତରକୁ ସଂକୁଚିତ କରି ରଖିବ। ସବୁ କାମରେ ପଛୁଆ ହେତୁ ମାନେ ନିଜକୁ ଅପାରଗ ମନେକରିପାରନ୍ତି। ଯେତେ ପାଇଲେ ମଧ୍ୟ ମନରେ ସନ୍ତୋଷ ଆସିବ ନାହିଁ।

**ମକର** ସାମାଜିକସ୍ତରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଚେଷ୍ଟାକଲେ ଉପକୃତ ହେବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**କୁମ୍ଭ** ବିଭିନ୍ନ ପ୍ରକାର ଅସୁବିଧା ଓ ପ୍ରତିବନ୍ଧକ ଭିତରେ ଚଳିବାକୁ ପଡ଼ିବ। ବନ୍ଧୁଙ୍କ ମନରେ ବିଶ୍ୱାସ ହେଲାଭଳି କାମକରି ସଫଳତା ହାସଲ କରିବେ। ଛୋଟକଥାକୁ ବଡ଼ ଆକାରରେ ଚିନ୍ତାକରି ଅସ୍ଥିରତା ଅନୁଭବ କରିପାରନ୍ତି। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**ମୀନ** ଆଜି ଶିଳ୍ପ, ବାଣିଜ୍ୟ, ରାଜନୀତି ଓ କୂଟନୈତିକ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ। କାର୍ଯ୍ୟ କ୍ଷେତ୍ରରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିବ। ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ିଚାଲନ୍ତୁ ଅବଶ୍ୟ ଉପକୃତ ହେବେ।

ଆଜି ମାର୍ଗଶିର କୃଷ୍ଣପକ୍ଷର ଦଶମୀ, ମାଣବସା ଗୁରୁବାର ଦ୍ୱିତୀୟ ପାଳି, ଡିସେମ୍ବର ୭ ତାରିଖ, ରାଶି ନକ୍ଷତ୍ର- ହସ୍ତା/କନ୍ୟା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୨ମି. ଗତେ ଘ.୦୭।୩୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା ।। ଦିବା ଘ.୧୨।୫୯ମି. ଗତେ ଘ.୦୨।୨୦ମି. ମଧ୍ୟେ ରାହୁକାଳ ।।

# ୧୨ ଦିନ ହେଲା ଶିମିଳିପାଳ ବନ୍ଦ

■ ଜିଦ୍‌ରେ ଅଡ଼ି ବସିଛନ୍ତି ଆନ୍ଦୋଳନକାରୀ
■ ଶାନ୍ତି କମିଟି ମାଧ୍ୟମରେ ଆଲୋଚନା ପାଇଁ ପ୍ରଶାସନର ଉଦ୍ୟମ

ବାରିପଦା,୬।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ବସବାସ କରୁଥିବା ବନବାସୀମାନେ ମୌଳିକ ସୁବିଧା ପ୍ରଦାନ ଦାବିରେ ଗତ ୨୫ ତାରିଖରୁ ଆନ୍ଦୋଳନ ଚଳାଇଛନ୍ତି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରହିବ ବୋଲି ସେମାନେ ଜିଦ୍‌ରେ ଅଡ଼ି ବସିଥିବାରୁ ୧୨ଦିନ ହେଲା ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ବନ୍ଦ ରହିଛି। ଜିଲା ପ୍ରଶାସନ ଓ ବନ ବିଭାଗର ଅଧିକାରୀମାନଙ୍କୁ ନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉଭୟ ବିଭାଗ ପକ୍ଷରୁ ଏକ କମିଟି ଗଠନ କରାଯାଇ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଶିମିଳିପାଳ ବିକାଶ ପରିଷଦ ପକ୍ଷରୁ ୫ଦଫା ଦାବି ନେଇ ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ ଜାରି ରହିଛି। ଫଳରେ ପର୍ଯ୍ୟଟକମାନେ ଶିମିଳିପାଳ ବୁଲିବାର ସୁଯୋଗ ପାଇପାରୁ ନାହାନ୍ତି। ଅଭୟାରଣ୍ୟ ମଧ୍ୟରେ ଥିବା ଗୁଡୁଗୁଡ଼ିଆ, ବରେହିପାଣି ଓ ଅସ୍ତକୁମାର ପଞ୍ଚାୟତର ୧୨ରୁ ଊର୍ଦ୍ଧ୍ୱ ଗାଁକୁ ଭଲ ରାସ୍ତା ନ ଥିବାରୁ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପିଇବା ପାଣି, ଜଙ୍ଗଲ ମଧ୍ୟରେ ମୋବାଇଲ ଟାୱାର ସ୍ଥାପନ, ବିସ୍ଥାପିତ ଲୋକଙ୍କୁ ଉପଯୁକ୍ତ ଥଇଥାନ ଓ ଜମିପଟ୍ଟା ପ୍ରଦାନ କରିବାରେ ପ୍ରଶାସନ ବାରମ୍ବାର ଅବହେଳା ପ୍ରଦର୍ଶନ କରିଆସୁଥିବା ବିକାଶ ପରିଷଦ ଅଭିଯୋଗ କରିଛି। ଏହାର ପ୍ରତିବାଦରେ ଲୋକେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଅଭୟାରଣ୍ୟର ଜୋରନ୍ଦା ଛକ, ବରେହିପାଣି, ସାନ ଉଷକି, ମାଟିଘାଟି ଓ କାଳିକାପ୍ରସାଦ ଛକଠାରେ ରାସ୍ତା ଅବରୋଧ କରିଛନ୍ତି। ବାରମ୍ବାର ବନବିଭାଗର ଅଧିକାରୀମାନେ ପହଞ୍ଚି ବୁଝାସୁଝା କରିବା ପରେ ମଧ୍ୟ ପରିସ୍ଥିତି ସ୍ୱାଭାବିକ ହୋଇନାହିଁ। ଜିଲା ପ୍ରଶାସନ ଓ ବନ ବିଭାଗର ମିଳିତ ବୈଠକରେ ଜମିପଟ୍ଟା ପ୍ରଦାନ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଏବଂ ଦେଓ ଜଳସେଚନ ପ୍ରକଳ୍ପ ଯୋଗୁ ବିସ୍ଥାପିତ ଲୋକଙ୍କ ସମସ୍ୟାର ସମାଧାନ କରିବା ଦିଗରେ ଆଲୋଚନା କରାଯାଇଛି। ଅତିରିକ୍ତ ଜିଲାପାଳଙ୍କ ତତ୍ତ୍ୱାବଧାନରେ ଏକ କମିଟି ଗଠନ କରାଯାଇ ଆନ୍ଦୋଳନକାରୀଙ୍କ ସହ ପୋଲିସ, ବନ ବିଭାଗ ଓ ଜିଲା ପ୍ରଶାସନ ଆଲୋଚନା କରିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଖୁବ୍‌ଶୀଘ୍ର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରାଯାଇ ୨/୩ ଦିନ ମଧ୍ୟରେ ସମସ୍ୟା ସମାଧାନ କରାଯିବା ସହିତ ପର୍ଯ୍ୟଟକଙ୍କୁ ଶିମିଳିପାଳ ଦେଖିବାର ସୁଯୋଗ ମିଳିପାରିବ ବୋଲି ଆର୍‌ସିସିଏଫ୍ ଡା. ପ୍ରକାଶ ଚାନ୍ଦ ଗୋଗିନେନି କହିଛନ୍ତି। ସେହିପରି କରଞ୍ଜିଆ ଉପ ଜିଲାପାଳଙ୍କ ନେତୃତ୍ୱରେ ଏକ ଶାନ୍ତି କମିଟି ଗଠନ କରାଯାଇ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଅତିରିକ୍ତ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ(ରାଜସ୍ୱ) କହିଛନ୍ତି।

## କାର୍ଯ୍ୟରେ ଅବହେଳା: ଯଶିପୁର ବିଇଓ ନିଲମ୍ବିତ

ବାରିପଦା,୬।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ): କାର୍ଯ୍ୟରେ ଅବହେଳା ଯୋଗୁ ମୟୂରଭଞ୍ଜ ଜିଲା ଯଶିପୁର ବ୍ଲକ ଶିକ୍ଷାଧିକାରୀ(ବିଇଓ) ମଙ୍ଗଳ ଚରଣ ସିଂଙ୍କୁ ନିଲମ୍ବିତ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ ଚିଠି ନଂ.୨୭୯୮୫/୫।୧୨।୨୩ ଅନୁଯାୟୀ ତାଙ୍କ ବିରୋଧରେ ଏହି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ସହିତ ମୁଖ୍ୟାଳୟ ଛାଡ଼ି ନ ଯିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି।

## ଓଏମ୍‌ସିର ପୂର୍ବତନ ମ୍ୟାନେଜରଙ୍କୁ ୨ ବର୍ଷ ଜେଲଦଣ୍ଡ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

କଟକ, ୬।୧୨ (କାର୍ତ୍ତିକ ସାହୁ)

ଓଡ଼ିଶା ମାଇନିଂ କର୍ପୋରେଶନ (ଓଏମ୍‌ସି) ଅନ୍ତର୍ଗତ ଯାଜପୁର ଜିଲା ସୁକିନ୍ଦା କଲରାହାଙ୍ଗି ମାଇନ୍ସର ଅବସରପ୍ରାପ୍ତ ତଥା ପୂର୍ବତନ ପରିଚାଳକ ରବିନାରାୟଣ ବେହୁରା ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ତାଙ୍କ ବିରୋଧରେ ଥିବା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ବିଚାର କରି କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବୁଧବାର ରାୟ ପ୍ରଦାନ କରିଛନ୍ତି। ଅଦାଲତ ବେହୁରାଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଜେଲଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ରାୟ ପ୍ରକାଶ ପରେ ଓଡ଼ିଶା ଭିଜିଲାନ୍ସ ବେହୁରାଙ୍କ ପେନ୍‌ସନ୍ ବନ୍ଦ କରିବା ପାଇଁ ପ୍ରାଧିକୃତ କର୍ତ୍ତୃପକ୍ଷ(କମ୍ପିଟେଣ୍ଟ ଅଥରିଟି)ଙ୍କ ନିକଟକୁ ଯିବ ବୋଲି ସୂଚନା ମିଳିଛି। କଟକ ଭିଜିଲାନ୍ସ ସେଲ୍‌ର ପୂର୍ବତନ ଡିଏସ୍‌ପି ରମାକାନ୍ତ ସାହୁ ମାମଲାର ତଦନ୍ତ କରି କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲେ। ସ୍ୱତନ୍ତ୍ର ସରକାରୀ ଓକିଲ ବୀରେନ୍ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ବଦଳିଲେ ସିଏମ୍‌ସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

## ୨୦ବର୍ଷ ଧରି ଥିଲେ, ଦୁର୍ନୀତି ଅଭିଯୋଗ ଥିଲା

କଟକ,୬।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ବହୁଦିନର ଦାବି ପରେ କଟକ ମହାନଗର ନିଗମ(ସିଏମ୍‌ସି)ରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବା ଅଧିକାରୀଙ୍କୁ ବୁଧବାର ବଦଳି କରାଯାଇଛି। ସିଏମ୍‌ସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀଙ୍କୁ ସମ୍ବଲପୁର ମ୍ୟୁନିସିପାଲ କର୍ପୋରେଶନକୁ ବଦଳି କରାଯାଇଛି। ଦିବ୍ୟରଞ୍ଜନ ସିଏମ୍‌ସିରେ ପ୍ରାୟ ୨୦ ବର୍ଷ ଧରି କାର୍ଯ୍ୟରତ ଥିଲେ। କାଉନସିଲ୍ ଗଠନ ପରେ ତାଙ୍କ ବଦଳି ନେଇ ଶାସକ ଦଳଠାରୁ ଆରମ୍ଭ କରି ବିରୋଧୀ ଦଳର କର୍ପୋରେଟରମାନେ ଦାବି କରି ଆସୁଥିଲେ। ଏପରି କି ଦିବ୍ୟରଞ୍ଜନଙ୍କ ବିରୋଧରେ କର୍ପୋରେଟରମାନେ ଅନେକ ଦୁର୍ନୀତି ଅଭିଯୋଗ ଆଣି ଧାରଣାରେ ବସିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିକଟରେ କଥା ପହଞ୍ଚିଥିଲା। ଶାସକ ଦଳର କର୍ପୋରେଟରଙ୍କୁ ନେଇ ଗତବର୍ଷ ନେତା ଓ ଅଧିକାରୀଙ୍କ ବୈଠକ ହୋଇଥିଲା। ହେଲେ କିଛି ପଦକ୍ଷେପ ନିଆଯାଇ ନ ଥିଲା। ଶେଷରେ କର୍ପୋରେଟରମାନଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ଗୃହ ଏବଂ ସହରାଞ୍ଚଳ ଉନ୍ନୟନ ବିଭାଗ ପକ୍ଷରୁ ବଦଳି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ସିଏମ୍‌ସିର ଜେଇ ପ୍ରତାପ କୁମାର ସାମଲଙ୍କୁ କେନ୍ଦୁଝର ମ୍ୟୁନିସିପାଲିଟିକୁ ବଦଳି କରାଯାଇଛି। କେନ୍ଦୁଝର ମ୍ୟୁନିସିପାଲିଟିର ଜେଇ ରତନ ହେମ୍ବ୍ରମଙ୍କୁ ସିଏମ୍‌ସିକୁ ବଦଳି କରାଯାଇଛି।




# ସର୍ଭେରେ ଭିତରକନିକା ଷ୍ଟେଶନ ସ୍ଥାନିତ

ବିରଜାକ୍ଷେତ୍ରକୁ ପ୍ରସ୍ତାବିତ ନୂତନ ରେଳପଥ

■ ରାମପୁର, ଶଗଡ଼ି ଷ୍ଟେଶନ ବାଦ୍
■ ପାଣିକୋଇଲି, କୁଆଖିଆ ଯାତ୍ରୀ ରେଳ ସୁବିଧାରୁ ବଞ୍ଚିତ ସମ୍ଭାବନା

ଯାଜପୁର,୬।୧୨ (ହର୍ଷବର୍ଦ୍ଧନ ବେହେରା)


କେନ୍ଦୁଝର ରେଳ ଷ୍ଟେଶନ।

ଗତ ୧ ଦଶନ୍ଧି ଧରି ଦାବି ହୋଇ ଆସୁଥିବା ୯୫.୯୫୦ କି.ମି.ବିଶିଷ୍ଟ ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନଠାରୁ ଧାମରା ବନ୍ଦର ଭାୟା ବିରଜା ମନ୍ଦିର ନୂତନ ରେଳପଥର ପ୍ରାଥମିକ ସର୍ଭେ ପ୍ରସ୍ତାବକୁ ପରିବର୍ତ୍ତନ କରାଯାଇଛି। ଚୂଡ଼ାନ୍ତ ସର୍ଭେରେ ଭଦ୍ରକ ଜିଲା ଆରଡିରୁ ଧାମରାକୁ ଗତିପଥ ବଦଳାଇ ଚାନ୍ଦବାଲି ଓ ଅଭୟାରଣ୍ୟ ଭିତରକନିକା ଦେଇ ରେଳଲାଇନ ବିଛାଯିବ ବୋଲି ସୂଚନା ମିଳିଛି। ଏହି ନିଷ୍ପତ୍ତିକୁ ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ସ୍ୱାଗତ କରାଯାଇଛି।

ସମିତି ପକ୍ଷରୁ ଏକ ପ୍ରେସ୍ ବିବୃତିରେ ଦର୍ଶାଯାଇଛି, ଚାନ୍ଦବାଲି ବ୍ଲକ ଓ ତହସିଲ ସମେତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ରହିଛି। ଏହାବାଦ୍ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଅଭୟାରଣ୍ୟ ଭିତରକନିକା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ। ବର୍ଷର ଅଧିକାଂଶ ସମୟରେ ଲକ୍ଷାଧିକ ପର୍ଯ୍ୟଟକ ଭିତରକନିକା ପରିଦର୍ଶନରେ ଯାଇଥାନ୍ତି। ତେଣୁ ପରିବର୍ତ୍ତିତ ଏହି ରେଳପଥ ଭିତରକନିକାକୁ ପର୍ଯ୍ୟଟନ କ୍ଷେତ୍ରରେ ଆହୁରି ସୁଦୃଢ଼ କରିପାରିବା ବୋଲି ଆଶା ରହିଛି। ମାତ୍ର ପ୍ରାଥମିକ ସର୍ଭେର ପ୍ରସ୍ତାବରେ ରାମପୁର ଶଗଡ଼ି ଷ୍ଟେଶନ ରହିଥିଲା, ତାକୁ ନୂତନ ସର୍ଭେରେ ବାଦ୍ ଦିଆଯାଇଛି। ଏହା ଫଳରେ ଉତ୍ତରରେ ପାଣିକୋଇଲି ଓ ଦକ୍ଷିଣରେ କୁଆଖିଆରୁ ଆସି ଲୋକେ ଟ୍ରେନର ସୁବିଧା ପାଇବାର ସୁଯୋଗ ରହୁନାହିଁ। ଫଳରେ ରେଳବାଇ ଏଥିରୁ ରାଜସ୍ୱ ହରାଇବ ବୋଲି ସମିତି ପକ୍ଷରୁ ଆବାହକ ସନ୍ତୋଷ ଦାସ ଦର୍ଶାଇଛନ୍ତି। ରେଳଯାତ୍ରୀଙ୍କ ଏହି ସମସ୍ୟାର ପ୍ରତିକାର ପାଇଁ ୧୬ନଂ.ଜାତୀୟ ରାଜପଥ ନିକଟ କୌଣସି ଏକ ସ୍ଥାନରେ ଷ୍ଟେଶନ ନିର୍ମାଣ ପ୍ରସ୍ତାବ ଦାବି ହୋଇଛି। ଏହାବାଦ୍ ଚୂଡ଼ାନ୍ତ ସର୍ଭେର ବାକିଥିବା ଅନ୍ୟାନ୍ୟ କାର୍ଯ୍ୟ ତୁରନ୍ତ ଶେଷ କରି ୨୦୨୪-୨୫ ରେଳ ବଜେଟ୍‌ରେ ଏଥିପାଇଁ ଅନ୍ୟୂନ ୫୦୦ କୋଟି ଟଙ୍କା ବ୍ୟୟବରାଦ କରିବାକୁ ସମିତି ପକ୍ଷରୁ ଦାବି କରାଯାଇଛି। ତେବେ ନୂତନ ସର୍ଭେ ଅନୁସାରେ ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନ ରହିଥିବାବେଳେ ଏଠାରୁ ୬ କି.ମି. ଦୂର ଛୋଟରାୟପୁର, ୨୦ କି.ମି. ବାହାବଲପୁର, ୨୭.୭ କି.ମି. ଯାଜପୁର, ୩୫.୫ କି.ମି. ଜଳେଶ୍ୱରପୁର, ୪୨.୫ କି.ମି.ଶ୍ରୀପୁରା, ୫୪.୫ କି.ମି. ମଙ୍ଗଳପୁର, ୬୬.୫ କି.ମି. ଆରଡ଼ି, ୮୦.୫ କି.ମି. ଚାନ୍ଦବାଲି, ୮୮.୫ କି.ମି. ଭିତରକନିକା ଓ ୯୬ କି.ମି. ଦୂର ଧାମରା ଷ୍ଟେଶନଗୁଡ଼ିକ ରହିଛି। ଏହି ରେଳପଥ ନିର୍ମାଣ ହେଲେ ପୂର୍ବତଟ ରେଳବାଇ ବର୍ଷକୁ ୩୧.୧୫ ପ୍ରତିଶତ ଅଧିକ ଲାଭବାନ ହେବ ବୋଲି ସୂଚନା ମିଳିଛି। ଏହି ପ୍ରକଳ୍ପରେ ପୂର୍ବରୁ ୮ ଷ୍ଟେଶନ ରହିଥିଲାବେଳେ ଏବେ ତାହା ୧୧କୁ ବୃଦ୍ଧି ପାଇଛି। ଦୀର୍ଘ ବର୍ଷ ହେଲା ଏହି ପ୍ରକଳ୍ପ ସର୍ଭେରେ ସୀମିତ ରହିଛି। ନିର୍ବାଚନ ସମୟ ଆସିଲେ ରେଳ ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଉଥିବାବେଳେ ପରବର୍ତ୍ତୀ ସମୟରେ ପୁଣି ଧିମେଇ ଯାଉଥିବା ମତ ପ୍ରକାଶ ପାଇଛି।

# ଘରେ ପଶି ମହିଳାଙ୍କୁ ଗୁଳି

ନୀଳଗିରି, ୬।୧୨ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମପୁର ଥାନା ଅଧୀନ ରାଇପାଳ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କୁ ଗୁଳିମାଡ଼ କରାଯାଇଛି। ସମସ୍ତେ ଘରେ ଶୋଇଥିବା ବେଳେ ୨ ଜଣ ଅଜ୍ଞାତ ବ୍ୟକ୍ତି ମହିଳାଙ୍କ ଘରେ ପଶି ୩ ରାଉଣ୍ଡ ଗୁଳି ଚଳାଇ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ମହିଳାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଗୁଳିମାଡ଼ର କାରଣ ଜଣାପଡ଼ିନାହିଁ।

ସମ୍ପୃକ୍ତ ମହିଳା ହେଲେ ରସିକ ମୁର୍ମୁଙ୍କ ସ୍ତ୍ରୀ ଲକ୍ଷ୍ମୀ(୫୦)। ଗୁଳି ଶବ୍ଦ ଶୁଣି ପରିବାର ଲୋକେ ଉଠିଲା ବେଳକୁ ଅନ୍ଧାର ସୁଯୋଗ ନେଇ ୨ ଦୁର୍ବୃତ୍ତ ଦୌଡ଼ି ପଳାଇଥିଲେ। ଗୁରୁତର ମହିଳାଙ୍କୁ ପରିବାର ଲୋକେ ପ୍ରଥମେ ନୀଳଗିରି ଓ ପରେ କଟକ ମେଡିକାଲ ସ୍ଥାନାନ୍ତର କରିଥିଲେ। ମହିଳାଙ୍କ ଅଣ୍ଟା, ପେଟ ଓ ହାତରେ ଗୁଳି ବାଜିଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ରହିଛି। ଏନେଇ ବରହମପୁର ଥାନାରେ ପରିବାର ଲୋକେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଶୋଇବା ଘରେ ମହିଳାଙ୍କୁ ହତ୍ୟା

ବାରଙ୍ଗ,୬।୧୨(ଲିଙ୍ଗରାଜ ରାଉତ)

ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ଜବତ

ବାରଙ୍ଗ ଥାନା ଅଧୀନ ମଧୁପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ୬୦ବର୍ଷୀୟାଙ୍କୁ ତାଙ୍କ ଶୋଇବା ଘରେ ବୀଭତ୍ସ ହତ୍ୟା କରାଯାଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କ ମୃତଦେହ ଖଟ ଉପରେ ପଡ଼ିଥିବାବେଳେ ବୁଧବାର ପୋଲିସ ସାଇଣ୍ଟିଫିକ୍ ଟିମ ସନ୍ଧାନୀ କୁକୁର ସହ ତଦନ୍ତ ଆରମ୍ଭ କରିଛି। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ଅନ୍ୟପଟେ କାର୍ତ୍ତିକେଶ୍ୱର ଭସାଣିରେ ପ୍ରଥମ କରି ମଧୁପୁର ଗ୍ରାମର ମେଢ ସାମିଲ ହେଉଥିବାରୁ ସକାଳୁ ସକାଳୁ ଏହି ଘଟଣା ଜଣାପଡ଼ିବା ପରେ ଗ୍ରାମରେ ଶୋକର ବାତାବରଣ ଖେଳିଯାଇଛି।

ପ୍ରକାଶ ଯେ, ମଧୁପୁର ଗ୍ରାମର ଚତୁର୍ଭୁଜ ସାହୁଙ୍କ ସ୍ତ୍ରୀ ସୁଚିତ୍ରା ସବୁଦିନ ଭଳି ମଙ୍ଗଳବାର ରାତିରେ ତାଙ୍କ ରୁମକୁ ଶୋଇବାକୁ ଯାଇଥିଲେ। ପୁଅ ସରୋଜ ଅଷ୍ଟମୀ ପାଇଁ ଭଉଣୀ ଘର ବ୍ରହ୍ମପୁରକୁ ଯାଇ ଫେରି ନ ଥିଲେ। ବୋହୂ ଏକୁଟିଆ ଥିବାରୁ ସୁଚିତ୍ରା ତାଙ୍କୁ ପାଖରେ ଶୋଇବାକୁ ଡାକିଥିଲେ। ଉଭୟ ଶୋଇଥିବାବେଳେ ଶାଶୁ ଘୁଙ୍ଗୁଡ଼ି ମାରୁଥିବାରୁ ବୋହୂ ସେଠାରୁ ନିଜ ରୁମ୍‌କୁ ଯାଇ ଏକା ଶୋଇଥିଲେ। ଶାଶୁ ରକ୍ତାକ୍ତ ଅବସ୍ଥାରେ ଶୋଇବା ଘରେ ମରି ପଡ଼ିଥିବା ସକାଳେ ବୋହୂ ଦେଖିବା ପରେ ଅନ୍ୟ ଏକ ଘରେ ଶୋଇଥିବା ଶ୍ୱଶୁରଙ୍କୁ ଜଣାଇଥିଲେ। ମା'ଙ୍କୁ ହତ୍ୟା କରାଯାଇଥିବା ନେଇ ସରୋଜ ତାଙ୍କ ମାମୁ ଦାରୁଠେଙ୍ଗ ଗ୍ରାମର ହୃଷୀକେଶ ଶ୍ରୀଚନ୍ଦନଙ୍କୁ ଜଣାଇବା ପରେ ସେ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଆକାଶଚନ୍ଦ୍ର ରଣା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତା ସୁଚିତ୍ରା ଶୋଇବା ଘର ଖଟ ଉପରେ ମୁକୁଳା କେଶ ସହ ରକ୍ତାକ୍ତ ଅବସ୍ଥାରେ ମୁହଁ ମାଡ଼ି ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବାବେଳେ ହାତ ଓ ଅନ୍ୟ ସ୍ଥାନରେ ସାମାନ୍ୟ ଆଘାତ ଚିହ୍ନ ରହିଛି। କାନ୍ଥରେ ରକ୍ତଛିଟା, ଚଟାଣରେ ରକ୍ତର ପାଦଚିହ୍ନ ଓ ଖଟ ଉପରେ ଦୁଇ ହାତରେ ଲଗାଇଥିବା କାଚ ଭାଙ୍ଗି ପଡ଼ିଥିବା ସହ ଷଠୀ ଘରର କବାଟ ମଧ୍ୟ ଖୋଲାଥିବା ପୋଲିସ ଦେଖିବାକୁ ପାଇଥିଲା। ତେବେ କିଏ ଓ କ'ଣ ପାଇଁ ସୁଚିତ୍ରାଙ୍କୁ ଏପରି ନିର୍ମମ ଭାବରେ ହତ୍ୟା କରିଛି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଦାଦନ ଖଟି ଫେରୁଥିଲେ, ବାଟରେ ଜୀବନ ଗଲା

ମୃତଦେହ ଆଣିବାକୁ ଜିଲା ପ୍ରଶାସନକୁ ଗୁହାରି


ସୁରେଶ ଲାରଙ୍ଗ

ସୁନ୍ଦରଗଡ଼,୬।୧୨ (ଜୟ ନାରାୟଣ ମେଣ୍ଡୁଲି)

ଗୋଆ କାମ କରିବାକୁ ଯାଇ ଘରକୁ ଫେରୁଥିବା ବେଳେ ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକ କୁକୁରୀଡିହି ଗ୍ରାମର ଜଣେ ଶ୍ରମିକଙ୍କ ମଙ୍ଗଳବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ସୁରେଶ ଲାରଙ୍ଗ(୪୨)। ଏ ନେଇ ବିଜୟୱାଡା ଗୁଣ୍ଟୁର ରେଲୱେ ପୋଲିସ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ସୁରେଶଙ୍କ ପରିବାର କହିଲେ ସ୍ତ୍ରୀ କୁମୁଦିନୀ, ୨ଝିଅ ଓ ୪ପୁଅ। ସୁରେଶ ୬ମାସ ହେଲା ଗୋଆକୁ ଦାଦନ ଖଟିବାକୁ ଯାଇଥିଲେ। ମଙ୍ଗଳବାର ଭୋର ୪ଟା ବେଳେ ସେ ଟ୍ରେନ ଚଢ଼ିବା ପୂର୍ବରୁ ସ୍ତ୍ରୀ କୁମୁଦିନୀଙ୍କୁ ଫୋନ କରି ଗାଁକୁ ଫେରୁଥିବା କଥା କହିଥିଲେ। ଅପରାହ୍ଣ ପ୍ରାୟ ୧ଟା ବେଳେ କୁମୁଦିନୀ ସୁରେଶଙ୍କୁ ଫୋନରେ ଯୋଗାଯୋଗ କଲାବେଳେ ଗୁଣ୍ଟୁର ରେଲୱେ ପୋଲିସ ଫୋନ ଉଠାଇ ସୁରେଶଙ୍କ ମୃତଦେହ ରେଳ ଲାଇନରେ ପଡ଼ିଥିବା ଏବଂ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି କହିଥିଲେ। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଅସହାୟ ହୋଇପଡ଼ିଛନ୍ତି କୁମୁଦିନୀ। ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସୁରେଶଙ୍କ ମୃତଦେହ ଗାଁକୁ ଫେରାଇ ଆଣିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ଗ୍ରାମବାସୀଙ୍କ ସହାୟତାରେ କୁମୁଦିନୀ ପ୍ରଥମେ କିଞ୍ଜିରିକେଲା ଥାନା ପୋଲିସକୁ ଜଣାଇବା ପରେ ବୁଧବାର ଜିଲାପାଳଙ୍କୁ ଗୁହାରି କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶ୍ରମ ବିଭାଗ ପକ୍ଷରୁ ସୁରେଶଙ୍କ ମୃତଦେହ ଗାଁକୁ ଅଣାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି।






ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତ ଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। -ଶ୍ରୀମା



# କ୍ଷତିକାରକ ନିବେଶକ



ଜୟତି ଘୋଷ

ଏକ ସାର୍ବଭୌମ ରାଷ୍ଟ୍ରରେ ଗୋଟିଏ ଘରୋଇ କମ୍ପାନୀ ତାହାର ଅଧିକାର କ୍ଷେତ୍ରକୁ ପ୍ରଭାବଶାଳୀ ରୂପରେ ଗଢ଼ିବା ଏବଂ ତାହାକୁ ନିୟନ୍ତ୍ରଣରେ ରଖିବା କଥା କଳ୍ପନା କରନ୍ତୁ। ଏଭଳି କମ୍ପାନୀ ନିଜସ୍ୱ ମୁଦ୍ରା ପ୍ରବର୍ତ୍ତନ କରେ, ଆଇନ ପ୍ରଣୟନ କରେ ଏବଂ କୋର୍ଟ, କାରାଗାର, ପୋଲିସ ଫୋର୍ସ ଏବଂ ଏପରିକି ଗୁପ୍ତଚର ସେବା ପ୍ରତିଷ୍ଠା କରେ। ଜାତୀୟ ନିୟମ ସହ ସୁସଙ୍ଗତି ନ ରଖି ନିଜସ୍ୱ ଟିକସ, ଶ୍ରମ ଏବଂ ପରିବେଶ ନିୟମାବଳୀ ପ୍ରସ୍ତୁତ କରେ। ଏହି କମ୍ପାନୀ ବିଟ୍ କଏନକୁ ଏହାର ମୁଦ୍ରା ଭାବେ ଗ୍ରହଣ କରିବା ସହ ସରକାରୀ ସେବାକୁ ଘରୋଇକରଣ କରିବାର ଯୋଜନା ଘୋଷଣାକରେ। ଏହା ପ୍ରଚଳିତ ନ୍ୟାୟିକ ବ୍ୟବସ୍ଥା ବଦଳରେ ଏକ ଆର୍ବିଟ୍ରେଶନ ସେଣ୍ଟର ପ୍ରତିଷ୍ଠା କରିଥାଏ। ଏହା ବ୍ୟତୀତ ଏକ ଚୁକ୍ତି ସମ୍ବଳିତ ଦେୟ-ଆଧାରିତ ନାଗରିକତ୍ୱ ମଡେଲ ମଧ୍ୟ ଉପସ୍ଥାପନ କରେ। ପରିଶେଷରେ, ଗଣତାନ୍ତ୍ରିକ ଉପାୟରେ ଦେଶର ନିର୍ବାଚିତ ସରକାର ଏଭଳି ନିରର୍ଥକ ପଦ୍ଧତିକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣକରିବା ସହ ଏହି ଅଧିକାର କ୍ଷେତ୍ରରେ ଜାତୀୟ ଆଇନ ସମାନ ଭାବରେ ପ୍ରଯୁଜ୍ୟ ବୋଲି ନିଶ୍ଚିତ କରିଛି। କିନ୍ତୁ ଏହା ମାନିବା ପରିବର୍ତ୍ତେ କମ୍ପାନୀ ଏହାର ଆନୁମାନିକ ଆର୍ଥିକ କ୍ଷତି ଦର୍ଶାଇ ସରକାରଠାରୁ ବହୁ କୋଟି ଟଙ୍କା ପାଇବା ଲାଗି ମକଦ୍ଦମା ଦାୟର କରିଛି।

ଏହି କଥା ହୋଣ୍ଡୁରାସ୍‌ରେ ଘଟୁଛି। ବିଭିନ୍ନ ଘରୋଇ ନିଗମ ଦ୍ୱାରା ଦାଖଲ ହୋଇଥିବା ୭ଟି ଅନ୍ତର୍ଜାତୀୟ ଇଣ୍ଟରନ୍ୟାଶନାଲ ଇନ୍‌ଭେଷ୍ଟର- ଷ୍ଟେଟ୍ ଡିସ୍‌ପ୍ୟୁଟ ସେଟେଲମେଣ୍ଟ (ଆଇଏସ୍‌ଡିଏସ୍) ଦାବି (ଯାହା ବିଦେଶୀ ନିବେଶକମାନଙ୍କୁ ସେମାନଙ୍କ ବ୍ୟବସାୟ ଉପରେ ପ୍ରଭାବ ପକାଉଥିବା ନୀତି ପରିବର୍ତ୍ତନ ପାଇଁ କ୍ଷତିପୂରଣ ମାଗିବାକୁ ସୁଯୋଗ ଦେଇଥାଏ) ର ଜଟିଳ ସ୍ଥିତିକୁ ହୋଣ୍ଡୁରାସ୍ ସରକାର ସାମ୍ନା କରୁଛନ୍ତି। ଡେଲାୱେରରେ ଅବସ୍ଥିତ ଆମେରିକୀୟ କମ୍ପାନୀ ପ୍ରୋସପେରା ୧୦.୭ ବିଲିୟନ ଡଲାର ଦାବିକରି ମକଦ୍ଦମା ଦାୟର କରିଛି, ଯାହାକି ୨୦୨୩ ପାଇଁ ସରକାରଙ୍କ ଧାର୍ଯ୍ୟ ବଜେଟର ଦୁଇ ତୃତୀୟାଂଶ। ୨୦୦୯ରେ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ହୋଣ୍ଡୁରାସ୍‌ର ରାଷ୍ଟ୍ରପତି ମାନୁଏଲ ଜେଲାୟାଙ୍କୁ ବହିଷ୍କାରକରି ସେନା ଶାସନ ଦଖଲ କରିବାପରଠାରୁ ଏହି କାହାଣୀ ଆରମ୍ଭ ହୋଇଥିଲା। ସେନାର ନୂତନ ସରକାର ଉପର ବର୍ଣ୍ଣିତ ବୈଶିଷ୍ଟ୍ୟଗୁଡ଼ିକ ଥିବା ସ୍ୱତନ୍ତ୍ର ବିକାଶ ଅଞ୍ଚଳ ଗଠନ ପାଇଁ ଏକ ଆଇନ ପ୍ରଣୟନ କଲେ। ୨୦୧୨ରେ ହୋଣ୍ଡୁରାସ୍‌ର ସାର୍ବଭୌମତ୍ୱ ଉପରେ ଖୋଲା ଉଲ୍ଲଂଘନ ହେତୁ ହୋଣ୍ଡୁରାସ୍‌ର ସର୍ବୋଚ୍ଚ ନ୍ୟାୟାଳୟ ଏହି ଆଇନକୁ ଖଣ୍ଡନ କରିଥିଲେ। ଏହାର ଜବାବରେ ଜାତୀୟ କଂଗ୍ରେସ ଅନେକ ବିଚାରପତିଙ୍କ ଉପରେ ଅଙ୍କୁଶ ଲଗାଇ ସେମାନଙ୍କ ସ୍ଥାନରେ ଅନୁକୂଳ ହେଉଥିବା ବିଚାରପତିଙ୍କୁ ଅବସ୍ଥାପିତ କରିଥିଲା। ଫଳରେ ୨୦୧୩ ରେ ଜୋନ୍ ଫର୍ ଏମ୍ପ୍ଲୟମେଣ୍ଟ ଆଣ୍ଡ୍ ଇକୋନୋମିକ ଡେଭଲପ୍‌ମେଣ୍ଟ (ଜେଡ୍‌ଇଡିଇ) ବା ରୋଜଗାର ଏବଂ ଅର୍ଥନୈତିକ ବିକାଶ ଆଇନ ପ୍ରଣୟନ ପାଇଁ ମଞ୍ଚ ସ୍ଥିର କରିପାରିଥିଲା।

ଏବେ ହୋଣ୍ଡୁରାସ୍‌ରେ ୩ଟି ଜେଡ୍‌ଇଡିଇ ଅଛି। ସେଗୁଡ଼ିକ ହେଲା ପ୍ରୋସପେରା, ଓର୍କିଡେ ଏବଂ ସିଉଡାଡ୍ ମୋରାଜାନ। ଏହି ସଂସ୍ଥାଗୁଡ଼ିକ ପିଟର ଥାଇଲ ଏବଂ ମାର୍କ ଆଣ୍ଡ୍ରେସେନଙ୍କ ଭଳି ବିଲିୟନେୟାର ନିବେଶକଙ୍କ ଦ୍ୱାରା ଚାଲିଛି। ଏମାନେ ଦୀର୍ଘଦିନ ଧରି ମୌଳିକ ଗଣତାନ୍ତ୍ରିକ ନିୟମକୁ ଖଣ୍ଡନ କରୁଥିବା କ୍ରିପ୍ଟୋ-ଆଧାରିତ କମ୍ ଟିକସର ସ୍ୱପ୍ନ ଦେଖିଥିଲେ। ଅସୀମିତ ବିସ୍ତାର ପାଇଁ ଅନୁମତି ଦେଉଥିବା ଆଇନ ସ୍ଥାନୀୟ ବାସିନ୍ଦାଙ୍କ ଭୂମି ଅଧିଗ୍ରହଣ କରିବାକୁ କମ୍ପାନୀକୁ ସୁଯୋଗ ଦେଇଛି। ପ୍ରୋସପେରା ଜେଡିଇରେ କମ୍ପାନୀ ମାଲିକଙ୍କ ଦ୍ୱାରା ୪୪% ଗଭର୍ଣ୍ଣିଂ ଅଥରିଟି ସଦସ୍ୟଙ୍କୁ ସିଧାସଳଖ ନିଯୁକ୍ତ କରାଯାଇଛି। ଅତିରିକ୍ତ ୨୨% ଜମି ମାଲିକଙ୍କ ଦ୍ୱାରା ନିର୍ବାଚିତ ହୋଇଛନ୍ତି, ଯେଉଁମାନଙ୍କ ଭୋଟର ମୂଲ୍ୟ ସେମାନଙ୍କ ଜମିର ଆକାର ସହ ସମାନୁପାତିକ। ଏହିସବୁ ପଦକ୍ଷେପ ଉଭୟ ହୋଣ୍ଡୁରାସ୍ ଏବଂ ସମଗ୍ର ବିଶ୍ୱରେ ବ୍ୟାପକ ଜନ ଅସନ୍ତୋଷ ସୃଷ୍ଟି କରିଥିଲା। ରାଷ୍ଟ୍ରପତି ଜିଓମାରା କାଷ୍ଟ୍ରୋଙ୍କ ନେତୃତ୍ୱରେ ବାମପନ୍ଥୀ ଲିବ୍ରେ ପାର୍ଟି ୨୦୨୧ ନିର୍ବାଚନରେ ଜିତିବା ପରେ ନୂତନ ପ୍ରଶାସନ ଜେଡ୍‌ଇଡିଇ ଆଇନକୁ ରଦ୍ଦ କରିବା ପାଇଁ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ଶୀଘ୍ର ପୂରଣ କରିଥିଲା। ଏହାକୁ ହୋଣ୍ଡୁରାସ୍‌ର ନାଗରିକମାନେ ସମର୍ଥନ କରିଥିଲେ। ପ୍ରୋସପେରା ପଛକୁ ହଟଲା, କିନ୍ତୁ ତାହା ଦାବି କରିଛି ଯେ, ପୂର୍ବ ସରକାରଙ୍କ ସହ ହୋଇଥିବା ଚୁକ୍ତିନାମା ୫୦ ବର୍ଷର ଆଇନଗତ ସ୍ଥିରତା ନିଶ୍ଚିତ କରିଛି, ନିବେଶକଙ୍କ ଅଧିକାର ଏବଂ ସୁବିଧା ସ୍ୱୀକାର କରିଛି। ଡୋମିନିକାନ ରିପବ୍ଲିକ-ସେଣ୍ଟ୍ରାଲ ଆମେରିକା ଫ୍ରି ଟ୍ରେଡ୍ ଏଗ୍ରିମେଣ୍ଟ ଏବଂ ଆମେରିକା-ହୋଣ୍ଡୁରାସ୍ ଦ୍ୱିପାକ୍ଷିକ ବିନିଯୋଗ ଚୁକ୍ତି ଦ୍ୱାରା ସ୍ଥିରୀକୃତ ଅନ୍ତର୍ଜାତୀୟ ନିବେଶ ଆଇନ ଅନୁଯାୟୀ ସୁରକ୍ଷାକୁ ଏହା ସାମିଲ କରିଛି। ଏବେ ପ୍ରୋସପେରା କମ୍ପାନୀ ଜାତୀୟ ନିୟମ କାର୍ଯ୍ୟକାରୀ କରିବାକୁ ହୋଣ୍ଡୁରାସ୍ ସରକାରଙ୍କଠାରୁ କ୍ଷତିପୂରଣ ଚାହୁଁଛି।




ବିଶେଷକରି ସ୍ୱଳ୍ପ ଏବଂ ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ସରକାର ସବୁ ଆଇଏସ୍‌ଡିଏସ୍ ପ୍ରକ୍ରିୟା ପ୍ରତି ସାବଧାନ ରୁହନ୍ତି। ପ୍ରଥମରୁ ଜାତୀୟକରଣ ମାଧ୍ୟମରେ ଘରୋଇ ସମ୍ପତ୍ତି ଜବରଦଖଲ କିମ୍ବା ବେଦଖଲକୁ ରୋକିବା ପାଇଁ ଆଇଏସ୍‌ଡିଏସ୍ ଉଦ୍ଦିଷ୍ଟ ଥିଲା। କିନ୍ତୁ ଘରୋଇ ସମ୍ପତ୍ତି ଜବରଦଖଲ ଏତେ ବଢ଼ିଯାଇଛି ଯେ ଏହା ବର୍ତ୍ତମାନ ଯେକୌଣସି ନୂଆ ନିୟମାବଳୀ ଏବଂ ଟିକସ ଅନ୍ତର୍ଭୁକ୍ତ କରିପାରେ। ନିବେଶକମାନଙ୍କ ବିଶ୍ୱାସ ଯେ, ଏହା ସେମାନଙ୍କର ଲାଭ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ।

ସାଧାରଣତଃ ଯେତେବେଳେ ବିବାଦ ଦେଖାଦିଏ ସେତେବେଳେ ସେଗୁଡ଼ିକୁ ଅନ୍ତର୍ଜାତୀୟ ଆର୍ବିଟ୍ରେଶନ ଟ୍ରିବ୍ୟୁନାଲ ମାଧ୍ୟମରେ ସମାଧାନ କରାଯାଏ। ବର୍ତ୍ତମାନ ଗୋଟିଏ ସରକାରୀ ଟ୍ରିବ୍ୟୁନାଲ ସମେତ ଅନେକ ଟ୍ରିବ୍ୟୁନାଲ ଅଛି। ବିଶ୍ୱ ବ୍ୟାଙ୍କର ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ଇନ୍‌ଭେଷ୍ଟମେଣ୍ଟ ଡିସ୍‌ପ୍ୟୁଟ (ଆଇସିଏସ୍‌ଆଇଡି) ଏବଂ ମିଳିତ ଜାତିସଂଘର ଅନ୍ତର୍ଜାତୀୟ ବାଣିଜ୍ୟ ଆଇନ ଆୟୋଗ ଏବଂ ଲଣ୍ଡନ କୋର୍ଟ ଅଫ୍ ଇଣ୍ଟରନ୍ୟାଶନାଲ ଆର୍ବିଟ୍ରେଶନ ଓ ସିଙ୍ଗାପୁର ଇଣ୍ଟରନ୍ୟାଶନାଲ ଆର୍ବିଟ୍ରେଶନ ସେଣ୍ଟର ଭଳି ଘରୋଇ ସଂସ୍ଥା ରହିଛି। କିନ୍ତୁ ଏହି ଟ୍ରିବ୍ୟୁନାଲଗୁଡ଼ିକ ନିବେଶକଙ୍କୁ ଅତ୍ୟଧିକ ସମର୍ଥନ କରନ୍ତି। ଅନ୍ୟପକ୍ଷରେ ଆର୍ବିଟ୍ରେଟରମାନେ ସରକାରଙ୍କୁ ବିପୁଳ କ୍ଷତିପୂରଣ ଦେବାକୁ ବାଧ୍ୟ କରିପାରିବେ। ଏପରିକି ନିଷ୍ପତ୍ତି ଉପରେ ଅପିଲ କରିବାକୁ କୌଣସି ଆଇନଗତ ବାଟ ରଖନ୍ତି ନାହିଁ। ଅଧିକନ୍ତୁ, ଏହି ପଦ୍ଧତି କର୍ପୋରେଟରମାନଙ୍କୁ ଦେଶ ବିରୋଧରେ ଆର୍ଥିକ ଦାବି କରିବାକୁ ଅନୁମତି ଦେବା ପାଇଁ ଗଠନ କରାଯାଇଥିବାବେଳେ ସରକାରଙ୍କୁ ଘରୋଇ କମ୍ପାନୀଗୁଡ଼ିକ ବିରୋଧରେ ମକଦ୍ଦମା ଦାୟର କରିବାର ବାଟ ରଖିନାହିଁ। ଏହା ସ୍ପଷ୍ଟ ଭାବେ ଏକ ପକ୍ଷପାତିତା ଯେଉଁଥିପାଇଁ କେତେକ ବିକାଶଶୀଳ ଦେଶକୁ ଆଇସିଏସ୍‌ଆଇଡିରୁ ଓହରିଯିବାକୁ ପଡୁଛି।

ଆଇସିଏସ୍‌ଆଇଡି ପ୍ରତିଷ୍ଠା କରିବାରେ ଆମେରିକା ପ୍ରମୁଖ ଭୂମିକା ନେଇଛି। ୨୦୨୦ରେ ସେତେବେଳର ରାଷ୍ଟ୍ରପତି ପ୍ରାର୍ଥୀ ଜୋ ବାଇଡେନ ଆଇଏସ୍‌ଡିଏସ୍‌କୁ ଦୃଢ ସମାଲୋଚନା କରି ଲେଖିଥିଲେ, 'ମୁଁ ବିଶ୍ୱାସ କରେ ନାହିଁ ଯେ କର୍ପୋରେଟରମାନେ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ପାଇବା ଉଚିତ ଯାହା ଅନ୍ୟ ସଂଗଠନ ପାଇଁ ଉପଲବ୍ଧ ନୁହେଁ'। ବାଇଡେନ କହିଥିଲେ, ଆଇଏସ୍‌ଡିଏସ୍ ପ୍ରକ୍ରିୟା ମାଧ୍ୟମରେ ସେ ବେସରକାରୀ ନିଗମର ଶ୍ରମ, ସ୍ୱାସ୍ଥ୍ୟ ଏବଂ ପରିବେଶ ନୀତି ଉପରେ ଆକ୍ରମଣ କରିବାର କ୍ଷମତା ଏବଂ ଭବିଷ୍ୟତରେ ବାଣିଜ୍ୟ ଚୁକ୍ତିରେ ଏହିପରି ବ୍ୟବସ୍ଥା ଅନ୍ତର୍ଭୁକ୍ତ କରିବାକୁ ବିରୋଧ କରିଥିଲେ। ସେହି ଦିନଠାରୁ ବାଇଡେନ୍ ଭବିଷ୍ୟତର ବାଣିଜ୍ୟ ଚୁକ୍ତିରୁ ଆଇଏସ୍‌ଡିଏସ୍ ଧାରାକୁ ବାଦ୍ ଦେବାକୁ ଦେଇଥିବା ପ୍ରତିଶ୍ରୁତିକୁ ଦୋହରାଉଛନ୍ତି। ତଥାପି ସେଗୁଡ଼ିକ ଏବକାର ଚୁକ୍ତି ପାଇଁ ପ୍ରଯୁଜ୍ୟ ଯେଉଁଥିରୁ ଗୋଟିଏ ହୋଣ୍ଡୁରାସ୍‌କୁ ପ୍ରଭାବିତ କରୁଛି।

ମେ ମାସରେ ସିନେଟର ଏଲିଜାବେଥ୍ ୱାରେନ ଏବଂ ପ୍ରତିନିଧି ଓଲିଉଡ୍ ଡଗେଜେଟଙ୍କ ନେତୃତ୍ୱରେ କଂଗ୍ରେସର ୩୩ ରୁ ଅଧିକ ସଦସ୍ୟ ଆମେରିକାର ବାଣିଜ୍ୟ ପ୍ରତିନିଧି କ୍ୟାଥରିନ ତାଇ ଏବଂ ବୈଦେଶିକ ସଚିବ ଆଣ୍ଟୋନି ବ୍ଲିଙ୍କେନଙ୍କୁ ଆଇଏସ୍‌ଡିଏସ୍ ମାମଲାରେ ହୋଣ୍ଡୁରାସ୍‌କୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ବାଇଡେନ୍ ପ୍ରଶାସନ ଏହି ଘୃଣିତ ପ୍ରକ୍ରିୟାକୁ ଆମେରିକାର କୋର୍ଟରେ ଉପସ୍ଥାପନ ଲାଗି ଅନୁମତି ଦେଇଛି। ତେବେ ହୋଣ୍ଡୁରାସ୍ ଆଇଏସ୍‌ଡିଏସ୍ ମାମଲା ବାଇଡେନ୍ ପ୍ରଶାସନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ସମୟ। ଆମେରିକା ଯଦି ଏ କ୍ଷେତ୍ରରେ ଦୋହରା ମାନଦଣ୍ଡ ଜାରି ରଖେ ଓ ସ୍ପଷ୍ଟ ମତ ନ ଦିଏ ତେବେ ଏହା ଆମେରିକାର ବୈଶ୍ୱିକ ନେତୃତ୍ୱ ପାଇଁ ଅପୂରଣୀୟ କ୍ଷତି ଘଟାଇବ।

**ପ୍ରାଧ୍ୟାପିକା (ଅର୍ଥନୀତି), ୟୁନିଭର୍ସିଟି ଅଫ୍ ମାସାଚ୍ୟୁସେଟ୍ସ ଆମର୍ହଷ୍ଟ**

# ବାହାଘର



ଡ. ନାରାୟଣ ମହାନ୍ତି

ସେଦିନ ଅଧ୍ୟକ୍ଷ ଭଗବାନ୍ ଦାସ ଓରଫ ଦାସେଙ୍କ ମନ ଭାରି ଖୁସି ଥିଲା। କାରଣ ଏକକାଳୀନ ୧୫ ଜଣ ଅଧ୍ୟାପକ ଅଧ୍ୟାପିକା ସେଦିନ ତାଙ୍କ କଲେଜରେ ଯୋଗଦାନ କରିଥିଲେ। ଏମାନେ ସମସ୍ତେ ଲୋକସେବା ଆୟୋଗ ଦ୍ୱାରା ମନୋନୀତ ହୋଇ ନୂତନ ନିଯୁକ୍ତି ପାଇଥିଲେ। ପୂର୍ବରୁ ଅଧ୍ୟାପକ ଅଭାବ ଯୋଗୁ କଲେଜ ପରିଚାଳନାରେ ଅଧ୍ୟକ୍ଷ ଦାସେ ଖୁବ୍ ହିନସ୍ତା ହେଉଥିଲେ।

ନୂଆକରିଯୋଗଦେଇଥିବା ଯୁବବର୍ଗଙ୍କ ମଧ୍ୟରେ ପଦାର୍ଥ ବିଜ୍ଞାନ ଅଧ୍ୟାପିକା ସୋନାଲି ସୋନାଲିସା ପ୍ରାୟ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଥିଲେ। କାରଣ ସେ ରୂପବତୀ ଥିଲେ; ତାଙ୍କର ଯୌବନ ଥିଲା। ସେ ଉଚ୍ଚକୁଳରେ ଜାତ ହୋଇଥିଲେ। ସର୍ବୋପରି ତାଙ୍କଠାରେ ବିଦ୍ୟାବୁଦ୍ଧି ଭରି ରହିଥିଲା। ତାଙ୍କର ପିତା ଦାସେଙ୍କର ପୂର୍ବ ପରିଚିତ ଥିଲେ।

ପ୍ରାୟ ତିନିମାସ ପରେ ଦିନେ ଅପରାହ୍ଣରେ ନବନିଯୁକ୍ତ ଅଧ୍ୟାପକ ଡ.ବିଜୟ ନାଥ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ପହଞ୍ଚିଲେ। 'ସାର୍, ମୁଁ ଏକ ସମ୍ପୂର୍ଣ୍ଣ ବ୍ୟକ୍ତିଗତ କଥା କହିବାକୁ ଆସିଛି,' ସେ ନୀରବ ରହିଲେ। ତାଙ୍କ ପାଟିରୁ ଆଉ କଥା ସ୍ଫୁରିଲା ନାହିଁ। ଏହା ଲକ୍ଷ୍ୟ କରି ଦାସେ ଅଭୟବାଣୀ ଶୁଣାଇଲେ, 'ଏ କଲେଜ ଏକ ପରିବାର; ଅଧ୍ୟକ୍ଷ ଭାବରେ ମୁଁ ଏହି ପରିବାରର ମୁଖ୍ୟ। ଯାହା କହିବାର ଖୋଲାଖୋଲି କୁହନ୍ତୁ।' ରହିରହି ଡକ୍ଟର ନାଥ ବୋଲିଲେ, 'ମୁଁ ଅଧ୍ୟାପିକା ସୋନାଲିଙ୍କୁ ବିବାହ କରିବାକୁ ଚାହୁଁଛି।' 'ପୁଅଝିଅ ଥିଲେ ବିବାହ ପ୍ରସ୍ତାବ ପଡ଼େ। ଏଥିରେ କିଛି ନୂତନତା ନାହିଁ', କହି ଦାସେ ସୋନାଲିଙ୍କ ବାପାଙ୍କୁ ଫୋନ ଲଗାଇଲେ। ଭଲମନ୍ଦ କଥା ହେଲାପରେ କହିଲେ, 'ମୁଁ ସୋନାଲିର ଏକ ବିବାହ ପ୍ରସ୍ତାବ ପକାଇବାକୁ ଚାହୁଁଛି।' ଉତ୍ତର ଆସିଲା, 'ଝିଅର ବାହାଘର ସମ୍ପର୍କରେ ମୋର କିଛି କହିବାର ନାହିଁ। ସେ ଯେଉଁଠି ହଁ ଭରିବ ମୁଁ ସେଠି ବାହାଘର କରିବି। ତେଣୁ ଆପଣ ତା' ସଙ୍ଗେ କଥା ହୁଅନ୍ତୁ।' ପରଦିନ ଅଧ୍ୟକ୍ଷ ପଦାର୍ଥ ବିଜ୍ଞାନ ବିଭାଗରେ ପହଞ୍ଚି ସୋନାଲିଙ୍କ ଆଗରେ ବିବାହ ପ୍ରସ୍ତାବ ଉତ୍ଥାପନ କଲେ। ସେ କିନ୍ତୁ ସମାନ ପାହ୍ୟାର ବ୍ୟକ୍ତିଙ୍କୁ ବିବାହ କରିବେ ନାହିଁ ବୋଲି ଜଣାଇ ଦେଇଥିଲେ।

ପରେ ଅବଶ୍ୟ ଅଧ୍ୟକ୍ଷ ଭଗବାନ୍ ଦାସ ସୋନାଲିଙ୍କ ପାଇଁ ଆଉ ତିନିଟି ବିବାହ ପ୍ରସ୍ତାବ ଦେଇଥିଲେ। ରାଜ୍ୟର ସର୍ବପୁରାତନ ମେଡିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର, ଏକ ଖ୍ୟାତନାମା ବହୁରାଷ୍ଟ୍ରୀୟ କମ୍ପାନୀର ପଦସ୍ଥ ଇଞ୍ଜିନିୟର ଓ ରାଜ୍ୟର ଜଣେ ଉଦୀୟମାନ କୋଟିପତି 'ବିଲ୍‌ଡର'ଙ୍କ ସହ ସେ ପ୍ରସ୍ତାବ ପକାଇଥିଲେ। ମାତ୍ର ସୋନାଲି ଭିନ୍ନ ଭିନ୍ନ ଆଳ ଦେଖାଇ ଏହି ପ୍ରସ୍ତାବଗୁଡ଼ିକୁ ଏଡ଼ାଇ ଯାଇଥିଲେ। ଖାଲି ଯେ ଅଧ୍ୟକ୍ଷ ଦାସ ସୋନାଲିଙ୍କ ବାହାଘର ପାଇଁ ପ୍ରସ୍ତାବ ଦେଉଥିଲେ ତାହା ନୁହେଁ; ଆହୁରି ଅନେକ ଶୁଭେଚ୍ଛୁ ମଧ୍ୟ ପ୍ରସ୍ତାବମାନ ଆଣୁଥିଲେ। ମାତ୍ର ଦାସେଙ୍କର ଚାରିଚାରିଟି ପ୍ରସ୍ତାବ କାର୍ଯ୍ୟକାରୀ ନ ହେବାରୁ ସେ ବିତୃଷ୍ଣ ହୋଇ ଏ ଦିଗରୁ ଧ୍ୟାନ ହଟାଇ ଦେଇଥିଲେ।

ହଠାତ୍ ଦିନେ ଅପରାହ୍ଣରେ ଅଧ୍ୟାପିକା ସୋନାଲି ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ପହଞ୍ଚି ତାଙ୍କ ହାତକୁ ଏକ ନିମନ୍ତ୍ରଣପତ୍ର ବଢ଼ାଇଦେଇ କହିଲେ, 'ସାର୍, ପଅରଦିନ ମୋର ବାହାଘର। ଆପଣ ନିଶ୍ଚୟ ଆସିବେ।' ନିମନ୍ତ୍ରଣପତ୍ରଟି ହାତରେ ଧରି ଉତ୍ସୁକତାର ସହ ଦାସେ ପଚାରିଲେ, 'ତେବେ କାହା ସହିତ ବାହାଘର ଠିକ୍ ହେଲା?' 'ଆମ ବିଧାୟକଙ୍କ ସଙ୍ଗେ।' ଚମକିପଡ଼ି ଦାସେ କହିଲେ, 'ଆମ ବିଧାୟକ ତ ବିବାହିତ। ତାଙ୍କର ଦୁଇଟି ପିଲା ଅଛନ୍ତି।' ସୋନାଲି ସ୍ପଷ୍ଟୀକରଣ ଦେଲେ, 'ସାର୍, ଇତିମଧ୍ୟରେ ବିଧିବଦ୍ଧ ଭାବେ ଛାଡ଼ପତ୍ର କାମ ସରିଯାଇଛି। ଆମ ବିବାହରେ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ।' ଦାସେଙ୍କ ପାଟିରୁ ବାହାରିପଡ଼ିଲା, 'ଶେଷରେ ଦୋବେଇ ବର...'

ସାମାନ୍ୟ ଚିହିଁକିଉଠି ସୋନାଲି କହିଲେ, 'ସାର୍, ସମୟ ବଦଳିଯାଇଛି; ତା' ସଙ୍ଗେ ତାଳଦେଇ ସମାଜ ବି ବଦଳିଯାଇଛି। ଆଗେ କୁହାଯାଉଥିଲା, 'ଯାହାର ନାହିଁ ଅନ୍ୟ ଗତି, ସେ କରଇ ରାଜନୀତି।' କିନ୍ତୁ ଆଜି ତ ଆଇ.ଏ.ଏସ୍. ଅଧିକାରୀମାନେ ବିଧାୟକ ବା ସାଂସଦ ହେବା ପାଇଁ ଚାକିରି ଛାଡ଼ି ରାଜନୀତିରେ ଯୋଗଦେଉଛନ୍ତି। ପୁଣି ନାମକରା ଚଳଚ୍ଚିତ୍ର ଅଭିନେତ୍ରୀମାନେ ତ ବିଧାୟକ ବା ସାଂସଦଙ୍କୁ ବିବାହ କରିବା ଲାଗି ଆଗଭର ହେଉଛନ୍ତି। ଆଜିର ବିଧାୟକମାନଙ୍କୁ କେବଳ ଆଗକାଳର ରାଜାମାନଙ୍କ ସହ ତୁଳନା କରାଯାଇପାରେ। ସେମାନଙ୍କଠାରେ ଅଖଣ୍ଡ କ୍ଷମତା ଅଛି; ପର୍ଯ୍ୟାପ୍ତ ସମ୍ପତ୍ତି ଅଛି; ଅସୀମ ବାହୁବଳ ଅଛି। ଧନ-ଜନ-ଗୋପ-ଲକ୍ଷ୍ମୀରେ ସେମାନଙ୍କ ଘର ପୂରିଯାଉଛି। ବିଧାୟକଙ୍କୁ ବିବାହ କଲେ ରାଜକୀୟ ପରିବେଶରେ ମହାଆରାମରେ ଜୀବନ ବିତିଯିବ।' ସାମାନ୍ୟ ରହି ସୋନାଲି କହିଲେ, 'ଗୋଇନ୍ଦା ବିଭାଗର ପରାମର୍ଶକ୍ରମେ ଡେରିରେ ନିମନ୍ତ୍ରଣପତ୍ର ବାଣ୍ଟିଲି। ଏଥିଲାଗି କ୍ଷମା କରିବେ ଓ ନିଶ୍ଚୟ ଆସିବେ।' 'ନିଶ୍ଚୟ ଯିବି', ବୋଲି ଅଧ୍ୟକ୍ଷ କହିଲେ। ଅଧ୍ୟାପିକା ସୋନାଲି ବିଦାୟ ନେଲେ। ଦାସେଙ୍କ ଦେହରୁ ଗମ୍‌ଗମ୍ ଝାଳ ବାହାରୁଥିଲା। ସେ ପଙ୍ଖା ଆଡ଼କୁ ଚାହିଁଲେ। ତାହା ଅବଶ୍ୟ 'ଫୁଲ୍ ସ୍ପିଡ୍'ରେ ବୁଲୁଥିଲା। ନିଜକୁ କହିଲେ, 'କେତେ ଦ୍ରୁତ ପରିବର୍ତ୍ତନ ସତେ!'

**-ପ୍ରାଧ୍ୟାପକ, ଦର୍ଶନ ବିଭାଗ (ଅବସରପ୍ରାପ୍ତ) ଜେକେବିକେ ସରକାରୀ କଲେଜ, କଟକ**

## ଏଇ ଭାରତରେ

ଜିଆଖତ ବ୍ୟବସାୟ ଆରମ୍ଭ ହୋଇଥିଲା ୫୦୦ ଟଙ୍କାରେ। ଏବେ ଏଥିରୁ ମାସକୁ ୩ ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରୁଛନ୍ତି ଆସାମର କନିକା ତାଲୁକଦାର। ସେ ନଲବାରି କୃଷି ବିଜ୍ଞାନ କେନ୍ଦ୍ରରୁ ପ୍ରଶିକ୍ଷଣ ନେଇ ଜିଆଖତ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ। ଏବେ ସେ ଜିଆଖତ ପ୍ରସ୍ତୁତ କରିବା ସହ ଏଥିରୁ ଭର୍ମିୱାଶ୍ ଲିକ୍ୟୁଡି ମଧ୍ୟ ତିଆରି କରୁଛନ୍ତି। ଜିଆଖତ ଲାଗି ସେ ଗୋବର ସହିତ ଶସ୍ୟ ବର୍ଜ୍ୟ ଓ ଜୈବିକ ଅଳିଆ ବ୍ୟବହାର କରୁଛନ୍ତି। ଜିଆଖତକୁ ସେ ଆସାମ କୃଷି ବିଭାଗକୁ ବିକ୍ରି କରିବା ସହ ମେଘାଳୟ, ନାଗାଲାଣ୍ଡ ଓ ଆସାମର ନର୍ସରିଗୁଡ଼ିକୁ ଯୋଗାଉଛନ୍ତି। ଏହି ବ୍ୟବସାୟରେ ସେ ଅନେକଙ୍କୁ ନିଯୁକ୍ତି ଦେଇଛନ୍ତି। କନିକା ଶିଶୁକନ୍ୟାକୁ ଜନ୍ମଦେବା ପରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପିତା ତାଙ୍କୁ ନିଜ ଘରକୁ ନେଇଯାଇଥିଲେ। କିନ୍ତୁ କନିକା ବୃଦ୍ଧ ମାତାପିତାଙ୍କ ଉପରେ ବୋଝ ନ ହେବା ଲାଗି ପ୍ରଥମେ ଲୁଗା ବୁଣି ମାସକୁ ୧୦୦୦ ଟଙ୍କା ରୋଜଗାର କରୁଥିଲେ। ଏହା ପରିବାର ଚଳାଇବା ଏବଂ ଝିଅକୁ ପଢ଼ାଇବା ଲାଗି ପର୍ଯ୍ୟାପ୍ତ ନ ହେବାରୁ ସେ ଜିଆଖତ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଥିଲେ। ଏବେ ସେ ହେଉଛନ୍ତି ଆସାମର ଜଣେ ଅଗ୍ରଣୀ ଜିଆଖତ ବ୍ୟବସାୟୀ।

## ଚିରନ୍ତନୀ

ସେ ଶକତି ଆମ ଆହବେ ଅଜେୟ ବେଶ
ଜୀବନ ପଣରେ ଫେରାଇ ଆଣିବୁ ଦେଶ
ଧନୀ ଦରିଦ୍ର ଯେତେ ଆପାମର
ଫେରାଇ ଆଣିବୁ ଭାରତ ଆମର
ନତୁବା ଏ ହୀନ ପରାଣ କରିବୁଁ ଶେଷ
ଘେନୁଛୁଁ ଶପଥ ଜୀବନ ପଣରେ ଫେରାଇ ଆଣିବୁଁ ଦେଶ।

-(ଭାରତ ଆସିବ ଫେରି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | | | 6 | | |
| 9 | 4 | | | 2 | | | | |
| | | 3 | 6 | | | | | 1 |
| | | | | 9 | | | | 8 |
| | | 4 | | 8 | | | | |
| 5 | | | | | | | | 4 |
| | | | | | 9 | | 3 | 6 |
| 3 | 5 | | | | 7 | 2 | | |
| 1 | | | | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 3 | 7 | 9 | 4 | 5 | 1 | 6 |
| 6 | 4 | 1 | 8 | 2 | 5 | 7 | 3 | 9 |
| 5 | 9 | 7 | 6 | 3 | 1 | 4 | 8 | 2 |
| 8 | 1 | 4 | 2 | 7 | 6 | 9 | 5 | 3 |
| 7 | 3 | 2 | 9 | 5 | 8 | 1 | 6 | 4 |
| 9 | 5 | 6 | 4 | 1 | 3 | 8 | 2 | 7 |
| 1 | 6 | 8 | 3 | 4 | 9 | 2 | 7 | 5 |
| 3 | 2 | 9 | 5 | 8 | 7 | 6 | 4 | 1 |
| 4 | 7 | 5 | 1 | 6 | 2 | 3 | 9 | 8 |

ଗତକାଲିର ଉତ୍ତର

# ଅନ୍ତିମ ପ୍ୟାକେଜ୍



ପ୍ରକାଶ ତ୍ରିପାଠୀ

ଗତବର୍ଷ ନୂଆଦିଲ୍ଲୀରେ ଆୟୋଜିତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଗୋଟିଏ ଷ୍ଟଲ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହାର ଫଟୋ ସୋସିଆଲ ମିଡିଆରେ ବହୁଳ ପ୍ରଚାର ଓ ପ୍ରସାର ହୋଇଥିଲା। ଏହି ଷ୍ଟଲ୍‌ଟି ଥିଲା ମୁମ୍ବାଇର ଏକ ଷ୍ଟାର୍ଟଅପ୍ କମ୍ପାନୀ ସୁଖନ୍ତ ଅନ୍ତିମ ସଂସ୍କାର ସେବା ପ୍ରତିଷ୍ଠାନର। ଷ୍ଟଲ୍ ସମ୍ମୁଖରେ ଗୋଟିଏ ଗୋଲାପ ଫୁଲ ସହ ଏକ ଶବାଧାରର ଚିତ୍ର ଥିଲା ଓ ତଳେ ଲେଖାଥିଲା-'MAKING DIFFICULT TIME LITTLE EASIER ଅର୍ଥାତ୍ କଷ୍ଟକର ସମୟକୁ ଟିକିଏ ସହଜ କରିବା।' ଏହି ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟ ହେଉଛି ମୃତବ୍ୟକ୍ତିଙ୍କ ଅନ୍ତିମ ରୀତିନୀତି ଓ ଆବଶ୍ୟକ କର୍ମ ସମ୍ପାଦନ କରିବା। ସୁଖନ୍ତ ଅନ୍ତିମ ସଂସ୍କାର ସେବା ପ୍ରତିଷ୍ଠାନ ଭଳି ଅନେକ ସଙ୍ଗଠନ ଏବେ ବ୍ୟବସାୟିକ ଭିତ୍ତିରେ ଅତି ସହଜ ଭାବେ ଜୀବନର ଅନ୍ତିମ କର୍ମ ସମ୍ପାଦନ କରୁଛନ୍ତି।

ଆମେ ଦେହାନ୍ତ ହୋଇଥିବା ମଣିଷଙ୍କୁ ସମ୍ମାନ ଏବଂ ସ୍ମରଣ କରିବା ପାଇଁ ଅନେକ ରୀତିନୀତି ଏବଂ ପରମ୍ପରା ସୃଷ୍ଟି କରିଛୁ। ପ୍ରିୟଜନଙ୍କୁ ହରାଇବା ଜୀବନର ଏକ ଦୁଃଖଦ ଓ ଅକ୍ଷୟ ଅଂଶ। ହିନ୍ଦୁ ସଂସ୍କୃତିରେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଶବଦାହ ବା ଅନ୍ତିମ ସଂସ୍କାର। ଏହି ପବିତ୍ର ସଂସ୍କାର ମାଧ୍ୟମରେ ଶରୀରକୁ ପଞ୍ଚଭୂତକୁ ଫେରାଇ ଦିଆଯିବା ଉଚିତ ବୋଲି ବିଶ୍ୱାସ କରାଯାଏ। ଯେହେତୁ ହିନ୍ଦୁମାନେ ଜନ୍ମ, ମୃତ୍ୟୁ ଏବଂ ପୁନର୍ଜନ୍ମ ଚକ୍ରରେ ବିଶ୍ୱାସ କରନ୍ତି, ସେଥିପାଇଁ ଶବଦାହ ଓ ତତ୍‌ପରବର୍ତ୍ତୀ ସଂସ୍କାର ଯେପରିକି ଶୁଦ୍ଧିକ୍ରିୟା, ଅସ୍ଥି ବିସର୍ଜନ, ଶ୍ରାଦ୍ଧ ଆଦି କାର୍ଯ୍ୟକୁ ଅତି ଗୁରୁତ୍ୱ ଓ ମହତ୍ତ୍ୱ ଦିଆଯାଏ। ଶରୀର ଓ ଆତ୍ମା ଭିନ୍ନ ଏବଂ ବିଭିନ୍ନ କାର୍ଯ୍ୟ ସମ୍ପାଦନ ପାଇଁ ଆତ୍ମାକୁ ପୃଥିବୀରେ ଶରୀର ଧାରଣ କରିବାକୁ ପଡ଼ିଥାଏ। ସେଥିପାଇଁ ମୃତ ଶରୀରକୁ ଶ୍ରେଷ୍ଠ ମର୍ଯ୍ୟାଦା ପ୍ରଦାନ ସହ ଆତ୍ମାର ମୋକ୍ଷ ତଥା ପୁନର୍ଜନ୍ମ ପାଇଁ ପ୍ରଣିତ ବିଭିନ୍ନ ପଦ୍ଧତିକୁ ଅତି ନିଷ୍ଠା, ଶ୍ରଦ୍ଧାର ସହ ସମ୍ପନ୍ନ କରାଯାଏ। ଏହିସବୁ କାର୍ଯ୍ୟ ମୃତବ୍ୟକ୍ତିଙ୍କ ଆତ୍ମୀୟସ୍ୱଜନଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ। ତେବେ ଏଠାରେ ପ୍ରଶ୍ନ ଉଠୁଛି ମୃତବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର ଓ ତତ୍‌ପରବର୍ତ୍ତୀ ଅନ୍ୟାନ୍ୟ କର୍ମ ଆତ୍ମୀୟସ୍ୱଜନଙ୍କ ଦ୍ୱାରା ସମ୍ପନ୍ନ ହେବାକୁ ଆମ ପରମ୍ପରାରେ ଉଦ୍ଦିଷ୍ଟ ଥିବାବେଳେ ସୁଖନ୍ତ ଅନ୍ତିମ ସଂସ୍କାର ସେବା ପ୍ରତିଷ୍ଠାନ ଭଳି ଅନେକ ସଙ୍ଗଠନର ଆବଶ୍ୟକତା କ'ଣ ଅଛି? କିନ୍ତୁ ବର୍ତ୍ତମାନ ସମୟରେ ଏହାର ଆବଶ୍ୟକତା ସୃଷ୍ଟିହେଲାଣି ଓ ଏହାର କାରଣ ଅନେକ।

ଏବେ ଭାରତରେ ସାମାଜିକ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଦେଖାଦେଲାଣି। ପାରିବାରିକ ବ୍ୟବସ୍ଥା ବଦଳି ଗଲାଣି। ଯୌଥ ପରିବାରଗୁଡ଼ିକ ଭାଙ୍ଗିରୁଜି ସେ ସ୍ଥାନରେ ଅଣୁ ପରିବାର ମୁଣ୍ଡ ଟେକିଲାଣି। ଅତ୍ୟଧିକ ବ୍ୟକ୍ତିସ୍ୱାଧୀନତା, ବୁଝାମଣାବିହୀନ ଜୀବନଶୈଳୀ, ଆର୍ଥିକ ସ୍ୱାର୍ଥପରତା ପାଇଁ ଭାରତୀୟ ପାରିବାରିକ ମୂଲ୍ୟବୋଧ ଆଉ ପୂର୍ବଭଳି ନାହିଁ। ରୋଜଗାର ବୃଦ୍ଧି ନିମନ୍ତେ ପିଲାମାନଙ୍କ ଦୂରସ୍ଥାନ ଗମନ ସୃଷ୍ଟିକରୁଛି ବୃଦ୍ଧ ମାତାପିତାଙ୍କ ଏକାନ୍ତ ବାସ। ଏଭଳି ପରିସ୍ଥିତିରେ ଯଦି ନିଜ ଘରେ ବା ଡାକ୍ତରଖାନାରେ କାହାର ଅନ୍ତିମ ସମୟ ଉପନୀତ ହୁଏ, ସେତେବେଳେ ପାଖରେ କେହି ନ ଥା'ନ୍ତି। ଯଦିବା କେହି ଥା'ନ୍ତି ତେବେ ସେହି ଦୁଃଖଦ ସମୟରେ ସେ ଏତେ ମ୍ରିୟମାଣ ହୋଇଯାଆନ୍ତି ଯେ ତାଙ୍କୁ ସାନ୍ତ୍ୱନା ଦେବାକୁ ବି ପାଖରେ କେହି ନ ଥା'ନ୍ତି।



ମୃତ ଶରୀରକୁ କେଉଁଠିକି ଅନ୍ତିମ ସତ୍କାର ପାଇଁ ନେବେ, କେମିତି ନେବେ, କେମିତି ଦାହ କରିବେ, ଦାହ ପରବର୍ତ୍ତୀ କ'ଣ କ'ଣ କରିବେ, ଶୁଦ୍ଧ କ୍ରିୟା କେମିତି ହେବ, ଏସବୁ ଚିନ୍ତା ସେମାନଙ୍କୁ ବିଷାଦଗ୍ରସ୍ତ କରିଦିଏ। ଏସବୁ ସମସ୍ୟାର ସହଜ, ସରଳ ଓ ସୁଲଭ ସମାଧାନ ପାଇଁ ସୁଖନ୍ତ ଅନ୍ତିମ ସଂସ୍କାର ସେବା ପ୍ରତିଷ୍ଠାନ ଭଳି ଅନୁଷ୍ଠାନଗୁଡ଼ିକ ଆଗେଇ ଆସୁଛନ୍ତି। ଆଜିକାଲି ଅନେକ ବୟସ୍କ ଲୋକ ଏହିଭଳି ଅନୁଷ୍ଠାନରେ ଆଗୁଆ ନିଜର ନାମକୁ ପଞ୍ଜୀକରଣ କରିଦେଉଛନ୍ତି। ଆଉ କେତେକ ସ୍ଥଳରେ ଅନ୍ତିମ ସଂସ୍କାର, ଶୁଦ୍ଧ କ୍ରିୟା, ଅସ୍ଥି ବିସର୍ଜନ, ଶ୍ରାଦ୍ଧ ଆଦି କର୍ମ ନିମନ୍ତେ ଏକାନ୍ତରେ ରହୁଥିବା ନିଜର ମା'ବାପାଙ୍କ ନିମନ୍ତେ ଦୂରରେ ରହୁଥିବା ପିଲାମାନେ ଆଗୁଆ ପଞ୍ଜୀକରଣ କରିଦେଉଛନ୍ତି। ଫଳରେ ସେମାନେ ନ ଆସିପାରିଲେ ମଧ୍ୟ ଅନ୍ତିମ ସଂସ୍କାର ଓ ଶୁଦ୍ଧ କ୍ରିୟା ଏବଂ ଅସ୍ଥି ବିସର୍ଜନ ସହଜରେ ହୋଇପାରିବ। ଆଗୁଆ ପଞ୍ଜୀକରଣ ହୋଇ ନ ଥିଲେ ବି ତୁରନ୍ତ ଖବର ଦିଆଗଲେ ଏହିସବୁ ଅନୁଷ୍ଠାନ ଶୀଘ୍ର ଘଟଣାସ୍ଥଳରେ ପହଞ୍ଚି ସମସ୍ତ କର୍ମ ସୁରୁଖୁରୁରେ ସମ୍ପାଦନ କରିଦିଅନ୍ତି। ଏଥିପାଇଁ ବିଭିନ୍ନ ମୂଲ୍ୟର ପ୍ୟାକେଜ୍ ବ୍ୟବସ୍ଥା ମଧ୍ୟ ଅଛି।

ଖବର ପାଇବାର ଅଳ୍ପ ସମୟ ମଧ୍ୟରେ ଅନୁଷ୍ଠାନର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚିଯାଆନ୍ତି। ଯଦି ଆବଶ୍ୟକ ହୁଏ ଶବର ପୋଷ୍ଟମର୍ଟମ କରାନ୍ତି ଓ ଡେଥ୍ ସାର୍ଟିଫିକେଟ ପାଇବା ନିମନ୍ତେ ଆବେଦନ ବି କରନ୍ତି। ମୃତକଙ୍କ ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ପ୍ରଦାନପୂର୍ବକ ଶବକୁ ଉଚିତ ସମ୍ମାନ ପ୍ରଦର୍ଶନ କରିଥା'ନ୍ତି। ମୃତକଙ୍କ ପରିବାର ସଦସ୍ୟଙ୍କ ଇଚ୍ଛା ଅନୁଯାୟୀ ବିଧି ମୁତାବକ କୋକେଇ ନିର୍ମାଣ, ଫୁଲଚନ୍ଦନ ଅର୍ପଣ, କୋକେଇ କାନ୍ଧେଇବା ଓ ଶବ ଶୋଭାଯାତ୍ରା ଆୟୋଜନ, ଶୋଭାଯାତ୍ରା ବେଳେ ଖଇ କଉଡ଼ି ବିଞ୍ଚନ, ପୁରୋହିତ ଯୋଗା ଓ ଶ୍ମଶାନରେ ଶ୍ରାଦ୍ଧ ଅର୍ପଣ, ମୁଖାଗ୍ନି ଅର୍ପଣ, ଶବଦାହ ପରେ ଅସ୍ଥି ସଂଗ୍ରହ ଆଦି ସମସ୍ତ ରୀତିନୀତିକୁ ଅନୁସରଣ କରାଯାଇ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ କରାଯାଏ। ଆବଶ୍ୟକ ବେଳେ ଅନ୍ତିମ ସଂସ୍କାରର ଟିକିନିଖି ଦୃଶ୍ୟ ସିଧା ପ୍ରସାରଣ କରାଯାଇ ଦୂରରେ ଥିବା ମୃତକଙ୍କ ଆତ୍ମୀୟସ୍ୱଜନଙ୍କୁ ଦେଖାଇବାର ବନ୍ଦୋବସ୍ତ ବି କରାଯାଏ। କେବଳ ଏତିକିରେ ସେମାନଙ୍କ ସେବା ଶେଷ ହୋଇ ନ ଥାଏ, ପରିବାର ସଦସ୍ୟଙ୍କ ଇଚ୍ଛା ଅନୁଯାୟୀ ନିର୍ଦ୍ଦିଷ୍ଟ ତୀର୍ଥସ୍ଥଳରେ ଅସ୍ଥି ବିସର୍ଜନ ସହ ଶ୍ରାଦ୍ଧ ବି ସମ୍ପନ୍ନ କରାଯାଏ। ସମାଧି ସ୍ଥାପନ, ବ୍ରାହ୍ମଣ ଭୋଜନ, ଦାନ, ଦକ୍ଷିଣା ଆଦି ସମସ୍ତ ଉପଚାରକୁ ସମ୍ମାନର ସହ ସମ୍ପନ୍ନ କରାଯାଏ। ପରିବାରର ଆର୍ଥିକ ସ୍ଥିତିକୁ ବିଚାରକୁ ନେଇ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପ୍ୟାକେଜ୍ ବ୍ୟବସ୍ଥା ରହିଛି। ଯେପରିକି ନିକଟସ୍ଥ ନଦୀ, ପୁଷ୍କରିଣୀ ବା ମହୋଦଧିରେ ଅସ୍ଥି ବିସର୍ଜନପୂର୍ବକ ଶ୍ରାଦ୍ଧ ବା କାଶୀ, ବାରାଣସୀ, ଗୟାରେ ଶ୍ରାଦ୍ଧ ଓ ଅସ୍ଥି ବିସର୍ଜନ ନିମନ୍ତେ ଅଲଗା ଅଲଗା ମୂଲ୍ୟଭିତ୍ତିକ ପ୍ୟାକେଜ୍।

ଆମ ଦେଶରେ ଏବେ ନିଃସଙ୍ଗ ମଣିଷଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେଥିପାଇଁ ଏହାକୁ ପରଖି ଅନ୍ତିମ ସଂସ୍କାରକୁ ସୁଲଭ କରିବା ନିମନ୍ତେ ବ୍ୟବସାୟିକ ପ୍ରଚେଷ୍ଟା ଆରମ୍ଭ ହୋଇଛି। ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଙ୍ଗଠନ ଗୁଡ଼ିକ ପ୍ରତି ସାଧାରଣରେ ଅଧିକ ଆଗ୍ରହ ସୃଷ୍ଟି ସେମାନଙ୍କ ଆର୍ଥିକ ଫାଇଦାକୁ ନିଶ୍ଚିତ କରିଛି। ଆଗାମୀ ଦିନରେ ଅନ୍ତିମ ସଂସ୍କାର ପାଇଁ ସୃଷ୍ଟି ହେଉଥିବା ଅନୁଷ୍ଠାନଗୁଡ଼ିକ କର୍ପୋରେଟ୍ ସେକ୍ଟରକୁ ପରିବର୍ତ୍ତିତ ନ ହେବ ବୋଲି କହି ହେବନାହିଁ। ଏବେ ଆମେ ଚିନ୍ତା କରିବା ଆମର ଅନ୍ତିମ ସଂସ୍କାର, ଅସ୍ଥି ବିସର୍ଜନ ଓ ଶ୍ରାଦ୍ଧ ପାଇଁ ଆମ ପିଲାମାନଙ୍କ ଉପରେ ଭରସା କରିବା ନା ଅନ୍ତିମ ସଂସ୍କାର କରୁଥିବା ସଂସ୍ଥା ସହ ଆଗୁଆ ଯୋଗାଯୋଗ କରିବା।

**ମୋ:୯୪୩୭୨୩୨୪୬୩**

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲୁ

ମହାଶୟ,

ମହାପ୍ରଭୁଙ୍କ ଦର୍ଶନ ଲାଗି ସରକାର ଓ ପୁରୀ ପ୍ରଶାସନ ତୁରନ୍ତ ଚାରିଦ୍ୱାର ଖୋଲନ୍ତୁ। କେବଳ ସିଂହଦ୍ୱାର କିମ୍ବା ପଶ୍ଚିମଦ୍ୱାରରେ ପ୍ରବେଶ ଯୋଗୁ ହେଉଥିବା ଅସମ୍ଭାଳ ଭିଡ଼କୁ କମାଯାଇପାରିବ ନାହିଁ। ଉତ୍ତର ଏବଂ ଦକ୍ଷିଣ ଦ୍ୱାର ମଧ୍ୟ ଖୋଲିବା ଦରକାର, ଯାହା ପ୍ରସ୍ଥାନ ପାଇଁ ବ୍ୟବହାର ହେଉଛି। ଭକ୍ତମାନଙ୍କର ସୁବିଧା ଏବଂ ସହଜ ଦର୍ଶନ ନିମନ୍ତେ ପ୍ରଶାସନ ଅନେକ ପଦକ୍ଷେପ ନେଉଛନ୍ତି ସତ, କିନ୍ତୁ ଚାରିଦ୍ୱାର ଖୋଲିବା ସମ୍ପର୍କରେ ନିଷ୍ପତ୍ତି ନେବାକୁ ହେବ। ନିଷ୍ପତ୍ତି କେବେ ନିଆଯିବ ତାହା ଏବେ ବଡ଼ ପ୍ରଶ୍ନ? ଭକ୍ତ ଓ ଭଗବାନଙ୍କ ମିଳନରେ ବିଳମ୍ବର ମାତ୍ରାକୁ କମାଇବା ଉଚିତ। ଆଶା, ସରକାର ଏ ଦିଗରେ ଶୀଘ୍ର ପଦକ୍ଷେପ ନେବେ।

**-ସତ୍ୟସିଂହ ଶତପଥୀ, ହାଉସିଂବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଫୋର୍ବ୍ସ ପ୍ରଭାବଶାଳୀ ମହିଳା ତାଲିକାରେ ୪ ଭାରତୀୟ

ବିଜ୍‌ନେସ୍ ମାଗାଜିନ୍ ଫୋର୍ବ୍ସ ୨୦୨୩ ବର୍ଷ ପାଇଁ ବିଶ୍ୱର ସବୁଠୁ ପ୍ରଭାବଶାଳୀ ମହିଳାମାନଙ୍କର ଏକ ତାଲିକା ପ୍ରକାଶ କରିଛି। ଏଥିରେ ୪ ଜଣ ଭାରତୀୟ ସ୍ଥାନ ପାଇଛନ୍ତି। ଭାରତ ପାଇଁ ପ୍ରଭାବଶାଳୀ ସ୍ୱର ଉତ୍ତୋଳନ କରି ବିଶ୍ୱ ମଞ୍ଚରେ ସେମାନଙ୍କ ନାମ ଲିପିବଦ୍ଧ କରିଥିବା ମହିଳାମାନେ ହେଲେ ନିର୍ମଳା ସୀତାରାମନ୍ (ର୍‍ୟାଙ୍କ୍-୩୨), ରୋଶନି ନାଦାର ମାଲହୋତ୍ରା (ର୍‍ୟାଙ୍କ-୬୦), ସୋମା ମଣ୍ଡଳ (ର୍‍ୟାଙ୍କ୍-୭୦) ଏବଂ କିରଣ ମଜୁମ୍‌ଦାର-ଶ'।



ନିର୍ମଳା ସୀତାରାମନ୍

୬୪ ବର୍ଷୀୟା ସୀତାରାମନ୍ ଭାଜପାର ବରିଷ୍ଠ ନେତ୍ରୀ ତଥା ଭାରତର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ଭାବେ ୨୦୧୯ରୁ ରହିଛନ୍ତି। ସେ ୨୦୧୭ରୁ ୨୦୧୯ ଦେଶର ପ୍ରତିରକ୍ଷା ମନ୍ତ୍ରୀ ଥିଲେ। ଇନ୍ଦିରା ଗାନ୍ଧୀଙ୍କ ପରେ ପ୍ରତିରକ୍ଷା ବିଭାଗ ଦାୟିତ୍ୱ ନେବାରେ ସେ ଭାରତର ଦ୍ୱିତୀୟ ମହିଳା। ଗତବର୍ଷ ସୀତାରାମନ୍ ଫୋର୍ବ୍ସ ତାଲିକାର ୩୬ ନମ୍ବର ସ୍ଥାନରେ ଥିବାବେଳେ ଏଥର ୩୨ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।



ରୋଶନି ନାଦାର ମାଲହୋତ୍ରା

ରୋଶନି ନାଦାର ମାଲହୋତ୍ରା (୪୨) ଜଣେ ଭାରତୀୟ ଅରବପତି ଏବଂ ଜନୋପକାରୀ। ସେ ଏଚ୍‌ସିଏଲ୍ ଟେକ୍‌ନୋଲୋଜିଜ୍‌ର ଅଧ୍ୟକ୍ଷା ଏବଂ ଦେଶରେ ତାଲିକାଭୁକ୍ତ ଆଇଟି କମ୍ପାନୀର ନେତୃତ୍ୱ ନେବାରେ ସେ ପ୍ରଥମ ମହିଳା। ଏଚ୍‌ସିଏଲ୍ ପ୍ରତିଷ୍ଠାତା ଶିବ ନାଦରଙ୍କ ଝିଅ ଭାବେ ସେ ଭାରତର ସବୁଠୁ ଧନୀ ମହିଳା ଭାବେ ପରିଚିତ। ସେ ପୂର୍ବରୁ ୨ ଥର ବିଶ୍ୱର ପ୍ରଭାବଶାଳୀ ମହିଳା ତାଲିକାରେ ସ୍ଥାନ ପାଇଥିଲେ।



ସୋମା ମଣ୍ଡଳ

ସୋମା ମଣ୍ଡଳ(୬୦) ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ (ଏସ୍ଏଆଇଏଲ୍)ର ଅଧ୍ୟକ୍ଷା ଭାବେ ୨୦୨୧ ଜାନୁୟାରୀରୁ ରହିଛନ୍ତି। ଏହି ପଦବୀ ଗ୍ରହଣ କରିବାରେ ସେ ପ୍ରଥମ ମହିଳା। ଭୁବନେଶ୍ୱରରେ ଜନ୍ମିତ ସୋମା ୧୯୮୪ରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସ୍ନାତକ ପରେ ନାଲ୍‌କୋରେ କାର୍ଯ୍ୟ ଆରମ୍ଭ କରିଥିଲେ। ସେ ୨୦୧୭ରେ ଏସ୍ଏଆଇଏଲ୍‌ରେ ଯୋଗଦେଇ ପ୍ରଥମ କାର୍ଯ୍ୟକାରୀ ନିର୍ଦ୍ଦେଶିକା ପରେ ଏହାର ଅଧ୍ୟକ୍ଷ ହୋଇଛନ୍ତି। ସେ ସ୍କୋପ୍‌ର ଅଧ୍ୟକ୍ଷା ଏବଂ ଇଟି ପ୍ରାଇମ୍ ୱମେନ୍ ଲିଡରଶିପ୍ ଆୱାର୍ଡ 'ସିଇଓ ଅଫ୍ ଦି ଇୟର'ରେ ସମ୍ମାନିତ ହୋଇଛନ୍ତି।



କିରନ ମଜୁମଦାର -ଶ

ପ୍ରମୁଖ ଭାରତୀୟ ଅରବପତି ଉଦ୍ୟୋଗୀ କିରନ ମଜୁମଦାର-ଶ (୭୦) ହେଉଛନ୍ତି ବାୟୋକନ୍ ଲିମିଟେଡ୍ ଆଣ୍ଡ ବାୟୋକନ୍ ବାୟୋଲୋଜିକ୍ସ ଲିମିଟେଡ୍‌ର ପ୍ରତିଷ୍ଠାତା ତଥା କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷା। ସେ ପୂର୍ବରୁ ଆଇଆଇଏମ୍ ବେଙ୍ଗାଲୁରୁର ଅଧ୍ୟକ୍ଷା ଥିଲେ। ବିଜ୍ଞାନ ଓ ରସାୟନ କ୍ଷେତ୍ରକୁ ଅବଦାନ ପାଇଁ ୨୦୧୪ରେ ଓଥମର ଗୋଲ୍ଡ ମେଡାଲ ସମେତ ଅନେକ ପୁରସ୍କାର ପାଇଛନ୍ତି। ଏଥର ସେ ଫୋର୍ବ୍ସ ତାଲିକାର ୭୬ତମ ସ୍ଥାନରେ ରହିଛନ୍ତି।

**ସଂକ୍ଷେପରେ**

## ୨ ଜମ୍ମୁ-କଶ୍ମୀର ବିଲ୍ ଲୋକ ସଭାରେ ଗୃହୀତ

**ନୂଆଦିଲ୍ଲୀ,୬।୧୨:** ଲୋକ ସଭାରେ ଜମ୍ମୁ-କଶ୍ମୀର ପୁନର୍ଗଠନ (ସଂଶୋଧନ) ବିଲ୍ ଏବଂ ଜମ୍ମୁ-କଶ୍ମୀର ସଂରକ୍ଷଣ (ସଂଶୋଧନ) ବିଲ୍ ବୁଧବାର ଗୃହୀତ ହୋଇଛି। ଜମ୍ମୁ-କଶ୍ମୀର ବିଧାନସଭାରେ କଶ୍ମୀରି ପ୍ରବାସୀ ସମ୍ପ୍ରଦାୟରୁ ୨ ଜଣ ଏବଂ ପାକ୍ ଅଧିକୃତ କଶ୍ମୀର (ପିଓକେ)ରୁ ଜଣେ ପ୍ରତିନିଧିତ୍ୱ କରିବା ଲକ୍ଷ୍ୟରେ ଜମ୍ମୁ-କଶ୍ମୀର ପୁନର୍ଗଠନ (ସଂଶୋଧନ) ବିଲ୍ ଅଣାଯାଇଥିଲା। ସେହିପରି ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ପାଇଁ ଉପଯୁକ୍ତ ବର୍ଗଙ୍କୁ ସୁଯୋଗ ଦେବା ନିମନ୍ତେ ଜମ୍ମୁ-କଶ୍ମୀର ସଂରକ୍ଷଣ(ସଂଶୋଧନ) ବିଲ୍ ଅଣାଯାଇଥିଲା। ଦୀର୍ଘ ୬ ଘଣ୍ଟାର ଆଲୋଚନା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଉତ୍ତର ପରେ ବିଲ୍ ଗୃହୀତ ହୋଇଥିଲା। ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ ଦୀର୍ଘ ୭୦ ବର୍ଷ ଧରି ଅବହେଳିତ ରହିଆସିଥିବା ଲୋକଙ୍କୁ ଏହି ବିଲ୍ ନ୍ୟାୟ ପ୍ରଦାନ କରିବ ଏବଂ ବିସ୍ଥାପିତ ଲୋକଙ୍କ ନିମନ୍ତେ ସଂରକ୍ଷଣ ବିଧାନସଭାରେ ସେମାନଙ୍କ ପାଇଁ କହିବାକୁ ସୁଯୋଗ ସୃଷ୍ଟି କରିବ ବୋଲି ଶାହା କହିଥିଲେ। ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କୁ ଦୁଇଟି ବଡ଼ ଭୁଲ୍ ପାଇଁ କଶ୍ମୀରବାସୀଙ୍କୁ ଭୋଗିବାକୁ ପଡୁଛି। ତାହା ହେଲା ଯୁଦ୍ଧବିରତି ଘୋଷଣା କରିବା ଏବଂ କଶ୍ମୀର ପ୍ରସଙ୍ଗକୁ ଜାତିସଂଘକୁ ନେବା। ନେହେରୁ ଠିକ୍ ପଦକ୍ଷେପ ନେଇଥିଲେ ପିଓକେ ଭାରତରୁ ଅଲଗା ହୋଇ ନ ଥାନ୍ତା ବୋଲି ଶାହା କହିଥିଲେ। କଶ୍ମୀରକୁ ଆତଙ୍କବାଦ ମୁକ୍ତ କରିବା ଲାଗି ୩ ବର୍ଷ ହେଲା ଉଦ୍ୟମ ଜାରି ରହିଛି। ୨୦୨୬ ବେଳକୁ କଶ୍ମୀର ହିଂସାମୁକ୍ତ ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ।

## କାନ୍ଦିଲେ କିମ୍ ଜଙ୍ଗ୍ ଉନ୍



**ପୋୟଙ୍ଗୟାଙ୍ଗ,୬।୧୨:** ଉତ୍ତର କୋରିଆ ନେତା କିମ୍ ଜଙ୍ଗ୍ ଉନ୍ ନିକଟରେ ଏକ ସଭାରେ ମହିଳାମାନଙ୍କୁ ଅଧିକ ସନ୍ତାନ ଜନ୍ମ ପାଇଁ ନିବେଦନ କରିବାବେଳେ ଭାବବିହ୍ୱଳ ହୋଇ କାନ୍ଦୁଥିବାର ଭିଡିଓ ପଦାକୁ ଆସିଛି। ସୋସିଆଲ ମିଡିଆରେ ଭାଇରାଲ ଉକ୍ତ ଭିଡିଓରେ କିମ୍ ମୁଣ୍ଡ ତଳକୁ କରି କାନ୍ଦୁଥିବାବେଳେ କେତେ ଜଣ ଶ୍ରୋତାଙ୍କ ଆଖିରେ ଲୁହ ଥିବା ଦେଖାଯାଇଛି। ଉତ୍ତର କୋରିଆରେ ଜନ୍ମହାର କମୁଥିବାରୁ ଏକଛତ୍ରବାଦୀ ଶାସକ କିମ୍ ନ୍ୟାଶନାଲ ମଦର୍ସ ମିଟିଂରେ ମହିଳାମାନଙ୍କୁ ଅଧିକ ସନ୍ତାନ ଜନ୍ମଦେବାକୁ କହିଥିଲେ।

## ବିଭାଜନକାରୀ ମନ୍ତବ୍ୟ: ଡିଏମ୍‌କେ ଏମ୍‌ପିଙ୍କ ଦୁଃଖପ୍ରକାଶ

**ନୂଆଦିଲ୍ଲୀ,୬।୧୨:** ଡିଏମ୍‌କେର ଲୋକ ସଭା ସଦସ୍ୟ ଡି.ଏନ୍.ଭି. ସେନ୍ଥିଲ କୁମାର ଦେଶ ବିଭାଜନକାରୀ ବିବାଦୀୟ ମନ୍ତବ୍ୟ ପାଇଁ ସମାଲୋଚିତ ହୋଇଥିଲେ। ଏଥିପାଇଁ ସେ ବୁଧବାର ଲୋକ ସଭାରେ ଦୁଃଖପ୍ରକାଶ କରିଛନ୍ତି। ଭାଜପାର ବିଜୟ ହିନ୍ଦୀଭାଷୀ ରାଜ୍ୟରେ ହୋଇଥିବା କହି ମଙ୍ଗଳବାର କୁମାର ସମାଲୋଚନା କରିଥିଲେ। ଏହାକୁ ନେଇ ବୁଧବାର ଗୃହରେ ହଟ୍ଟଗୋଳ ହେବା ସହ ମୁଲତବୀ ରହିଥିଲା। କୁମାରଙ୍କ ମନ୍ତବ୍ୟ ଠିକ୍ ନୁହେଁ ବୋଲି ଡିଏମ୍‌କେ ନେତା ଟି.ଆର୍.ବାଲୁ କହିବା ପରେ ସେ ଦୁଃଖପ୍ରକାଶ କରିଥିଲେ।



ଡି.ଏନ୍.ଭି. ସେନ୍ଥିଲ କୁମାର

# ଜଳମଗ୍ନ ହେବ ୧୨ ସହର

### ଭାରତରେ ଜଳବାୟୁ ପରିବର୍ତ୍ତନର ଭୟାବହତା

ନୂଆଦିଲ୍ଲୀ,୬।୧୨

ବାତ୍ୟା ମିଗ୍‌ଜୋମ୍ ପ୍ରଭାବରେ ତାମିଲନାଡୁର ଚେନ୍ନାଇ ସହର ଜଳାର୍ଣ୍ଣବ ହୋଇଥିବାବେଳେ ଏହା ପୁଣିଥରେ ଭାରତୀୟ ସହରଗୁଡ଼ିକର ଜଳବାୟୁ ପରିବର୍ତ୍ତନଜନିତ ଭୟାବହତାକୁ ଲୋକଲୋଚନକୁ ଆଣିଛି। ଗତ ୪ ତାରିଖ ସୁଦ୍ଧା ୪୮ ଘଣ୍ଟା ମଧ୍ୟରେ ଚେନ୍ନାଇରେ ୪୦ ସେଣ୍ଟିମିଟରରୁ ଅଧିକ ବର୍ଷା ହୋଇଥିଲା। ଫଳରେ ସେଠାରେ ସ୍ୱାଭାବିକ ଜୀବନଯାତ୍ରା ଏକପ୍ରକାର ଅଚଳ ହୋଇଯାଇଥିଲା ଓ ବର୍ଷାବିପ୍ରାତରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ପ୍ରଥମ ଘଟଣା ନୁହେଁ। ୨୦୧୫ ପ୍ରବଳ ବର୍ଷାଜନିତ ବନ୍ୟାରେ ମଧ୍ୟ ଏହି ସହର ସମ୍ପୂର୍ଣ୍ଣ ବୁଡ଼ିଯାଇଥିଲା। ଏହି ବନ୍ୟା ଅନୁପଯୁକ୍ତ ସହରାଞ୍ଚଳ ପ୍ଲାନିଂ ଏବଂ ଆନୁଷ୍ଠାନିକ ସାମର୍ଥ୍ୟର ଅଭାବକୁ ଦର୍ଶାଇଥିଲା। ପ୍ରବଳ ବର୍ଷା ସାଙ୍ଗକୁ ପର୍ଯ୍ୟାପ୍ତ ଜଳନିଷ୍କାସନ ବ୍ୟବସ୍ଥାର ଅଭାବ, ନଦୀଗୁଡ଼ିକ ଅଧିକ ଜଳ ନିଷ୍କାସନ କରିବା ଲାଗି ପରିଚାଳନାଗତ ଅକ୍ଷମତା ଏଭଳି ବନ୍ୟାର କାରଣ ଥିଲା। ସହରୀକରଣର ବ୍ୟାପକତା ଯୋଗୁ ବୃହତ୍ ଜଳମାର୍ଗ ଏବଂ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଜୋନ୍‌ଗୁଡ଼ିକ ଅବରୋଧ ହୋଇଯାଉଛି। ଯାହା ବନ୍ୟା ହେବାର ଅନ୍ୟତମ ପ୍ରମୁଖ କାରଣ। କେବଳ ଚେନ୍ନାଇ ନୁହେଁ, ସମୁଦ୍ର ପତ୍ତନ ବୃଦ୍ଧି, ସାମୁଦ୍ରିକ ଝଡ଼ ଏବଂ ନଦୀରେ ବନ୍ୟା ଆସିବା କାରଣରୁ କୋଲକାତା, ମୁମ୍ବାଇ ଭଳି ଉପକୂଳ



ମିଗ୍‌ଜୋମ୍ ଝଡ଼ ସ୍ଥଳଭାଗ ଛୁଇଁବା ପରେ ଆକାଶମାର୍ଗରୁ ଜଳମଗ୍ନ ଚେନ୍ନାଇ ସହରର ଦୃଶ୍ୟ।

ସହରଗୁଡ଼ିକ ପ୍ରତି ବିପଦ ସୃଷ୍ଟି ହୋଇଛି। ଏହି ଘନ ଜନବହୁଳ ମେଟ୍ରୋ ମହାନଗରଗୁଡ଼ିକ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଅଙ୍ଗେ ନିଭାଇସାରିଲେଣି। ଜଳବାୟୁ ପରିବର୍ତ୍ତନ ଯୋଗୁ ଅଧିକ ବୃଷ୍ଟିପାତ, ବନ୍ୟା ସାଙ୍ଗକୁ ଅନାବୃଷ୍ଟି ସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ବିଶ୍ୱବ୍ୟାଙ୍କ ଗ୍ରୁପ୍ ଦ୍ୱାରା ନିଯୁକ୍ତ ପଟ୍ସଡାମ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ ଆଣ୍ଡ କ୍ଲାଇମେଟ୍ ଆନାଲିଟିକ୍ସର ଗବେଷଣାରେ ଭାରତକୁ ସତର୍କ କରିଦିଆଯାଇଛି। ଉଚ୍ଚ ଅକ୍ଷାଂଶ ତୁଳନାରେ ବିଷୁବ ମଣ୍ଡଳ ନିକଟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଭାରତର ଉପକୂଳ ସହରଗୁଡ଼ିକ ପ୍ରତି ଅନେକ ବିପଦ ରହିଛି। ସମୁଦ୍ର ପତ୍ତନ ବଢ଼ିବା ସହ ଉଚ୍ଚ ଜୁଆର ମାଡ଼ିଆସିବା, କୃଷି କ୍ଷତିଗ୍ରସ୍ତ ହେବା, ଭୂତଳ ଜଳ ମାନ ଖରାପ ହେବ ସମେତ ଜଳବାହିତ ରୋଗ ବଢ଼ିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଉପରେ ୨୦୨୧ରେ ଆନ୍ତଃସରକାରୀ ପ୍ୟାନେଲ୍ ରିପୋର୍ଟରେ ଭାରତକୁ କଡ଼ା ଚେତାବନୀ ଦିଆଯାଇଥିଲା। ସମୁଦ୍ର ପତ୍ତନ ବୃଦ୍ଧି ଯୋଗୁ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ଭାରତର ୧୨ ଉପକୂଳ ସହର ୩ ଫୁଟ୍ ବୁଡ଼ିଯିବ ବୋଲି ଏହି ରିପୋର୍ଟରେ କୁହାଯାଇଥିଲା। ସେଗୁଡ଼ିକ ମଧ୍ୟରେ ମୁମ୍ବାଇ, ଚେନ୍ନାଇ, କୋଚି, ବିଶାଖାପାଟଣା ଆଦି ସହର ରହିଛି। ଉପକୂଳର ୭୦ ଲକ୍ଷରୁ ଅଧିକ କୃଷି ଓ ମତ୍ସ୍ୟଜୀବୀ ପରିବାର ଉପକୂଳ କ୍ଷୟର ପ୍ରଭାବ ଅନୁଭବ କଲେଣି। ସମୁଦ୍ର ପତ୍ତନ ବୃଦ୍ଧି ଯୋଗୁ ୨୦୫୦ ବେଳକୁ ୧,୫୦୦ ବର୍ଗକିଲୋମିଟର ସ୍ଥଳଭାଗ ପାଣିରେ ବୁଡ଼ିଯିବ। ଫଳରେ ବହୁ ମୂଲ୍ୟବାନ କୃଷି ଅଞ୍ଚଳ ସମୁଦ୍ରରେ ବିଲୀନ ହେବା ସହ ଉପକୂଳରେ ବସବାସ କରୁଥିବା ଲୋକଙ୍କ ବସତି ପ୍ରତି ବିପଦ ସୃଷ୍ଟି ହେବ ବୋଲି ରିପୋର୍ଟରେ କୁହାଯାଇଛି।

## ସୀମା ଲଙ୍ଘୁଛି ବିଶ୍ୱତାପନ

### କପ୍୨୮ରେ ଉଦ୍‌ବେଗ

ଦୁବାଇ,୬।୧୨(ପି.ଟି.)

ପୃଥିବୀରେ ଜୀବନଧାରଣ ପାଇଁ ୫ଟି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ସମ୍ପର୍କିତ ସୀମା ଅତିକ୍ରମ କରି ଚାଲିଛି ଜଳବାୟୁ ପରିବର୍ତ୍ତନର ଦୁଷ୍ପରିଣାମ। ସାମ୍ପ୍ରତିକ ସ୍ଥିତିରେ ବଢ଼ିଚାଲିଥିବା ବିଶ୍ୱ ତାପନକୁ ଦେଖି ୨୦୦ ବୈଜ୍ଞାନିକଙ୍କୁ ନେଇ ଗଠିତ ଏକ ଟିମ୍ ଦୁବାଇରେ ଚାଲିଥିବା କପ୍୨୮ରେ ଏଭଳି ସତର୍କ କରାଇଛନ୍ତି। ବୁଧବାର ଏହି ଅନ୍ତର୍ଜାତୀୟ ଜଳବାୟୁ ସମ୍ମିଳନୀରେ 'ଗ୍ଲୋବାଲ ଟିପିଙ୍ଗ୍ ପଏଣ୍ଟସ୍' ରିପୋର୍ଟ ପ୍ରକାଶ ପାଇଛି। ପ୍ରାକୃତିକ ବ୍ୟବସ୍ଥାଗୁଡ଼ିକର ସୀମା ଉପରେ ପ୍ରଥମ ଥର ପାଇଁ ଏଭଳି ସମ୍ପୂର୍ଣ୍ଣ ମୂଲ୍ୟାୟନ କରାଯାଇଥିବା ବୈଜ୍ଞାନିକମାନେ କହିଛନ୍ତି। ବୈଶ୍ୱିକ ତାପନର ସାମ୍ପ୍ରତିକ ସ୍ଥିତି ଯୋଗୁ କ୍ରିଓସ୍ଫିୟର ଭଳି ୫ ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ ସମେତ ବିପଦରେ ଥିବା ୨୬ ଟିପିଙ୍ଗ୍ ପଏଣ୍ଟକୁ ବୈଜ୍ଞାନିକମାନେ ଚିହ୍ନଟ କରିଛନ୍ତି। ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ ହେଲା ଗ୍ରୀନ୍‌ଲ୍ୟାଣ୍ଡ ଓ ପଶ୍ଚିମ ଆଣ୍ଟାର୍କଟିକ୍ ବରଫ ଆସ୍ତରଣ, ଉତ୍ତର ଆଟଲାଣ୍ଟିକ୍ ଉପମେରୁ ଗାଇର୍ ସର୍କୁଲେଶନ, ଉଷ୍ଣଜଳ କୋରାଲ ରିଫ୍ ଏବଂ ସ୍ଥାୟୀ ତୁଷାର ଭୂମି। ଏହି ଟିପିଙ୍ଗ୍ ପଏଣ୍ଟଗୁଡ଼ିକ ମାନବ ଜାତି ପାଇଁ ବିପଦ ସୃଷ୍ଟି କରୁଥିବା ପୂର୍ବରୁ କେବେ ଆକଳନ କରାଯାଇ ନ ଥିଲା ବୋଲି ବ୍ରିଟେନ୍ ଏକ୍ସେଟର ୟୁନିଭର୍ସିଟିର କ୍ଲାଇମେଟ୍ ଚେଞ୍ଜ୍ ଆଣ୍ଡ ଆର୍ଥ ସିଷ୍ଟମ ସାଇନ୍ସର ଅଧ୍ୟକ୍ଷ ପ୍ରଫେସର ଟିମ୍ ଲେନନ୍ କହିଛନ୍ତି।

# ବିଧାୟକ ହେଲେ, ଏମ୍‌ପି ପଦ ଛାଡ଼ିଲେ

### ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ ଭୋଟ ପରେ

ନୂଆଦିଲ୍ଲୀ,୬।୧୨

ସଦ୍ୟସମାପ୍ତ ରାଜ୍ୟ ବିଧାନସଭା ନିର୍ବାଚନରେ ଜିତିଥିବା ୧୨ ଭାଜପା ଏମ୍‌ପିଙ୍କ ମଧ୍ୟରୁ ୧୦ ଜଣ ବୁଧବାର ପାର୍ଲାମେଣ୍ଟ ସଦସ୍ୟ ପଦ ଛାଡ଼ିଛନ୍ତି। ଇସ୍ତଫା ଦେଇଥିବା ଭାଜପା ଏମ୍‌ପିଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏବଂ ପ୍ରହ୍ଲାଦ ପଟେଲ ଅଛନ୍ତି। ସେମାନେ କେନ୍ଦ୍ର କ୍ୟାବିନେଟ୍‌ରୁ ମଧ୍ୟ ଇସ୍ତଫା ଦେବେ। ତୋମାର କେନ୍ଦ୍ରରେ କୃଷିମନ୍ତ୍ରୀ ଥିବାବେଳେ ପ୍ରହ୍ଲାଦ ପଟେଲ ଖାଦ୍ୟ ପ୍ରକ୍ରିୟାକରଣ ରାଷ୍ଟ୍ରମନ୍ତ୍ରୀ ଅଛନ୍ତି। ଇସ୍ତଫା ଦେଇଥିବା ଅନ୍ୟ ଏମ୍‌ପିମାନେ ହେଲେ ରୀତି ପାଠକ, ରାକେଶ ସିଂ, ଉଦୟ ପ୍ରତାପ ସିଂ, ରାଜ୍ୟବର୍ଦ୍ଧନ ସିଂ ରାଠୋର, କିରୋଡିଲାଲ୍ ମୀନା, ଦିୟା କୁମାରୀ, ଅରୁନ ସାଓ ଏବଂ ଗୋମତି ସାଇ। ରାଜସ୍ଥାନ ଅଲୱର ଆସନରୁ ଜିତିଥିବା ବାବା ବାଲକନାଥ ଏବଂ ଛତିଶଗଡ଼ର ସର୍ଗୁଜା ଆସନରୁ ଜିତିଥିବା ରେଣୁକା ସିଂ ଏମ୍‌ପି ପଦ ଛାଡ଼ି ନ ଥିବାବେଳେ ସେମାନେ ଖୁବ୍‌ଶୀଘ୍ର ଇସ୍ତଫା ଦେବେ ବୋଲି ଜଣାପଡ଼ିଛି। ଯେଉଁ ଭାଜପା ନେତାମାନେ ବୁଧବାର ପାର୍ଲାମେଣ୍ଟ ଛାଡ଼ିଛନ୍ତି, ସେମାନଙ୍କ ମଧ୍ୟରୁ କେତେଜଣ ଦଳ ଜିତିଥିବା ୩ ରାଜ୍ୟରେ ମୁଖ୍ୟମନ୍ତ୍ରୀ ପଦ ଦୌଡ଼ରେ ରହିଥିବା ବିଶ୍ୱାସ କରାଯାଉଛି। ଏନେଇ ଦଳ ପକ୍ଷରୁ ଖୁବ୍‌ଶୀଘ୍ର ଘୋଷଣା କରାଯାଇପାରେ। ମଧ୍ୟପ୍ରଦେଶରେ ଶିବରାଜ ସିଂ ଚୌହାନଙ୍କୁ ୫ମ ଥର ମୁଖ୍ୟମନ୍ତ୍ରୀ କରିବା ପରିବର୍ତ୍ତେ ଦଳ ଜଣେ ନୂଆ ମୁହଁଙ୍କୁ ବାଛିପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ ଓ ତେଲଙ୍ଗାନା ବିଧାନସଭା ନିର୍ବାଚନରେ ଭାଜପା ୫ କେନ୍ଦ୍ରମନ୍ତ୍ରୀଙ୍କ ସମେତ ୨୧ ଏମ୍‌ପିଙ୍କୁ ପ୍ରାର୍ଥୀ କରିଥିଲା। ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ୭ ଜଣ ଲେଖାଏ ଏବଂ ଛତିଶଗଡ଼ରେ ୪ ଜଣ ଏମ୍‌ପି ପ୍ରାର୍ଥୀ ହୋଇଥିବାବେଳେ ତେଲଙ୍ଗାନାରେ ୩ ଜଣ ଲଢ଼ିଥିଲେ। ରାଜସ୍ଥାନରେ ୩ ଜଣ, ମଧ୍ୟପ୍ରଦେଶରେ ୨ ଏବଂ ଛତିଶଗଡ଼ରେ ଜଣେ ଭାଜପା ଏମ୍‌ପି ହାରିଥିଲାବେଳେ ତେଲଙ୍ଗାନାରେ ସମସ୍ତ ୩ ଜଣ ହାରିଯାଇଥିଲେ।



ନରେନ୍ଦ୍ର ସିଂ ତୋମାର



ପ୍ରହ୍ଲାଦ ପଟେଲ

## ୟୁନେସ୍କୋ ତାଲିକାରେ 'ଗର୍‌ବା'



**ନୂଆଦିଲ୍ଲୀ,୬।୧୨:** ଗୁଜରାଟର ଲୋକପ୍ରିୟ ଗର୍‌ବା ନୃତ୍ୟ ଜାତିସଂଘର ଶୈକ୍ଷିକ, ବୈଜ୍ଞାନିକ ଓ ସାଂସ୍କୃତି ସଙ୍ଗଠନ (ୟୁନେସ୍କୋ)ର ମର୍ଯ୍ୟାଦାଜନକ କାଳଜୟୀ ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନିତ ହୋଇଛି। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଷନ୍ ରେଡ୍ଡୀ ଏନେଇ ବୁଧବାର ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ସୂଚନା ଦେଇଛନ୍ତି। ଏହା ଭାରତ ପାଇଁ ଗର୍ବର ମୁହୂର୍ତ୍ତ ବୋଲି ସେ ଉଲ୍ଲେଖ କରିବା ସହ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ସୋନିଆ ମୋତେ ପ୍ରଧାନମନ୍ତ୍ରୀ କରିବେନି

### ରାହୁଲ ଗାନ୍ଧୀଙ୍କୁ ଏଏମ୍, ପିଏମ୍ ଜଣାନାହିଁ; ପିଏମ୍‌ଓ ଚଳାଇବେ କିପରି

ନୂଆଦିଲ୍ଲୀ,୬।୧୨

ନା, ସେ ମୋତେ ପ୍ରଧାନମନ୍ତ୍ରୀ କରିବେ ନାହିଁ। ୨୦୦୪ରେ ପ୍ରଣବ ମୁଖାର୍ଜୀ ପ୍ରଧାନମନ୍ତ୍ରୀ ହେବା ସମ୍ଭାବନା ଉପରେ ଝିଅ ଶର୍ମିଷ୍ଠା ପ୍ରଶ୍ନ କରିବାରୁ ତାଙ୍କୁ ଏପରି ଉତ୍ତର ଦେଇଥିଲେ କଂଗ୍ରେସର ତତ୍କାଳୀନ ବରିଷ୍ଠ ନେତା। ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଝିଅ ଶର୍ମିଷ୍ଠା ମୁଖାର୍ଜୀ ରୂପା ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ ନିଜ ପୁସ୍ତକ 'ଇନ୍ ପ୍ରଣବ, ମାଇଁ ଫାଦର: ଏ ଡଟର ରିମେମ୍ବର୍ସ'ରେ ଏହି ଗୋପନ କଥା ପ୍ରଘଟ କରିଛନ୍ତି। ପ୍ରଣବ ଭାରତର ତ୍ରୟୋଦଶ ରାଷ୍ଟ୍ରପତି (୨୦୧୨-୨୦୧୭) ଥିଲେ। ୨୦୨୦ ଅଗଷ୍ଟ ୧୩ରେ ୮୪ ବର୍ଷ ବୟସରେ ତାଙ୍କ ପରଲୋକ ହୋଇଥିଲା। ୨୦୨୧ରେ ରାଜନୀତି ଛାଡ଼ିଦେଇଥିବା କଂଗ୍ରେସର ପୂର୍ବତନ ମୁଖପାତ୍ର ଶର୍ମିଷ୍ଠା ନିଜ ପୁସ୍ତକରେ ବାପାଙ୍କ ଗୌରବମୟ ରାଜନୈତିକ ଜୀବନ ସମ୍ପର୍କରେ ସମ୍ୟକ ରୂପେ ଉଲ୍ଲେଖ କରିଛନ୍ତି। ୨୦୦୪ ଲୋକ ସଭା ନିର୍ବାଚନରେ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ୟୁପିଏ) ସରକାର ଗଠନ ବେଳେ ସୋନିଆ ପ୍ରଣବଙ୍କ ପରିବର୍ତ୍ତେ କିପରି ମନମୋହନ ସିଂଙ୍କୁ ଭାରତର ପ୍ରଧାନମନ୍ତ୍ରୀ ବାଛିଥିଲେ ତାହା 'ଦି ପିଏମ୍ ଇଣ୍ଡିଆ ନେଭର ହ୍ୟାଡ୍' ଅଧ୍ୟାୟରେ ଶର୍ମିଷ୍ଠା ଲେଖିଛନ୍ତି। ଏଥିପାଇଁ ଶର୍ମିଷ୍ଠାଙ୍କୁ ବାପାଙ୍କ ଡାଏରି ପଢ଼ିବା ସହ ଅନେକ ଗବେଷଣା କରିବାକୁ ପଡ଼ିଥିଲା। ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ରାଜନୈତିକ ଅପରିପକ୍ୱତା ସମ୍ପର୍କରେ ମଧ୍ୟ ପ୍ରଣବଙ୍କ ଉକ୍ତିଗୁଡ଼ିକର ସେ ଅବତାରଣା କରିଛନ୍ତି। କଂଗ୍ରେସର ନେତୃତ୍ୱ ନେବା ପାଇଁ ରାହୁଲଙ୍କ ଦକ୍ଷତା ଉପରେ ପ୍ରଣବ ପ୍ରଶ୍ନ ଉଠାଇଥିଲେ। କାରଣ ଗୁରୁତ୍ୱପୂର୍ଣ୍ଣ ସମୟରେ ରାହୁଲ ବାରମ୍ବାର ଉଭାନ ହୋଇଯାଉଥିଲେ। ପ୍ରଣବ ରାଷ୍ଟ୍ରପତି ଭବନର ମୋଗଲ ଗାର୍ଡେନ୍ (ଅମୃତ ଉଦ୍ୟାନ)ରେ ପ୍ରାତଃ ଭ୍ରମଣ କରିବା ସମୟରେ କେହି ତାଙ୍କୁ ବ୍ୟାଘାତ ଦେଲେ ସେ ଆଦୌ ବରଦାସ୍ତ କରୁ ନ ଥିଲେ। କିନ୍ତୁ ସେହି ସମୟରେ ହିଁ ରାହୁଲ ତାଙ୍କୁ ଭେଟିବାକୁ ଯାଉଥିଲେ। ଥରେ ରାହୁଲ ପ୍ରଣବଙ୍କୁ ସନ୍ଧ୍ୟାରେ ଭେଟିବା ପାଇଁ ସମୟ ନେଇଥିଲେ। କିନ୍ତୁ ସେ ସକାଳେ ଯାଇ ମୋଗଲ ଗାର୍ଡେନରେ ସାକ୍ଷାତ କରିଥିଲେ। ଏହି ବିଷୟରେ ଶର୍ମିଷ୍ଠା ବାପାଙ୍କୁ ପ୍ରଶ୍ନ କରିବାକୁ ସେ କହିଥିଲେ, ଏଏମ୍ (ଆଣ୍ଟିମେରିଡିୟମ୍) ଏବଂ ପିଏମ୍ (ପୋଷ୍ଟ ମେରିଡିୟମ୍)ର ପ୍ରଭେଦ ରାହୁଲଙ୍କ ଅଫିସକୁ ଜଣାନାହିଁ। ତେଣୁ ରାହୁଲ ଦିନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ କିପରି ଚଳାଇବେ ବୋଲି ଆଶା କରୁଛନ୍ତି?



ପ୍ରଣବ ମୁଖାର୍ଜୀଙ୍କ ସହ ସୋନିଆ ଗାନ୍ଧୀ (ଫାଇଲ୍ ଫଟୋ)।

### ନିଜ ପୁସ୍ତକରେ ପ୍ରଣବ ମୁଖାର୍ଜୀଙ୍କ ଉକ୍ତିର ଅବତାରଣା କଲେ ଝିଅ ଶର୍ମିଷ୍ଠା



# ଅମଳ ବେଳେ ଭିଜିଲା ଧାନ ଫସଲ



ବୁର୍ଡା ପୂର୍ତ୍ତ ବିଭାଗ ଡାକବଙ୍ଗଳା ନିକଟ ଖେତରେ କଟାଧାନ ବର୍ଷାରେ ଭିଜୁଛି।

**ଲାଠୋର/ଖପ୍ରାଖୋଲ, ୬।୧୨ (ଭୁବନେଶ୍ୱର ବାରିକ/ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ମଙ୍ଗଳବାର ରାତିରୁ ଲଗାଣ ବର୍ଷା ଚାଷୀଙ୍କ ଚିନ୍ତା ବଢାଇ ଦେଇଛି। କ୍ଷେତରେ ଅମଳ ଅବସ୍ଥାରେ ଧାନ ପେଟା ମାଟିରେ ଲୋଟି ପଡିବାରୁ ଭିଜିଯାଇଛି ବୋଲି ବନ୍ଦେର ପଞ୍ଚାୟତ ସଦର ଗାଁର ବିମଳ ସାହୁ, ଧନୁର୍ଦ୍ଧର ପ୍ରଧାନ, ଦେବାର୍ଚ୍ଚନ ପ୍ରଧାନ, ପଞ୍ଚାନନ ପ୍ରଧାନ, ଜିତୁ ନାଗ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। ଲାଠୋର ଅଞ୍ଚଳରେ ୧୨ଶହରୁ ଊର୍ଦ୍ଧ୍ୱ ଚାଷୀ ଚଳିତ ବର୍ଷ ପ୍ରାୟ ୨ହଜାର ହେକ୍ଟର ଜମିରେ ଧାନ ଓ ୧ ହଜାରରୁ ଊର୍ଦ୍ଧ୍ୱ ଜମିରେ କପା ଚାଷ କରିଛନ୍ତି। ସାମୁଦ୍ରିକ ଛଡ ମିଗ୍‌ଜୋମ୍ ପ୍ରଭାବରେ ବର୍ଷା ହେବାର ସୂଚନା ଥିଲେ ମଧ୍ୟ ଆନୁସାଙ୍ଗିକ ବ୍ୟବସ୍ଥାର ଅଭାବ ହେତୁ ଚାଷୀମାନେ ଧାନ ଏବଂ କପା ଫସଲକୁ ସୁରକ୍ଷିତ ରଖି ପାରି ନ ଥିଲେ। କେତେକ ଧାନ ଅମଳ କରି ଘରକୁ ଆଣି ଖଳାରେ ରଖିଛନ୍ତି। ଅନେକ କେତେକ ଧାନ କାଟି କ୍ଷେତରେ ପକାଇଛନ୍ତି ବା କାଟି ନାହାନ୍ତି। ମଙ୍ଗଳବାର ସନ୍ଧ୍ୟାରୁ ଲଗାଣ ବର୍ଷା ପବନ ଯୋଗୁ ଧାନ ଏବେ ଗଜା ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଅମଳ ହେବାକୁ ଥିବା କପା ସବୁ ଭିଜି ଯାଇଛି। ଧାର କରଜ କରି ଫସଲ ଉଠିଆ କରିଥିବା ଚାଷୀ ଏବେ ଫସଲହାନୀ ଆଶଙ୍କା କରି ଚିନ୍ତାରେ ରହିଛନ୍ତି। କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଜିଲା କୃଷକ ମହାସଂଘ ସଭାପତି ଜତି ପ୍ରଧାନ ଦାବି କରିଛନ୍ତି। ଏନେଇ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେରଙ୍କୁ ପଚାରିବାରୁ ବର୍ଷାର ପ୍ରାକ୍ ସୂଚନା ଚାଷୀ ପାଇ ଅନେକ ନିଶ୍ଚିତ ସତର୍କ ଥିବେ। କପା ଫସଲ ପ୍ରଭାବିତ ହେବା ସମ୍ଭାବନା ରହିଛି। କ୍ଷେତରେ କଟା ହୋଇ ପଡିଥିବା କ୍ଷତିଗ୍ରସ୍ତ ହୋଇପାରେ। କ୍ଷୟକ୍ଷତି ସମ୍ପର୍କରେ ଆକଳନ କରାଯାଇ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ସେ କହିଥିଲେ।

## ବର୍ଷା ବଢ଼ାଇଲା ଚାଷୀଙ୍କ ଚିନ୍ତା

**ଲୋଇସିଂହା,୬।୧୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଞ୍ଚଳରେ ସାମୁଦ୍ରିକ ବାତ୍ୟା ମିଗ୍‌ଜୋମ୍ ପ୍ରଭାବରେ ବୁଧବାର ଦିନତମାମ କୋହଲା ପାଗ ସହ ବର୍ଷା ଲାଗି ରହିଥିଲା। ବୁଧବାର ରାତିରେ ଯଦି ବର୍ଷା ଲାଗି ରହେ ଏବଂ ଗୁରୁବାର ପାଗରେ ପରିବର୍ତ୍ତନ ନ ହେଲେ କ୍ଷେତରେ କଟା ଧାନ ଏବଂ ଖଳାରେ ରଖାଯାଇଥିବା ଧାନ ଗଜା ହେବା ନିଶ୍ଚିତ। କୃଷି ବିଭାଗ ସୂଚନା ଅନୁଯାୟୀ, ଅଦ୍ୟାବଧି ୮୦ପ୍ରତିଶତ ଧାନ କଟା ସରିଛି। ହେଲେ ସେଥିରୁ କେତେ ପରିମାଣର ଅମଳ ଧାନ ଚାଷୀଙ୍କ ଘରକୁ ଆସିଛି ଏବଂ କେତେ କଟା ଧାନ କ୍ଷେତ ଓ ଖଳାରେ ରଖାଯାଇଛି ଏସବୁ ତଥ୍ୟ କୃଷି ବିଭାଗ ପାଖରେ ନଥିବା ଦାୟିତ୍ୱରେ ଥିବା ବ୍ଲକ କୃଷି ଅଧିକାରୀ ସୁଜତା ଛତ୍ରିଆ କହିଛନ୍ତି। ଗ୍ରାମାଞ୍ଚଳରେ କୃଷି କର୍ମଚାରୀ କ୍ଷେତ୍ର ପରିଦର୍ଶନ କରୁ ନ ଥିବାରୁ କୃଷି ବିଭାଗ ଅବଗତ ନଥିବା ଅଭିଯୋଗ ହେଉଛି। ହାର୍ଭେଷ୍ଟର,ଥ୍ରେସର ଆଦି କୃଷି ଯନ୍ତ୍ରପାତିରେ ଧାନ ଅମଳ ହେଉଥିଲେ ହେଁ ତାହା ପର୍ଯ୍ୟାପ୍ତ ହେଉ ନ ଥିବାରୁ ଶତପ୍ରତିଶତ ଅମଳ ହୋଇ ପାରି ନ ଥିବା କୁହାଯାଉଛି। ନଭେମ୍ବର ୨୮ରେ ବ୍ଲକର କନ୍ଦାଜୁରୀ ପାକ୍ସରୁ ଜିଲାର ଧାନ କିଣା ଶୁଭାରମ୍ଭ କରିଥିଲେ ଜିଲାପାଳ ଚଞ୍ଚଳ ରାଣା। ନାମକୁ ମାତ୍ର ମଣ୍ଡି ଖୋଲିଛି ହେଲେ ଧାନକିଣା ଯାଇପାରିନାହିଁ। ଅଦ୍ୟାବଧି ଅଧିକାଂଶ ପାକ୍ସରେ ଧାନକିଣିବା ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହୋଇନାହିଁ। ଏପରିକି ମିଲର୍ସ ଏଗ୍ରିମେଣ୍ଟ ମଧ୍ୟ ହୋଇ ନ ଥିବା ଚର୍ଚ୍ଚା ହେଉଛି।



# ଆୟୁର୍ବେଦ ମହାବିଦ୍ୟାଳୟରେ ରକ୍ତଦାନ ଶିବିର




ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

**ବଲାଙ୍ଗୀର,୬।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିସରରେ ବୁଧବାର ଏକ ମେଗା ରକ୍ତ ଶିବିର ଆୟୋଜିତ ହୋଇଥିଲା। ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ସାମାଜିକ ସେବା ଯୋଜନାରେ ବଲାଙ୍ଗୀରସ୍ଥିତ ରେଡକ୍ରସ ସମିତି ସଂଯୋଜନାକ୍ରମେ ଏହି ରକ୍ତଦାନ ଶିବିର ଅୟୋଜିତ ହୋଇଥିଲା। ବଲାଙ୍ଗୀର ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା .କୁବେର ଚନ୍ଦ୍ର ମହନ୍ତ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ରକ୍ତଦାନର ଉପକାରିତା ବିଷୟରେ ଲୋକଙ୍କୁ ସଚେତନ କରିବାକୁ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କଲେଜର ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଗୃହ ଚିକିତ୍ସକ, ଅଧ୍ୟାପକ ତଥା ଅନ୍ୟ କର୍ମଚାରୀ ରକ୍ତଦାନ କରିଥିଲେ। ଅନୁଷ୍ଠାନ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଡ଼ା ଶିବବ୍ରତ ବେହେରା ଛାତ୍ରୀଛାତ୍ରଙ୍କୁ ରକ୍ତ ଦାନ ଏକ ମହତ ଦାନ ଉଦ୍ଦେଶ୍ୟରେ ମନ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ରାମ ନାରାୟଣ ଦାସ, ଅନୁଷ୍ଠାନ ଛାତ୍ର ସଂସଦ ସଭାପତି ଡ଼. ସତ୍ୟମ ଚନ୍ଦ୍ରକାର, ଉପସଭାପତି ଡ଼. ସନ୍ଦୀପ ମେହେର, ସମ୍ପାଦକ ଡ଼. ବୁଲୁ ମେହେର ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ଅଧ୍ୟାପକ ଡ଼. ବୁଦ୍ଧଦେବ ମିଶ୍ର, ଡ଼. ସୁଶାନ୍ତ କୁମାର ମେହେର, ଡ଼. ସ୍ନେହଲତା ପ୍ରଧାନ ତଥା ଡ଼. ଜ୍ୟୋତି ରଞ୍ଜନ ମେହେର ଓ ଡ଼. ଭାଭ୍ୟରଞ୍ଜନ ଦାଶ ଯୋଗଦାନ କରିଥିଲେ।

# ମଦ ବ୍ୟବସାୟୀଙ୍କ ଘରେ ଆୟକର ବିଭାଗ ଚଢ଼ାଉ

- **ଟିଟିଲାଗଡ, ବଲାଙ୍ଗୀରର ମଦଭାଟି, ବାସଭବନରେ ଚଢ଼ାଉ**
- **ଟିକସ ଫାଙ୍କିଥିବା ସନ୍ଦେହରେ ବଡଧରଣର ଚଢ଼ାଉ ଅଭିଯାନ**

**ବଲାଙ୍ଗୀର/ଟିଟିଲାଗଡ, ୬।୧୨ (ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର)**

ବଲାଙ୍ଗୀର ଜିଲାର ଟିଟିଲାଗଡ ଏବଂ ବଲାଙ୍ଗୀର ସହରର ଏକାଧିକ ସ୍ଥାନରେ ବୁଧବାର ଆୟକର ବିଭାଗ ପକ୍ଷରୁ ବଡଧରଣର ଚଢ଼ାଉ କରାଯାଇଛି। ଟିଟିଲାଗଡର ଜଣାଶୁଣା ମଦ ବ୍ୟବସାୟୀ ସଞ୍ଜୟ ସାହୁ ଓ ଦୀପକ ସାହୁଙ୍କ ଘରେ ଆୟକର ବିଭାଗର ପ୍ରାୟ ୪୦ ଅଧିକାରୀ ୨୦ଟି କାରରେ ଆସି ଏକକାଳୀନ ଚଢ଼ାଉ କରିବା ଘଟଣା ଟିଟିଲାଗଡ ସହରରେ ଚର୍ଚ୍ଚାର ବିଷୟ ହୋଇଛି। ବଡଧରଣର ଟିକସ ଫାଙ୍କି ସନ୍ଦେହରେ ଆୟକର ବିଭାଗ ପକ୍ଷରୁ ଏଭଳି ଚଢ଼ାଉ କରାଯାଇଥିବା ଜଣାପଡିଛି। ସେହିପରି ବଲାଙ୍ଗୀର ସହରର ସୁଦପଡା ସ୍ଥିତ ରାଜେଶ ସାହୁଙ୍କ ମଦଭାଟିରେ ମଧ୍ୟ ଚଢ଼ାଉ କରାଯାଇଥିବା ଜଣାପଡିଛି। ଆୟକର ବିଭାଗ ଅଧିକାରୀମାନେ ଏହି ବଡଧରଣର ଚଢ଼ାଉ ଅଭିଯାନ ଉପରେ ଗଣମାଧ୍ୟମକୁ ସୂଚନା ଦେଇନାହାନ୍ତି। ତେବେ ଟିଟିଲାଗଡ ଓ ବଲାଙ୍ଗୀରର ମଦଭାଟି ଓ ବାସଭବନରୁ ସେମାନେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରିବା ସହ ନେଇଥିବା ଜଣାପଡିଛି।

# ବିରୋଧୀଙ୍କ ଅପପ୍ରଚାରର ମୁକାବିଲା କର



ଶିବିରର ଉଦ୍‌ଘାଟନୀ ଉତ୍ସବରେ ବିଜେଡି ନେତୃବୃନ୍ଦ।

**ଲୋଇସିଂହା,୬।୧୨(ସୁଶାନ୍ତ ବାରିକ)**

### ବିଜେଡି ପ୍ରଶିକ୍ଷଣ ଶିବିର

ତୃଣମୂଳସ୍ତରରେ ବିଜେଡି ସଙ୍ଗଠନକୁ ସୁଦୃଢ କରିବା ପାଇଁ ବଲାଙ୍ଗୀର ଜିଲା ଲୋଇସିଂହା ଢୋଲମହୁଲଠାରେ ଲୋଇସିଂହା ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି। ବୁଧବାର ଶିବିରର ଦ୍ୱିତୀୟ ଦିବସରେ ଆଗଲପୁର ବ୍ଲକର ୨ଟି ଯାକ ଜୋନର ବହୁ ସକ୍ରିୟ କର୍ମୀ ପ୍ରଶିକ୍ଷଣ ନେଇଥିଲେ। ବିଜେଡି ରାଜ୍ୟ ପରିଷଦ ସଭ୍ୟ ନିହାରରଞ୍ଜନ ବେହେରାଙ୍କ ତତ୍ତ୍ୱବଧାନରେ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି। ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦିକା ପ୍ରୀତି ପ୍ରୟିଙ୍କା ପ୍ରଶିକ୍ଷକଭାବେ ଯୋଗଦେଇଛନ୍ତି। ୨୦୨୪ସାଧାରଣ ନିର୍ବାଚନରେ ବିଜେଡି ଭଲ ପ୍ରଦର୍ଶନ କରି ସରକାର ଗଠନ କରିବା ଏବଂ ଏଥିରେ କର୍ମୀଙ୍କ କିପରି ଭୂମିକା ରହିବ ସେ ସମ୍ପର୍କରେ ପ୍ରଶିକ୍ଷକମାନେ କର୍ମୀଙ୍କୁ ଜଣାଇଥିଲେ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ଚାଲିଥିବା ରୂପାନ୍ତରଣ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଏହାସହ କେନ୍ଦ୍ରିୟ ଯୋଜନାର ବିଫଳତା ଏବଂ ବିରୋଧୀଙ୍କ ଅପପ୍ରଚାର ମୁକାବିଲା କରିବାକୁ କର୍ମୀଙ୍କୁ ଗୁରୁମନ୍ତ୍ର ଦିଆଯାଉଛି। ବୁଧବାର ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବୀଣାପାଣି ଦାଶ ଯୋଗଦେଇଥିଲେ। ସୋମବାର ଶିବିର ଉଦ୍‌ଘାଟନୀ ଅବସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ଜିଲା ପରିଷଦ ସଭ୍ୟା ଲିଲିମା ବେହେରା, ସଂଯୁକ୍ତା ବରିହା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବ୍ରଜମୋହନ ବିଶୋଇ, ଜିଲା ପର୍ଯ୍ୟବେକ୍ଷକ ସୁଶାନ୍ତ ସିଂଙ୍କ ପ୍ରତିନିଧି ପ୍ରଦ୍ୟୁମ୍ନ ତ୍ରିପାଠୀ, ଯୁବ ସଭାପତି ପ୍ରକାଶ ମହାରଣା, ବ୍ଲକ ମହିଳା ସଭାନେତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଡାକ ମେଳା ସଚେତନତା ଶିବିର

**ଥୁଆମୂଳ ରାମପୁର,୬।୧୨(ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକସ୍ଥିତ ଓଏଲଏମ୍ ଗୃହଠାରେ ସ୍ଥାନୀୟ ସରପଞ୍ଚ ବିଜୟା ମାଝିଙ୍କ ସଭାପତିତ୍ୱରେ ଡାକ ମେଳା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟା ପୁଷ୍ପାଞ୍ଜଳି ନାଏକ ଯୋଗଦେଇଥିଲେ। ଏହି ଡାକମେଳା ସଚେତନତା ଶିବିରରେ ବିଭାଗୀୟ ଜୟପାଟଣା ଡାକ ବିଭାଗ ସବଡିଭିଜନର ନିରୀକ୍ଷକ ଗଏନ୍ତା, ଓଭରସିୟର ପାତ୍ର, ଓଭରସିୟର ସମୀର ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଥୁଆମୂଳ ରାମପୁର ସବଡାକ କାର୍ଯ୍ୟାଳୟ ଅନ୍ତର୍ଗତ ମେଲକୁନ୍ଦେଲ ବିପିଏମ ଗୌରୀ ଶଙ୍କର ଦୁର୍ଗା, ବିରିକୋଟ ବିପିଏମ ଧନେଶ୍ୱର ମାଝି, ସିନ୍ଧିପଦର ବିପିଏମ ଦଇତାରୀ ସାହୁ, ଶ୍ରୀମସ୍କା ବିପିଏମ ତ୍ରିଲୋଚନ ନାଏକ ସମେତ ବିପିଏମ/ଏବିଏମ ପ୍ରାୟ ୬୦ ଜଣ ଉପସ୍ଥିତ ରହିଥିଲେ। ତେବେ ଏହି ଡାକ ମେଳାରେ ଡାକ ବିଭାଗରେ ଲୋକଙ୍କୁ ସେବା ଯୋଗାଉଥିବା ସ୍କିମ ମଧ୍ୟରେ ରହିଛି ଆରଡି, ଟିଡି, ଏସଏସଏ, ଏମଏସଏସଏ, ଆରପିଏଲଆଇ, ପିଏଲଆଇ, ଏନଏସସି, କେଭିପିବି ଭଳି ସ୍କିମ ଉପରେ ଉପସ୍ଥିତ ଲୋକଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ। ସରକାରଙ୍କ ଯୋଜନାଗୁଡିକ ଯେପରି ପ୍ରତ୍ୟେକ ଲୋକଙ୍କ ପାଖକୁ ପହଞ୍ଚି ପାରିବ ଏବଂ ତାର ସୁବିଧା ଜନସାଧାରଣ ପାଇ ପାରିବେ ତାହା ଉପରେ ଏହି ଡାକ ମେଳା ସଚେତନତା ଶିବିରର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା।

# ଚେସ୍‌ରେ ରୋହନ, ସୁମିତ କ୍ୟାରମରେ ପ୍ରଥମ



ଅତିଥିଙ୍କ ସହ ଖୋ ଖୋ ଖେଳରେ ଜାତୀୟସ୍ତରକୁ ମନୋନୀତ ଖେଳାଳି।

**ମୁରିବାହାଲ, ୬।୧୨(ଶ୍ରୀବତ୍ସ ବେହେରା)**

### ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ କ୍ରୀଡ଼ା ପ୍ରତିଯୋଗିତା

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଜୁନିୟର ମହାବିଦ୍ୟାଳୟ ପରିସରରେ ଚାଲିଥିବା ନୂଆ -ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ୫ମ ଦିବସରେ ପହଞ୍ଚିଛି। ଉକ୍ତ ଦିବସରେ କ୍ରୀଡା ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଏହି ଆବସରରେ କ୍ୟାରମ, ଚେସ୍ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଚେସ୍‌ରେ ରୋହନ କୁମାର ବେହେରା ପ୍ରଥମ, ପ୍ରତ୍ୟୁଷ ମହାନ୍ତି ଦ୍ୱିତୀୟ, ଗଜାନନ ମହାନନ୍ଦ ତୃତୀୟ ସ୍ଥାନ ଅଧିକାର କରିଥିଲେ। କ୍ୟାରମରେ ସୁମିତ ପାତ୍ର ପ୍ରଥମ, ସୁପନ ଗହୀର ଦ୍ୱିତୀୟ, କ୍ରିଷ୍ଣା ତରିଆ ତୃତୀୟ ହୋଇ ବିଜୟୀ ହୋଇଛନ୍ତି। ଉକ୍ତ ପ୍ରତିଯୋଗିତାକୁ ଖେଳ ଶିକ୍ଷକ ରାଧେଶ୍ୟାମ ବଘାର, ନରେନ୍ଦ୍ର ପାଣିଗ୍ରାହୀ, ରାଧେଶ୍ୟାମ ତ୍ରିପାଠୀ, କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ ବିକ୍ରମ ତାଣ୍ଡି, ହୃଦାନନ୍ଦ ପୁହାଣ, ମମତା ସାହୁ, ନରେଶ ସତନାମୀ ପ୍ରମୁଖ ସହଯୋଗ କରୁଛନ୍ତି। ଅଧକ୍ଷ ରମେଶ ଚନ୍ଦ୍ର ମହାନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଆକାଉଣ୍ଟ ଅଧିକାରୀ ଘେନୁରାମ ତାଣ୍ଡି ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁରିବାହାଲ ଜୁନିୟର କଲେଜ ତରଫରୁ ଖୋ ଖୋ ଖେଳି ଜାତୀୟସ୍ତରକୁ ମନୋନୀତ ହୋଇଥିବା ଉର୍ମିଳା ହାତୀ, ଡୋଲେଶ୍ୱରୀ ମଲିକ ଓ ପ୍ରମେଶ ଟାର୍କିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଯୁବ ବିକାଶ କାର୍ଯ୍ୟକ୍ରମରେ ଚିତ୍ରାଙ୍କନ ପ୍ରତିଯୋଗିତା

**ଖଡ଼ିଆଳ,୬।୧୨(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ତରଫରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ଯୁକ୍ତ ୨, ୩ ଓ ପିଜି ଛାତ୍ରୀଛାତ୍ର ବେଟି ବଚାଅ, ବେଟି ପଢାଅ ପ୍ରସଙ୍ଗଭିତ୍ତିକ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ସାମାଜିକ କାର୍ଯ୍ୟ ଓ କାର୍ଯ୍ୟକଳାପ ବିଭାଗ ତରଫରୁ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଡ଼ ତରୁଣ କୁମାର ପ୍ରଧାନ, ଜିଲା ଓ ଯୁକ୍ତ ୩ ନୂଆ-ଓ ନୋଡାଲ ଅଧିକାରୀ ପ୍ରାଧ୍ୟାପକ ଡ଼ ପଦ୍ମଲୋଚନ ବର୍ମା, ଯୁକ୍ତ ୨ ଅଧକ୍ଷ ତଥା ନୋଡାଲ ଅଧିକାରୀ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, ସାମାଜିକ କାର୍ଯ୍ୟ ଓ କାର୍ଯ୍ୟକ୍ରମ ମୁଖ୍ୟ ଅଧାପକ ସୁନୀଲ କୁମାର ପାଢୀ, ଅଧାପକ ଡ଼ ରଣବୀର ସିଂହ, ଅଧାପିକା ଡ଼ ଗୀତାଶ୍ରୀ ପ୍ରିୟମ୍ବଦା, ଅଧାପିକା ରାଜଲକ୍ଷ୍ମୀ ରଥ, ଅଧାପକ ରାଜ କୁମାର ରତେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

# ୧୬ ପ୍ରକଳ୍ପର ଶିଳାନ୍ୟାସ, ୩ ପ୍ରକଳ୍ପ ଉଦ୍‌ଘାଟିତ

- **କାର୍ଯ୍ୟକ୍ରମରେ ଯୋଗଦେଲେ ବିଧାୟକ ନରସିଂହ, ଯୁବନେତା ସମରେନ୍ଦ୍ର**
- **ସରକାରଙ୍କୁ କହିଲେ ଆଦିବାସୀ, ଚାଷୀ ବିରୋଧୀ**

**ବଲାଙ୍ଗୀର,୬।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସଦର ବ୍ଲକ ମନହୀରା ଗ୍ରାମପଞ୍ଚାୟତର ମନହୀରାଠାରେ ବୁଧବାର ବିଧାୟକ ନରସିଂହ ମିଶ୍ର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବିଧାୟକ ମିଶ୍ର ଓ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିର ସମାଲୋଚନା କରିଥିଲେ। ବିଧାୟକ ମିଶ୍ର କହିଥିଲେ ଯେ, ଦୀର୍ଘବର୍ଷ ହେଲା ରାଜ୍ୟରେ ନବୀନ ସରକାର ରହି ଅହଙ୍କାରୀ ଓ ଜନବିରୋଧୀ ହୋଇବସିଲାଣି। ଦୀର୍ଘବର୍ଷର ଶାସନ ପରେ ମଧ୍ୟ ରାଜ୍ୟର ଗରିବ ଜନସାଧାରଣଙ୍କ ଅବସ୍ଥାରେ କୌଣସି ପରିବର୍ତ୍ତନ ଆସୁନାହିଁ। ଆଦିବାସୀ ଓ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ଭୁଶୁଡିବାରେ ଲାଗିଛି। ସମ୍ବିଧାନ ଅନୁସାରେ ଆଦିବାସୀ ପାଉଥିବା ଅଧିକାର ଗୁଡିକ ଏହି ସରକାରମାନେ ସଙ୍କୁଚିତ କରିବାରେ ଲାଗିଛନ୍ତି। ପଞ୍ଚାୟତିରାଜ ନିର୍ବାଚନରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ କୋଟା ବନ୍ଦ କରି ଏମାନଙ୍କୁ ପଞ୍ଚାୟତ ସ୍ତରରେ ଥିବା ଆଦିବାସୀ ପ୍ରତିନିଧିତ୍ୱକୁ ବନ୍ଦ କରିଦେଇଛନ୍ତି। ତେଣୁ ଏହି ସରକାରକୁ ଆଦିବାସୀ ଓ ଦଳିତ ଲୋକେ ନିର୍ବାଚନ ମାଧ୍ୟମରେ ଆଗାମୀ ଦିନରେ ଜବାବ ଦିଅନ୍ତୁ ବୋଲି ଏଆଇସିସି ସଦସ୍ୟ ମିଶ୍ର ଓ ବିଧାୟକ ମିଶ୍ର କହିଥିଲେ। ଧାନର ଅଭାବୀ ବିକ୍ରି ଯୋଗୁ ଚାଷୀ କ୍ରମାଗତ ଭାବରେ ଆର୍ଥିକ କ୍ଷତି ସହୁଛି ବୋଲି କହିଥିଲେ। ଏହି ଅବସରରେ ଉଭୟଙ୍କୁ ମନହୀରା, ଅମାମୁଣ୍ଡା, ଭଇଁଷା, ତେଲପାଲି, ବଘାପାଲି ଏସବୁ ଗ୍ରାମରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏ ସମସ୍ତ ଅଞ୍ଚଳରେ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗାଁରେ ୧୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ଦେବା ସହ ତିନୋଟି ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ ବିଧାୟକ ନରସିଂହ ମିଶ୍ର। ବିଭିନ୍ନ ଗାଁରେ ଲୋକେ ରାସ୍ତାଘାଟ, ପିଇବା ପାଣି ଓ ବିଜୁଳି ସମସ୍ୟାକୁ ନେଇ ବିଧାୟକ ମିଶ୍ରଙ୍କୁ ବିଭିନ୍ନ ଦାବି ଜଣାଇଥିଲେ। ଆଗାମୀ ନିର୍ବାଚନ ପୂର୍ବରୁ ଏ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ଏସମସ୍ତ କାର୍ଯ୍ୟକ୍ରମରେ ମନହୀରା ସରପଞ୍ଚ ରମ୍ଭା ରଣା, ଲୋକେଶ୍ୱର ଭୋଇ, ଲକ୍ଷ୍ମୀନାରାୟଣ ନାଏକ, ଚୁଡାମଣି ପୁଟେଲ, ରବିନ୍ଦ୍ର କଏଣ୍ଡା, ଚକ୍ର କୁଅଁର, ଗୌରୀ ସା, ସୁରେନ୍ଦ୍ର ରଣା, ଉତ୍ତର ସା, ତୁଷାରକାନ୍ତ ମିଶ୍ର, ବ୍ଲକ ସଭାପତି ରାମ ମିଶ୍ର, ଶ୍ରୀଧର ବାରିକ, ରାଧାକାନ୍ତ ଭୋଇ, ମଛିନ୍ଦ୍ର ମହାକୁର, ହିମାଂଶୁ ନାଗ, ବେଣୁଧର କୁଅଁର, କିଶୋର ସିଂ ନିନା, କୁମାରେଶ ବଡକା, ସୁବଳ ରଣା ଉପସ୍ଥିତ ଥିଲେ।



ମନହୀରାରେ ବିଧାୟକ ନରସିଂହ ମିଶ୍ର ବକ୍ତବ୍ୟ ରଖୁଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ କୋର୍ଟଚାଲାଣ

ଝାରବନ୍ଧ,୬।୧୨(ଦେବେନ୍ଦ୍ର ସାହୁ): ଗଞ୍ଜେଇ ଚାଲାଣ ବେଳେ ଝାରବନ୍ଧ ପୋଲିସ ବୁଧବାର ଚଢାଉ କରି ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଲୋହାରସିଂର ବାସୁଦେବ ପଟେଲ ଓ ବୌଦ୍ଧ ଜିଲା କଣ୍ଟାମାଳ ଥାନା ତିଳେଇମାଲ ଗ୍ରାମର ଗୟାଧର ରଣା। ସେମାନଙ୍କଠାରୁ ୫ କେଜି ୬ଶହ ଗ୍ରାମ୍ ଗ୍ଞ୍ଜେଇ ଜବତ ହୋଇଛି। ଏ ନେଇ ଝାରବନ୍ଧ ଥାନାରେ ଏକ ମାମଲା (ନଂ.୧୮୫/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ଦ୍ୱୟ ପଦ୍ମପୁର ବସନା ରାସ୍ତାରେ ଗଞ୍ଜେଇ ନେଉଥିବା ବେଳେ ଝାରବନ୍ଧ ପୋଲିସ ଭୈସାଦର୍ହାଠାରେ ଚଢାଉ କରି କାବୁ କରିଥିଲା।

### ଅଶ୍ଳୀଳ ଭିଡିଓ ଭାଇରାଲ, ଯୁବକ ଗିରଫ

ଝାରବନ୍ଧ,୬।୧୨(ଦେବେନ୍ଦ୍ର ସାହୁ): ଜଣେ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଅଭିଯୋଗରେ ଝାରବନ୍ଧ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପାଇକମାଳ ଥାନା ଅଧୀନ ତୁହାପାଲି ଗ୍ରାମର ଜିତୁ ଛତର। ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଝାରବନ୍ଧ ଥାନାରେ ଏକ ମାମଲା (ନଂ.୧୮୪/୨୩) ରୁଜୁ ହୋଇଛି ବୋଲି ଥାନାଧିକାରୀ ଶୁଚିସ୍ମିତା ମହାନ୍ତି କହିଛନ୍ତି। ସୂଚନା ଅନୁସାରେ, ଝାରବନ୍ଧ ଥାନା ଅଞ୍ଚଳର ଉକ୍ତ ଯୁବତୀଙ୍କ ସହ ଜିତୁଙ୍କ ପ୍ରେମ ସମ୍ପର୍କ ଥିଲା। ଜିତୁ ଉକ୍ତ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସମୟରେ ମୋବାଇଲରେ ଭିଡିଓ ଉତ୍ତୋଳନ କରିଥିଲେ ଏବଂ ପରେ ଏହାକୁ ଭାଇରାଲ କରଦେଇଥିଲେ। ଯୁବତୀ ଜଣଙ୍କ ଜାଣିବା ପରେ ଝାରବନ୍ଧ ଥାନାରେ ଏ ନେଇ ଅଭିଯୋଗ କରିଥିଲେ।

### ଡାକ୍ତର ନିଯୁକ୍ତି ପାଇଁ ଦାବିପତ୍ର ପ୍ରଦାନ

ପଦ୍ମପୁର,୬।୧୨(ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ଉପରେ ପଡୋଶୀ ଜିଲା ସମେତ ଛତିଶଗଡର ଲୋକମାନେ ନିର୍ଭର କରୁଛନ୍ତି। ତେବେ ଏହି ଚିକିତ୍ସାଳୟରେ ଆବଶ୍ୟକ ଡାକ୍ତର, ନର୍ସିଂ ଷ୍ଟାଫ୍, ଟେକ୍ନିସିଆନ ନ ଥିବାରୁ ରୋଗୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏତଦବ୍ୟତୀତ ପରୀକ୍ଷାଗାର ପାଇଁ ଅଟୋ ଏନାଲାଇଜର୍, ଇଲେକ୍ଟ୍ରୋଲାଇଟ ଏନାଲାଇଜର ଯୋଗାଇ ଦିଆଯାଉନାହିଁ। ଏହି ସମସ୍ୟାର ସମାଧାନ ଦାବି କରି ଆଶା ଓ ସହାର ସାମାଜିକ ଅନୁଷ୍ଠାନ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବୁଧବାର ପଦ୍ମପୁର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଅନୁଷ୍ଠାନ ସଭାପତି ନିରୋଜ ଦୋରା, ଅଜିତ ଶତପଥୀ, ବିଜୟ ବହିଦାର, ସମିଉଲ ହୁସେନ, ଅଶୋକ ଦାନୀ, ଦିଲୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଏବିଇଓଙ୍କ ଦାୟିତ୍ୱ ଗ୍ରହଣ

ପଦ୍ମପୁର,୬।୧୨(ପ୍ରଦୀପ୍ତ ଦାଶ): ରାଜବୋଡାସମ୍ବର ବ୍ଲକରେ ଦୀର୍ଘଦିନ ଧରି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପଦ ଖାଲି ରହିଥିଲା। ତେବେ ନୂତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ପ୍ରଦୀପ କୁମାର ପଣ୍ଡା ବୁଧବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହି ଅବସରରେ ରାଜବୋଡାସମ୍ବର ବ୍ଲକ ଶିକ୍ଷାଧିକାରୀ ଲୋକନାଥ ଭୋଇ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାମସିଂ ଭୋଇ, ଶିବପ୍ରସାଦ ଯୋଶୀଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

### ଆମ୍ବେଡ଼କରଙ୍କ ମହାପରିନିର୍ବାଣ ଦିବସ ପାଳିତ

ପଦ୍ମପୁର,୬।୧୨(ପ୍ରଦୀପ୍ତ ଦାଶ): ଆମ୍ବେଡ଼କର ୱାରିୟର ପକ୍ଷରୁ ପଦ୍ମପୁର ବ୍ଲକ ଅଧୀନ ପଲସାପାଲି ପଞ୍ଚାୟତ ସମାରପାଲି ଗ୍ରାମର ଗହଲ ମହାନନ୍ଦଙ୍କ ଅଧକ୍ଷତାରେ ବୁଧବାର ଡ଼ ଭୀମରାଓ ଆମ୍ବେଡ଼କରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ଏଥିରେ ଆମ୍ବେଡ଼କର ୱାରିୟର ଜଗଦୀଶ ଲୁହା ମୁଖ୍ୟବକ୍ତା ଭାବେ ଯୋଗଦେଇ ବାବା ସାହେବଙ୍କ ଜୀବନ କାହାଣୀ ଉପରେ ଆଲୋକପାତ କରିଥିଲେ। ଆମ୍ବେଡ଼କର ୱାରିୟରର ପ୍ରତିଷ୍ଠାତା ଜୟ କୁମାର ଜାଲ, ଜିଲା ସଭାପତି ସନ୍ତୋଷ ବାଗ, ପଦ୍ମପୁର ବ୍ଲକ ସଭାପତି ସ୍ୱର୍ଣ୍ଣ ବିଭାର, ସବ୍‌ଡିଭିଜନ ସଭାପତି ମୁରଲୀ ସୁନା, ସମ୍ପାଦକ ସୁନୀଲ ମହାନନ୍ଦ ଏବଂ ସଂଯୋଜକ ସ୍ୱର୍ଣ୍ଣଜାଲ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ସମରପାଲିର ରାହାସ ସାହୁ, ଡମ୍ବରୁ ବେହେରାଙ୍କ ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ସ୍ଥାୟୀ ଡାକ୍ତର ନ ଦେଲେ ଆନ୍ଦୋଳନ

**କାଦୋବାହାଲ ସ୍ୱାସ୍ଥ୍ୟକେନ୍ଦ୍ର**

ସରଣ୍ଡା,୬।୧୨(ଯୁଧିଷ୍ଠିର ମହାପାତ୍ର)



କାଦୋବାହାଲ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗ୍ରାମବାସୀଙ୍କ ବିକ୍ଷୋଭ ପ୍ରଦର୍ଶନ।

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କାଦୋବାହାଲ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନାହାନ୍ତି। ଫଳରେ ରୋଗୀସେବା ବ୍ୟାହତ ହେଉଛି। ଏହି ସମସ୍ୟାର ସମାଧାନ ଦାବି କରି ମଙ୍ଗଳବାର ଅଞ୍ଚଳର ସଚେତନ ନାଗରିକଙ୍କ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତୁରନ୍ତ ଏହି ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦିଆ ନ ଗଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।

ସୂଚନା ଅନୁସାରେ, ଅତାବିରା ବ୍ଲକ ଅଧୀନ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ କେଉଁଠି ଡାକ୍ତର ତ ଆଉ କେଉଁଠି କର୍ମଚାରୀ ନାହାନ୍ତି। ପୁଣି କେଉଁଠି ଅସ୍ୱାସ୍ଥ୍ୟକର ପରିବେଶରେ ରୋଗୀସେବା କରାଯାଉଛି। ଅତାବିରା ବ୍ଲକ କାଦୋବାହାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନାହାଁନ୍ତି। କେବଳ ଜଣେ ଆୟୁଷ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ଏଠାରେ ଫାର୍ମାସିଷ୍ଟ, ଷ୍ଟାଫ ନର୍ସ, ଆଟେଣ୍ଡାଣ୍ଟ, ସୁଇପର ବି ନାହାଁନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀଙ୍କ ଦାବି ପରେ ଏଠାକୁ ଜଣେ ଡାକ୍ତର ଡେପୁଟେଶନରେ ଆସିଥିଲେ । ମାତ୍ର ସେ ମଧ ୨ମାସ ହେଲା ଆସୁନାହାନ୍ତି । ଦୀର୍ଘ ୫ ବର୍ଷ ହେବ ସ୍ୱାସ୍ଥ୍ୟକେନ୍ଦ୍ର ଆରମ୍ଭ ହୋଇଥିଲେ ମଧ ସବୁବେଳେ ଡାକ୍ତରଖାନା ନାନା ସମସ୍ୟା ଦେଇ ଗତି କରୁଛି। କାଦୋବାହାଲ, ଟୁକୁରା, ଝିଲିମିଣ୍ଡା ସହିତ ଭେଡେନ ବ୍ଲକର ଦେଶଭଟଲି ଏବଂ ଧନକଉଡ଼ା ବ୍ଲକର କରଡୋଲା ପଞ୍ଚାୟତର ଜନସାଧାରଣ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ଡାକ୍ତର ନ ଥିବାରୁ ସାମାନ୍ୟ ରୋଗ ପାଇଁ ରୋଗୀଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଯାଉଛି। ଅତୀତରେ ଗ୍ରାମବାସୀ ଏହି ସମସ୍ୟା ନେଇ ବରଗଡ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଭେଟିଥିଲେ। ଏ ଦିଗରେ ଧ୍ୟାନ ଦେବେ ବୋଲି ସେଠାରୁ ପ୍ରତିଶ୍ରୁତି ମିଳିଥିଲା। ପରେ କେବଳ ଜଣେ ଡାକ୍ତରଙ୍କୁ ଡେପୁଟେଶନରେ ପଠାଯାଇଥିଲା। ଶୀଘ୍ର ଏହି ଡାକ୍ତରଖାନାକୁ ଡାକ୍ତର ସମେତ ଅନ୍ୟ କର୍ମଚାରୀ ଦିଆ ନ ଗଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଦେବେନ୍ଦ୍ର କର୍ଣ୍ଣ, ସୁମନ୍ତ ସାହୁ, କୁନା ପତି, ସୁମନ୍ତ ପ୍ରଧାନ, ଉମାଶଙ୍କର ଭୋସାଗର, ତୁଳସୀ ବଲ୍ଲଭ ଦାଶ, ରମାକାନ୍ତ କର୍ଣ୍ଣ, ଶୁଭମ ପ୍ରଧାନ, ସୁରଜ କ୍ଷେତି, ରବି ସାହୁ ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ଅତାବିରା ମେଡିକାଲ ଅଫିସର ଡା. ରବିନାରାୟଣ ମିଶ୍ରଙ୍କୁ ପଚାରିବାରୁ କାଦୋବାହାଲ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନରେ ଆସିଥିବା ଡାକ୍ତର ବ୍ୟକ୍ତିଗତ ଅସୁବିଧାରୁ ଛୁଟିରେ ଯାଇଛନ୍ତି। ଏଠାରେ ଥିବା ସମସ୍ୟା ନେଇ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦେଇଛୁ ବୋଲି ସେ କହିଥିଲେ।


ମୁଁ ବି ହେବି ନବୀନ ଓଡ଼ିଶାର ସାରଥୀ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ଏବଂ ଯୁବକମାନେ ।

## ନବୀନ ଓଡ଼ିଶାର ସାରଥି ହେବାକୁ ଆହ୍ୱାନ

ବରଗଡ଼,୬।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅଧୀନ ଗୋବିନ୍ଦପାଲି ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଜୁ ଯୁବ ଛାତ୍ର ଜନତା ଦଳ ଆନୁକୂଲ୍ୟରେ ବୁଧବାର ମୁଁ ବି ହେବି ନବୀନ ଓଡ଼ିଶାର ସାରଥୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲା ବିଜୁ ଯୁବ ଜନତା ଦଳ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ ଏବଂ ଛାତ୍ର ଜନତା ଦଳ ସଭାପତି କରନ ସିକନ୍ଦରଙ୍କ ନେତୃତ୍ୱ ଏବଂ ବିଜେଡ଼ି ଜିଲା କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡ଼ି ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ରାଜ୍ୟ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଜିଲା ବିଜେଡ଼ି ସଭାପତି ଡଃ ପ୍ରଭାସ ସିଂ, ରାଜ୍ୟ ବିଜୁ ଛାତ୍ର ଜନତା ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ରାଜ୍ୟ ବିଜୁ ଯୁବ ଜନତା ସଭାପତି ବ୍ୟୋମକେଶ ରାୟ, ରାଜ୍ୟ ଯୁବ ସଙ୍ଗଠକ ପ୍ରଣବ ବଳବନ୍ତ ରାୟ, ସମ୍ବଲପୁର ଜୋନ ଯୁବ ସଭାପତି ବୈକୁଣ୍ଠ ନାଏକ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲା ମହିଳା ସଭାନେତ୍ରୀ ନୀଳ କୁମାରୀ ନାଏକ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ଗୌରହରି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବା ସହିତ ରାଜ୍ୟରେ ନବୀନ ଓଡ଼ିଶାର ସାରଥୀ ହେବାକୁ ସେମାନେ ଉପସ୍ଥିତ ଯୁବ, ଛାତ୍ର, ମହିଳା କର୍ମୀ ଏବଂ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ ।

## ଶୂନ୍ୟ ଦୁର୍ଘଟଣା ଉପରେ ଗୁରୁତ୍ୱାରୋପ

ଅତାବିରା,୬।୧୨(ହୃଷିକେଶ ଖମାରୀ)



ଅତାବିରା କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ନୂଆ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବରଗଡ଼ ଜିଲା ଅତାବିରା କଲେଜରେ ବୁଧବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆର୍‌ଟିଓ ସାବୁଆ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ବାର୍ତ୍ତା ଦେବା ସହିତ ଶୂନ୍ୟ ଦୁର୍ଘଟଣା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ଧର୍ମେନ୍ଦ୍ର ପ୍ରଧାନ, ବୃନ୍ଦାବନ ପ୍ରଧାନ, ଶିବପ୍ରସାଦ ମିଶ୍ର, ଲଳିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ସୂର୍ଯ୍ୟ ନାରାୟଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଅମଳବେଳେ ବର୍ଷା, ଚିନ୍ତାରେ ଚାଷୀ

ପଦ୍ମପୁର,୬।୧୨(ପ୍ରଦୀପ୍ତ ଦାଶ)

- ୯୩ ମଣ୍ଡିରେ ପଡିଛି ୧.୯୨ ଲକ୍ଷ ପ୍ୟାକେଟ୍ ଧାନ
- ଉପାନ୍ତ ଅଞ୍ଚଳ ମଣ୍ଡି ଅବସ୍ଥା ବେହାଲ

ଚଳିତ ବର୍ଷ ପଦ୍ମପୁର ଅଞ୍ଚଳର ଚାଷୀ ଗୋଟିଏ ପରେ ଗୋଟିଏ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚାଷ ଆରମ୍ଭରୁ ସାର ଓ ବିହନ ଏବଂ ଧାନବିକ୍ରିରେ ଟୋକନ ସମସ୍ୟା ଦେଖାଦେଇଛି। ତେବେ ସବୁଠାରୁ ଚିନ୍ତାରେ ପକାଇଛି ଅଦିନିଆ ବର୍ଷା। ଅଦ୍ୟାବଧି ୯୦ ପ୍ରତିଶତ ଧାନ ଅମଳ ସରିଥିବା ବେଳେ ଟୋକନ ଓ ଶ୍ରମିକ ସମସ୍ୟା ଯୋଗୁ ଅନେକ ଚାଷୀଙ୍କ ଧାନ ଖଳା ଓ ଜମିରେ ପଡିରହିଛି। ଖଳାରେ ଗଦା ହୋଇଥିବା ଧାନ ଓ ପେଟା ଧାନ ଅମଳରେ ଆଜିର ବର୍ଷା ବାଧକ ସାଜିଛି। ପେଟା ଧାନ ଓ ଗଦା ହୋଇଥିବା ଧାନ ଭିଜିଯାଇଥିବାରୁ ଏହାକୁ କ୍ଷେତରୁ ଆଣିବା ପାଇଁ ଆହୁରି ସପ୍ତାହେ ସମୟ ଲାଗିବ। ଏପରିସ୍ଥିଲେ ଚାଷୀ କ୍ଷୟକ୍ଷତିର ସମ୍ମୁଖୀନ ହେବା ଆଶଙ୍କା ପ୍ରକାଶ ପାଇଛି । ସେହିପରି କୋହଲା ପାଗରେ ଧାନର ଆଦ୍ରତା ପରିମାଣ ବୃଦ୍ଧି ସମ୍ଭାବନା ରହିଛି। ଅନ୍ୟପକ୍ଷେ ଉପାନ୍ତ ଅଞ୍ଚଳର ମଣ୍ଡିଗୁଡ଼ିକୁ ଧାନ ଉଠାଣ ପାଇଁ ପର୍ଯ୍ୟାପ୍ତ ଟାର୍ଗେଟ ଦିଆଯାଉ ନ ଥିବାରୁ ଧାନ ବିକ୍ରିରେ ମନ୍ଥରତା ଦେଖାଦେଉଛି। ବୁଧବାର ସୁଦ୍ଧା ପଦ୍ମପୁର ଉପଖଣ୍ଡରେ ବିଭିନ୍ନ ମଣ୍ଡିରେ ୧ଲକ୍ଷ ୯୨ ହଜାର ୨୧୨ ପ୍ୟାକେଟ ଧାନ ପଡି ରହିଛି । ଅନେକ ସ୍ଥାନରେ ମଣ୍ଡି ଭିତ୍ତିଭୂମି ଠିକ୍ ନ ଥିବାରୁ ଚାଷୀଙ୍କ ଧାନ ଖୋଲା ଆକାଶ ତଳେ ପଡିଛି। ଆର୍‌ଏମ୍‌ସି ତରଫରୁ ତାର୍ପୋଲିନ ବ୍ୟବସ୍ଥା କରାଯାଇଥିଲେ ମଧ ଅଦିନିଆ ବର୍ଷା ଚାଷୀଙ୍କ ନିଦ ହଜାଇ ଦେଇଛି।

## ଡାକ ମେଳା ସଚେତନତା ଶିବିର

ଥୁଆମୂଳ ରାମପୁର,୬।୧୨(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକସ୍ଥିତ ଓଏଲଏମ୍ ଗୃହଠାରେ ସ୍ଥାନୀୟ ସରପଞ୍ଚ ବିଜୟା ମାଝିଙ୍କ ସଭାପତିତ୍ୱରେ ଡାକ ମେଳା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟା ପୁଷ୍ପାଞ୍ଜଳି ନାଏକ ଯୋଗଦେଇଥିଲେ। ଏହି ଡାକମେଳା ସଚେତନତା ଶିବିରରେ ବିଭାଗୀୟ ଜୟପାଟଣା ଡାକ ବିଭାଗ ସବଡିଭିଜନର ନିରୀକ୍ଷକ ଗଏନ୍ତା, ଓଭରସିୟର ପାତ୍ର, ଓଭରସିୟର ସମୀର ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଥୁଆମୂଳ ରାମପୁର ସବଡାକ କାର୍ଯ୍ୟାଳୟ ଅନ୍ତର୍ଗତ ମେଲକୁନ୍ଦେଲ ବିପିଏମ ଗୌରୀ ଶଙ୍କର ଦୁର୍ଗା, ବିରିକୋଟ ବିପିଏମ ଧନେଶ୍ୱର ମାଝି, ସିନ୍ଧିପଦର ବିପିଏମ ଦଇତାରୀ ସାହୁ, ଶ୍ରୀମସ୍ଥା ବିପିଏମ ତ୍ରିଲୋଚନ ନାଏକ ସମେତ ବିପିଏମ/ଏବିଏମ ପ୍ରାୟ ୬୦ ଜଣ ଉପସ୍ଥିତ ରହିଥିଲେ। ତେବେ ଏହି ଡାକ ମେଳାରେ ଡାକ ବିଭାଗରେ ଲୋକଙ୍କୁ ସେବା ଯୋଗାଉଥିବା ସ୍କିମ ମଧ୍ୟରେ ରହିଛି ଆରଡି, ସିବି, ଏସଏସଏ, ଏମଏସଏସଏ, ଆରପିଏଲଆଇ, ପିଏଲଆଇ, ଏନଏସସି, କେଭିପିବି ଭଳି ସ୍କିମ ଉପରେ ଉପସ୍ଥିତ ଲୋକଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ।

## ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ ।

ବରଗଡ଼,୬।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ କୃଷକ ବଜାର ପ୍ରାଙ୍ଗଣରେ ଜିଲା କୃଷି ବିଭାଗ ପକ୍ଷରୁ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପଦ୍ମଶ୍ରୀ ହଳଧର ନାଗ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଲୋକସଭା ଏମ୍‌ପିଙ୍କ ପ୍ରତିନିଧି ସୁରେଶ୍ୱର ଶତପଥି, ଉଦ୍ୟାନ କୃଷି ମହାବିଦ୍ୟାଳୟର ପ୍ରାଧ୍ୟାପକ ଭାସ୍କର ଚନ୍ଦ୍ର ଦାଶ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ନୃସିଂହ ଚରଣ ବାରିକ, ପାର୍ବତୀ ଗିରି ମହିଳା କଲେଜର ପ୍ରାଧ୍ୟାପିକା ପୁଷ୍ପାଞ୍ଜଳି ପ୍ରଧାନ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଅନ୍ତର୍ଯାମୀ ମିଶ୍ର, ବରଗଡ଼ ସ୍ୱାସ୍ଥ୍ୟ ବିଭାଗର ଡା. ଜୟପାଳ ସେନାପତି ପ୍ରମୁଖ କର୍ମଶାଳାରେ ଉପସ୍ଥିତ ଥିଲେ। କର୍ମଶାଳାରେ ଜିଲାର ବିଭିନ୍ନ ବ୍ଲକର ଚାଷୀ, ଛାତ୍ରୀଛାତ୍ର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗଦାନ କରିଥିଲେ। ବିଭିନ୍ନ ଜୈବିକ ଖାଦ୍ୟ, ମୃତ୍ତିକା ପରୀକ୍ଷା କୌଶଳ, ଜୈବିକ ପଦାର୍ଥର ପ୍ରଦର୍ଶନୀ ହୋଇଥିଲା। ସମ୍ବଲପୁର, ବଲାଙ୍ଗୀର ଏବଂ ସୋନପୁର ଜିଲାର ଚାଷୀମାନେ ଯୋଗଦାନ କରିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ଅମିୟ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଜିଲାର ଅଗ୍ରଣୀ ଚାଷୀମାନେ କର୍ମଶାଳାରେ ସେମାନଙ୍କ ମତ ରଖିଥିଲେ। ବିଭିନ୍ନ ବ୍ଲକରେ ହୋଇଥିବା କୁଇଜ ଏବଂ ପୋଷ୍ଟର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି କର୍ମଶାଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମୃତ୍ତିକାର ସ୍ୱାସ୍ଥ୍ୟରକ୍ଷା ଏବଂ ପ୍ରାକୃତିକ କୃଷି ବାର୍ତ୍ତା ପହଞ୍ଚାଇବା ପାଇଁ ପ୍ରୟାସ କରାଯାଇଥିଲା। ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ଶୁଭଶ୍ରୀ ସୌମ୍ୟା ବିଭାର ଧନ୍ୟବାଦ ଅର୍ପଣ କରିଥିଲେ ।

## ମନ ମୋହିଲା ଫେଶନ ଶୋ'

ପଦ୍ମପୁର,୬।୧୨(ପ୍ରଦୀପ୍ତ ଦାଶ)

**ଯୁବ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ**

ପଦ୍ମପୁର ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା ଅନ୍ତର୍ଗତ ସାଂସ୍କୃତିକ ବିଭାଗ କାର୍ଯ୍ୟକ୍ରମ ଅଧକ୍ଷା କଳ୍ପନା ରାଣୀ ନାଥଙ୍କ ସଭାପତିତ୍ୱରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଯୋଜନାରେ ଛାତ୍ରୀମାନଙ୍କୁ ପୂର୍ଣ୍ଣ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ପରିଚାଳନା କମିଟି ସଭାପତି ଅଖିଳ ପୁରୋହିତ, ସଦସ୍ୟ ମହାଦେବ ସାନବର୍ଷା, ସଦସ୍ୟା ଜନତା ସାହୁ ଏବଂ ନିରୋଜ ଦୋରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ନୋଡାଲ ଅଫିସର ଲୋପାମୁଦ୍ରା ନାୟକ ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡ଼ା କାର୍ଯ୍ୟକ୍ରମର ନୋଡାଲ ଅଫିସର ସରିତାରାଣୀ ପ୍ରଧାନ, ମହାବିଦ୍ୟାଳୟର ଅଧାପିକା ଅଧାପକ ଏବଂ କର୍ମଚାରୀ ସହଯୋଗ କରିଥିଲେ। ସାମାଜିକ କାର୍ଯ୍ୟକ୍ରମର ନୋଡାଲ ଅଫିସର ସୁଶ୍ରୀ ସଙ୍ଗୀତା ଗୌନ୍ତିଆ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ଡ. ଚନ୍ଦ୍ରିକା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ଫେଶନ ଶୋ ସମସ୍ତଙ୍କ ମନ ମୋହି ନେଇଥିଲା। ଅଧାପକ ଧୀରେନ୍ଦ୍ର ବର୍ଗେଙ୍କ ରଚିତ ଓ ନିର୍ଦ୍ଦେଶିତ ଏକାଙ୍କିକା 'ଯୌତୁକପ୍ରଥା ନିଷେଧ'କୁ ଛାତ୍ରୀମାନେ ପରିବେଷଣ କରିଥିଲେ। ନୃତ୍ୟଗୁରୁ ସୁରେନ୍ଦ୍ର ସାହୁଙ୍କ ନିର୍ଦ୍ଦେଶନାରେ ନୃତ୍ୟ ନାଟିକା 'ନାରୀ ସଶକ୍ତୀକରଣ' ପରିବେଷିତ ହୋଇଥିଲା।

## ଆଇଆଇଏଚ୍‌ଟିରେ ସାମର୍ଥ୍ୟ କୌଶଳ ଶିବିର

ବରଗଡ଼,୬।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ସ୍ଥିତ ହସ୍ତତନ୍ତ ପ୍ରାଦ୍ୟୋଗିକ ସଂସ୍ଥା (ଆଇଆଇଏଚ୍‌ଟି)ରେ ସାମର୍ଥ୍ୟ କୌଶଳ ପ୍ରଶିକ୍ଷଣ ଶିବିରର ଚତୁର୍ଥ ସଂସ୍କରଣ ଉଦ୍‌ଘାଟିତ ହୋଇଛି । ଭାରତ ସରକାରଙ୍କ ହସ୍ତତନ୍ତ ବିକାଶ ଆୟୁକ୍ତ, ବସ୍ତ୍ର ମନ୍ତ୍ରାଳୟ ଦ୍ୱାରା ପ୍ରାୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ହସ୍ତତନ୍ତ ବରଗଡ଼ ପାଇଁ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ଆଣିଛି । ଆଗାମୀ ପୀଢ଼ି ଏହି ମହାନ କୌଶଳକୁ ଆହୁରି ଜନାଦୃତ କରିବା ସକାଶେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ୪୫ ଦିନିଆଁ ଏହି ଶିବିରରେ ୨୫ଜଣ ମହିଳା ପ୍ରଶିକ୍ଷାର୍ଥିନୀ ଯୋଗଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଆଇଆଇଏଚ୍‌ଟିର ନିର୍ଦ୍ଦେଶକ ଏମ୍. ଆନନ୍ଦନ, ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଚିତ୍ରଶିଳ୍ପୀ ରାଜେନ୍ଦ୍ର ସିକନ୍ଦର, ଅଧ୍ୟାପକ ଦେବେନ୍ଦ୍ର କୁମାର ଯାଦବ, ପ୍ରଶିକ୍ଷିକା ମମତା ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଦିଲୀପ ମେହେର, ଭାସ୍ୱତୀ ଦାଶ, ଶିବାନୀ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଆଇଆଇଏଚ୍‌ଟିରେ ସାମର୍ଥ୍ୟ କୌଶଳ ଶିବିର ।

## ସିଆର୍‌ସିସିଙ୍କୁ ଦୁର୍ବ୍ୟବହାର, ସ୍ମାରକପତ୍ର ପ୍ରଦାନ

ବରଗଡ଼,୬।୧୨(ପ୍ରେମାନନ୍ଦ ଖମାରୀ)


ଏବିଇଓଙ୍କୁ ସିଆରସିସିବୃନ୍ଦ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ବରଗଡ଼ ଜିଲା ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ବ୍ଲକ ଶିକ୍ଷାଧିକାରୀ (ବିଇଓ)ଙ୍କ ସମ୍ମୁଖରେ କାର୍ଯ୍ୟରତ ଜଣେ ସିଆରସିସିଙ୍କୁ ଅନ୍ୟ ଜଣେ ଶିକ୍ଷକ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଯୋଗୁ ଏହାର ପ୍ରତିବାଦରେ ସମସ୍ତ ସିଆରସିସି ସରକାରୀ କାର୍ଯ୍ୟରେ ଅସହଯୋଗ କରିବାକୁ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ସେମାନେ ବିଇଓ ସୁରେଶ କୁମାର ରାଉତରାୟଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଇଓଙ୍କ ଅନୁପସ୍ଥିତିରେ ସହକାର ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସ୍ମାରକପତ୍ର ଗ୍ରହଣ କରିଥିଲେ।

ସୂଚନା ଅନୁଯାୟୀ, ଗତ ୧ତାରିଖରେ କୁର୍କୁଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସରିବା ପରେ ବିଇଓ ରାଉତରାୟଙ୍କ ସହିତ ସିଆରସିସି ଦୁର୍ବାଦଳ ବଡ଼ଗୋଛିଆ ବିଜେପୁର ଗୋଷ୍ଠୀ କାର୍ଯ୍ୟାଳୟକୁ ଫେରିଥିଲେ। ସେଠାରେ ବିଇଓଙ୍କ ସମ୍ମୁଖରେ ସିଆରସିସି ବଡ଼ଗୋଛିଆଙ୍କୁ ଜଣେ ଶିକ୍ଷକ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଏହାପରେ ସିଆରସିସିମାନେ ବିଇଓଙ୍କୁ ଭେଟି ଏହାର ସମାଧାନ କରିବାକୁ ନିବେଦନ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ସେ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ସିଆରସିସିମାନେ କୌଣସି କାର୍ଯ୍ୟରେ ସହଯୋଗ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ସ୍ମାରକପତ୍ରର ଏକକିତା ନକଲ ଜିଲା ଶିକ୍ଷାଧିକାରୀ, ଜିଲାପାଳ, ଜିଲା ସିଆରସିସି ସଂଘ, ରାଜ୍ୟ ପ୍ରକଳ୍ପ ସଂଯୋଜକ, ସ୍ଥାନୀୟ ପ୍ରାଥମିକ ଶିକ୍ଷକ ସଂଘକୁ ପଠାଯାଇଥିବା ସିଆର୍‌ସିସିମାନେ ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### କଂଗ୍ରେସ ନେତାଙ୍କ ଉପରୁ ନିଲମ୍ବନ ଉଠିଲା

**ରାଉରକେଲା,୬।୧୨(ସଙ୍ଗୀତା ଜେନା):** ରାଉରକେଲାର ବରିଷ୍ଠ କଂଗ୍ରେସ ନେତା ଉମେଶ ଶରଣଙ୍କ ଉପରୁ ନିଲମ୍ବନ ଉଠାଇ ଦିଆଯାଇଛି। ସୂଚନା ଅନୁସାରେ, ଗତ ମେ ମାସରେ କଂଗ୍ରେସର ଏକ ଖବରଦାତା ସମ୍ମିଳନୀରେ ସାବୀର ହୁସେନ ଓ ଉମେଶ ଶରଣଙ୍କ ମଧ୍ୟରେ ମାଡ଼ପିଟ୍ ହୋଇଥିଲା। ଫଳରେ ହୁସେନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ସହ ଶରଣଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା। ତେବେ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଡିସିସି ସଭାପତି ରଶ୍ମୀରଞ୍ଜନ ପାଢ଼ୀଙ୍କ ସୁପାରିଶ କ୍ରମେ ଶରଣଙ୍କ ଉପରୁ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିନିଆଯାଇଛି। ଏ ନେଇ ପିସିସିର ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ଏକ ଚିଠି ମାଧ୍ୟମରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କିଛିଦିନ ତଳେ ଏହି ୨ ନେତାଙ୍କ କଳିକୁ ସମାଧାନ କରାଯାଇଥିଲା।

### ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ପାଳିତ

**ରାଉରକେଲା,୬।୧୨(ସଙ୍ଗୀତା ଜେନା):** ସମ୍ବିଧାନ ପ୍ରଣେତା ଡା. ଭୀମରାଓ ଆମ୍ବେଡ଼କରଙ୍କ ମହାପ୍ରୟାଣ ଦିବସ ବୁଧବାର ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲା କଂଗ୍ରେସ ପକ୍ଷରୁ ଉଦିତନଗରଠାରେ ବାବା ସାହେବଙ୍କ ସ୍ମୃତିଚାରଣ କରାଯାଇଥିଲା। ଜିଲା ସଭାପତି ରଶ୍ମିରଞ୍ଜନ ପାଢ଼ୀଙ୍କ ନେତୃତ୍ୱରେ ପୂର୍ବତନ ସଭାପତି ରବି ରାୟ, ବିରେନ ସେନାପତି, ପୂର୍ବତନ ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ପ୍ରବୋଧ ଦାସ, ଶିବୁ ଦୀପଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁରୂପ ଭାବେ ସେଣ୍ଟ ଜାଭିୟର ସ୍କୁଲରେ ଆମ୍ବେଡ଼କରଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଥିଲା। ଏଥିରେ ଉତ୍ତର ଭାରତୀୟ ସମିତି କାର୍ଯ୍ୟକାରୀ ସଭାପତି ସୁମେର ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲର ଅଧ୍ୟକ୍ଷ ଅଭିଜିତ ଆଚାର୍ଯ୍ୟ, ବିଭୂତି ଗୁପ୍ତା, ଓ.ପି ସିଂହଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ବୃଦ୍ଧାଙ୍କ ଗଳିତ ମୃତଦେହ ଜବତ

**କୁଆଁରମୁଣ୍ଡା,୬।୧୨(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କଚାରୁ ପଞ୍ଚାୟତ ସାନ ପାସର ଗ୍ରାମର ଜଣେ ବୃଦ୍ଧାଙ୍କ ଗଳିତ ମୃତଦେହ ପୋଲିସ ବୁଧବାର ଜବତ କରିଛି। ସେ ହେଲେ ଚାରକି ସିଂ(୭୫)। ପୋଲିସ ମୃତଦେହକୁ ମର୍ଗ ହାଉସରେ ରଖିବା ସହ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର କହିଛନ୍ତି। ପୋଲିସ ସୂଚନା ଅନୁସାରେ, ମୃତ ଚାରକି ନଭେମ୍ବର ୨୩ ସନ୍ଧ୍ୟାରୁ କେଉଁଆଡେ ଫେରାର ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ବୁଧବାର ଅପରାହ୍ନରେ ତାଙ୍କର ନାତି ଶିବଶଙ୍କର ନିକଟସ୍ଥ ଟାଙ୍ଗରାଣି ପତ୍ରା ଜଙ୍ଗଲରେ ମୃତ ଦେହ ପଡିଥିବା ଦେଖିବାକୁ ପାଇଥିଲେ।

# ବର୍ଷାରେ ବସ୍ତିବାସୀ ଜଳବନ୍ଦୀ

**ରାଉରକେଲା,୬।୧୨(ବିପ୍ଳବ ରଞ୍ଜନ ଦାଶ)**

ମିଗ୍‌ଜୋମ ବାତ୍ୟା ପ୍ରଭାବରେ ରାଉରକେଲା ସହରରେ ବୁଧବାର ଦିନ ତମାମ ମେଘୁଆ ପାଗ ସହିତ ଝିପି ଝିପି ବର୍ଷା ଲାଗି ରହିଛି। କୋହଲା ପାଗ ଓ ଲଗାଣ ବର୍ଷା ଯୋଗୁ ସହରରେ ଶୀତର ପ୍ରକୋପ ବଢ଼ିଛି। ଇସ୍ପାତ ଅଞ୍ଚଳରୁ ସହରାଞ୍ଚଳ ଯାଏ ବ୍ୟବସାୟିକ କାରବାର ଏକ ପ୍ରକାର ବନ୍ଦ ରହିଥିଲା। ଅନ୍ୟପକ୍ଷେ ସହରର ଖାଲୁଆ ଅଞ୍ଚଳରେ ବର୍ଷାପାଣି ଜମିଥିବା ବେଳେ ଯାତାୟାତ ବନ୍ଦ ରହିଛି। ଏହି ବର୍ଷା ଟିସିଆଇ ବିଶ୍ୱକର୍ମା ବିହାର ବସ୍ତି ବାସିନ୍ଦାଙ୍କ ପାଇଁ ମୁଣ୍ଡବିନ୍ଧା ସାଜିଛି। ସାମାନ୍ୟ ବର୍ଷାରେ ବସ୍ତି ଜଳବନ୍ଦୀ ଅବସ୍ଥାରେ ରହିଛି। ବସ୍ତିବାସିନ୍ଦାଙ୍କ ଅଭିଯୋଗ ଅନୁସାରେ, ୨୦୧୬-୧୭ରେ ଗ୍ରୀଷ୍ମ ସମୟରେ ରାଜପଥ ନିର୍ମାଣ କାର୍ଯ୍ୟ କରାଗଲା।



ଟିସିଆଇ ବିଶ୍ୱକର୍ମା ବିହାର ବସ୍ତିରେ ବର୍ଷାପାଣି ଜମିଛି।

ସେହି ସମୟରେ ରାଜପଥ ନିର୍ମାଣ ପାଇଁ ବିଶ୍ୱକର୍ମା ବିହାର ବସ୍ତି ମୁଖ୍ୟରାସ୍ତା ପାର୍ଶ୍ୱସ୍ଥ ଡ୍ରେନ ପୋତି ଦେଇ ରାସ୍ତା ନିର୍ମାଣ ହୋଇଥିଲା। ଡ୍ରେନ ନ ଥିବାରୁ ଜାତୀୟ ରାଜପଥର ବର୍ଷାପାଣି ନିଷ୍କାସନ ହୋଇ ନ ପାରି ବସ୍ତିକୁ ପଶୁଛି। ଫଳରେ

## ମିଗ୍‌ଜୋମ୍ ବାତ୍ୟା ପ୍ରଭାବ

୪ବର୍ଷ ହେଲା ବର୍ଷା ସମୟରେ ବସ୍ତିରେ ବସବାସ କରୁଥିବା ପାଖାପାଖି ୨ହଜାର ଲୋକ ଜଳବନ୍ଦୀ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ବର୍ଷା ସମୟରେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି ବୋଲି ଛୋଟୁ ଭୂମିଜ, ଗୁପ୍ତେଶ୍ୱର ଶର୍ମା, ବିଶ୍ୱନାଥ ପ୍ରସାଦ ପ୍ରମୁଖ କହିଛନ୍ତି। ଅନ୍ୟପକ୍ଷେ ଶିଳ୍ପାଞ୍ଚଳ ଓ ମହାନଗର ନିଗମ କର୍ତ୍ତୃପକ୍ଷ ସହରର ରାସ୍ତାକଡ଼ରେ ଜୀବନ ବିତାଉଥିବା ଅସହାୟ ବୃଦ୍ଧାବୃଦ୍ଧମାନଙ୍କୁ ତୁରନ୍ତ ରିଲିଫ ପ୍ରଦାନ କରିବାକୁ ସହରର ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ନେଇ ରାଉରକେଲା ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ସମସ୍ୟା ନିଶ୍ଚିତ ଚିନ୍ତାଜନକ। ଏହା ଉପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ରିଲିଫ୍, ଉଦ୍ଧାର କାର୍ଯ୍ୟରେ ସର୍ବଶ୍ରେଷ୍ଠ ଭୂମିକା ରହିଛି

**ରାଉରକେଲା, ୬।୧୨(ସଙ୍ଗୀତା ଜେନା)**

## ଗୃହରକ୍ଷୀ, ବେସାମରିକ ପ୍ରତିରକ୍ଷା ବାହିନୀର ପ୍ରତିଷ୍ଠା ଦିବସ

ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାହିନୀର ୬୧ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ପୋଲିସ ରିଜର୍ଭ ଲାଇନ୍‌ରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ଡିଆଇଜି ନିତି ଶେଖର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାହିନୀର ସଦସ୍ୟମାନେ ଆଭ୍ୟନ୍ତରୀଣ ନିରାପତ୍ତା ଓ ବିପର୍ଯ୍ୟୟର ମୁକାବିଲା କ୍ଷେତ୍ରରେ ଉତ୍ତମ ସେବା ପ୍ରଦାନ କରିଆସୁଛନ୍ତି। ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ସେମାନଙ୍କ ସର୍ବଶ୍ରେଷ୍ଠ ଭୂମିକା ରହିଛି ବୋଲି ଶେଖର କହିଥିଲେ। ପରେ ସେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ପ୍ରେରିତ ବାର୍ତ୍ତା ପଠନ କରିଥିଲେ। ଏହି ଅବସରରେ ବାହିନୀର ଶ୍ରେଷ୍ଠ ସଦସ୍ୟାଙ୍କ ସହ ସ୍କୁଲ ଓ କଲେଜ ସ୍ତରରେ ଆୟୋଜିତ ରଚନା ଲିଖନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଅଗ୍ନିଶମ ବାହିନୀ ପକ୍ଷରୁ ଅଗ୍ନିକାଣ୍ଡ, ଗ୍ୟାସ ସିଲିଣ୍ଡର ଜନିତ ଅଗ୍ନିକାଣ୍ଡ ଓ ଏଥିରୁ ବର୍ତ୍ତିବାର ସମସ୍ତ କୌଶଳ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଉରକେଲା ଅତିରିକ୍ତ ଜିଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର, ଏସ୍‌ପି ତଥା ଗୃହରକ୍ଷୀ କମାଣ୍ଡାଣ୍ଟ ମିତ୍ରଭାନୁ ମହାପାତ୍ର, ଜିଲାଲୋକସମ୍ପର୍କ ଓ ସୂଚନା ଅଧିକାରୀ ସୀମା ଫାତିମା ଏକ୍କାଙ୍କ ସମେତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



ରିଜର୍ଭ ପଡ଼ିଆରେ ମୁଖ୍ୟଅତିଥି ଅଭିବାଦନ ଗ୍ରହଣ କରୁଛନ୍ତି।

# ପିଡିଏସ୍ ଡିଲରଙ୍କୁ ମିଳିନି ବକେୟା ପାଉଣା

**ରାଉରକେଲା, ୬।୧୨(ସଙ୍ଗୀତା ଜେନା)**

ରାଉରକେଲା ମହାନଗର ନିଗମ ଅଧୀନ ସରକାରୀ ପିଡ଼ିଏସ୍ ଚାଉଳ ଡିଲରଙ୍କୁ କୋଭିଡ ସମୟର ପ୍ରାୟ ୨୮ ମାସର ୨୯ କୋଟି ଟଙ୍କା ବକେୟା ପାଉଣା ମିଳିନାହିଁ। ଏହି ପାଉଣା ମିଳିବାରେ ବିଳମ୍ବ ହେଉଥିବାରୁ ଡିଲରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏହି ବକେୟା ରାଶି ପାଇବାକୁ ଆହୁରି ଏକ ମାସରୁ ଊର୍ଦ୍ଧ୍ୱ ସମୟ ଲାଗିବ ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନା ଅନୁସାରେ, କୋଭିଡ୍ ସମୟରେ କେନ୍ଦ୍ର ସରକାର ସ୍ପେଶାଲ ପ୍ୟାକେଜ୍ ଜରିଆରେ ୪୧୦ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ। ଏଥିରୁ କାର୍ଯ୍ୟରତ ପରିବହନ ଠିକାଦାରମାନଙ୍କୁ ସେମାନଙ୍କ ପାରିଶ୍ରମିକ ଦିଆଯାଇଥିଲା। ହେଲେ ଡିଲରଙ୍କୁ ପ୍ରାଥମିକତା ଦିଆଗଲାନାହିଁ। ପରବର୍ତ୍ତୀ ସମୟରେ ଡିଲରମାନେ ଆର୍ଥିକ ସଙ୍କଟ ଗତି କଲେ। ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଅଞ୍ଚଳର ଡିଲରମାନେ ଏ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଟଙ୍କା ମିଳିବା ନେଇ ପ୍ରତିଶ୍ରୁତି ମିଳିଥିଲା। ତେବେ ଏପର୍ଯ୍ୟନ୍ତ ତାହା ମିଳିନାହିଁ ବୋଲି ଅଭିଯୋଗ ହୋଇଛି। ଏ ନେଇ ବିତରକ ସଂଘ ପକ୍ଷରୁ କୁହାଯାଇଛି, ଆର୍‌ଏମ୍‌ସି ଅଞ୍ଚଳରେ ୧୪୯ ଜଣ ଯୋଗାଣ ଡିଲର ରହିଛନ୍ତି। ସମସ୍ତେ କୋଭିଡ୍ ସମୟରେ ନିଜ ଜୀବନକୁ ବାଜି ଲଗାଇ ହିତାଧିକାରୀଙ୍କୁ ସେବା ଯୋଗାଇ ଦେଇଥିଲେ। ତେବେ ଡିଲରମାନଙ୍କ ସମୁଦାୟ ୩୧ ମାସର ବକେୟାରୁ ପ୍ରାୟ ୩ ମାସର ଟଙ୍କା ମିଳିସାରିଛି। ବାକି ୨୮ ମାସର ଟଙ୍କା ଆସିବ ବୋଲି କୁହାଯାଇଛି। ଏହି ସମସ୍ୟା ସମ୍ପର୍କରେ ଉଚ୍ଚକର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଶେଷ ହୋଇଛି। ଅତିଶୀଘ୍ର ଏହାର ସମାଧାନ ହେବ ବୋଲି ସଂଘ କହିଛି। ଏ ନେଇ ରାଉରକେଲା ମହାନଗର ନିଗମର ସହାୟକ ଯୋଗାଣ ଅଧିକାରୀ ସୋନାଲୀ କାରାଙ୍କୁ ପଚରାଯିବାରୁ ସେ କହିଥିଲେ, ୨୦୨୨ରୁ ମାସିକିଆ ଆକାରରେ ନିୟମିତ ଟଙ୍କା ଡିଲରମାନଙ୍କୁ ପ୍ରଦାନ କରାଯାଉଛି। କୋଭିଡ୍ ସମୟର ବକେୟା ରାଶି ପ୍ରଦାନ ଚୂଡ଼ାନ୍ତ ହୋଇଛି। ଏକ ମାସ ପରେ ଏହି ରାଶି ଭରଣା କରାଯିବ ବୋଲି କାରା କହିଥିଲେ।

## ଦେଶୀମଦ ଜବତ, ୬ ଗିରଫ

**ବେଦବ୍ୟାସ/ରାଉରକେଲା, ୬।୧୨ (ଆଲୋକ ସ୍ୱାଇଁ/ସଙ୍ଗୀତା ଜେନା)**

ରାଉରକେଲା ଅବକାରୀ ବିଭାଗ ମୋବାଇଲ ୟୁନିଟ୍ ଓ ଓଆଇସି-୨ ପକ୍ଷରୁ ବୁଧବାର ବ୍ରାହ୍ମଣୀତରଙ୍ଗ ଥାନା ଲୁଙ୍ଗେଇ ବସ୍ତିରେ ଚଢ଼ାଉ କରାଯାଇଛି। ଚଢାଉ ବେଳେ ୧୬୩ ଲିଟର ଦେଶୀ ମଦ ସହ ୪ଶହ କେଜି ପୋଚ ଜବତ ହୋଇଛି। ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଛି। ଏ ନେଇ ବିଭାଗ ପକ୍ଷରୁ ପୃଥକ୍ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏସ୍‌ଆଇ ଶ୍ରୀଧର ମହାନ୍ତି, ମାନସ ରଞ୍ଜନ ମୁଣ୍ଡା ଏହି ଚଢ଼ାଉର ନେତୃତ୍ୱ ନେଇଥିଲେ।

## ମହିଳାଙ୍କୁ ଅସଦାଚରଣ, ଥାନାରେ ମାମଲା

**ବଡ଼ଗାଁ,୬।୧୨( ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଚଲନାମୁଣ୍ଡା ଗ୍ରାମର ଯୁବକ ଜଣେ ଯୁବତୀଙ୍କୁ ଅସଦାଚରଣ କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

## ବିଭିନ୍ନ ପ୍ରସଙ୍ଗକୁ ନେଇ ୧୦ରେ ସାମୂହିକ ବୈଠକ

**ରାଉରକେଲା,୬।୧୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ମାନାଧିକାର ସମ୍ବଳ ସମ୍ପର୍କୀତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଆସନ୍ତା ୧୦ ତାରିଖରେ ଭଞ୍ଜଭବନଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ସହରରେ ପ୍ରଦୂଷଣ, ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ସେବା, ରକ୍ତଦାନ, ଗରିବଙ୍କୁ ସରକାରୀ ସହାୟତା, ଅଚିହ୍ନା ବ୍ୟକ୍ତିଙ୍କ ଶବ ସତ୍କାର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡର ଉପଯୋଗିତା, ନାରୀ ସଶକ୍ତୀକରଣ ଓ ଦିବ୍ୟାଙ୍ଗଙ୍କ ବିକାଶ ପ୍ରସଙ୍ଗ ଉପରେ ଆଲୋଚନା ହେବ। ଏଥିରେ ରାଉରକେଲା ବଡ ବଜାର ସ୍ଥିତ ଅନ୍ତର୍ଜାତୀୟ ମାନବାଧିକାର ସଙ୍ଗଠନ କର୍ମକର୍ତ୍ତା ବିଶେଶ ଭୂମିକା ତୁଲାଇବେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ, ବିମଳ ବିଶିଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଓ ସହରର ବରିଷ୍ଠ ନେତୃମଣ୍ଡଳୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେବେ ବୋଲି ଅନ୍ତର୍ଜାତୀୟ ମାନବାଧିକାର ଅନୁଷ୍ଠାନର ଉପଦେଷ୍ଟା ବିଜୟାନନ୍ଦ ସୁନ୍ଦରରାୟ, ସଭାପତି ଏମ.ଡି ପରଭେଜ ଏବଂ ଅନ୍ୟମାନେ ସୂଚନା ଦେଇଛନ୍ତି।

# ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୬।୧୨(ଜୟ ନାରାୟଣ ମେଣ୍ଡୁଲି)**

ହେମଗିରି ବ୍ଲକ କେନ୍ଦୁଡ଼ିହି ଓ ସଦର ବ୍ଲକ ଦିଉଳି ପଞ୍ଚାୟତଠାରେ ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଆବାସ ଘର, ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା, ରାସନ କାର୍ଡ, ବିଭିନ୍ନ ଭତ୍ତା, ବ୍ୟାଙ୍କ ସୁବିଧା, ବ୍ୟାଙ୍କ ସୁବିଧା ପାଇଁ ପଞ୍ଜିକରଣ ସହ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ସୁଫଳ କିପରି ହିତାଧିକାରୀ ପାଉଛନ୍ତି ସେନେଇ ହିତାଧିକାରୀମାନେ ନିଜର ମତ ରଖିଛନ୍ତି। ଦିଉଳିଠାରେ ସଦର ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଚ୍ଚିଦାନନ୍ଦ ପଟେଲ ଓ ବିଭିନ୍ନ ସରକାରୀ ଅଧିକାରୀଙ୍କ ସହ ସଦର ବ୍ଲକ ଅଧକ୍ଷ ସୁବ୍ରତ ମାଝି, ଉପାଧାକ୍ଷା ଚନ୍ଦ୍ରମା ମେହେର, ଅଜୟ ପଟେଲ, ଅସୀମ ପଟେଲ ଉପସ୍ଥିତ ଥିଲେ। ସେହିପରି କେନ୍ଦୁଡ଼ିହି ଠାରେ ବିଧାୟିକା କୁସୁମ ଟେଟେ, ହେମଗିରି ବ୍ଲକର ମିଶନ ଶକ୍ତି ଅଧିକାରୀ ପ୍ରତାପ ଚନ୍ଦ୍ର ନାୟକ ଓ ଅରୁଣ ପ୍ରଧାନ, ମାଧବ ବାରିକଙ୍କ ସହ ଶତାଧିକ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆଗାମୀ ଦିନରେ ଆମ ଦେଶକୁ ବିକଶିତ ରାଷ୍ଟ୍ର ଗଠନ କରିବା ଦିଗରେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଛନ୍ତି।




କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା।

# ମୁଁ ବି ହେବି ନବୀନ ଓଡ଼ିଶାର ସାରଥି କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ରାଉରକେଲା, ୬।୧୨(ସଙ୍ଗୀତା ଜେନା)**

ରାଜ୍ୟ ଯୁବ ବିଜେଡ଼ି ପକ୍ଷରୁ ମୁଁ ବି ହେବି ନବୀନ ଓଡ଼ିଶାର ସାରଥୀ କାର୍ଯ୍ୟକ୍ରମ ଛେଣ୍ଡ ସ୍ଥିତ ମଧୁସୂଦନ ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୁବ ଜନତାର କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆବାହକ ବିଧାୟକ ପ୍ରଣବ ବଳବନ୍ତରାୟ, ରାଜ୍ୟ ଯୁବ ଜନତା ସଭାପତି ବ୍ୟୋମକେଶ ରାୟ, ଛାତ୍ର ଜନତା ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଦଳର ବିଭିନ୍ନ ଲୋକହିତକାରୀ କାର୍ଯ୍ୟକ୍ରମକୁ ସୋଶିଆଲ ମିଡ଼ିଆରେ ପ୍ରଚାର କରିବା, ମୁଁ ବି ହେବି ନବୀନ ଓଡ଼ିଶାର ସାରଥୀ କାର୍ଯ୍ୟକ୍ରମର ବାର୍ତ୍ତା ପ୍ରଦାନ, ଖେଳ ପ୍ରତିଯୋଗିତା ସମ୍ପର୍କରେ ଯୁବପିଢ଼ିକୁ ସଚେତନ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶ୍ରମ ମନ୍ତ୍ରୀ ସାରଦା ନାୟକ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ ଲୋକହିତକାରୀ ଯୋଜନାକୁ ଅଧିକ ସଫଳ କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ସେହିପରି ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଉପାଧ୍ୟକ୍ଷ କମଲ ଲାକ୍ରା, ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦ ମଙ୍ଗରାଜ, ଦୃତି ମାର୍ଥା, ବିଜେଡ଼ି ଜିଲା ସଭାପତି ବିନୟ ଟପ୍ପୋ, ହାଲୁ ମୁଣ୍ଡାରୀ, ପ୍ରଦ୍ୟୁମ୍ନ ତ୍ରିପାଠୀ, ପୂର୍ବତନ ବିଧାୟକ ଡା. ପ୍ରଫୁଲ ମାଝୀ, ଆନନ୍ଦ ଚନ୍ଦ୍ର ମହାନ୍ତି, ମୁଖପାତ୍ର ଜୟନ୍ତ ମିଶ୍ର, ନଗର ସଭାପତି ଗଗନ ପଣ୍ଡା, ନାରୀନେତ୍ରୀ ଜ୍ୟୋତ୍ସ୍ନା ନାୟକ, ଛବି ମହାନ୍ତି, ସନ୍ତୋଷ ନାୟକ, ଛାତ୍ରନେତା ସୁଶାନ୍ତ ରାଉତ, ସୁବାସ ସ୍ୱାଇଁ, କାବୁଲି ପ୍ରତିହାରୀ, ଜର୍ଜ ଆନନ୍ଦ, ବାବୁ ଖାନ୍, ଅଭିକ କୁମାର, ଦୁଷ୍ମନ୍ତ ରାଉତରାୟ, ତାପସ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ।

# ପରିବହନ ବିଭାଗ, ପୋଲିସ ପକ୍ଷରୁ ଯାଞ୍ଚ

**ଲାଠିକଟା, ୬।୧୨(ରାମେଶ୍ୱର ଖାଡଙ୍ଗା)**

ସାରନଗରୀ ମଙ୍ଗଳା ଛକ ନିକଟରେ ପରିବହନ ବିଭାଗ ଓ ଟାଙ୍ଗରପାଲି ପୋଲିସ ପକ୍ଷରୁ ବୁଧବାର କଡାକଡି ଗାଡି ମୋଟର ଯାଞ୍ଚ କରାଯାଇଥିଲା। ପ୍ରାୟ ୨୦୦ରୁ ଅଧିକ ଫାଇନ କଟା ଯାଇଥିବା ଜଣାପଡିଛି। ଏଥିସହ ପୋଲିସ ଅମାନିଆ ଗାଡି ଚାଳକଙ୍କୁ ସଚେତନ କରିଥିଲା। ପରେ ଆଇଡିଏଲ୍ ଛକରେ ଯାଞ୍ଚ ହୋଇଥିଲା।

# ହାତୀ ଉପଦ୍ରବ ଜାରି, ଖାଇଲା ଧାନ

**କୁତ୍ରା,୬।୧୨(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା ବଡଗାଁ ବନାଞ୍ଚଳ ଅନ୍ତର୍ଗତ କୁତ୍ରା ଅଞ୍ଚଳରେ ଗତ ମାସେରୁ ଊର୍ଦ୍ଧ୍ୱ ହେଲାଣି ହାତୀପଲଙ୍କ ଉପଦ୍ରବ ଜାରି ରହିଛି। କେତେ ବେଳେ ହାତୀ ଫସଲ ନଷ୍ଟ କରୁଛି ତ କେତେ ବେଳେ ଘର ଭାଙ୍ଗୁଛି। ହାତୀ ଆକ୍ରମଣରେ ଅନେକଙ୍କ ମୃତ୍ୟୁ ମଧ ଘଟିଛି। ଏନେଇ ଭୟଭୀତ ଅଛନ୍ତି ଗ୍ରାମବାସୀ। ବୁଧବାର ନୂଆଗାଁକୁ ଏକ ଦନ୍ତା ଆସି ଲକ୍ଷ୍ମଣ ନାଏକ,ବିଜୟ ମାଝି, ରୋସନ ପୂର୍ତ୍ତି, ଶୁରେଶ ନାଏକ, ସମିର କେରକେଟା,ମିଶ୍ର ଏକ୍କା,ଲୁକାଶ ତିଗାଙ୍କ ଧାନ ଫସଲ ଖାଇ ଦଳିମକଚି ନଷ୍ଟ କରିଦେଇଛି। ବନବିଭାଗ ଏଦିଗରେ ଦୃଷ୍ଟିଦେଇ ଶୀଘ୍ର ହାତୀ ଘଉଡେଇବା ସହିତ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହେଉଛି।



କୁତ୍ରା ଅଞ୍ଚଳର ଧାନ ବିଲରେ ଏକ ହାତୀ ବୁଲୁଛି।

# ଗୋପପୁର ସହ ଶ୍ରୀକୃଷ୍ଣଙ୍କ ଭାବାବେଗ ପ୍ରଦର୍ଶିତ

**ରାଉରକେଲା,୬।୧୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସିଭିକ ସେଣ୍ଟରରେ ଏକତ୍ର ପ୍ରାୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବର ୬ଷ୍ଠ ରଜନୀରେ 'ଦି ବିଲିଭର' ନାଟ୍ୟ କଳା ପରିଷଦ ପକ୍ଷରୁ ନାଟକ 'ପ୍ରଭାସ ଯଜ୍ଞ' ମଞ୍ଚସ୍ଥ ହୋଇଯାଇଛି। ପ୍ରବୀର କୁମାର ଜେନାଙ୍କ ରଚିତ ଓ ଯୁବନାଟ୍ୟ କଳାକାର ଚିନ୍ମୟ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ନାଟକ ପୌରାଣିକ କଥାବସ୍ତୁ ଉପରେ ଆଧାରିତ। ମାଁ ଯଶୋଦାଙ୍କୁ ୪ଦିନ କଷ୍ଟ ଦେଇ ଶ୍ରୀକୃଷ୍ଣ ଆଉ ଗୋପପୁର ଫେରିଲେନି। ବହୁଦିନ ପରେ ଭଗବାନ ଶ୍ରୀକୃଷ୍ଣ ମାଁ ଯଶୋଦା, ପିତା ନନ୍ଦ ଓ ଗୋପାଳୁଣୀ ଗୋପାଳମାନଙ୍କ ସହିତ ଗୋପପୁରରେ ବିତାଇଥିବା ବାଲ୍ୟକାଳକୁ ସ୍ମରଣ କରନ୍ତି ଏବଂ ବାତ୍ସଲ୍ୟମୟୀ ମାଁ ଯଶୋଦା ଓ ବାଲ୍ୟ ସଖା ମାନଙ୍କ ସହିତ ପୁନର୍ବାର ମିଳନ ପାଇଁ ପ୍ରଭାସ ତୀର୍ଥରେ ଏକ ବୈଦିକ ଯଜ୍ଞ କରନ୍ତି। ନାରଦ ଦୂତ ସାଜି ସମସ୍ତଙ୍କୁ ନିମନ୍ତ୍ରିତ କରନ୍ତି। ମାତ୍ର ଗୋପପୁରବାସୀ ଶ୍ରୀ କୃଷ୍ଣଙ୍କୁ କିଭଳି ଦ୍ୱନ୍ଦ୍ୱରେ ପକାନ୍ତି ଓ ଭାବାବେଗ ବଳରେ ଆତ୍ମୀୟ ମିଳନ ହୁଏ ତାକୁ ନେଇ ନାଟକ ପ୍ରଭାସ ଯଜ୍ଞ ଗତିଶୀଳ ହୋଇଛି। ଏହି ନାଟକଟି ବର୍ତ୍ତମାନ ସମାଜରେ ନିଜ ଜନ୍ମିତ ସନ୍ତାନଙ୍କୁ ତିରସ୍କାର କରୁଥିବା ମାଁ ଓ ବନ୍ଧୁତ୍ୱ ଭାବନାର ପ୍ରକୃତ ଯଥାର୍ଥତାକୁ ଦର୍ଶାଇଛି।



ପ୍ରଭାସ ଯଜ୍ଞ ନାଟକର ଏକ ଦୃଶ୍ୟ ।

## ଷଷ୍ଠ ରଜନୀରେ ନାଟକ ପ୍ରଭାସ ଯଜ୍ଞ ମଞ୍ଚସ୍ଥ

ନାଟ୍ୟ ମହୋତ୍ସବର ୫ମ ରଜନୀରେ ଉଦ୍‌ଘାଟକ ଭାବେ ଆର୍‌ଏସ୍‌ପିର ପ୍ରାକ୍ତନ ମହାପ୍ରବନ୍ଧକ ଅସୀମ ବେହେରା ଏବଂ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଭଗବାନ ପାଢ଼ୀ ଯୋଗ ଦେଇଥିଲେ। ପ୍ରଳୟ ଶତପଥି ମଞ୍ଚ ପରିଚାଳନା କରିଥିଲେ। ରଜତ ମହାପାତ୍ର, ପ୍ରତ୍ୟୁଷ ପାଢ଼ୀ, ଆନନ୍ଦ ବାଗ, ଚିନ୍ମୟ ତ୍ରିପାଠୀ, ଅଭିଳାଷ ସାହୁ, ଶାଶ୍ୱତ ସାମନ୍ତରାୟ, ଜର୍ଜ ବିଲୁଙ୍ଗ, ମଧୁସ୍ମିତା ବାରିକ, ଲକ୍ଷ୍ମୀପ୍ରିୟା ସାହୁ, ପ୍ରିୟଙ୍କା କୁମ୍ଭାର, ସୁଲିପ୍ତା ଜେନା, ଲିପିକା ବଳ ପ୍ରମୁଖ କଳାକାର ଅଭିନୟ କରିଥିଲେ।

## ସଂକ୍ଷେପରେ

### ବୁର୍ଲା କଲେଜ ଅଫ ନର୍ସିଂରେ ସାଂସ୍କୃତିକ କାର୍ଯ୍ୟକ୍ରମ

ସମ୍ବଲପୁର,୬ା୧୨(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲା ଭିମ୍ସାର କଲେଜ ଅଫ ନର୍ସିଂରେ ଆମ ଓଡ଼ିଶା ନବୀନ ଓଡ଼ିଶାରେ ବୁଧବାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ନୃତ୍ୟ ପ୍ରତିଯୋଗିତାରେ ପ୍ରାୟ ୬୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଜୋନ -୨ ଜିଲା ପରିଷଦ ସଭ୍ୟ ସୁଦର୍ଶନ ହରିପାଳ ଯୋଗଦେଇଥିଲେ । ସମ୍ବଲପୁର ଜିଲା ବିଜେଡି ଉପସଭାପତି ଦେବାଶିଷ ନନ୍ଦ, ସମ୍ପାଦକ ତରଣୀ ସେନଚାନ୍ଦ, ଜୋନ ଯୁବ ସାଧାରଣ ସମ୍ପାଦକ ରମାକାନ୍ତ ସାହୁ ସମ୍ମାନିତ ଅତିଥି ଥିଲେ। କଲେଜ ଅଧ୍ୟକ୍ଷା ଗୀତାଞ୍ଜଳି ବେହେରା ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ଘୋଷିକା ସୁଶ୍ରୀ ନେହା ସ୍ମୃତି ପଲକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ମାଳତୀ ପ୍ରଧାନ, ଲୀଳାରାଣୀ ସ୍ୱାଇଁ, କଲ୍ୟାଣୀ ମହାନ୍ତି, ରଶ୍ମିତା ନାୟକ, ମଞ୍ଜିଲ ନାୟକ ପରିଚାଳନାରେ ସହଯୋଗ କରିଥିଲେ।

### ଶ୍ରମମନ୍ତ୍ରୀଙ୍କ ଇଏସ୍ଆଇ ହସ୍ପିଟାଲ ପରିଦର୍ଶନ

ସମ୍ବଲପୁର,୬ା୧୨(ବି.ଶଙ୍କର):

ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ବୁଧବାର ଅଚାନକ ସମ୍ବଲପୁର ଓ ହୀରାକୁଦସ୍ଥିତ ଇଏସ୍ଆଇ ହସ୍ପିଟାଲ ପରିଦର୍ଶନ କରିଛନ୍ତି। ସେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ଶ୍ରମିକମାନଙ୍କ ଯେପରି କୌଣସି ଅସୁବିଧା ନ ହୁଏ ତା' ଉପରେ ଗୁରୁତ୍ୱ ଦେଇ କାମ କରିବାକୁ କର୍ମଚାରୀଙ୍କୁ କହିଥିଲେ। ଏହାସହ ହସ୍ପିଟାଲର ସମସ୍ତ କର୍ମଚାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ। ମନ୍ତ୍ରୀଙ୍କ ସହ ଓଡ଼ିଶା ସରକାରଙ୍କ କାଳିଆ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଉପଦେଷ୍ଟା ସଞ୍ଜୟ କୁମାର ବାବୁ ମଧ୍ୟ ଉପସ୍ଥିତ ଥିଲେ।

### ସମ୍ବଲପୁର ଉଠାଦୋକାନୀ ସଂଘ ବୈଠକ

ସମ୍ବଲପୁର,୬ା୧୨ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ପେନ୍ସନ୍‌ପଡା କଲ୍ୟାଣ ମଣ୍ଡପଠାରେ ବୁଧବାର ସନ୍ଧ୍ୟାରେ ସମ୍ବଲପୁର ଉଠା ଦୋକାନୀ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସହରର ବିଭିନ୍ନ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଉଥିବା ବେଳେ ଉଠାଦୋକାନୀଙ୍କ ଥଇଥାନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଉଠାଦୋକାନୀଙ୍କୁ ଉଚ୍ଛେଦ ପୂର୍ବରୁ ପ୍ରଶାସନ ପକ୍ଷରୁ ଭେଣ୍ଡିଂ ଜୋନ କରି ଥଇଥାନ ବ୍ୟବସ୍ଥା କରାଯିବାକୁ ସଂଘ ସଭ୍ୟମାନେ ଦାବି କରିଥିଲେ। ବୈଠକରେ ଉଠାଦୋକାନୀ ସଂଘ ପକ୍ଷରୁ ନବନିଯୁକ୍ତ ସମ୍ବଲପୁର ମହାନଗର ବିଜେଡି ସଭାପତି ତଥା ଉଠାଦୋକାନୀ ସଂଘ ସଭାପତି ସତୀଶ ବିଶିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଜେଡି ଯୁବ ଟାଉନ ସଭାପତି ନିଶାନ୍ତ ବହିଦାର, ସାମାଜିକ କର୍ମୀ ଅଶ୍ୱିନୀ ପାଢୀ, ଉଠାଦୋକାନୀ ସଂଘ ସାଧାରଣ ସମ୍ପାଦକ ରବିନାରାୟଣ ପଧାନ, ସମ୍ପାଦକ କବିନ୍ଦ୍ର ମହାପାତ୍ର, ସଭ୍ୟ ପୀତାମ୍ବର ସାହୁ, ଅସଲ କୁମାର ଦାଶ, ଏମ୍‌ଡି ରସିକ, ପ୍ରଶାନ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

### ଜିଏମ୍‌ୟୁରେ ବିବିଧ କ୍ରୀଡ଼ା ପ୍ରତିଯୋଗିତା

ସମ୍ବଲପୁର,୬ା୧୨(ବି.ଶଙ୍କର)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ବୁଧବାର କବାଡି, ଫୁଟ୍‌ବଲ, କ୍ୟାରମ, ଭଲିବଲ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କ୍ୟାରମ ପୁରୁଷ ବିଭାଗ ଫାଇନାଲରେ ଦୁର୍ଗାଞ୍ଚଳ ମେହେର, ରାହୁଲ କୁମାର ମେହେର, ରଜତ କୁମାର ସୋହେଲା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହିଳା ବିଭାଗରେ ସୁନନ୍ଦା ବଡେଇ ପ୍ରଥମ, ସ୍ୱରୁପା ସର ଦ୍ୱିତୀୟ, କୋମଲ ଅଗ୍ରୱାଲ ତୃତୀୟ ସ୍ଥାନ ହାସଲ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗାରାଜୁ, କୁଳସଚିବ ଯୁଗଳେଶ୍ୱରୀ ଦାଶ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଫୁଟବଲ ବିଭାଗରେ ୬ଟି, କବାଡିରେ ୧୪ଟି , ଭଲିବଲରେ ୧୧ଟି ଦଳ ଅଂଶ ଗ୍ରହଣ କରିଥିଲେ। ଏହାକୁ ବିଶ୍ୱବିଦ୍ୟାଳୟର କ୍ରୀଡା ଅଧିକାରୀ ଲିଙ୍ଗରାଜ ବେହେରା ଓ ଦିବ୍ୟାନି ଶୁକ୍ଳା ପରିଚାଳନା କରିଥିଲେ।

# ତୀର୍ଥଯାତ୍ରାରେ ଗଲେ ୯୭୦ ବରିଷ୍ଠ ନାଗରିକ

## ସମ୍ବଲପୁରରୁ ବାହାରିଲା ତୀର୍ଥଯାତ୍ରା ସ୍ୱତନ୍ତ୍ର ଟ୍ରେନ୍

ସମ୍ବଲପୁର,୫ା୧୨(ପ୍ରମୋଦ ବହିଦାର):

ସମ୍ବଲପୁରରୁ ୯୭୦ ଜଣ ବରିଷ୍ଠ ନାଗରିକଙ୍କୁ ନେଇ ବୁଧବାର ସ୍ୱତନ୍ତ୍ର ତୀର୍ଥଯାତ୍ରା ଟ୍ରେନ୍ କାମାକ୍ଷା ଅଭିମୁଖେ ବାହାରିଛି। ସମ୍ବଲପୁର ରେଳଷ୍ଟେଶନରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମିଳିତ ଭାବେ ପତାକା ଦେଖାଇ ଏହି ଟ୍ରେନ୍‌ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ବରିଷ୍ଠ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ ତୀର୍ଥଯାତ୍ରୀଙ୍କ ସଫଳ ତୀର୍ଥଯାତ୍ରା କାମନା କରି ତୀର୍ଥସ୍ଥାନ ପରିଭ୍ରମଣ କରି ଦିବ୍ୟ ଅନୁଭୂତି ଲାଭ କରନ୍ତୁ ବୋଲି କହିଥିଲେ।

ସମ୍ବଲପୁର ସହିତ ସୁବର୍ଣ୍ଣପୁର, ବରଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼ ଓ ଅନୁଗୋଳ ଆଦି ୮ ଜିଲାର ଉଭୟ ମହିଳା ଓ ପୁରୁଷ ବରିଷ୍ଠ ନାଗରିକଙ୍କୁ ନେଇ ବାହାରିଥିବା ଏହି ସ୍ୱତନ୍ତ୍ର ତୀର୍ଥଯାତ୍ରୀ ଟ୍ରେନ୍ କୋଲକାତା ଓ କାମାକ୍ଷା ଅଭିମୁଖେ ଯାତ୍ରା କରିବ। ଯାତ୍ରୀମାନେ କୋଲକାତାର ପ୍ରସିଦ୍ଧ କାଳୀମନ୍ଦିର ଓ ଆସାମର କାମାକ୍ଷା ଦେବୀ ମନ୍ଦିର ଦର୍ଶନ କରିବେ। ତୀର୍ଥ ଯାତ୍ରୀମାନଙ୍କ ସମସ୍ତ ଦାୟିତ୍ୱ ଆଇଆର୍‌ସିଟିସି ଉପରେ ନ୍ୟସ୍ତ



ତୀର୍ଥଯାତ୍ରା ଟ୍ରେନ୍ ଶୁଭାରମ୍ଭ ଅବସରରେ ଅତିଥିମାନେ।

ରହିଛି। ଆଇଆର୍‌ସିଟିସି ପକ୍ଷରୁ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କ ପାଇଁ ଏହି ୬ ଦିନିଆ ଯାତ୍ରାରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଭର୍ତ୍ତି ଗୋଟିଏ ଲେଖାଏ କିଟ୍ ବ୍ୟାଗ ପ୍ରଦାନ କରାଯାଇଛି। ସେହିପରି ୫ ରାତି ଓ ୬ ଦିନର ଯାତ୍ରା ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କ ରହଣି, ଖାଇବା ତଥା ଆନ୍ୟାନ୍ୟ ଆନୁଷଙ୍ଗିକ ଆବଶ୍ୟକତା ପୂରଣ ଦିଗରେ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯାଇଛି। ତୀର୍ଥଯାତ୍ରୀଙ୍କ ଯତ୍ନ ପାଇଁ ୩୦ ଜଣ ଏସ୍କଟ ଅଧିକାରୀ ସହଯାତ୍ରୀ ଭାବେ ଟ୍ରେନ୍‌ରେ ଯାତ୍ରା କରୁଛନ୍ତି। ସେମାନଙ୍କ ମଧ୍ୟରେ ଚିକିତ୍ସକ ଓ ନର୍ସିଂ କର୍ମଚାରୀ ମଧ୍ୟ ରହିଛନ୍ତି। ଏହି ଅବସରରେ ସମ୍ବଲପୁରରେ ଅବସ୍ଥାପିତ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ସଦର ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଉପଦେଷ୍ଟା ଦୁର୍ଗା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଜମନକିରା, ୬ା୧୨(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ ଷଣ୍ଢପଥର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆଠାରେ ବୁଧବାର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ଜୋନ-୧ ସଭ୍ୟା ସୁଜାତା ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବଡରମା ସରପଞ୍ଚ ବିଜୟ କୁମାର ନାୟକ, ଭାରପ୍ରାପ୍ତ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ଜ୍ୟୋତ୍ସ୍ନା ଦାଶ ପ୍ରମୁଖ ଯୋଗଦାନ କରି କରିଥିଲେ। ଏଥିରେ ଉଚ୍ଚ ଡିଆଁ, ଲମ୍ବଡିଆଁ, ଦୌଡ଼, ପୁଚି, ଫୁଟ୍‌ବଲ, କବାଡି, ଖୋଖୋ ଆଦି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ସମ୍ମାନିତ କରାଯିବ ବୋଲି ପ୍ରଧାନ ଶିକ୍ଷକ ପ୍ରକାଶ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷକ ଜଗତ ଅଧ୍ୟକ୍ଷତା କରିଥିବା ବେଳେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଐଶ୍ୱର୍ଯ୍ୟ କୁମାର ନାୟକ, ଷଣ୍ଢପଥର ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୀର୍ଥରାଜ ନାୟକ, ବଞ୍ଜରି ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୀଳମଣି ଝାଙ୍କର ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡା ଶିକ୍ଷକ ପ୍ରଦୀପ ପଟେଲ, ନାରାୟଣ ପ୍ରଧାନ ଓ ଶିବ ନାରାୟଣ ବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସ୍ୱରୂପା ମାଝି ମଞ୍ଚ ପରିଚାଳନା କରିଥିବା ବେଳେ ଲକ୍ଷ୍ମୀପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## କୁଚିଣ୍ଡା କଲେଜରେ ନୂଆ-ଓ କାର୍ଯ୍ୟକ୍ରମ

କୁଚିଣ୍ଡା,୬ା୧୨(ବିରଞ୍ଚ ଦର୍ଵା)

କୁଚିଣ୍ଡା କଲେଜରେ ଗତ ୨୧ ତାରିଖରୁ ଯୁକ୍ତଦୁଇ ଓ ତିନି ବିଭାଗରେ ନୂଆ-ଓରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସୁଚିତ୍ରା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗଳବାର ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡ଼. ସୁବୋଧ କୁମାର ନାୟକ, ଆଇଟିଡିଏ ପ୍ରକଳ୍ପ ଅଧିକାରୀ ହେମସାଗର ଭୋଇ, କଲେଜ ପରିଚାଳନା ସମିତି ସଭାପତି ହୃଦାନନ୍ଦ ଶର୍ମା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କଲେଜ ଛାତ୍ରୀଛାତ୍ର ସହର ପରିକ୍ରମା କରି ତମାଖୁ ବର୍ଜନ, ସ୍ୱଚ୍ଛତା, କୁସଂସ୍କାର ଓ ଅନ୍ଧବିଶ୍ୱାସ ଆଦି ବିଷୟରେ ଲୋକଙ୍କୁ ସଚେତନ କରି ବିର୍ସା ମୁଣ୍ଡା ଛକରେ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ବୁଧବାର ଏନ୍ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି


କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ କଲେଜ ଷ୍ଟାଫ୍।

ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, କୁଚିଣ୍ଡା ଆଇଆଇସି ଦିଲିପ ସ୍ୱାଇଁ, ନାଟ୍ୟକାର ସୁରଥ ଚନ୍ଦ୍ର ନାୟକ, ନୋଡାଲ ଅଫିସର ଡ.ସୁମନ୍ତ କୁମାର ପଟେଲ ପ୍ରମୁଖ ସହଯୋଗ କରିଥିଲେ। ସେହିପରି କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଯୁକ୍ତଦୁଇ କଲେଜରେ ନୂଆ-ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରାତନ ଛାତ୍ରସଂସଦ ସଭାପତି ଅରୁଣ କୁମାର ପଟେଲ, ହାଇସ୍କୁଲ ସଂସ୍କୃତ ଶିକ୍ଷକ ଶୁଶିଳ ମାହାକୁଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କଲେଜ ନୋଡାଲ ଅଫିସର ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରି, ଅଧ୍ୟାପିକା ଭାବନା ପାଣ୍ଡେ, ଅଧ୍ୟାପକ ସତ୍ୟନାରାୟଣ ପଟେଲ, ଅଧ୍ୟାପକ ସୁଧିର କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଅଦିନିଆ ବର୍ଷା: ପାଚିଲା ଧାନ ଗଜା ଆଶଙ୍କା

ନାକଟିଦେଉଳ,୬ା୧୨(ବୈକୁଣ୍ଠନାଥ ସାହୁ):

ସାମୁଦ୍ରିକ ବାତ୍ୟା ମିଗ୍‌ଜୋମ୍ ଜନିତ ବର୍ଷା ପ୍ରଭାବରେ ନାକଟିଦେଉଳ ବ୍ଲକ ଅଞ୍ଚଳରେ ବୁଧବାର ସକାଳଠାରୁ ଝିପିଝିପି ବର୍ଷା ଲାଗି ରହିଛି। ଏହି ଅଦିନିଆ ବର୍ଷାରେ ପନିପରିବା ଓ ଧାନଚାଷ କ୍ଷତି ହେବା ଆଶଙ୍କା ଦେଖାଦେଇଛି। ବହୁ ସ୍ଥାନରେ ଚାଷୀ କ୍ଷେତରୁ ଧାନ କାଟି ଜମିରେ ଧାନ ପେଟା ପକାଇଛି । ଆଉ କେତେକ ଜମିରେ ଧାନ ବିଡ଼ା ମଧ୍ୟ ଗଦା ହୋଇ ପଡ଼ିରହିଛି। ଏପରି ପରିସ୍ଥିତିରେ ଝିପିଝିପି ବର୍ଷା ଚାଷୀମାନଙ୍କୁ ହଇରାଣରେ ପକାଇ ଦେଇଛି। ପେଟା ପଡ଼ିଥିବା ଧାନ କ୍ଷେତରେ ବର୍ଷା ପାଣି ଜମିରହି ଧାନ ଗଜା ହେବା ଆଶଙ୍କା ରହିଥିବାରୁ ଚାଷୀମାନେ ଚିନ୍ତିତ ଅବସ୍ଥାରେ ରହିଛନ୍ତି। ଏପରିକି ବିଭିନ୍ନ ପନିପରିବା ଚାଷରେ ମଧ୍ୟ କ୍ଷତି ଘଟିବା ଆଶଙ୍କା ସୃଷ୍ଟି ହୋଇଛି। ଚଳିତ ବର୍ଷ ଧାନ ଚାଷରେ ଭଲ ଅମଳ କରିବାକୁ ଅଶା ରଖିଥିବା ଚାଷୀମାନଙ୍କ ଆଶା କିନ୍ତୁ ଏହି ଅଦିନିଆ ବର୍ଷାରେ ମଉଳି ଯାଇଛି।

## ସମ୍ବଲପୁର ରେଳ ମଣ୍ଡଳରେ ମହାପରିନିର୍ବାଣ ଦିବସ

ସମ୍ବଲପୁର,୬ା୧୨(ପ୍ରମୋଦ ବହିଦାର):

ସମ୍ବଲପୁର ପୂର୍ବତଟ ରେଳମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ବୁଧବାର ଭାରତୀୟ ସମ୍ବିଧାନ ନିର୍ମାତା ଡ. ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ଆୟୋଜିତ ହୋଇଯାଇଛି। ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ ବିନୀତ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବାବାସାହେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମଣ୍ଡଳ ପ୍ରବନ୍ଧକ ସିଂ ପରାମର୍ଶ ଦେଇଥିଲେ। ସେହିପରି ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ ବାବାସହେବଙ୍କ ସ୍ତୁତିଚାରଣ କରିଥିଲେ ।

## ନୀଳଡୁଙ୍ଗୁରୀଠାରେ ହେବ ପ୍ଲାଷ୍ଟିକ ପ୍ରସ୍ତୁତକାରୀ ଓ ଡିଆଇ ପାଇପ୍ କାରଖାନା

ସମ୍ବଲପୁର,୬ା୧୨ (ଭବାନୀ ଶଙ୍କର ଭୋଇ)

ଶିଳ୍ପାୟନ ମାଧ୍ୟମରେ ସ୍ଥାନୀୟ ରୋଜଗାର ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୱେଲ୍‌ସ୍ପନ କମ୍ପାନୀ ଦ୍ୱାରା ସମ୍ବଲପୁର ଜିଲାର କବରାପାଲି ଗ୍ରାମ ପଞ୍ଚାୟତ ନୀଳଡୁଙ୍ଗରୀଠାରେ ପ୍ଲାଷ୍ଟିକ ପ୍ରସ୍ତୁତକାରୀ ଓ ଡିଆଇ ପାଇପ୍ କାରଖାନା ପ୍ରତିଷ୍ଠା ହେବ। ଏ ନେଇ ରାଜ୍ୟ ସରକାର କ୍ୟାବିନେଟ ବୈଠକରେ ମଞ୍ଜୁରୀ ଦେଇଛନ୍ତି। ଏଥିରେ ୩୭୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ। ଏହା ବିଜୁ ଅର୍ଥନୈତିକ କରିଡର ଅନ୍ତର୍ଗତ ଏକ ପରିଯୋଜନା। ଏହାଦ୍ୱାରା ଅନ୍ୟ ଆନୁଷଙ୍ଗିକ ଛୋଟ ଛୋଟ ଶିଳ୍ପ ଗଢିଉଠିବା ସହିତ ନିଶ୍ଚିତ ନିଯୁକ୍ତି ସୃଷ୍ଟି ହୋଇପାରିବ ବୋଲି ସରକାର ଆଶା ରଖିଛନ୍ତି। ଏହି ଘୋଷଣାକୁ ନେଇ ଅଞ୍ଚଳରେ ଉତ୍ସାହ ଦେଖାଦେଇଥିବା ବେଳେ ପୂର୍ବରୁ ଘୋଷଣା ହୋଇଥିବା ବୃହତ୍ ମାର୍କେଟ ଟର୍ମିନାଲ ପ୍ରସ୍ତାବର ଭବିଷ୍ୟତ କ'ଣ ହେବ ତାକୁ ନେଇ ଚାଷୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଏହାସହ ନୀଳଡୁଙ୍ଗୁରୀରେ ସୋଲାର ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ କରାଯିବା ପାଇଁ ମଧ୍ୟ ଘୋଷଣା କରାଯାଇଥିଲା। ଏହି କାମ ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରିନାହିଁ। ଅଞ୍ଚଳରେ ପନିପରିବାଠାରୁ ବିଭିନ୍ନ ଫସଲ ଚାଷ ହେଉଥିବା ବେଳେ ମାର୍କେଟ ଟର୍ମିନାଲ ହୋଇଥିଲେ ଅଧିକ ଚାଷୀ ଉପକୃତ ହୋଇଥାନ୍ତେ ବୋଲି ସମ୍ବଲପୁର ଜିଲା କୃଷକ ସୁରକ୍ଷା ସମିତି ସମ୍ପାଦକ ଦେବେନ୍ଦ୍ର ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ ନୀଳଡୁଙ୍ଗୁରୀରେ ଝାରସୁଗୁଡାରୁ ଆସୁଥିବା ବେଆଇନ ପାଉଁଶ ଗଦା କରାଯାଉଥିବାରୁ ଲୋକେ ହଇରାଣ ହେଉଛନ୍ତି। ତେଣୁ ପ୍ଲାଷ୍ଟିକ କାରଖାନା ପାଇଁ ଆବଶ୍ୟକ ଜଳ ଓ ବର୍ଜ୍ୟବସ୍ତୁ ପରିଚାଳନା ଲାଗି କମ୍ପାନୀ ବ୍ୟବସ୍ଥା କରିବା ନେଇ ସ୍ଥାନୀୟ ନାଗରିକ ମଞ୍ଚର ଡା. ରାଜାରାମ ଷଡଙ୍ଗୀ ଦାବି କରିଛନ୍ତି। କାରଖାନା ହେଲେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ମିଳିବା ସହ ନିଳଡୁଙ୍ଗୁରୀ ଅଞ୍ଚଳରେ ରହିଥିବା ୭୦୦ ଏକର ସରକାରୀ ଜମି ମଧ୍ୟ ଉପଯୋଗ ହୋଇପାରିବ। ତେବେ ଅଞ୍ଚଳର ଚାଷ ଉପରେ ଲୋକଙ୍କ ଜୀବନ ଜୀବିକା ନିର୍ଭର କରୁଛି। ନୀଳଡୁଙ୍ଗରୀରେ ଉଦ୍ୟାନ କୃଷି ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ରହିଥିବା ବେଳେ ଚାଷୀମାନେ ସେଠାରୁ ତାଲିମ ନେଉଛନ୍ତି । କାରଖାନା ପାଇଁ ଜମି ଦେବା ପରେ ବଳକା ଜମିରେ କୃଷି ଏବଂ କୃଷକ ବଜାର ସମ୍ପର୍କିତ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ସ୍ଥାନୀୟ କୃଷକ ସଙ୍ଗଠନ ଦାବି କରିଛି।

## କୃଷିମେଳାରେ ରୋଗପୋକ ସମସ୍ୟା ଉପରେ ଆଲୋଚନା

ସମ୍ବଲପୁର,୬ା୧୨ (ଭବାନୀ ଶଙ୍କର ଭୋଇ)

ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅନୁକୂଲ୍ୟରେ ସମ୍ବଲପୁରଠାରେ ଆୟୋଜିତ କୃଷି ମେଳାରେ ବୁଧବାର ଉପଖଣ୍ଡ କୃଷି ଅଧିକାରୀ ଗୌରି ଶଙ୍କର ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ କୃଷି ଉପନିର୍ଦ୍ଦେଶକ ଧ୍ରୁବ ଚରଣ ପାଲ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ସମୟରେ ଅଧିକ ଉତ୍ପାଦନ ପାଇଁ ମୃତ୍ତିକା, ବିହନ ଓ ପ୍ରକୃତି ଅନୁସାରେ ବୈଜ୍ଞାନିକ କୃଷି ପ୍ରଣାଳୀ ଉପରେ ଆଲୋଚନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଲିଙ୍ଗରାଜ ଦୀପ ଚାଷୀମାନଙ୍କ ସହ ରୋଗପୋକ, ଉଦ୍ଭିଦ ରୋଗ ଓ ଏହାକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ରୋଗ ପୋକ ଉପରେ ଚାଷୀ ଠିକ ସମୟରେ ଉଚିତ ପରାମର୍ଶ ପାଇ ତାକୁ କାର୍ଯ୍ୟକାରୀ କରିପାରିଲେ କ୍ଷୟକ୍ଷତିରୁ ରକ୍ଷା ପାଇପାରିବେ ବୋଲି କୃଷି ବୈଜ୍ଞାନିକ ଦିପ କହିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର କୃଷି ବିଜ୍ଞାନୀ ଡ଼. ଅନନ୍ୟା ଜେନା ଜୈବିକ କୃଷି ଉପରେ ଆଲୋଚନା କରିଥିଲେ। ବିହନ ପ୍ରମାଣନ ଅଧିକାରୀ ଶିଶିର କୁମାର ପାଣିଗ୍ରାହୀ ଉନ୍ନତମାନର ବିହନ ସହ ରୋଗ ପ୍ରତିରୋଧୀ ବିହନ କିସମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କୃଷି ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା କରାଯାଇ ଠିକ୍ ଉତ୍ତର ଦେଇଥିବା ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। କୃଷି ମେଳାରେ ଲଗାଯାଇଥିବା ବିଭିନ୍ନ ଷ୍ଟଲର ପ୍ରତିନିଧିଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ଦିଆଯାଇଥିଲା। କୃଷି ଜିଲା ଅଧିକାରୀ ଉମା ଶଙ୍କର ମିଶ୍ର ଧନ୍ୟବାଦ ଦେଇଥିଲେ।

## ଅଦିନିଆ ବର୍ଷା: ଫସଲ ନଷ୍ଟ ଚିନ୍ତାରେ ଚାଷୀ

ସମ୍ବଲପୁର,୬ା୧୨ (ଭବାନୀ ଶଙ୍କର ଭୋଇ): ଅଦିନିଆ ବର୍ଷାରେ ସମ୍ବଲପୁର ଜିଲାରେ ଧାନ ଫସଲ ନଷ୍ଟ ଆଶଙ୍କା କରି ଚାଷୀମାନେ ଚିନ୍ତାରେ ଅଛନ୍ତି। ଜିଲାର ବିଭିନ୍ନ ଅଞ୍ଚଳରେ ଚାଷୀମାନେ ଅମଳ ପରେ ଧାନ ମଣ୍ଡିକୁ ନେବା ପୂର୍ବରୁ ଆର୍ଦ୍ରତା କମାଇବା ପାଇଁ ଖଳାରେ ଶୁଖାଇଥାନ୍ତି। ଖଳାରେ ଧାନ ଗଚ୍ଛିତ ହୋଇ ରହିଥିବାବେଳେ ବର୍ଷା ଲାଗି ରହିଥିବାରୁ ଚାଷୀମାନେ ଏହାକୁ ଘୋଡାଇ ରଖିଛନ୍ତି। ହେଲେ ଅଧିକାଂଶ ଚାଷୀଙ୍କଠାରେ ଘୋଡାଇବା ବ୍ୟବସ୍ଥା ନ ଥିବାରୁ ସେମାନେ ହଇରାଣ ହେଉଛନ୍ତି। ଦିନେ ଦୁଇଦିନ ଭିତରେ ପାଗ ଠିକ୍ ହୋଇଗଲେ ଚାଷୀ ଅଧିକ କ୍ଷତିଗ୍ରସ୍ତ ହେବେ ନାହିଁ। କିନ୍ତୁ ଅଧିକ ଦିନ ବର୍ଷା ହେଲେ ଅମଳ ହୋଇଥିବା ଧାନ ଆର୍ଦ୍ରତା ଯୋଗୁ ଖରାପ ହୋଇଯିବ ବୋଲି ଚାଷୀମାନେ କହିଛନ୍ତି। ଅନ୍ୟପକ୍ଷେ ବର୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ମାଇକ୍ ଯୋଗେ ମଣ୍ଡିବା କ୍ରୟକେନ୍ଦ୍ରକୁ ଧାନ ନ ଆଣିବା ପାଇଁ ଚାଷୀମାନଙ୍କୁ ସୂଚନା ଦିଆଯାଉଛି। ଏତେ ପରିମାଣରେ ଧାନ ରଖିବା ଲାଗି ଚାଷୀମାନଙ୍କ ଘରେ ଜାଗାର ଅଭାବ ରହିଛି।

## ମନ୍ଦିର ରତ୍ନମୁଦ ପାଇଁ ୧୦୦୮ କଳସ ଯାତ୍ରା


କଳସ ଶୋଭାଯାତ୍ରାରେ ମହିଳାମାନେ।

ନାକଟିଦେଉଳ,୬ା୧୨(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକ ଚନ୍ଦ୍ରପୁର ନିକଟ ସିନ୍ଦୁରକଲୀ ସଞ୍ଜୀବନୀ କ୍ଷେତ୍ରରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର, ଶିବମନ୍ଦିର ଓ ରାମ ମନ୍ଦିରର ରତ୍ନମୁଦ ସ୍ଥାପନ ପାଇଁ ବୁଧବାର ୧୦୦୮ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଜିଲା ରିଆମାଳ ବ୍ଲକ ଓ ନାକଟିଦେଉଳ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରୁ ୧୦୦୮ ମହିଳା ଆସି ନାକଟିଦେଉଳ ନିକଟ ଚମ୍ପାଳି ଏବଂ ଟିକିରା ନଦୀର ସଙ୍ଗମସ୍ଥଳରୁ କଳସ ଧରି ଶୋଭାଯାତ୍ରାରେ ବାହାରିଥିଲେ। କଳସ ଯାତ୍ରା ଗୋଧିଡିପ, ମାରୁଆଡ଼ିମୁଣ୍ଡା ଓ ଚନ୍ଦ୍ରପୁର ଗ୍ରାମ ପରିକ୍ରମା କରି ସଞ୍ଜୀବନୀ କ୍ଷେତ୍ର ଯଜ୍ଞ ମଣ୍ଡପରେ କଳସ ସ୍ଥାପନା କରିଥିଲେ। ସଞ୍ଜିବନୀ କ୍ଷେତ୍ରର ମୁଖ୍ୟ ବାବା ଶଙ୍କର୍ଷଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କଳସ ଯାତ୍ରାରେ ତାଳଚେର ବିଧାୟକ ତଥା ଅଭ୍ୟର୍ଥନା କମିଟି ମୁଖ୍ୟ ବ୍ରଜକିଶୋର ପ୍ରଧାନ, ସଦସ୍ୟ ଅନାଦି ଚରଣ ସାହୁ, ନାକଟିଦେଉଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ସାହୁ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

# ଦୈନିକ ପରିବା ହାଟ ଶୋଚନୀୟ

■ ବର୍ଜ୍ୟବସ୍ତୁ ପରିଚାଳନାରେ ଅବହେଳା
■ ନର୍ଦ୍ଦମାଜଳ ନିଷ୍କାସନ ବ୍ୟବସ୍ଥା ନାହିଁ
■ ରାମସାଗର ବନ୍ଧ ପାର୍ଶ୍ୱକୁ ହାଟ ସ୍ଥାନାନ୍ତର ହେବ: ମହାନଗର ନିଗମ କମିଶନର

ସମ୍ବଲପୁର,୬ା୧୨(ପ୍ରମୋଦ ବହିଦାର):

କରୋନା କାଳ ପରଠାରୁ ସମ୍ବଲପୁର ସରକାରୀ ବସ୍‌ଷ୍ଟାଣ୍ଡ ପରିସରରେ ନୂତନ ଭାବେ ଗଢ଼ିଉଠିଥିବା ଦୈନିକ ପରିବା ହାଟ ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷାରେ ବେହାଲ ହୋଇପଡ଼ିଛି ହାଟ ପରିସର। ଚାଷୀ ଓ ବ୍ୟବସାୟୀ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପରିବା ବିକ୍ରୟ କରୁଛନ୍ତି। କରୋନା କାଳ ପୂର୍ବରୁ ସନ୍ତରଣାଗାର ନିକଟ ସୁପର ମାର୍କେଟ୍‌ରେ ଗଢ଼ିଉଠିଥିବା ପରିବା ବଜାରଟି ଏଠାରେ ଏକ ପ୍ରେକ୍ଷାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାରୁ ଉକ୍ତ ପରିବା ବଜାରଟି ରାସ୍ତା ଉପରକୁ ସ୍ଥାନାନ୍ତରିତ ହୋଇଥିଲା। ମାତ୍ର କରୋନା କାଳରେ ଲକ୍‌ଡାଉନ ପରେ ଉକ୍ତ ହାଟକୁ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସରକାରୀ ବସ୍‌ଷ୍ଟାଣ୍ଡ ପରିସରକୁ ଉଠାଇ ନିଆଯାଇଥିଲା। ମାତ୍ର ଏଥିପାଇଁ ମହାନଗର ନିଗମ ପକ୍ଷରୁ କୌଣସି ଭିତ୍ତିଭୂମି ପ୍ରସ୍ତୁତ କରାଯାଇ ନାହିଁ। ପରିବା ବିକାଳିମାନେ ଯିଏ ଯେଉଁଠି ପାରିଲା ସ୍ଥାନ ଦଖଲକରି ପରିବା ବିକ୍ରି ଆରମ୍ଭ କଲେ। ବ୍ୟବସାୟୀମାନେ ବିକ୍ରୟ ହୋଇପାରୁ ନ


ସରକାରୀ ବସ୍‌ଷ୍ଟାଣ୍ଡ ହାଟରେ ପରିବା ବିକୁଛନ୍ତି ବ୍ୟବସାୟୀ।

ଥିବା ବଳକା ଓ ବାସି ପରିବାକୁ ଏଠାରେ ଫୋପାଡ଼ି ଦେଇ ଚାଲିଯାଆନ୍ତି। ଏହାକୁ ନିୟମିତ ଭାବେ ମହାନଗର ନିଗମ ପକ୍ଷରୁ ସ୍ଥାନାନ୍ତର ବା ପରିଚାଳନା ହେଉ ନ ଥିବାରୁ ତାହା ପଚିଶଢ଼ି ଏଠାରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ସେହିପରି ହାଟର ସଂଲଗ୍ନ ବିଭିନ୍ନ ସ୍ଥାନରେ ରହିଥିବା ହୋଟେଲ ଓ ଅସ୍ଥାୟୀ ଜଳଖିଆ ଦୋକାନ ଆଦିରୁ ନିର୍ଗତ ନର୍ଦ୍ଦମା ଜଳ ନିଷ୍କାସନ ପାଇଁ କୌଣସି ନାଳର ବ୍ୟବସ୍ଥା ନ ଥିବାରୁ ଏହା ହାଟ ମଧ୍ୟରେ ଖାଲୁଆ ଜାଗାରେ ଜମିରହୁଛି। ଏହାବ୍ୟତୀତ ଚତୁଃପାର୍ଶ୍ୱରେ ପାଚେରି ନ ଥିବାରୁ ହାଟଟି ବୁଲା ଗୋରୁଙ୍କ ଚରାଭୂଇଁରେ ପରିଣତ ହୋଇଛି। ଏହାସତ୍ତ୍ୱେ ପରିବା ବିକାଳିମାନେ ଦୁଇପଇସା ରୋଜଗାର ଆଶାରେ ଏଭଳି ପରିବେଶରେ ପରିବା ବିକ୍ରୟ କରିବାକୁ ବାଧ୍ୟ ହେଉଛନ୍ତି। ବ୍ୟବସାୟୀଙ୍କ ପାଇଁ କୌଣସି ଛାତ ବା ପିଣ୍ଡିର ବ୍ୟବସ୍ଥା ମଧ୍ୟ ନାହିଁ। ସମ୍ବଲପୁର ମହାନଗର ନିଗମ ପକ୍ଷରୁ ନିୟୋଜିତ ଠିକାସଂସ୍ଥା ପକ୍ଷରୁ ନିୟମିତ ଭାବେ ବ୍ୟବସାୟୀଙ୍କଠାରୁ ଟିକସ ଆଦାୟ କରାଯାଉଛି। ପ୍ରତି ବ୍ୟବସାୟୀଙ୍କଠାରୁ ସ୍ଥାନ ପାଇଁ ଦିନକୁ ୪୦ ଟଙ୍କା ଓ ପରିବା ବସ୍ତା ପ୍ରତି ଅତିରିକ୍ତ ୧୦ ଟଙ୍କା ଲେଖାଏ ଆଦାୟ କରାଯାଉଛି। ଏଠାରେ ସେଭଳି କୌଣସି ପାର୍କିଂର ବ୍ୟବସ୍ଥା ନାହିଁ କି ହାଟକୁ ପ୍ରବେଶ ପାଇଁ କୌଣସି ନିର୍ଦ୍ଦିଷ୍ଟ ରାସ୍ତା ନାହିଁ। ଫଳରେ ହାଟକୁ ଆସୁଥିବା ସାଧାରଣ ଲୋକ ବାଇକ୍, ସାଇକେଲ ଆଦି ରଖିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ କହିଛନ୍ତି, ଏଠାରେ ପରିବହନ ନିଗମ ଦ୍ୱାରା ଟାଉନ ବସ୍ ଚଳାଚଳ କରିବାର ଯୋଜନା ରହିଛି। ଏଥିପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି। ଏଥିସକାଶେ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ଅନୁମତି ଅନୁସାରେ ବସ୍‌ଷ୍ଟାଣ୍ଡର ଭିତ୍ତିଭୂମି ବିକାଶ କରାଯିବ। ତେବେ ଏଠାରୁ ଟାଉନବସ୍ ସେବା ଆରମ୍ଭ ହେବା କ୍ଷଣି ଦୈନିକ ହାଟ ପାଇଁ ବିକଶିତ ହୋଇଥିବା ରାମସାଗର ବନ୍ଧ ପାର୍ଶ୍ୱକୁ ହାଟ ସ୍ଥାନାନ୍ତର କରାଯିବ ବୋଲି ସେ କହିଛନ୍ତି।

# ଧୂସର ପାନୀୟଜଳ ପରିଚାଳନା କାର୍ଯ୍ୟକ୍ରମ

ନୂଆପଡା,୬।୧୨(ମକାରୁ ବେମାଲ)

ନୂଆପଡା ଜିଲାର ତିନିଟି ଯାକ ବିଜ୍ଞାପିତ ଅଞ୍ଚଳ ପରିଷଦ ନୂଆପଡା, ଖଡିଆଳ ଓ ଖରିଆରରୋଡକୁ ନେଇ ବୁଧବାର ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହରେ ସହରାଞ୍ଚଳରେ ଧୂସର ଜଳ ପରିଚାଳନା ଦିଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ସୁଶାନ୍ତ କୁମାର ମିଶ୍ର ଶୁଭାରମ୍ଭ କରିଥିଲେ। ଦିଗଦର୍ଶନ କାର୍ଯ୍ୟକ୍ରମରେ ନୂଆପଡା ଜିଲାପାଳ ହେମକାନ୍ତ ସାୟ, ନୂଆପଡା ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ, ଏଡିଡ଼ି ଆଡମିନିଷ୍ଟ୍ରେସନ ଯୋଗେଶ୍ୱର ଭୋଇ, ନୂଆପଡା ବିଜ୍ଞାପିତ ପରିଷଦର ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ, ଖରିଆରରୋଡ ବିଜ୍ଞାପିତ ପରିଷଦର ଅଧ୍ୟକ୍ଷା ଡ. ସୋନିଆ ଜୈନ, ନିର୍ବାହୀ ଅଧିକାରୀ କମଳାଶନ ରଥ, ଖଡିଆଳ



ଧୂସର ପାନୀୟ ଜଳ ଉପରେ ଆଲୋଚନା ହେଉଛି ।

ବିଜ୍ଞାପିତ ପରିଷଦର ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା, ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଖିଲେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ ସମ୍ପ୍ରତି ସହରାଞ୍ଚଳରେ ମଧ୍ୟ ଅନେକ ପରିବର୍ତ୍ତନ ପରିଲକ୍ଷିତ ହେଲାଣି, ପୂର୍ବପରି ଆଉ ସମସ୍ୟା ନାହିଁ ତଥାପି ଆମକୁ ଆହୁରି ସ୍ୱଚ୍ଛତା, ପରିଚ୍ଛନ୍ନତା ଉପରେ ଅଧିକ ଧ୍ୟାନ ଦେବାକୁ ପଡିବ ବୋଲି କହିବା ସହ ବିଶେଷ କରି ସହରାଞ୍ଚଳ ଉପରେ ସମସ୍ତଙ୍କ ନଜର ରହିଥାଏ । ସେହିପରି ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ସୁଶାନ୍ତ କୁମାର ମିଶ୍ର ସହରାଞ୍ଚଳରେ ଧୂସର ଜଳ ପରିଚାଳନା ସମୟରେ ସବୁଠାରୁ ବଡ ଆହ୍ୱାନ ବୋଲି କହିବା ସହ ଆମକୁ ଏହି ଆହ୍ୱାନର ସମ୍ମୁଖିନ ହେବାକୁ ପଡିବ ବୋଲି କହିଥିଲେ। ସମ୍ପ୍ରତି ସହରାଞ୍ଚଳରେ ପାନୀୟ ଜଳ ତଥା ଅନ୍ୟ ଜଳର ଚାହିଦା ମେଣ୍ଟାଇବାକୁ ହେଲେ ଧୂସର ଜଳ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି କହିଥିଲେ। ସମ୍ପ୍ରତି ଓଡ଼ିଶା ଦୁଇଟି ସହରୀ ସ୍ଥାନୀୟ ସଂସ୍ଥାରେ ଏହାକୁ ପାଇଲଟ ପ୍ରକଳ୍ପ ରୂପେ ଆରମ୍ଭ କରାଯାଇଛି। ବିଶେଷ କରି ଘରମାନଙ୍କରେ ରେ ଏହି ଏହାର ଖୁବ ପ୍ରଭାବ ରହିଛି । ଆମକୁ ଆମ ପରିସର ମଧ୍ୟରୁ ଧୂସର ଜଳକୁ ବାହାରକୁ ଯିବାକୁ ଦେବାକୁ ହେବ ନାହିଁ ଫଳରେ ଆମର ମଧୁର ଜଳପାଇଁ ନଦୀ ନଳା ଉପରେ ନିର୍ଭରତା କମି ଯିବ ଏହା ବ୍ୟତୀତ ଜଳ ପରିଶୋଧନ ପାଇଁ ମଧ୍ୟ ଆବଶ୍ୟକ ହେଉଥିବା ରାସାୟନିକର ବ୍ୟବହାର ଜମିବା ଫଳରେ ପ୍ରଦୂଷଣ ମଧ୍ୟ କମିବ ବୋଲି ଜଣାଇଥିଲେ। କାର୍ଯ୍ୟକ୍ରମକୁ ଜିଲାପରିଷଦର ବରିଷ୍ଠ ରାଜସ୍ୱ ସହାୟକ ବିଭୂଦତ୍ତ ମିଶ୍ର ସଂଯୋଜନ କରିଥିଲାବେଳେ ନୂଆପଡା ବିଜ୍ଞାପିତ ପରିଷଦର ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ।

## କୋକସରାରେ ଗଡ଼ିଲା ଶିକ୍ଷା ରଥ


କୋକସରାରେ ଶିକ୍ଷା ରଥ ଉଦ୍‌ଘାଟନ କରାଯାଉଛି ।

କୋକସରା,୬।୧୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ପ୍ରତି ବ୍ଲକରେ ଶିକ୍ଷା ସଚେତନତା ସୃଷ୍ଟି କରିବା ଅଭିଯାନ ନେଇ ଶିକ୍ଷା ରଥ ଉଦ୍‌ଘାଟିତ ହୋଇଯାଇଛି। ମଙ୍ଗଳବାର ଭବାନୀପାଟଣାସ୍ଥିତ ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଏହି ରଥ ଉଦ୍‌ଘାଟନ ହୋଇଥିବାବେଳେ ବୁଧବାର କୋକସରା ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶିକ୍ଷା ରଥକୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଶ୍ମିତା ନେତାମ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଆରସିସି ତୋଫାନ ମାଝି, ନୋଡାଲ ସିଆରସି ବୈକୁଣ୍ଠ ଜାଲ, ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ବାଲା ଠାକୁର ଉପସ୍ଥିତ ଥିଲେ। ଏହି ଶିକ୍ଷା ରଥ ବ୍ଲକର ୨୨ ପଞ୍ଚାୟତ ସମେତ ୧୧ କ୍ଲଷ୍ଟର ପରିକ୍ରମା କରି ଶିକ୍ଷା ସଚେତନତା ସୃଷ୍ଟି କରିବ।

**ସଂକ୍ଷେପରେ**

### ତାମିଲନାଡୁରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ନର୍ଲା,୬।୧୨(ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ମାଣ୍ଡେଲ ଗ୍ରାମର ଲୋକନାଥ ଦୀପ (୪୫) ନିଜ ପରିବାର ପେଟକୁ ଗଣ୍ଡେ ଦାନା ଯୋଗାଇବା ପାଇଁ ତାମିଲନାଡୁର କୋଇମ୍ବାଟୁର ସହରକୁ ଦାଦନ ଖଟିବାକୁ ଯାଇ ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ଚିକିତ୍ସିତ ଅବସ୍ଥାରେ ଗତ ତିନିଦିନ ତଳେ ମୃତ୍ୟୁବରଣ କରିଥିଲେ। ପରିବାର ପକ୍ଷରୁ ଏହି ସୂଚନା ମିଳିବା ପରେ ସ୍ଥାନୀୟ ସମାଜସେବୀ ଦିଲ୍ଲୀପ ନାଏକ ଓ ପରିବାରବର୍ଗ ଭବାନୀପାଟଣାର ସମାଜସେବୀ ନର୍ଲା ନିର୍ବାଚନ ମଣ୍ଡଳୀର ବିଜେଡି ସଭାପତି ତଥା ରାଜ୍ୟ ସମ୍ପାଦକ ବାବୁଲି ମଣ୍ଡଳଙ୍କୁ ଦେଖାକରି ସମସ୍ତ ବିଷୟ କହିଥିଲେ। ଲୋକନାଥଙ୍କ ମୃତଦେହ କେମିତି ଜନ୍ମ ମାଟିକୁ ଫେରିବ ତାହା ଜଣାଇବା ପରେ ମଣ୍ଡଳ ସଙ୍ଗେ ସଙ୍ଗେ ଦିବ୍ୟଶଙ୍କର ମିଶ୍ର, ଜିଲାପାଳ ଅନ୍ୱେଷା ରେଡି ଓ ଶ୍ରମ ବିଭାଗ ଅଧିକାରୀ ଜିତେନ ମାଝିଙ୍କ ସହିତ ଆଲୋଚନା କରି ମୃତଦେହ ଫେରିବା ଓ ପରିବାର ବର୍ଗଙ୍କୁ ସରକାରୀ ଆର୍ଥିକ ସହାୟତା ପାଇବା ଭଳି ସମସ୍ତ ପ୍ରକାର ବ୍ୟବସ୍ଥା କରାଇଥିଲେ।

### ଆମ ସଂକଳ୍ପ ବିକଶିତ ଭାରତ କାର୍ଯ୍ୟକ୍ରମ

ଥୁଆମୂଳ ରାମପୁର, ୬।୧୨(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ମହକୁମା ଥୁଆମୂଳ ରାମପୁର ଗ୍ରାମପଞ୍ଚାୟତରେ ମୋଦି ସରକାରଙ୍କ ଗ୍ୟାରେଣ୍ଟି ଆମ ସଂକଳ୍ପ ବିକଶିତ ଭାରତ ରଥ ପରିକ୍ରମା କରିଥିଲା। ଏହି ପଞ୍ଚାୟତରେ ରଥ ପରିକ୍ରମା ସମୟରେ ନୋଡାଲ ଅଫିସର ରାଜେନ୍ଦ୍ର ଦେବ ସିଂହ, ସ୍ଥାନୀୟ ସରପଞ୍ଚ ବିଜୟା ମାଝି, ସାମାଜିକ ସୁରକ୍ଷା ଅଧିକାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଟଙ୍କଧର ସାହୁଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର, ଅଙ୍ଗନୱାଡ଼ି ଓ ଆଶା କର୍ମୀ ରଥକୁ ସ୍ୱାଗତ କରିଥିଲେ। ଏହା ପରେ ଏଲଇଡ଼ି ସ୍କ୍ରିନ ଦ୍ୱାରା ମୋଦି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାଗୁଡିକୁ ନେଇ ଲୋକମାନଙ୍କ ଆଗରେ ପ୍ରଦର୍ଶନ କରାଯାଇଥିଲା। ପଞ୍ଚାୟତ ଅଧିନରେ ବସବାସ କରୁଥିବା ଜନସାଧାରଙ୍କ ପାଖକୁ ମୋଦି ସରକାରଙ୍କ ଯୋଜନା ପହଞ୍ଚିବା, ଯେଉଁମାନେ ଏହି ସବୁ ଯୋଜନାରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କର ପଞ୍ଜିକରଣ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପଠାଇବା ତଥା ସରକାରଙ୍କ ପ୍ରତ୍ୟେକ ଯୋଜନାରୁ ଲାଭ ପାଇବା ପାଇଁ ଜନସାଧରଣଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମସ୍ଥଳରେ ମୁଖ୍ୟ ଅତିଥି ଭାବରେ ବିଡ଼ିଓ ଧ୍ରୁବ ଚରଣ ମୁଦୁଲି ଯୋଗଦେଇଥିବା ବେଳେ ଯୁବ ନେତା ତଥା କଳାହାଣ୍ଡି ଜିଲା ଏମ୍‌ପିଙ୍କ ଥୁଆମୂଳ ରାମପୁର ବ୍ଲକ ପ୍ରତିନିଧି ବିଷ୍ଣୁ ନାଏକ ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ବିଷୟରେ ଉପସ୍ଥିତ ଲୋକଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କ ସହ ଜିଲା କୃଷକ ମୋର୍ଚ୍ଚା ଉପସଭାପତି ପ୍ରାଣ କିଶୋର ପଣ୍ଡା, ମଣ୍ଡଳ ସଭାପତି ସୁଶାନ୍ତ ନାଏକ, ରାଧାକୃଷ୍ଣ ନାଏକ, ସରପଞ୍ଚ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ଚାଷୀମାନେ ଅଂଶ ଗ୍ରହଣ କରିଥିଲେ ।

## ଭବିଷ୍ୟତ ଦେଖାଇବ ଟାଇମ ମେଶିନ

ଭବାନୀପାଟଣା,୬।୧୨(ଉତ୍ତମ କୁମାର ଦାଶ)

ଭବିଷ୍ୟତରେ କଣ ହେବାକୁ ଯାଉଛି ତାହା ଆଗୁଆ ଜଣା ପଡ଼ିବା ଭଳି ଏକ ମେଶିନ ତିଆରି କରିଛନ୍ତି କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ହାତୀଖୋଜ ଗାଁର ଜଣେ ଯୁବକ ଗାନ୍ଧୀ ସାହୁ। ଏହି ମେଶିନରେ ବର୍ତ୍ତମାନର ସମୟକୁ ଆଗକୁ ବଢ଼େଇ ହେବ ଓ ଆଗକୁ କଣ ହେବାକୁ ଯାଉଛି ତାହା ଜଣାପଡିବ ବୋଲି ସେ ଦାବି କରୁଛନ୍ତି। ଭବିଷ୍ୟତରେ ଏହା ସମସ୍ତଙ୍କ ପାଇଁ ବହୁତ କାମରେ ଆସିବ ବୋଲି ସେ କହିଛନ୍ତି। ନିଜ ଘରେ ଥିବା ବିଭିନ୍ନ ପ୍ରକାର ଅଦରକାରୀ ଜିନିଷକୁ ବ୍ୟବହାର କରି ସେ ଏମିତି ଏକ ମେଶିନ ତିଆରି କରିଛନ୍ତି। ଏହି ମେଶିନରେ ମୋବାଇଲର ସିମ୍‌କୁ ରଖି ୪୫୦ ଭୋଲ୍ଟର ଇଲେକ୍ଟ୍ରି ସଂଯୋଗ କରିବା ପାଇଁ ପଡୁଛି। ପ୍ରାୟ ୪ ଘଣ୍ଟା ସେହି ସିମ୍‌କୁ ମେଶିନରେ ରଖିବା ପରେ ମୋବାଇଲରେ ଲଗାଇଲେ ତାହା ପ୍ରାୟ ୨ସେକେଣ୍ଡ ଆଗୁଆ ସମୟ ଦେଖାଉଛି। ଯଦି ତାକୁ ୧୧,୦୦୦ ଭୋଲ୍ଟରେ ରଖାଯିବ ତାହେଲେ ପ୍ରାୟ ୮ସେକେଣ୍ଡର ଆଗୁଆ


ଗାନ୍ଧୀ ସାହୁ ଓ ତାଙ୍କ ମେଶିନ।

ସମୟ ଦେଖାଇବ ବୋଲି ସେ କହିଛନ୍ତି। ଏହି ମେଶିନଟି ସେୟାର ମାର୍କେଟ ଉପରେ ବେଶ ପ୍ରଭାବ ପକାଇବ ବୋଲି ସେ କହୁଥିବା ବେଳେ ଭବିଷ୍ୟତରେ କେଉଁଠି କଣ ଦୁର୍ଘଟଣା ହେବାକୁ ଯାଉଛି ତାହା ଆଗୁଆ ଜାଣିପାରି ଆମେ ତାର ପ୍ରତିକାର କରି ପାରିବା ବୋଲି ସେ କହିଛନ୍ତି। ସେଥିପାଇଁ ସେ ପ୍ରଶାସନକୁ ଅନୁରୋଧ କରିଛନ୍ତି ତାଙ୍କୁ ଉପଯୁକ୍ତ ସାଧନ ଯୋଗାଇ ଦେଲେ ସେ ଏହି ମେଶିନକୁ ବଡ ଆକାରରେ ତିଆରି କରିବେ। ସେହିପରି ସମାଜ ପାଇଁ ଏହା ଏକ ନୂତନ ଉଦ୍ଭାବନ ହେବ ବୋଲି ସେ କହିଛନ୍ତି। ଯୁକ୍ତ ୩ ରେ ଗାନ୍ଧୀ ଆର୍ଟ୍ସ ପଢିଥିବା ବେଳେ ଇଲେକ୍ଟ୍ରିକାଲରେ ଡିପ୍ଲୋମା କରିଛନ୍ତି। ଡିପ୍ଲୋମା କରିବା ସମୟରୁ ସେ ଆକର୍ଷଣ ଓ ସମୟ ବିଷୟରେ ଅନେକ କିଛି ଗବେଷଣା କରୁଥିଲେ ବୋଲି କହିଛନ୍ତି। ସେ ତାଙ୍କର ଏହି ମେଶିନକୁ ନେଇ ଜିଲାପାଳଙ୍କ ନିକଟକୁ ଯାଇଥିବା ବେଳେ ଜିଲାପାଳ ତାଙ୍କୁ ଏ ଦିଗରେ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି।

### ରୁପ୍ରା ପ୍ରାଥମିକ କୃଷି ସମବାୟ ସମିତିର ନୂତନ ଅଫିସ ଗୃହ ଉଦ୍‌ଘାଟିତ

ରୁପ୍ରାରୋଡ, ୬।୧୨(ସଞ୍ଜିବ ଦାସ)

ନର୍ଲା ବ୍ଲକ ଅଧିନ ରୁପ୍ରା ସ୍ଥିତ ପ୍ରାଥମିକ କୃଷି ସମବାୟ ସମିତିର ନୂତନ ଅଫିସ ଗୃହର ଶୁଭ ଉଦଘାଟନ ହୋଇଯାଇଛି। ଉକ୍ତ କାର୍ଯ୍ୟାଳୟ ରୁପ୍ରାଠାରେ ୧୯୫୬ମସିହାରେ ଶୁଭାରମ୍ଭ ହୋଇଥିବାବେଳେ ଏକ ଆଜବେଷ୍ଟସ ଗୃହରେ ଅଫିସ କାର୍ଯ୍ୟ ଅନେକ ଅସୁବିଧା ମଧ୍ୟରେ ଚାଲୁଥିଲା। ଫଳରେ ଚଳିତବର୍ଷ ନୂତନ ଅଫିସ ଗୃହ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୫ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ଏହି ଅନୁଦାନରେ ନିର୍ମିତ ହୋଇଥିବା ଉକ୍ତ ନୂତନ ଗୃହର ଶୁଭ ଉଦଘାଟନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପାକ୍ସ କାର୍ଯ୍ୟନିର୍ବାହୀ କୁମୁଦ ଚନ୍ଦ୍ର ମହାନନ୍ଦଙ୍କ ପରିଚାଳନା ଓ ରୁପ୍ରା ପାକ୍ସ ସଭାପତି ସରୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ନର୍ଲା ବିଧାୟକ ଭୂପିନ୍ଦର ସିଂହ, ଜିଲା ପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ବିସିସି ବ୍ୟାଙ୍କ ସଭାପତି ଗିରିଷ ଚନ୍ଦ୍ର ବେହେରା, ଡିଆରସିଏସ କଳାହାଣ୍ଡି ପ୍ରମୋଦ ସାହୁ, ସିଇଓ ବିସିସିବି କାର୍ତ୍ତିକ ଜାଲି, ନର୍ଲା ପଞ୍ଚାୟତ ସମିତି ଶ୍ରୀମତୀ ମନୋରମା ମହାନ୍ତି ଯୋଗଦାନ କରିଥିଲେ।

## ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ଖଡ଼ିଆଳ,୬।୧୨(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣୀ ଶିବିରସ୍ଥାନୀୟ ଅଗ୍ରସେନ ଭବନରେ ଅନୁଷ୍ଠିତ ହୋଇଯାଇଛି। ପିଡ଼ି ଡିଆରଡିଏ ମଧୁଛନ୍ଦା ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ବିଡିଓ ବୀରସେନ ବେହେରା, ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ଷ୍ଟେଟ ସୋସିଆଲ ଅଡିଟ ଏକ୍ସପର୍ଟ ସୁନୀଲ କୁମାର ମହାପାତ୍ର, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା, ମାଲ୍ୟବନ୍ତ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପଞ୍ଚାୟତ ସମିତିର ବିଭିନ୍ନ ପଞ୍ଚାୟତର ଜେଇ, ପିଇଓ, ସରପଞ୍ଚ, ସମିତି ସଭ୍ୟ, ଜିଆର୍‌ଏସ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ବିଭିନ୍ନ ଅଭିଯୋଗ ଉପରେ ଆଲୋଚନା ହୋଇଥିଲା।

## ଛାତ୍ରୀଛାତ୍ରଙ୍କ ସଡ଼କ ସୁରକ୍ଷା ଅଭିଯାନ


ଛାତ୍ରୀଛାତ୍ର ବେଶଭୂଷାରେ ସଜ୍ଜିତ ହୋଇ ସଡକ ସୁରକ୍ଷା ଅଭିଯାନ ଚଳାଇଛନ୍ତି।

କୋକସରା,୬।୧୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରାସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସୌଜନ୍ୟରେ ନୂଆ ଓଡିଶା ଯୁବ ଓଡିଶା, ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବୁଧବାର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପୁଷ୍ପରାଜ ମେହେରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ସଡକ ସୁରକ୍ଷା ଜୀବନ ରକ୍ଷା ସଚେତନତା ଅଭିଯାନରେ ଡିଗ୍ରୀ ମହାବିଦ୍ୟାଳୟରୁ ବାହାରିଥିଲେ। କୋକସରା ସହର ପରିକ୍ରମା କରି ଜନସାଧାରଣଙ୍କୁ ସଡକ ସୁରକ୍ଷା, ଟ୍ରାଫିକ ନିୟମ, ହେଲମେଟ ବ୍ୟବହାର ଉପରେ ନାଟକୀୟ ଚରିତ୍ର ବେଶଭୁଷାରେ ଉପନୀତ ହୋଇ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା କରିଛନ୍ତି। ଏହି କ୍ରମରେ କୋକସରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଡ଼ିଓ ସ୍ନେହାପ୍ରଭା ମାଝି ଉପସ୍ଥିତ ରହି ସଚେତନତା କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ସଚେତନତାର ବାର୍ତ୍ତା ନେଇ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ୟୁଥ ରେଡ୍‌କ୍ରସ ପରାମର୍ଶଦାତା ତଥା ଅଧ୍ୟାପକ ସୁବ୍ରତ କୁମାର ବେହେରା, ଅଧ୍ୟାପକ ଐରି ନାସନ ଚିନ୍ଦା, ଅଧ୍ୟାପିକା ଶୁଭଶ୍ରୀ ସାହୁ, ବେଦମତୀ ବାରିକଙ୍କ ସମେତ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ଅବସରରେ ସଦଭାବନା ସମାବେଶ

ବେହେରା,୬।୧୨(ଭୂପେଶ ତିୱାରୀ)

ଦଣ୍ଡପାଟ ଯୁବ ସେବା ସଙ୍ଗଠନ ଓ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ ପକ୍ଷରୁ ସଦଭାବନା ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଅର୍ଥଶାସ୍ତ୍ରୀ, ନ୍ୟାୟାବିତ, ରାଜନୀତିଜ୍ଞ ତଥା ସମାଜ ସଂସ୍କାରକ ବାବା ସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ୬୭ତମ ମହାପରିନିର୍ବାଣ ଦିବସ ଅବସରରେ ସଦଭାବନା ସମାବେଶ ଆୟୋଜିତ ହୋଇଥିଲା। ସଙ୍ଗଠନର ଉପସଭାପତି ତ୍ରିଲୋକନାଥ ସିଂଙ୍କ ଅଧ୍ୟକ୍ଷତାରେ ଧର୍ମଗଡ ବ୍ଲକ ବେହେରା ଗ୍ରାମସ୍ଥିତ ବିଷ୍ଣୁ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସଙ୍ଗଠକ ଅଶୋକ ପଟ୍ଟନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ଲଖୀରାମ ଅଗ୍ରୱାଲ କଲେଜ ଅଧ୍ୟାପକ ମୋହନ ଚରଣ ବିଶି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଯୁବ ସଙ୍ଗଠକ ବିଜୟ ଦେବ ସାହୁ, ନାରୀନେତ୍ରୀ ତଥା ଧର୍ମଗଡ ବ୍ଲକ ଉପାଧ୍ୟକ୍ଷା ମନୀଷା ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସମାଜସେବୀ ବିରଜା ପ୍ରସାଦ ପଣ୍ଡା, ସଂଜୀବ ଠାକୁର, ଲଳିତ ବାଣୁଆ ପ୍ରମୁଖ ମଞ୍ଚାସୀନ ଥିଲେ। ସଙ୍ଗଠନ ସଦସ୍ୟ କ୍ଷୀରସିନ୍ଧୁ ବାଣୁଆ ମଞ୍ଚ ପରିଚାଳନା କରିଥିଲେ। ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ ସମ୍ପାଦକ ଅବିନାଶ ମୁଣ୍ଡ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଖୁଣ୍ଟିଆ ଓ ମୂଷାପାଲି ପଞ୍ଚାୟତର ଶହେରୁ ଉର୍ଦ୍ଧ୍ୱ ଗରିବ ଅସହାୟ ଦିବ୍ୟାଙ୍ଗ, ବିଧବାଙ୍କୁ କମ୍ବଳ ବଣ୍ଟନ କରାଯିବା ସହିତ ଦୁଇ ଜଣ ଶତାୟୁ ମଙ୍ଗୁଳି ନାଏକ ଓ ତପୁ ନାଏକଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ଦଣ୍ଡପାଟ ଯୁବ ସେବା ସଙ୍ଗଠନ ସଭାପତି ରଜତ ବଂଶଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଦଣ୍ଡପାଟ ଯୁବ ସେବା ସଙ୍ଗଠନ ସମ୍ପାଦକ ଭୁଜବଳ ନାଏକ, ସହ ସମ୍ପାଦକ ଶୁଶିଲ ଚନ୍ଦ୍ର ନାଗ, କୋଷାଧ୍ୟକ୍ଷ ଭିକାରୀ ଚରଣ ଗୋପାଳ, ସଂଗଠନ ଓ ଦଣ୍ଡପାଟ ଉତ୍ପାଦକ ଗୋଷ୍ଠୀର ସମସ୍ତ ସଦସ୍ୟସଦସ୍ୟା ସହଯୋଗ କରିଥିଲେ।

## ସ୍କୁଲର ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ

କୋକସରା,୬।୧୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା ମୋଟେର ଶାନ୍ତି ନଗର ସ୍ଥିତ ସନସାଇନ ୱାର୍ଲଡ ସ୍କୁଲରେ ଦ୍ୱି ଦିବସୀୟ ବାର୍ଷିକ କ୍ରୀଡା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷ ଇନ୍ଦ୍ରଜିତ ସିଂହଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡା ମହୋତ୍ସବରେ ସ୍କୁଲର ନିର୍ଦ୍ଦେଶକ ଦ୍ୱୟ ପ୍ରବୀର କୁମାର ଗୋୟଲ ଓ ନରେଶ ଅଗ୍ରୱାଲ ଉପସ୍ଥିତ ଥିଲେ। ୪୦ଟି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ୧୩୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବୁଧବାର ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷୟିତ୍ରୀ ମନ୍ଦାକିନୀ ସିଂ ଓ ସ୍ୱରୂପ ପଣ୍ଡା ପରିଚାଳନା କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଉଛି।

## ଦଣ୍ଡପାଟ ଧନୁଯାତ୍ରା ମହୋତ୍ସବ ପାଇଁ ଶୁଭଖମ୍ବ ସ୍ଥାପନ

ବେହେରା, ୬।୧୨(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆଠାରେ ଚଳିତବର୍ଷ ଷଷ୍ଠତମ ଧନୁଯାତ୍ରା ମହୋତ୍ସବ ପାଳନ ପାଇଁ ବୁଧବାର ଶୁଭଖମ୍ବ ସ୍ଥାପିତ ହୋଇଯାଇଛି। ପୂଜାରେ କର୍ତ୍ତା ଭାବେ ଅଜୟ ତିୱାରୀ ଓ ତାଙ୍କ ସ୍ତ୍ରୀ ଟ୍ୱିଙ୍କଲ ତିୱାରୀ ରହିଥିବାବେଳେ ପୂଜକ ଭାବେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପୂଜକ ପଣ୍ଡିତ ମୋହନ ତିୱାରୀ ଦାୟିତ୍ୱ ନିର୍ବାହ କରିଥିଲେ। ଦଣ୍ଡପାଟ ଅଞ୍ଚଳର ଲୋକକଳାକୁ ଉଜ୍ଜିବୀତ କରିବା ତଥା ଏହି ଅଞ୍ଚଳର ବିଭିନ୍ନ ସମସ୍ୟାକୁ ବିଶିଷ୍ଟ ରାଜନେତା ଓ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନା କରି ସାମଗ୍ରିକ ବିକାଶ ପାଇଁ ଚେଷ୍ଟା କରିବା ହେଉଛି ଧନୁଯାତ୍ରାର ଅନ୍ତର୍ନିହିତ ଲକ୍ଷ୍ୟ ବୋଲି ସଭାପତି ପ୍ରକାଶ କରିଥିଲେ। ଏହି ଅବସରରେ ଆୟୋଜନ କମିଟିର ସଭାପତି ବାଳକୃଷ୍ଣ ବିଶି, ସମ୍ପାଦକ କାହ୍ନା ଭୋଇ, କୋଷାଧ୍ୟକ୍ଷ ଭବାନୀ ଶଙ୍କର ବାରିକ, ବିନ୍ଦୁସାର ବିଶି, ଭବେଶ ଗଇଁତା, ତ୍ରିଲୋକ ସିଂହ, ଉପେନ୍ଦ୍ର ନାଏକ, ତରେଶ ବିଶି, କ୍ଷୀରସିନ୍ଧୁ ବାଗ, ଲଳିତ ବାଣୁଆ, ହୁକିମ ବିଶି, ଅଭୟ ଠାକୁର, ଗଗନ ନାଏକ, ଗୁଣନିଧି ନାଗ, ଚନ୍ଦ୍ରକାନ୍ତ ରଣାଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ


ଧନୁଯାତ୍ରା ମହୋତ୍ସବ ପାଳନ ପାଇଁ ଶୁଭଖମ୍ବ ସ୍ଥାପନ କରାଯାଉଛି।

- ଡିସେମ୍ବର ୨୫ ରୁ ୩୧ ହେବ ଧନୁଯାତ୍ରା
- ମଶାଲ ଯାତ୍ରା ଓ ମିନା ବଜାର ରହିବ ମୁଖ୍ୟ ଆକର୍ଷଣ

କରିଥିଲେ। ପୂର୍ବତନ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରି, ବେହେରା ସରପଞ୍ଚ କୁମୁଦିନି ଗଇଁତା, ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ଶିକ୍ଷାବିତ ଭକ୍ତଚରଣ ଭୋଇ, ସୋମନାଥ ବିଶି, ସୁକ୍ଲୁ ପଟେଲ, ହେମନ୍ତ ନାଏକ, ରଜନୀକାନ୍ତ ନାଏକ, ଚନ୍ଦନ ବଣୁଆ ପ୍ରମୁଖ ଉପସ୍ଥିତ ରହିଥିଲେ। ଆସନ୍ତା ଡିସେମ୍ବର ୨୫ ରୁ ୩୧ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ ହେବ। ଚଳିତବର୍ଷ ମଶାଲ ଯାତ୍ରା ଓ ମୀନାବଜାର ସହ ଗୋପାଳ ପଣ୍ଡାଙ୍କ କଂସ ଭୂମିକା, କୋରାପୁଟର ଢେମସା ନୃତ୍ୟ, ବିଭିନ୍ନ ରାଜ୍ୟର ଲୋକ କଳା, ଘୁମୁରା, ମାଦଳୀ ନୃତ୍ୟ ଆକର୍ଷଣର କେନ୍ଦ୍ର ପାଲଟିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଗତ ବର୍ଷର ଭିଡ଼କୁ ଆକଳନ କରି ଏବର୍ଷ ମଧ୍ୟ ପ୍ରବଳ ଭିଡ ହେବା ସମ୍ଭାବନା ଥିବାରୁ ଅଧିକ ସୁରକ୍ଷାବଳ ନିୟୋଜିତ କରାଯିବାକୁ କୋକସରା ଥାନା ଅଧିକାରୀଙ୍କୁ ନିବେଦନ କରାଯାଇଥିବା କମିଟି ସମ୍ପାଦକ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ୮ରୁ ବୌଦ୍ଧରେ ହେବ ରାଜ୍ୟସ୍ତରୀୟ ମହିଳା ଭଲିବଲ ପ୍ରତିଯୋଗିତା

ବୌଦ୍ଧ,୬।୧୨( ଅଜିତ କୁମାର ବାରିକ)

ରାଜ୍ୟ ଭଲିବଲ ଆସୋସିଏଶନ ପକ୍ଷରୁ ବୌଦ୍ଧ ଜିଲା ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ମହିଳା ଭଲିବଲ ପ୍ରତିଯୋଗିତା ଆସନ୍ତା ୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏହି ପ୍ରତିଯୋଗିତା ୩ ଦିନ ଧରି ଅନୁଷ୍ଠିତ ହେବ । ଏଥିପାଇଁ ବୁଧବାର ଦିନ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ତଥା ଜିଲା କ୍ରୀଡା ସଂଘର ଅଧକ୍ଷ ନୃସିଂହ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଭଲିବଲ ସଂଘର ସଭାପତି ତଥା କନ୍ଧମାଳ ସାଂସଦ ଡ. ଅଚ୍ୟୁତାନନ୍ଦ ସାମନ୍ତଙ୍କ ପ୍ରୋତ୍ସାହନରେ ତାଙ୍କ ସଂସଦୀୟ କ୍ଷେତ୍ର ଫୁଲବାଣୀ ଓ ବୌଦ୍ଧଠାରେ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରାଜ୍ୟ ଭଲିବଲ ସଂଘ ଓ ଜିଲା କ୍ରୀଡା ସଂଘ ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ହେବ । ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୧୨ ଗୋଟି ମହିଳା ଭଲିବଲ ଟିମ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଉପଜିଲାପାଳ ରବିନ୍ଦ୍ର ନାଥ କହଁର, ସାଂସଦ ପ୍ରତିନିଧି ତାରେଣି ମହାପାତ୍ର,ଜିଲା କ୍ରୀଡା ସଂଘର ସଂପାଦକ ରବୀନ୍ଦ୍ର କୁମାର ରାଉତ, ଉପସଭାପତି ଧୂରୀଣ କୁମାର ଦେହୁରୀ, ଜିଲା କ୍ରୀଡା ଅଧିକାରୀ ପବିତ୍ର କୁମାର ରାଉତଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ସୁବର୍ଣ୍ଣ ସୁନ୍ଦରୀ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି

ସୋନପୁର,୬।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣ ସୁନ୍ଦରୀ ପ୍ରତିଯୋଗିତା ପାଇଁ ସୋନପୁର ସହରରେ ଥିବା ଟ୍ରେଣ୍ଡି ଏକାଡେମୀ ପରିସରରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୪ ତାରିଖରେ ପୁରୁଣା ଟାଉନ ହଲରେ ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଅୟୋଜିତ ହେବ। ପାଣିନୀ ପ୍ରାଞ୍ଜ ପ୍ରଡକ୍ସନ ଏବଂ ଆର.କେ ମିଡିଆର ମିଳିତ ଆନୁକୂଲ୍ୟରେ ସୁବର୍ଣ୍ଣପୁର ଜିଲାର ସାହିତ୍ୟ, ସଂସ୍କୃତି, ପରମ୍ପରା, ପର୍ଯ୍ୟଟନ, ଇତିହାସ. ଖାଦ୍ୟ, ପୋଷାକ ଭଳି ଭିଭିନ୍ନ ବିଷୟକୁ ନେଇ ଦୁଇଟି ବର୍ଗରେ ଏହି ପ୍ରତିଯୋଗିତା ହେବ। ପ୍ରତିଯୋଗୀ ସୁବର୍ଣ୍ଣପୁର ଜିଲାର କିମ୍ବା ଜିଲା ସହିତ ସମ୍ପର୍କ ରଖୁଥିବା ଝିଅ ଏବଂ ମହିଳା ଏହି ପ୍ରତିଯୋଗିତାରେ ଭାଗନେଇ ପାରିବେ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ପାଣିନୀ ପ୍ରାଞ୍ଜଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ରବୀନ୍ଦ୍ର ହୋତା, ଅବିନାଶ ହୋତା, ସୁରେଶ ପ୍ରସାଦ ରଥ, ଶିବରାଜ କମ୍ପ, ଆଶୁତୋଶ ପୂଝାରୀ, ରବି ନାରାୟଣ ପାଢୀ, ଇରାଦତ ଖାନ, ନମିତା ହୋତା, ରଞ୍ଜିତା ରାୟଗୁରୁ, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ଲିନାକ୍ଷୀ ଦାଶ, ସଙ୍ଗୀତା ପାଢୀ, ଅଙ୍କିତା ରାୟଗୁରୁ, ଚେତନା ମେହେର, ସୁନିତା ମେହେର ଓ ଆରୁଣି ତ୍ରିପାଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ପ୍ରତିଯୋଗୀ କିଭଳି ଭାଗ ନେବେ ସେନେଇ ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା।

### ପୁରୁଣାକଟକ ରାଣୀସତୀ ରାଇସ୍ ଇଣ୍ଡଷ୍ଟ୍ରିଜ୍ ଉପରେ ଆୟକର ବିଭାଗର ଚଢ଼ାଉ



ବୌଦ୍ଧ,୬।୧୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ଠାରେ ଥିବା ଶିଳ୍ପପତି ଅଶୋକ କୁମାର ଅଗ୍ରୱାଲାଙ୍କ ରାଣୀସତୀ ରାଇସ ଇଣ୍ଡଷ୍ଟ୍ରିଜ ଓ ବାସଗୃହ ଉପରେ ବୁଧବାର ଆୟକର ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ସକାଳୁ ଭୁବନେଶ୍ୱରରୁ ଆସିଥିବା ଟିମ୍ ପୁରୁଣାକଟକର ବିଶିଷ୍ଟ ଶିଳ୍ପପତି ଅଗ୍ରୱାଲାଙ୍କ ରାଇସ ଇଣ୍ଡଷ୍ଟ୍ରିଜ ଓ ବାସଗୃହ ଉପରେ ଚଢାଉ କରିଛନ୍ତି। ଚଢାଉରେ ୨୦ରୁ ଉର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀ ସାମିଲ ଥିବା ବେଳେ ବାହାରେ ପୋଲିସ ଓ ସିଆଇଏସଏଫ ଯବାନ ମୁତୟନ ହୋଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଚଢାଉ ଜାରି ରହିଛି।

# ବର୍ଷାରେ ଭିଜିଲା ଧାନ, ଚାଷୀ ଚିନ୍ତାରେ

ସୋନପୁର,୬।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସାମୁଦ୍ରିକ ବାତ୍ୟା ମିଗ୍‌ଜୋମ୍‌ର ପ୍ରଭାବ ସୁବର୍ଣ୍ଣପୁର ଜିଲାରେ ଅନୁଭୂତ ହେଉଛି। ମଙ୍ଗଳବାର କୋହଲା ପାଗ ସାଙ୍ଗକୁ ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ସାମାନ୍ୟ ବର୍ଷା ହୋଇଥିଲା। ବୁଧବାର ସକାଳ ଠାରୁ ତମାମ ଜିଲାରେ ଝିପିଝିପି ବର୍ଷା ଲାଗି ରହିଛି। ବାତ୍ୟା କ୍ରମଶଃ ଦୁର୍ବଳ ହେଉଥିଲେ ହେଁ ଏହାର ପ୍ରଭାବରେ ବର୍ଷା ଲାଗି ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଫଳରେ ଅମଳ ଧାନ କ୍ଷତି ହେବା ନେଇ ଚାଷୀମାନେ ଆଶଙ୍କାରେ ରହିଛନ୍ତି। ଜିଲାରେ ବୁଧବାର ଠାରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଡୁଙ୍ଗୁରିପାଲି, ବିନିକା ମାର୍କେଟ ୟାର୍ଡ ସମେତ ମୋଟ ୧୨ଟି ମଣ୍ଡିରେ ଧାନ କିଣା ହୋଇଥିବା ସୂଚନା ମିଳିଛି। ଖରିଫ ଧାନ ଅମଳ ଜିଲାରେ ଜୋରସୋରରେ ଚାଲିଛି। କଂକ୍ରିଟ୍ ଓ ପିଚୁ ରାସ୍ତାରେ ଚୂନା, କ୍ଷେତରେ ପେଟା ଓ ଖଳାରେ ଖରୀ ଧାନ ସହ ଅଳ୍ପ କିଛି ମଣ୍ଡିରେ ଧାନ ବସ୍ତା ପଡିରହିଛି। କ୍ଷେତରେ ଥିବା



ଉଲୁଣ୍ଡା ବ୍ଲକ ବିଶିପଡା ଅଞ୍ଚଳର ଏକ ଚାଷୀ ପରିବାର ଧାନକୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ବସ୍ତାରେ ଭର୍ତ୍ତି କରୁଛନ୍ତି ।

ଧାନ ପାଣିରେ ଭିଜିଯାଇଛି। କିଛି ଚାଷୀ ଅମଳ ହୋଇଥିବା ଧାନକୁ ବସ୍ତାରେ ଭର୍ତ୍ତି କରି ସୁରକ୍ଷିତ ସ୍ଥାନରେ ରଖୁଥିବାର ଦେଖିବାକୁ ମିଳୁଛି। ରାସ୍ତା ତଥା ଖଳାଗୁଡିକରେ ଧାନକୁ ତାର୍ପୋଲିନ୍‌ରେ ଢାଙ୍କି ରଖିଛନ୍ତି। ମାତ୍ର ଏହା ଯଥେଷ୍ଟ ହୋଇନି। ମିଗ୍‌ଜୋମ୍ ପ୍ରଭାବରେ ବର୍ଷା ଯୋଗୁ ଚାଷୀ ମୁଣ୍ଡରେ ଚଡକ ପଡିଛି। ଗୁରୁବାର ଯଦି ଲଗାଣ ବର୍ଷା ଲାଗି ରୁହେ ଚାଷୀ ଅଧିକ କ୍ଷତି ସହିବେ। ଚାଷୀଙ୍କ ବର୍ଷକର ଉପାର୍ଜିତ ଧାନ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଓଦା ଧାନ ବେରଙ୍ଗୀ ହୋଇଯିବ। ଏହାକୁ ଆଳ ଦେଖାଇ ମିଲର୍ସମାନେ କଟ୍‌ନୀ ଛଟ୍‌ନୀ

### ସୁବର୍ଣ୍ଣପୁରରେ ବାତ୍ୟା ମିଗ୍‌ଜୋମ୍‌ର ପ୍ରଭାବ

କରିବେ। ପାଚିଲା ଧାନ ନଷ୍ଟ ହେବାକୁ ବସିଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଏହା ଚାଷୀଙ୍କ ଚିନ୍ତା ବଢାଇଛି। ସେପଟେ ବାତ୍ୟା କ୍ଷୟକ୍ଷତିର ଆକଳନ ପାଇଁ ରାଜ୍ୟ ସରକାର ବୁଧବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ମୁକାବିଲା ଏବଂ କୃଷି ବିଭାଗ ମିଳିତ ଭାବେ ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୨ ତାରିଖ ସୁଦ୍ଧା କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ବିଳମ୍ବରେ ଧାନ ମଣ୍ଡି ଖୋଲିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମଣ୍ଡି ନ ଖୋଲିବାରୁ ଚାଷୀ ଅଣ୍ଡର ରେଟ୍‌ରେ ଧାନର ବିକ୍ରି କରୁଥିଲେ। ଏବେ ବାତ୍ୟା ପ୍ରଭାବରେ ବର୍ଷା ଓ କୋହଲା ପାଗ ଚାଷୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି।

# ଆମ୍ବେଡ୍‌କରଙ୍କ ମହାପରିନିର୍ବାଣ ଦିବସ ପାଳିତ



ସଭାରେ ଯୋଗ ଦେଇଥିବା ଅତିଥିମାନେ।

ଅମରପାଲି,୬।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଡ.ବି ଆର ଆମ୍ବେଡକର ସେବାସଂଘ କାର୍ଯ୍ୟାଳୟ ପରିସରରେ ବାବା ସାହେବଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ଧିମାନ ଅନାଦି ଜଗଦଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଏବଂ ବୈଶାଖୁ ପଧାନ, ସଂଘର ଉପସଭାପତି ଧିମାନ ବୈଷ୍ଣବ ଜଗଦଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଭାରତବର୍ଷରେ ମାନବତାବାଦ ଓ ସମ୍ବିଧାନ ସୁରକ୍ଷା ପ୍ରତି ଗୁରୁତ୍ୱାରୋପ କରିଥିଲେ। ବାବା ସାହେବଙ୍କ ବିଚାରଧାରାକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ସମସ୍ତ ସଦସ୍ୟ ସଂକଳ୍ପ ନେଇଥିଲେ। ସଂଘର ବରିଷ୍ଠ ସଦସ୍ୟ ରାମଚନ୍ଦ୍ର ମହାନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ସଂଘର ସମ୍ପାଦକ କାର୍ମୁ କଲତା ଧନ୍ୟବାଦ ଅର୍ପଣ କରିଥିଲେ। ଧିମାନ ପ୍ରଦୀପ ଜାଲ, ଜ୍ୟୋତିର୍ମୟ ନାଗ, କୁମରମଣୀ ବାଦୀ, ନବୀନ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ପ୍ରତିଭା ଲୋକଲୋଚନକୁ ଆଣିବାକୁ ପ୍ରୟାସ



ବୀରମହାରାଜପୁର କଲେଜରେ ମଞ୍ଚାସୀନ ଅତିଥି।

ଅମରପାଲି,୬।୧୨(ପୀତାମ୍ବର ସାହୁ)

ରାଜ୍ୟରେ ପ୍ରତିଭାଧାରୀଙ୍କ ଅଭାବ ନାହିଁ। ତେବେ ସୁଯୋଗ ଅଭାବରୁ ସବୁ ପ୍ରତିଭା ଲୋକଲୋଚନକୁ ଆସି ପାରୁ ନ ଥିଲେ। ରାଜ୍ୟ ସରକାରଙ୍କ ଅଭିନବ ଯୋଜନା ନୂଆ ଓଡିଶା, ଯୁବ ଓଡ଼ିଶା, ନବୀନ ଓଡ଼ିଶା ସମସ୍ତ ପ୍ରତିଭାଧରୀଙ୍କୁ ଅପୂର୍ବ ସୁଯୋଗ ପ୍ରଦାନ କରିବ। ବଣମଲ୍ଲୀ ଆଉ ବଣରେ ମଉଳି ଯିବନାହିଁ ବୋଲି ବୀରମହାରାଜପୁର ମହାବିଦ୍ୟାଳୟଠାରେ ନୂଆ ଓଡିଶା, ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ନିମନ୍ତ୍ରିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ କଲେଜର ଅଧକ୍ଷ ସୁଦାମ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟଅତିଥି ଭାବରେ

### ବୀରମହାରାଜପୁର କଲେଜରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଯୋଗ ଦେଇଥିଲେ। ସ୍ଥାନୀୟ ଉପଜିଲାପାଳ ଲଲାଟେନ୍ଦୁ ସି, ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ, ପରିଚାଳନା ସମିତି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି, ଜିଲା ନୋଡାଲ ଅଫିସର ସୌରଭ ରଞ୍ଜନ ଖମାରୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁକ୍ତ ତିନି ନୋଡାଲ ଅଫିସର ଗୀତାଞ୍ଜଳି ପୁଝାରୀ ଓ ଯୁକ୍ତ ଦୁଇ ନୋଡାଲ ଅଫିସର ଡ. ହିମାଂଶୁ ଶେଖର ପାଢ଼ୀ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଯାମିନୀ ଦାଶ ସଭା ସଂଯୋଜନା ଓ ପରିଚାଳନା କରିଥିବା ବେଳେ ଡ. ବନ୍ଦିତା ବିଶାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ହରପ୍ରିୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ କଲେଜର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏକ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହସ୍ରାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ନୂଆ ଓଡିଶା, ଯୁବ ଓଡ଼ିଶା, ନବୀନ ଓଡ଼ିଶା ଏବଂ ଓଡ଼ିଶା ମୋ ପରିବାର ସହଯୋଗରେ ମହାବିଦ୍ୟାଳୟ ଆନୁକୂଲ୍ୟରେ ଜୀବନ ବିନ୍ଦୁର ଜିଲା ସଂଯୋଜକ ରଞ୍ଜିତ କୁମାର ରଥଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୯ ଜଣ ରକ୍ତଦାନ କରିଥିଲେ।

### ବିନିକାରେ ଖରିଫ ଧାନକିଣା ଆରମ୍ଭ

**ବିନିକା,୬।୧୨(ରାମ ଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକା ନିୟନ୍ତ୍ରିତ ବଜାର କମିଟି ପରିସରରେ ବୁଧବାର ଖରିଫ ଫସଲର ଧାନକିଣା ଆରମ୍ଭ ହୋଇଛି। ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଧାନ କିଣାର ଶୁଭାରମ୍ଭ କରିଥିଲେ। ବିନିକା ସେବା ସମବାୟ ସମିତି ତରଫରୁ ୩ଜଣ ଚାଷୀଙ୍କ ଠାରୁ ୧୮୨ କୁଇଣ୍ଟାଲ ଧାନ କିଣା ଯାଇଥିବା ବେଳେ ଜୟ ମା' ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ୫ଜଣ ଚାଷୀଙ୍କ ଠାରୁ ୩୫୩ କୁଇଣ୍ଟାଲ ଧାନ କିଣାଯାଇଛି। ଜିଲା ଯୋଗାଣ ଅଧିକାରୀ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଏଆରସିଏସ ପାଣ୍ଡୁ ଚରଣ ସାହୁ, ଡିପିସି ମିଶନଶକ୍ତି ବିଶ୍ୱଜିତ ପରିଡା, ଆରଏମସି ସମ୍ପାଦକ ଉଦିତ ବାବୁ, ତହସିଲଦାର ସୀତାରାମ ଭୋଇ,ବିଡ଼ିଓ ପ୍ରମୋଦ ମେହେର, ସିଇଓ ପ୍ରଶାନ୍ତ ନାୟକ, ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ଜୟଶ୍ରୀ ବାବୁ, ସମ୍ପାଦକ ଅନୁପମା ଷାଣ୍ଢଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

### ମହାଦେବପାଲିରେ ଅକ୍ଷତ କଳସକୁ ସ୍ୱାଗତ

ବିନିକା,୬।୧୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ମହାଦେବପାଲି ଗ୍ରାମରେ ଅଯୋଧ୍ୟାରୁ ଆସିଥିବା ଅକ୍ଷତ କଳସକୁ ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି । ଏହି ଅବସରରେ ଶ୍ରୀରାମ ମନ୍ଦିର ନିର୍ମାଣ କମିଟିର ଜିଲାସ୍ତରୀୟ କର୍ଯ୍ୟକର୍ତ୍ତା ଓ ବ୍ଲକ ସଂଯୋଜକ କୃପାସିନ୍ଧୁ ମହାକୁରଙ୍କ ତତ୍ତ୍ୱାବଧାନରେ ଏକ ବାଇକ ଶୋଭାଯାତ୍ରା ରଘୁନାଥ ମନ୍ଦିରରୁ ବାହାରି ସୋନପୁର ମଝିପଡାସ୍ଥିତ ଶ୍ରୀରାମ ମନ୍ଦିରରେ ପହଞ୍ଚି ଥିଲା । ସେଠାରୁ ଅଭିମନ୍ତ୍ରିତ ଅକ୍ଷତ କଳସକୁ ସୋନପୁର ସହର ପରିକ୍ରମା କରାଯିବା ପରେ ମହାଦେବପାଲି ରଘୁନାଥ ମନ୍ଦିରକୁ ଅଣାଯାଇଥିଲା । ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ଭଜନ, କୀର୍ତ୍ତନ କରାଯାଇ ଘଣ୍ଟ, ଶଙ୍ଖ ବଜାଇ ପାଛୋଟି ନିଆଯାଇଥିଲା। ପ୍ରତ୍ୟେକ ଘର ସମ୍ମୁଖରେ ପୂର୍ଣ୍ଣ କଳସ ସ୍ଥାପନା ସହ ବନ୍ଦାପନା କରି ମନ୍ଦିରକୁ ନିଆଯାଇଥିଲା। ମନ୍ଦିରରେ ଅକ୍ଷତ କଳସକୁ ଆଳତି କରାଯାଇ ରଖାଯାଇଛି। ବାଇକ୍ ଶୋଭାଯାତ୍ରାରେ ପଡୋଶୀ ପଞ୍ଚାୟତ ସେଲେଡି, ବାଉଁଶୁଣୀର ଶତାଧିକ ବାଇକ ଆରୋହୀ ସାମିଲ ହୋଇଥିଲେ। ଅକ୍ଷତ କଳସକୁ ସୁରକ୍ଷିତ ଆଣିବା ଲାଗି ସଦସ୍ୟ ଅଶ୍ୱିନୀ କୁମାର ନାୟକ ଓ ପୂର୍ଣ୍ଣଚନ୍ଦ୍ର ନାୟକ ଦାୟିତ୍ୱ ନିର୍ବାହ କରିଥିଲେ । ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠାର ଅଭିମନ୍ତ୍ରିତ ଅକ୍ଷତକୁ ବିନିକା ବ୍ଲକର ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ପଠାଯାଇ ସେଠାରୁ ପ୍ରତ୍ୟେକ ଘରକୁ ବିତରଣ କରାଯିବ ବୋଲି ଶ୍ରୀରାମ ମନ୍ଦିର ନିର୍ମାଣ କମିଟିର କର୍ଯ୍ୟକର୍ତ୍ତା ଜନାର୍ଦ୍ଦନ ନାୟକ କହିଛନ୍ତି ।

# ଗୃହରକ୍ଷୀ ବାହିନୀର ୬୧ତମ ପ୍ରତିଷ୍ଠା ଦିବସ ପାଳିତ



ଗୃହାରକ୍ଷୀ ବାହିନୀ ପକ୍ଷରୁ ପରେଡ଼।

ବୌଦ୍ଧ,୬।୧୨(ଅଜିତ କୁମାର ବାରିକ)

ବୁଧବାର ଗୃହରକ୍ଷୀ ବାହିନୀର ୬୧ତମ ପ୍ରତିଷ୍ଠା ଦିବସ ସମାରୋହ ବୌଦ୍ଧ ଜିଲାରେ ପାଳିତ ହୋଇଯାଇଛି। ୫ମ ଆଇଆରବି ବାଟାଲିୟନ ପଡିଆଠାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଯୋଗଦେଇ ଆୟୋଜିତ ପରେଡରେ ଅଭିବାଦନ ଗ୍ରହଣ କରିବା ସହିତ ଗୃହରକ୍ଷୀମାନଙ୍କ ସେବା ନେଇ ପ୍ରଶଂସା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜରୁରୀକାଳୀନ ସେବା, ଟ୍ରାଫିକ ନିୟନ୍ତ୍ରଣ ଆଦି କ୍ଷେତ୍ରରେ ଗୃହରକ୍ଷୀମାନେ ଦକ୍ଷତାର ସହିତ ସେବା ଯୋଗାଇ ଆସୁଛନ୍ତି ବୋଲି ଆରକ୍ଷୀ ଅଧୀକ୍ଷକ ପ୍ରସାଦ ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଉଲ୍ଲେଖନୀୟ ସେବା ପାଇଁ ମନୋନୀତ ଗୃହରକ୍ଷୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଉତ୍ସବ ପାଳନ ଅବସରରେ ଜିଲା ପୋଲିସ ଓ ଆଇଆରବି ୫ମ ବାଟାଲିୟନର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ନୂଆ ଓଡ଼ିଶାର କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



ଉତ୍ସବରେ ମଞ୍ଚାସୀନ ଅତିଥି।

ଉଲୁଣ୍ଡା,୬।୧୨(ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପଞ୍ଚାୟତ ସମିତି ଡିଗ୍ରୀ କଲେଜ ପଡିଆଠାରେ ବୁଧବାର ନୂଆ ଓଡ଼ିଶାର କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ଡ. ଦେବାଶିଷ ପାଣ୍ଡିଆ ଅଧକ୍ଷତା କରିଥିଲେ। ବିଡ଼ିଓ କରିସ୍ମା ବେସ୍ରା, ସରପଞ୍ଚ ରଶ୍ମିତା ଭୋଇ, ଯୁକ୍ତ ଦୁଇ କଲେଜର ଅଧକ୍ଷ ରମାକାନ୍ତ ବିଶି ଏବଂ ନୋଡାଲ ଅଫିସର ଦୁର୍ଗା ଚରଣ ସାହୁ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କଲେଜ ସଭା ଗୃହରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ପାଠପଢା ସହିତ କ୍ରୀଡା, ସଂସ୍କୃତି ତଥା ସମାଜସେବା କ୍ଷେତ୍ରରେ ପାରଦର୍ଶିତା ଲାଭ କରି ନିଜ ନିଜ ଦକ୍ଷତା ପ୍ରତିପାଦନ କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ କରିଥିଲେ। ଅଧାପକ ଦୁର୍ବାସା ପଧାନ ଉତ୍ସବ ପରିଚାଳନା କରିଥିଲେ। କଲେଜର ଅଧ୍ୟାପିକା ଅଧାପିକ ତଥା କର୍ମଚାରୀ ସହଯୋଗ କରିଥିଲେ।

# ଟିକୁଡ଼ାରେ ହେବ ନବନିର୍ମିତ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା

ଅମରପାଲି,୬।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମହଦା ପଞ୍ଚାୟତ ଅନ୍ତର୍ଗତ ଟିକୁଡ଼ା ଗ୍ରାମରେ ନବନିର୍ମିତ ଶ୍ରୀରାମ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଗ୍ରାମବାସୀଙ୍କ ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜାନୁୟାରୀ ୧୮ରୁ ୨୩ତାରିଖ ପର୍ଯ୍ୟନ୍ତ ଏହାର ପ୍ରତିଷ୍ଠା ଉତ୍ସବ ହେବା ପାଇଁ ସ୍ଥିରୀକୃତ ହୋଇଛି। ଏହି ଅବସରରେ ଗ୍ରାମର ଠାକୁରାଣୀ ମନ୍ଦିର ପ୍ରାଙ୍ଗଣ ରେ ଅନୁଷ୍ଠିତ ବୈଠକରେ ଗୋପାଳ ଚନ୍ଦ୍ର ମିଶ୍ର ଅଧକ୍ଷତା କରିଥିଲେ। ଲକ୍ଷ୍ମଣ ପାଣ୍ଡିଆଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ସଚ୍ଚିଦାନନ୍ଦ ପ୍ରଧାନ, ଆଶିଷ ବଡ଼ପଣ୍ଡା,ସନ୍ତୋଷ ବଡ଼ପଣ୍ଡା, ଧବଳେଶର ମିଶ୍ର, ବଶିଷ୍ଠ ପର୍ଡିଆ, ସୁବାସ ପ୍ରଧାନ, କାର୍ତ୍ତିକ ଭୋଇ, ବେଣୁଧର ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଶାନ୍ତିଶୃଙ୍ଖଳାର ସହିତ କାର୍ଯ୍ୟକ୍ରମ ସମାପାନ ପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଛି। ସର୍ବସମ୍ମତିକ୍ରମେ ଚିତ୍ତରଞ୍ଜନ ମିଶ୍ର ଙ୍କୁ ସଭାପତି , ଗୁଣାକାର ମିଶ୍ରଙ୍କୁ ସମ୍ପାଦକ, ଗୋପାଳ ଚନ୍ଦ୍ର ମିଶ୍ରଙ୍କୁ କୋଷାଧକ୍ଷ, ବାବୁଲୁ କର୍ଣ୍ଣ, ସନାତନ ମେଣ୍ଡିଲି, ସୌମ୍ୟରଞ୍ଜନ ପାଣିଗ୍ରାହୀ ଓ ଦୂର୍ଯ୍ୟ ସାହୁଙ୍କୁ ସହ ସମ୍ପାଦକ ଭାବେ ମନୋନୀତ କରାଯାଇଛି। କୃଷ୍ଣଚନ୍ଦ୍ର ମିଶ୍ର, ଧବଳେଶର ମିଶ୍ର, ଶ୍ୟାମ ସୁନ୍ଦର ମିଶ୍ର, ଶତ୍ରୁଘ୍ନ ମିଶ୍ର, କବି ବେହେରା ଓ ଆଶିଷ ବଡ଼ପଣ୍ଡାଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ଜାନୁୟାରୀ ୧୮ ତାରିଖରେ ଅଙ୍କୁରାରୋପଣ ,୧୯ ତାରିଖରେ କଳସ ଯାତ୍ରା, ୨୦ରେ ନାମାରମ୍ଭ, ୨୧ରେ ମନ୍ଦିର ପ୍ରତିଷ୍ଠା, ୨୨ ରେ ବିଗ୍ରହ ପ୍ରତିଷ୍ଠା ଏବଂ ଅଯୋଧ୍ୟା କାଣ୍ଡ ପାରାୟଣ ପଠନ କରାଯିବ। ଏଥିରେ ଶାନ୍ତନୁ ତ୍ରିପାଠୀ ବ୍ୟାସ ଭାବେ ଯୋଗଦେଇ ପାରାୟଣ ପଠନ କରିବେ। ସେହିପରି ୨୩ ତାରିଖରେ ପୂର୍ଣ୍ଣାହୁତି ହେବା ସହିତ ସ୍ୱପ୍ନାରାଣୀ ଯୋଶୀଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ପଠନ ହେବ। ସେହିପରି ଜାନୁୟାରୀ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ମୁକ୍ତାକାଶ ରଙ୍ଗମଞ୍ଚରେ ରାବଣ ଦରବାରର ଲୀଳା ନାଟକ ପରିବେଷଣ ହେବ। ଏହାସହିତ ୨୦ ତାରିଖ ସନ୍ଧ୍ୟାରେ ଶାଶ୍ୱତ ତ୍ରିପାଠୀ ଓ ସାଥୀଙ୍କ ଦ୍ୱାରା ସମ୍ବଲପୁରୀ ମେଲୋଡି,୨୧ ତାରିଖରେ ସୁରେଶ ସୁନା ଓ ସାଥୀଙ୍କ ଦ୍ୱାରା ମେଲୋଡି ପରିବେଷଣ ହେବା ସହିତ ୨୨ ତାରିଖ ରାତିରେ ହାସ୍ୟ ଅଭିନେତା ଯୋଗେଶ ଜୋଜୋ ଯୋଗ ଦେବାର ଅଛି।

### ପରିଚାଳନା ପାଇଁ ପ୍ରସ୍ତୁତି ବୈଠକ

# ମୃତ୍ତିକା, ଜଳ ବିନା ଜୀବନ ଧାରଣ ଅସମ୍ଭବ

ସୋନପୁର,୬।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଶ୍ୱ ମୃତ୍ତିକା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ସୁପାର ଠେଲା ମୁଖ୍ୟଅତିଥି ଓ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲା ମୁଖ୍ୟ କୃଷି ଅଧିକାରୀ ବିଭୁତି ଭୂଷଣ ମିଶ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ମୃତ୍ତିକା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ ଦାଶ ତାଙ୍କ ବକ୍ତବ୍ୟରେ ମାଟିକୁ ମା' ସହିତ ତୁଳନା କରି ଭବିଷ୍ୟତ ପାଇଁ ମାଟିର ଗୁଣାତ୍ମକମାନକୁ ବଜାୟ ରଖିବା ସହିତ, ମାଟିର ଆବଶ୍ୟକ ଯତ୍ନ ଏବଂ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ପରିଷଦ ଅଧକ୍ଷା ଠେଲା ତାଙ୍କ ବକ୍ତବ୍ୟରେ କହିଥିଲେ, ମୃତ୍ତିକା ଓ ଜଳ ବିନା ଜୀବନ ଧାରଣ ଅସମ୍ଭବ। ତେଣୁ ମାଟିର ଉପଯୁକ୍ତ ପରିଚାଳନା ଓ ମାଟିରେ



ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

### ସୁବର୍ଣ୍ଣପୁରରେ ବିଶ୍ୱ ମୃତ୍ତିକା ଦିବସ ପାଳିତ

ପରୀକ୍ଷା ଭିତ୍ତିରେ ସାର ପ୍ରୟୋଗ ଉପରେ କହିଥିଲେ। ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ ସୋନପୁର ଉଚ୍ଚ ବାଳିକା ବିଦ୍ୟାଳୟରେ 'ମୃତ୍ତିକା ଓ ଜଳ ଏକ ଜୀବନର ଉତ୍ସ 'ଶୀର୍ଷକ ଉପରେ ଅନୁଷ୍ଠିତ ହୋଇଥିବା ପୋଷ୍ଟର ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରୀଛାତ୍ରମାନଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ୧୦ଜଣ ଚାଷୀଙ୍କୁ ସେମାନଙ୍କ ନମୁନା ମାଟି ପରୀକ୍ଷା ଭିତ୍ତିରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୃଷି ଏବଂ ଆନୁସଙ୍ଗିକ ବିଭାଗ ଯଥା ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ଏବଂ ଜଳଛାୟା ପ୍ରକଳ୍ପ, କୃଷି ବିଜ୍ଞାନ କେନ୍ଦ୍ର, ପ୍ରାଣୀ ସମ୍ପଦ ବିଭାଗ ଓ ମତ୍ସ୍ୟ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ପାରାଦୀପ ଫସଫେଟ ଲିମିଟେଡ, ମିଲେଟ ମିଶନ ଏବଂ ମୃତ୍ତିକା ପରୀକ୍ଷାଗାର ଦ୍ୱାରା ଖୋଲା ଯାଇଥିବା ଷ୍ଟଲରେ ମୃର୍ତ୍ତିକା ପରିଚାଳନା ସମ୍ପର୍କିତ ବିଭିନ୍ନ ପ୍ରକାର ଜୈବିକ ଉତ୍ପାଦ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ଶତାଧିକ ଚାଷୀ ଅଂଶଗ୍ରହଣ କରିଥିଲେ। ମୃର୍ତ୍ତିକା ପରୀକ୍ଷାଗାର ର ବୈଷୟିକ ସହାୟକ ଅମରେଶ ରାଉତରାୟ ଓ ଅନ୍ୟ କର୍ମଚାରୀଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତରଭା ବ୍ଲକ କୃଷି ଅଧିକାରୀ ସୁଶ୍ରୀ ସ୍ମିତା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଯୁବତୀଙ୍କ ଆତ୍ମହତ୍ୟା

ବ୍ରଜରାଜନଗର,୬।୧୨(ବିଜୟ ବରାଡ଼)

ଓରିଏଣ୍ଟ ଥାନା ଅନ୍ତର୍ଗତ ମଧୁବନ ନଗରର ଜଣେ ଯୁବତୀ ବୁଧବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଭାରତୀ ସା (୨୩)। ସୂଚନା ଅନୁସାରେ ମା' ପାଣି ଆଣିବାକୁ ବାହାରକୁ ଯାଇଥିବାବେଳେ ଭାରତୀ ଘର ଭିତର ଆଜବେଷ୍ଟସ୍ କାଠରେ ଝୁଲିପଡ଼ିଥିଲେ। ମା' ଘରକୁ ଫେରି ଏହା ଦେଖିବା ପରେ ପଡୋଶୀଙ୍କ ସହାୟତାରେ ପାଖ ମଣ୍ଡଳୀୟା ଡାକ୍ତରଖାନାକୁ ନେଇଥିଲେ। ହେଲେ ବାଟରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଆତ୍ମହତ୍ୟାର କାରଣ ଜଣାପଡି ନ ଥିବାବେଳେ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁକରିଛି।

# ବାମଡେରା-ବାଦୁଲପାନି ରାସ୍ତା ଶୋଚନୀୟ

ବଡ଼ଗାଁ,୬।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ବାମଡେରାରୁ ବାଦୁଲପାନି ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୧୦ କିଲୋମିଟର ରାସ୍ତା ଶୋଚନୀୟ ହୋଇପଡିଛି। ଦୀର୍ଘ ବର୍ଷଧରି ରାସ୍ତାର ରକ୍ଷଣାବେକ୍ଷଣ କରା ନ ଯିବାରୁ ଅନେକ ସ୍ଥାନ ଖାଲଖମାରେ ଭର୍ତ୍ତି। ଏହା ମାଟି ରାସ୍ତା ହୋଇଥିବାରୁ ବର୍ଷାଦିନେ ସମସ୍ୟା ଦ୍ୱିଗୁଣିତ ହେଉଯାଉଛି। ଫଳରେ ଗ୍ରାମବାସୀ ଯା' ଆସ କରିବାରେ ସମସ୍ୟା ଭୋଗୁଛନ୍ତି। ଏହି ରାସ୍ତା ଉପରେ ବାମଡେରା, ନାଚୁପଡା, ଟଙ୍ଗରୋଟୋଲି, ହାତୀବନ୍ଧା, ବେଦାଟୋଲି, ଛପ୍ରି ଟୋଲି ଗ୍ରାମବାସୀ ନିର୍ଭର କରିଥାନ୍ତି। ଉକ୍ତ ରାସ୍ତାରେ ୬ଟି ପଡାଗ୍ରାମର ଛାତ୍ରୀଛାତ୍ରମାନେ ଏକମା ଉଚ୍ଚ ବିଦ୍ୟାଳୟକୁ ଆସୁଥିବାବେଳେ ସ୍ୱାସ୍ଥ୍ୟ ସମସ୍ୟା ହେଲେ ଏକମା ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ଆସନ୍ତି। ବିଶେଷ କରି ବର୍ଷାଦିନ ଓ ଅଦିନିଆ ବର୍ଷାରେ ଲୋକଙ୍କ ସମସ୍ୟା ବଢିଯାଏ। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଶ୍ୟାମ ସୁନ୍ଦର ଲାକ୍ରାଙ୍କୁ ପଚାରିବାରୁ, ୧୦ କିଲୋମିଟର ରାସ୍ତାର ଅନେକ ସ୍ଥାନରେ ଖାଲ ହୋଇଛି। ବର୍ଷା ହେଲେ ରାସ୍ତାରେ ଚାଲିକି ଯିବା ଅତି କଷ୍ଟକର। ୧୦ ବର୍ଷପୂର୍ବେ ଏମଜିଏନଆର୍‌ଜିଏସରେ ପୂର୍ବରୁ ଥିବା ରାସ୍ତାରେ ମାଟି ମୋରମ ପକାଇ ତିଆରି କରାଯାଇଥିଲା। ଆଜି ପର୍ଯ୍ୟନ୍ତ ମରାମତି ହୋଇନାହିଁ। ଏହି ସମସ୍ୟା ଗ୍ରାମସଭାରେ ଆଲୋଚନା ହୋଇ ମରାମତି ପାଇଁ ପ୍ରସ୍ତାବ ଗୃହୀତ କରାଯାଇଥିଲା। ହେଲେ କାମ ହେଉନାହିଁ। ବିଡିଓଙ୍କୁ ଜଣାଇବା ସହିତ ଗତ ୨ ବର୍ଷ ମଧ୍ୟରେ ୫ ଥର ଜିଲାପାଳଙ୍କୁ ଜଣାଇଥିବା ସରପଞ୍ଚ ଲାକ୍ରା କହିଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।



ମାଟି ରାସ୍ତା ଖାଲଖମାରେ ଭର୍ତ୍ତି।

# ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ଝାରପଲମ-ପୁଡାଜଲଙ୍ଗା ରାସ୍ତା



ଖାଲଖମାରେ ହୋଇଥିବା ରାସ୍ତା।

ହେମଗିର,୬।୧୨(ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଝାରପଲମଠାରୁ ପୁଡାଜଲଙ୍ଗାକୁ ସଂଯୋଗ କରୁଥିବା ରାସ୍ତା ସମ୍ପୂର୍ଣ୍ଣ ଖାଲ ଖମାରେ ଭର୍ତ୍ତି। ଫଳରେ ଗ୍ରାମବାସୀ ଯା' ଆସ କରିବାରେ ଅସୁବିଧା ଭୋଗୁଛନ୍ତି। ଏହି ରାସ୍ତା ଉପରେ ଗିରିସିମା, ଝାରପଲମ, ମେଣ୍ଡ୍ରା, ବିଜାହାଣ୍ଡି, ବୁବରାକଛାର ଆଦି ଗ୍ରାମର ଶତାଧିକ ଲୋକ ନିର୍ଭର କରିଥାନ୍ତି। ଉକ୍ତ ରାସ୍ତା ଦେଇ ଲୋକେ ହେମଗିର, ସୁନ୍ଦରଗଡ, ବିଲେଇମୁଣ୍ଡା ଆଦି ଗ୍ରାମକୁ ଯା ଆସ କରୁଥିବା ବେଳେ ରାସ୍ତାର

### ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଅବସ୍ଥା ଦେଖି ଲୋକେ ବାଧ ହୋଇ ପ୍ରାୟ ୧୦କିଲୋମିଟରରୁ ଊର୍ଦ୍ଧ୍ୱ ଟପରିଆ ରାସ୍ତା ଦେଇ ଯାଉଛନ୍ତି। ରାସ୍ତା ନିର୍ମାଣକୁ ନେଇ ଅନେକ ସମୟରେ ଅଞ୍ଚଳବାସୀ ଆନ୍ଦୋଳନ କରିଛନ୍ତି। ହେଲେ କୌଣସି ସୁଫଳ ମିଳିନାହିଁ। ଆଗାମୀ ଦିନରେ ରାସ୍ତା ନିର୍ମାଣ ନ ହେଲେ ଅଞ୍ଚଳବାସୀ ପୁଣି ଥରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ଏହି ରାସ୍ତା ପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହିତ ନିର୍ମାଣ କରିବା ପାଇଁ ଦାବି ହେଉଛି।

# ମୟୂରୀର ଦିଲ୍ଲୀରେ ବୋଇତ ବନ୍ଦାଣ ଉତ୍ସବ କାର୍ଯ୍ୟକ୍ରମ

ସୁନ୍ଦରଗଡ,୬।୧୨(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡର ଅଗ୍ରଣୀ ସାଂସ୍କୃତିକ ସଂସ୍ଥା 'ମୟୂରୀ' ଅନୁଷ୍ଠାନର କଳାକାରମାନେ ନୂଆ ଦିଲ୍ଲୀରେ ପାଳିତ ବୋଇତ ବନ୍ଦାଣ ଉତ୍ସବରେ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରି ସେଠାରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ସହ ସ୍ଥାନୀୟ ଲୋକଙ୍କ ମନ୍ତ୍ରମୁଗ୍ଧ କରିବାରେ ସଫଳ ହୋଇଛନ୍ତି। ନଭେମ୍ବର୨୭ରେ ହୌଜ ଖାସ ସ୍ଥିତ ଜଗନ୍ନାଥ ମନ୍ଦିରରେ ନୀଳାଚଳ ସେବା ସଂଘ ପକ୍ଷରୁ ଆୟୋଜିତ ୨୦ତମ ଆନ୍ତର୍ଜାତୀୟ ବୋଇତ ବନ୍ଦାଣ ଉତ୍ସବରେ ମୟୂରୀ ଅନୁଷ୍ଠାନ ସମ୍ବଲପୁରୀ ନୃତ୍ୟ ପ୍ରସ୍ତୁତ କରି ବେଶ ପ୍ରଶଂସା ଲାଭ କରିଥିଲା। ଏହି ଉତ୍ସବରେ ସଂଘ ସମ୍ପାଦକ ରବିନାରାୟଣ ପ୍ରଧାନଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ଭକ୍ତବୃନ୍ଦ ବୋଇତ ଭସାଇବା ସହ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସେହିପରି ଡିସେମ୍ବର ୨ରେ ସଞ୍ଜୟ ଲେକ ଠାରେ ବାଲ ଜାଗୃତି ଆସୋସିଏଶନ ଓ ଓଡିଆ ମହାମଞ୍ଚର ମିଳିତ ଆନୁକୂଲ୍ୟରେ ଆୟୋଜିତ ୨୦ତମ ବାଲିଯାତ୍ରା/ବୋଇତ ବନ୍ଦାଣ ଉତ୍ସବରେ ମଧ୍ୟ ମୟୂରୀର ସମ୍ବଲପୁରୀ ଗୀତ ନୃତ୍ୟ ଲୋକଙ୍କୁ ବେଶ ଆକର୍ଷିତ କରିଥିଲା। ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଓ ବିଧାୟକ ଅରୁଣ ସାହୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଞ୍ଜୟ ଲେକରେ ବୋଇତ ଭସାଇଥିଲେ। ମହାମଞ୍ଚ ନିର୍ଦ୍ଦେଶକ ମନୋଜ ନାୟକ ଓ ଗୋବର୍ଦ୍ଧନ ଧଳ, ମୟୁରୀ ଅନୁଷ୍ଠାନର ସମ୍ପାଦକ ଉଦ୍ଧବ ଭିତ୍ରିଆଙ୍କୁ ଆକର୍ଷଣୀୟ ସମ୍ବଲପୁରୀ କାର୍ଯ୍ୟକ୍ରମ ପାଇଁ ଧନ୍ୟବାଦ ଦେଇ ଥିଲେ। ଉପସ୍ଥିତ ଓଡ଼ିଆଙ୍କ ସମେତ ସ୍ଥାନୀୟ ଲୋକେ ମଧ୍ୟ ମୟୂରୀ ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ ଲୋକନୃତ୍ୟ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଭବିଷ୍ୟତରେ ମଧ୍ୟ ଏପରି ମନମୋହକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଆଶା ବ୍ୟକ୍ତ କରିଥିଲେ।




ସମ୍ବଲପୁରୀ ଲୋକନୃତ୍ୟରେ ଭାଗ ନେଇଥିବା କଳାକାର।

# ଡାଲମିଆ ବିଦ୍ୟାଳୟରେ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ



ଡାଲମିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

କୁତ୍ରା,୬।୧୨(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଝାରବେଡାଠାରେ ଅବସ୍ଥିତ ଡାଲମିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାମାଜିକ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନେଇ ଏକ ଶୋଭାଯାତ୍ରା କଲେଜରୁ ବାହାରି ଝାରବେଡା ଗ୍ରାମରେ ପହଞ୍ଚି ଥିଲା। ସେଠାରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ହିରନ ଲୁଗୁନଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତି ପ୍ରଧାନ ଯୋଗଦେଇ ଓଡିଶା ସରକାରଙ୍କ ଏହି ନୂଆ ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଓଡିଶାର ବିକାଶରେ ଆହୁରି ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ବର୍ତ୍ତମାନ ଚାଲିଥିବା ବିଭିନ୍ନ ସାମାଜିକ ଓ ବିକାଶ ମୂଳକ କାର୍ଯ୍ୟର ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହେର୍ମେନ୍ଦ୍ର ଭୋଇ, ଆକାଉଣ୍ଟାଣ୍ଟ ସରମିତା ଖାଲଖୋ ଯୋଗଦେଇଥିଲେ। ସେହିପରି ଡାଲମିଆ ମହାବିଦ୍ୟାଳୟର ଯୁକ୍ତ ୩ ବିଭାଗ ପକ୍ଷରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିଶା ବିରୋଧରେ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି ପାଇଁ ଏକ ଶୋଭାଯାତ୍ରା କଲେଜ ପରିସରରୁ ବାହାରି ଖଡିଆଡିପା ଗ୍ରାମରେ ପହଞ୍ଚି କଲେଜ ଅଧ୍ୟକ୍ଷା ଲୁଗୁନଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ସମ୍ପାଦିକା ସଞ୍ଜୁ ପଟେଲ ଯୋଗଦେଇ ନିଶା ସେବନ ଦ୍ୱାରା କିଭଳି ନିଜର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ସହ ତାଙ୍କ ପରିବାର ତଥା ସମାଜ ଉପରେ ପଡୁଥିବା କୁପ୍ରଭାବ ପଡେ ସେନେଇ ମତ ଦେବା ସହ ସମସ୍ତେ ନିଶାଠାରୁ ଦୂରେଇ ରହିବା ଉଚିତ ବୋଲି କହିଥିଲେ।

# ହୋପ୍‌ରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ

ରାଜଗାଙ୍ଗପୁର,୬।୧୨(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ରାଣିବନ୍ଧଠାରେ ଥିବା ଭିନ୍ନକ୍ଷମ ବିଦ୍ୟାଳୟ ହୋପରେ ମଙ୍ଗଳବାର ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ରାଜଗାଙ୍ଗପୁର ବିଡିଓ ଅକ୍ଷୟ କୁମାର ବାଗ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ବକ୍ତାଭାବେ ରାଜଗାଙ୍ଗପୁର ଏସ୍‌ଡିପିଓ ଡକ୍ଟର ଅଭିଷେକ ପାଣିଗ୍ରାହୀ,ସମ୍ମାନିତ ଅତିଥିଭାବେ ଉପନଗରପାଳ ମହମ୍ମଦ ଇରଫାନ, ଡକ୍ଟର ହରେକୃଷ୍ଣ ପଣ୍ଡା, ସମାଜିକ କର୍ମୀ କୁଲଦୀପ ସିଂ ଓ ମିନତି ନାଏକ ମହାନ୍ତି, ସରୋଜିନୀ ସାହୁ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ କିପରି ସମାଜରେ ସ୍ୱାବଲମ୍ବୀ କରିହେବ ତାହା ଉଲ୍ଲେଖ କରିଥିଲେ। ସମ୍ପାଦକ ଆଶୀର୍ବାଦ ସାମଲ, ସର୍ବେଶ୍ୱର ଛୋଟରାୟ, ଜୋସେଫ ଚେରିଆନ ପ୍ରମୁଖଙ୍କ ସହ ହୋପର ଶିକ୍ଷୟିତ୍ରୀ କଲ୍ୟାଣୀ, ପ୍ରତିଭା, ଲକ୍ଷ୍ମୀ, ମଞ୍ଜୁଳା ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ଭିନ୍ନକ୍ଷମ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ହୋପର ଉପସଭାପତି ଡକ୍ଟର ଭାନୁ ସ୍ୱାଗତ ଭାଷଣ ରଖିଥିବା ବେଳେ ସଭାପତି ଲକ୍ଷ୍ମୀଧର ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ।



ଦିବ୍ୟାଙ୍ଗମାନଙ୍କୁ ଉପକରଣ ବଣ୍ଟନ କରାଯାଉଛି।

# ଦ୍ୱିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

ବ୍ରଜରାଜନଗର,୬।୧୨(ବିଜୟ ବରାଡ଼)

ଚାନ୍ଦିନୀମାଲ ଗ୍ରାମପଞ୍ଚାୟତ ବରପାଲି ଗ୍ରାମର ଜଗନ୍ନାଥ ଯୁବକ ସଂଘ ଆନୁକୂଲ୍ୟରେ ବୁଧବାର ଦ୍ୱିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଯୁବକସଂଘ ସଭାପତି ହେମନ୍ତ କୁମାର ବଗାରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବ୍ଲକ ଅଧ୍ୟକ୍ଷା ଚିତ୍ରେଣି ପଟେଲ ଓ ଝାରସୁଗୁଡ଼ା ଜୋନ୍-୧ ଜିଲା ପରିଷଦ ଝରଣା ସାଗର, ପୂର୍ବତନ ଜିଲା ପରିଷଦ ହର୍ଷ ଜଗତ, ପୂର୍ବତନ ଲୋଇସିଂହ ସରପଞ୍ଚ ଦୁଷ୍ମନ୍ତ ପଟେଲ, ବିଜେଡି ଯୁବ ନେତା ରୀଙ୍କୁ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ଯୁବକ ସଂଘର ସମ୍ପାଦକ ହେମନ୍ତ ଧୁରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଗଣପତି କ୍ଲବ ସାଏମାଲ ଓ ୯ନଂ. କଲୋନି ଫୁଟ୍‌ବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚକୁ ରେଫରି ଭାବେ ଖେମାଶିଲ କିଷାନ, ଯଦୁମଣି ନାଏକ, ଅରୁଣ ମିର୍ଦ୍ଧା, ନବୀନ ଦେଓ ପରିଚାଳନା କରୁଛନ୍ତି। ଆକାଶ ଦୋରା ଓ ପପୁ ପ୍ରଧାନ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବଣାଇଁ,୬।୧୨(ପ୍ରଦୀପ ତ୍ରିପାଠୀ)

ବଣାଇଁ କେନାଭେଟା ବଂଶୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଆମ ଓଡିଶା ନବୀନ ଓଡିଶା ତଥା ନୂଆ-ଓ ଯୁବ ଓଡିଶା ଅନୁଦାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ବଣାଇଁ ଉପଜିଲାପାଳ ସୁରଞ୍ଜନ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ୪ ଦିନିଆ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ଅଧ୍ୟୟନରତ ଯୁବ ବର୍ଗ ଭାଗ ନେଇ ତାଙ୍କର ଖେଳକୁଦରେ ପାରଦର୍ଶିତାର ପରିଚୟ ସୃଷ୍ଟି କରିବା ସହିତ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଯଥା ଜନସଚେତନା, ସମାଜସେବା, ପ୍ରଦୂଷଣ ମୁକ୍ତ ସାମାଜ, ରକ୍ତଦାନ ଶିବିର ଆଦି କରିବାକୁ ସୂଚନା ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ଉଦ୍‌ଘାଟନୀ ଉତ୍ସବରେ ଅନ୍ୟତମ ସମ୍ମାନିତ ଅତିଥିଭାବେ ତହସିଲଦାର ଅଶୋକ ଗରଡିଆ, ଜିଲା ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡୁ, ଜିଲାପରିଷଦ ସଭ୍ୟ ବୀର ବିଚିତ୍ରସେନ ନାଏକ ପ୍ରମୁଖ ଯୋଗ ଦେଇଥିଲେ । ଖେଳକୁଦ ମାଧ୍ୟମରେ ମନ ସୁସ୍ଥ ରହିବ ବୋଲି ବକ୍ତାମାନେ ନିଜ ଅଭିଭାଷଣରେ କହିଥିଲେ। ଖେଳ ଯେ କେବଳ ଶରୀର ପାଇଁ ଆବଶ୍ୟକ ତା ନୁହେଁ ବରଂ କ୍ୟାରିୟର ଗଠନର ଏକ ମାଧ୍ୟମ ଥିବାରୁ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଥିବା ବିଷୟ ଉଲ୍ଲେଖ କରି ପ୍ରଶଂସା କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱିନୀ କୁମାର ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହେବା ପରେ ଖେଳକୁଦ ପ୍ରତିଯୋଗୀତା ଆରମ୍ଭ ହୋଇଥିଲା ।

# ମଝାପଡ଼ା ହାଇସ୍କୁଲରେ କ୍ରୀଡ଼ା ପ୍ରତିଯୋଗିତା

କୁଆଁରମୁଣ୍ଡା,୬।୧୨(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ମଝାପଡ଼ା ହାଇସ୍କୁଲରେ ବୁଧବାର ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତରେ ଥିବା ପ୍ରାଥମିକ, ଉଚ୍ଚ ପ୍ରାଥମିକ ସର୍ବମୋଟ ୧୫ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଲମ୍ବଡ଼ିଆଁ, ଉଚ୍ଚ ଡିଆଁ, ସଟପୁଟ ଇତ୍ୟାଦି ବିଭିନ୍ନ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଶେଷରେ ଆୟୋଜିତ ପୁରସ୍କାର ବିତରଣି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲାପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ମୁଖ୍ୟବକ୍ତା ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ସମ୍ମାନିତ ଅତିଥି ଜିଲାପରିଷଦ ସଭ୍ୟ ନେଭିଲ କେରକେଟା, ମଝପଡ଼ା ସରପଞ୍ଚ ମାରୀୟାନୁସ କିରୋ,ପୂର୍ବତନ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଷମା ନାଏକ,ସାମାଜିକ କର୍ମୀ ମଧୁ ଦାସ, ସମିତି ସଭ୍ୟ ସନ୍ଦୀପ ଡାଙ୍ଗ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ମଝାପଡ଼ା ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

# ଓପିଜିସି ପକ୍ଷରୁ ସ୍ୱାସ୍ଥ୍ୟ ପ୍ରତିଷେଧକ ଶିବିର

ସମ୍ବଲପୁର,୬।୧୨(ବି.ଶଙ୍କର)

ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ (ଓପିଜିସି) ପକ୍ଷରୁ ଝାରସୁଗୁଡା ଜିଲାର ଲଖନପୁର ବ୍ଲକ ତିଲିଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ସ୍ୱାସ୍ଥ୍ୟ ପ୍ରତିଷେଧକ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପୁଷ୍ପାଞ୍ଜଳି ପ୍ରଧାନ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଇବ୍ ଥର୍ମାଲ ଡାକ୍ତରଖାନାର ଚିକିତ୍ସକ ଓ କର୍ମଚାରୀ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଙ୍ଗୀତା ପଣ୍ଡା, ଆଇଟିପିଏସ୍ ଡାକ୍ତରଖାନାର ଡା. କିଶୋର କୁମାର ମିଶ୍ର, ବ୍ରଜରାଜନଗରର ଦନ୍ତରୋଗ ଚିକିତ୍ସକ ଡା. ସାଶି ଗୋୟଲ ଓ ଟିଆର୍‌ଏଲ୍ ହସ୍ପିଟାଲର ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ରଜତ ଶର୍ମା ସାମିଲ ହୋଇଥିଲେ। ଶିବିରରେ ତିଲିଆ, ନୂଆପଡା, ଫଟାପାଲି, କୋଲ ଟିକିରା, ଚାରମାଲ, ସିଙ୍ଗେଇପାଲି ଆଦି ଗ୍ରାମର ପ୍ରାୟ ୨୦୬ ରୋଗୀଙ୍କ ରକ୍ତ ହୀନତା, ଚର୍ମ ରୋଗ, ବାତ, ମୁଣ୍ଡ ବ୍ୟଥା, ଦନ୍ତ ପ୍ରଭୃତି ରୋଗ ନିରୂପଣ କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା।




ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ଡାକ୍ତର।

# ବେଆଇନ ପାର୍କିଂ, ବଢୁଛି ଦୁର୍ଘଟଣା

କୁତ୍ରା,୬।୧୨(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ୧୦ ନମ୍ବର ରାଜ୍ୟ ରାଜପଥ ବିଜୁ ଏକ୍ସପ୍ରେସ୍‌ୱେ କଡ଼ରେ ପ୍ରତ୍ୟେକ ଦିନ ବେଆଇନଭାବେ ଗାଡି ପାର୍କିଂ ହେଉଛି। ଯାହା ଫଳରେ ଦୁର୍ଘଟଣା ଘଟିବା ସହିତ ଲୋକେ ମୃତାହତ ହେଉଛନ୍ତି। ଏଥିସହ ବିଭିନ୍ନ ପ୍ରକାର ଅସୁବିଧାର ମଧ୍ୟ ସମ୍ମୁଖୀନ ହେଉଛନ୍ତି। ଦୁର୍ଘଟଣା ରୋକିବା ପାଇଁ ବିଭିନ୍ନ ସମୟରେ ପୋଲିସ ତଥା ଆର୍‌ଟିଓଙ୍କ ପକ୍ଷରୁ ଧରପଗଡ଼ କରାଯାଉଛି, ମାତ୍ର ଦ୍ରୁତ ଗତି ଓ ମଦ୍ୟପାନ କରି ଗାଡି ଚାଳନା, ବେଆଇନ ଭାବେ ରାସ୍ତା କଡରେ ଗାଡି ପାର୍କିଂ କରିବା ଉପରେ ବିଶେଷ ଭାବେ ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ବିନା ପାର୍କିଂ ବ୍ୟବସ୍ଥାରେ ରାଜ୍ୟ ରାଜପଥ ଉପରେ, ରାସ୍ତା କଡ଼ ଢାବାରେ, ଦୋକାନ ବଜାର ଗୁଡିକ ସମ୍ମୁଖରେ ଘଣ୍ଟା ଘଣ୍ଟା ସମୟ ଧରି ଗାଡି ପାର୍କିଂ ହେଉଛି। ଅନେକ ସମୟରେ କୁତ୍ରା ବସ୍ ଷ୍ଟାଣ୍ଡରେ ଭାରିଯାନ ପାର୍କିଂ ଯୋଗୁ ବସ୍ ଗୁଡିକ ବାଧ ହୋଇ ମିଝି ରାସ୍ତାରେ ଛିଡା ହେଉଛି। ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଶୂନ୍ୟ ମୃତ୍ୟୁ ସଂଖ୍ୟା ସପ୍ତାହ ପାଳନ କରାଯାଉଛି। ହେଲେ ବେଆଇନ ପାର୍କିଂ ଉପରେ କାହାର ନଜର ପଡୁ ନାହିଁ। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।



ରାସ୍ତା କଡ଼ରେ ପାର୍କିଂ ହୋଇଥିବା ଗାଡି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମିଜୋରାମର ସର୍ବକନିଷ୍ଠା ଏମ୍‌ଏଲ୍‌ଏ


ବାରିଲ୍ ଭାନ୍ନିହସାଙ୍ଗି

**ନୂଆଦିଲ୍ଲୀ,୬।୧୨:** ରେଡିଓ ଜକି ବାରିଲ୍ ଭାନ୍ନିହସାଙ୍ଗି ହେଉଛନ୍ତି ମିଜୋରାମ ବିଧାନସଭାକୁ ସଦ୍ୟ ନିର୍ବାଚିତ ସର୍ବକନିଷ୍ଠା ଏମ୍‌ଏଲଏ। ଇନ୍‌ଷ୍ଟାଗ୍ରାମରେ ତାଙ୍କର ୨ ଲକ୍ଷ ୫୨ ହଜାରରୁ ଅଧିକ ଫଲୋଅର୍ସ ଅଛନ୍ତି। ୩୨ ବର୍ଷୀୟା ବାରିଲ୍ ଆଇଜଲ୍ ସାଉଥ୍ ୩ୟ ନିର୍ବାଚନମଣ୍ଡଳୀରୁ ଜୋରାମ ପିପୁଲ୍ସ ମୁଭ୍‌ମେଣ୍ଟ (ଜେଡ୍‌ପିଏମ୍) ଟିକେଟରେ ନିର୍ବାଚିତ ହୋଇଛନ୍ତି। ସେ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍) ବିଧାୟକଙ୍କୁ ୧,୪୧୪ ଖଣ୍ଡ ଭୋଟ ବ୍ୟବଧାନରେ ହରାଇଛନ୍ତି। ପୂର୍ବତନ ଟିଭି ଉପସ୍ଥାପିକା ବାରିଲ୍ ଲିଙ୍ଗଗତ ସମାନତା ପାଇଁ ଲଢ଼ିବେ ବୋଲି ବିଧାନସଭାକୁ ନିର୍ବାଚିତ ହେବା ପରେ ପ୍ରକାଶ କରିଛନ୍ତି।

## କୋରାପୁଟ ବିଧାନସଭା ନିର୍ବାଚନମଣ୍ଡଳୀ

# ଜିତାପଟ ପାଇଁ ୩ ଦଳର କସରତ

**କୋରାପୁଟ, ୬।୧୨ (ଅମିତାଭ ବେହେରା)**

୨୦୨୪ ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି କୋରାପୁଟ ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ସେତେ ବଢ଼ିବାରେ ଲାଗିଛି। ଏହି କୋରାପୁଟ ନିର୍ବାଚନମଣ୍ଡଳୀ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ୨୦୨୪ ବିଧାନସଭା ନିର୍ବାଚନରେ ଏଠାରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ସମ୍ଭାବନା ରହିଛି।

ଉକ୍ତ ବିଧାନସଭା ନିର୍ବାଚନମଣ୍ଡଳୀ କୋରାପୁଟ ଓ ସୁନାବେଡ଼ା ୨ଟି ପୌର ପରିଷଦ ସହ କୋରାପୁଟ, ଲମତାପୁଟ ଓ ବୈପାରିଗୁଡ଼ା ବ୍ଲକକୁ ନେଇ ଗଠିତ। ଏହି ଆସନଟି ଏବେ ବିଜେଡି ହାତରେ ରହିଛି। ଏହାକୁ ନିଜ ଅକ୍ତିଆରକୁ ନେବାକୁ କଂଗ୍ରେସ ନିଜ ସ୍ଥିତି ଗତ ୫ ବର୍ଷ ମଧ୍ୟରେ ଆଗ ଅପେକ୍ଷା ଦୃଢ଼ କରିଥିବାବେଳେ ଭାଜପା ମଧ୍ୟ ନିଜ ସାଙ୍ଗଠନିକ ରଣନୀତିକୁ ଇତିମଧ୍ୟରେ ଶକ୍ତିଶାଳୀ କରିଛି। ୨୦୧୯ରେ ଏହି ଆସନରୁ ବିଜୁ ଜନତା ଦଳ ପ୍ରାର୍ଥୀ ଭାବେ ରଘୁରାମ ପଡ଼ାଲ ବିଜୟୀ ହୋଇଥିଲେ। ୨୦୧୪ରେ ଏହା କଂଗ୍ରେସ ହାତରେ ଥିଲା । ତେବେ ୨୦୨୪ରେ ଟିକେଟ ପାଇଲେ ଏଠାରୁ ବିଜୟୀ ହେବେ ବୋଲି ଆଶା ରଖିଛନ୍ତି ବର୍ତ୍ତମାନର ବିଧାୟକ ରଘୁରାମ ପଡ଼ାଲ।

୨୦୧୪ରେ କୋରାପୁଟ ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ରଘୁରାମ ମାଛ ନିକଟରେ ବିଜେଡି ଛାଡ଼ି ଭାଜପାରେ ଯୋଗଦେବା ଏବଂ ୨୦୧୯ ସାଧାରଣ ନିର୍ବାଚନରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ତ୍ରିପୁରାରି ଗରଡ଼ା ଇତିମଧ୍ୟରେ ଭାଜପା ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ଏହାକୁ ବିଶ୍ଳେଷଣକଲେ ୨୦୨୪ ସାଧାରଣ ନିର୍ବାଚନରେ ଶାସକ ବିଜେଡି ,ବିରୋଧୀ କଂଗ୍ରେସ ଓ ଭାଜପାରୁ ପୁରୁଣା ନା ନୂଆ ପ୍ରାର୍ଥୀ ଦେବେ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ । କଂଗ୍ରେସରେ ବିଧାୟକ ପ୍ରାର୍ଥୀ ଦୌଡ଼ରେ କୃଷ୍ଣ କୁଲଦୀପ, ନିମାଇଁ ସରକାର ଥିବା ବେଳେ ଭାଜପାରେ ପୂର୍ଣ୍ଣିମା ନାୟକ, ଭାଗୀରଥି ପାଟନିଆ, ରଘୁରାମ ମାଛ ରହିଛନ୍ତି। ମାତ୍ର ବିଜେଡିରେ ଆଶାୟୀ ପ୍ରାର୍ଥୀଙ୍କ ତାଲିକା ଲମ୍ବା ରହିଛି। କୋରାପୁଟ ବିଧାୟକ ରଘୁରାମ ପଡ଼ାଲଙ୍କ ସହ ୫ରୁ ଊର୍ଦ୍ଧ୍ୱ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ଆଶାୟୀମାନଙ୍କ ସଂଖ୍ୟାକୁ ନେଇ ବିଜେଡି ଏବେ ଚିନ୍ତାରେ ପଡ଼ିଛି। ୨୦୧୯ ନିର୍ବାଚନରେ ବିଜେଡିର ରଘୁରାମ ୪୮,୧୭୧ ଭୋଟ ପାଇଥିବାବେଳେ କଂଗ୍ରେସର କୃଷ୍ଣ କୁଲଦୀପ ୪୧,୮୮୬ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ଭାଜପା ପ୍ରାର୍ଥୀ ତ୍ରିପୁରାରି ଗରଡ଼ା ୩୩,୯୯୪ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଏଠାରେ ସର୍ବଦା ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇ ଆସିଥିବାବେଳେ ୨୦୧୯ରୁ ଭାଜପା ତୃତୀୟ ଶକ୍ତି ଭାବେ ଉଭାହୋଇଛି।



ରାଜ୍ୟ ରାଜନୀତିରେ ସର୍ବଦା ଗୁରୁତ୍ୱ ବହନକରି ଆସିଥିବା ଏହି କୋରାପୁଟ ନିର୍ବାଚନମଣ୍ଡଳୀରୁ ଅତୀତରେ ହରିଶ୍ଚନ୍ଦ୍ର ବକ୍ସିପାତ୍ର, ନୃସିଂହାନନ୍ଦ ବ୍ରହ୍ମା, ଗୁପ୍ତ ଦାସ, ତାରାପ୍ରସାଦ ବାହିନୀପତିଙ୍କ ଭଳି ଟାଣୁଆ ନେତା ପ୍ରତିନିଧିତ୍ୱ କରିଆସିଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ବହୁବିଧ ଉନ୍ନତି କରିଥିବାରୁ ଆଗାମୀ ନିର୍ବାଚନରେ ବିଜେଡି ପୁଣି ଥରେ ବିଜୟୀ ହେବାକୁ ଲକ୍ଷ୍ୟ ରଖିଛି। ତେବେ ଉକ୍ତ ନିର୍ବାଚନମଣ୍ଡଳୀରେ ଏବେ ମଧ୍ୟ ଲୋକେ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ରହିଥିବା ଅଭିଯୋଗ ଆଣି ଭାଜପା ଓ କଂଗ୍ରେସ ରାଜ୍ୟ ସରକାର ବିରୋଧରେ ଜନମତ ସୃଷ୍ଟି କରୁଛନ୍ତି ।

ଏହା ସତ୍ତ୍ୱେ କୋରାପୁଟ ବିଧାନସଭା ନିର୍ବାଚନମଣ୍ଡଳୀରେ ପାନୀୟ ଜଳ ଯୋଗାଣ, ସଡ଼କ, ପରିବହନ, ବେକାରି, ଦାଦନ ସମସ୍ୟା, ପର୍ଯ୍ୟଟନ, ଚାଷ ଓ ଚାଷୀଙ୍କ ସମସ୍ୟା ରହିଛି। ଜିଲାର ଅନେକ ଗ୍ରାମରେ ଲୋକେ ଏହିସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ଶାସକ ବିଜେଡି ଏସବୁ ସମସ୍ୟାର ସମାଧାନ କରାଯାଇଛି ବୋଲି ଦାବି କରୁଛି । ଅନ୍ୟପକ୍ଷରେ ଭାଜପା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ କାର୍ଯ୍ୟକୁ ଢାଲକରି ଜନ ସମର୍ଥନ ହାସଲ କରିବାକୁ ଉଦ୍ୟମ ଚଳାଇଥିବା ବେଳେ କଂଗ୍ରେସ ଏସବୁ ସମସ୍ୟା ସମାଧାନ ହୋଇ ନ ଥିବା ଦାବିକରି ବିଜେଡି ବିରୋଧରେ ଜନମତ ସୃଷ୍ଟି କରୁଛି। ତେବେ ଯିଏ ପାର୍ଟି ନୁହେଁ ମାଟି ପାଇଁ କାମ କରିବ ତାଙ୍କୁ ହିଁ ଆମେ ଭୋଟ ଦେବୁ ବୋଲି କୋରାପୁଟ ନିର୍ବାଚନମଣ୍ଡଳୀର କେତେକ ଭୋଟର କହୁଥିବା ଚର୍ଚ୍ଚା ହେଉଛି।

### ଏମାନେ କହନ୍ତି



ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ, ଲୋକାଭିମୁଖୀ ଯୋଜନାର ସଫଳତା ନେଇ ଲୋକଙ୍କ ପାଖକୁ ଯିବୁ। ବିଶେଷକରି କୋରାପୁଟ ଜିଲାବାସୀଙ୍କ ପାଇଁ ସରକାରଙ୍କ ପକ୍ଷରୁ କରାଯାଇଥିବା ୩ ମେଗା ପାନୀୟ ଜଳ ପ୍ରକଳ୍ପ ସହ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ କାର୍ଯ୍ୟ କରାଯାଇଛି। ଲୋକେ ମଧ୍ୟ ସେଥିରୁ ସଫଳତା ପାଇଛନ୍ତି। ଏ ସବୁକୁ ପୁଞ୍ଜିକରି ଆମେ ଆମର ସମସ୍ତ ବିଜେଡି ନେତା ଓ କର୍ମୀ ମିଳିତ ଭାବେ ଜିଲାର ୫ ବିଧାନସଭା ଆସନ ଏବଂ ଏମ୍‌ପି ଆସନରେ ବିଜୟୀ ହେବୁ।

– ଝିନ ହିକ୍କା, ବିଜେଡି ଜିଲା ସଭାପତି, କୋରାପୁଟ



ନିକଟରେ ହୋଇଥିବା ନିର୍ବାଚନରେ ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼ ରାଜ୍ୟରେ ଭାଜପା ୩ଟି ରାଜ୍ୟରେ ବହୁମତରେ ବିଜୟୀ ହୋଇଛି। ଏହାର ପ୍ରଭାବ କୋରାପୁଟ ଜିଲାର ଭାଜପା ନେତା ଓ କର୍ମୀଙ୍କ ମନୋବଳ ବୃଦ୍ଧି କରିଛି। ରାଜ୍ୟର ବିଜେଡି ସରକାରଙ୍କ ବିଭିନ୍ନ ଦୁର୍ନୀତି, କେନ୍ଦ୍ରୀୟ ଯୋଜନାର ଅର୍ଥକୁ ରାଜ୍ୟ ସରକାର ହଡ଼ପ କରିବା, ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି, ନିମ୍ନମାନର ରାସ୍ତା, ଲୋକଙ୍କୁ ଖାଉଟି ସାମଗ୍ରୀ ପ୍ରଦାନରେ ବିଭ୍ରାଟ, ବୃଦ୍ଧାବୃଦ୍ଧଙ୍କ ଭତ୍ତା ହଡ଼ପ, ଆଇନଶୃଙ୍ଖଳା ପରିସ୍ଥିତିରେ ଅବନତି ସମ୍ପର୍କରେ ଲୋକଙ୍କୁ ଜଣାଇବୁ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇ ଆଗାମୀ ନିର୍ବାଚନ ଲଢ଼ିବୁ।

–ସୁମନ୍ତ ପ୍ରଧାନ, ଭାଜପା ଜିଲା ସଭାପତି, କୋରାପୁଟ



ବର୍ତ୍ତମାନ ଉଭୟ କେନ୍ଦ୍ରର ଭାଜପା ସରକାର ଓ ରାଜ୍ୟର ବିଜେଡି ସରକାର ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି କାର୍ଯ୍ୟ କରୁଛନ୍ତି। ଉଭୟ ଦଳ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଆଖିଦୃଶିଆ ପଦକ୍ଷେପ ନ ନେଇ କେବଳ ଭାଷଣରେ ସେମାନଙ୍କ ବିକାଶ କଥା କହୁଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସ ବେକାରି ଦୂରୀକରଣ, ନିଯୁକ୍ତି ସୁଯୋଗ, କୃଷିକୁ ଶିଳ୍ପର ମାନତା, ବିଭିନ୍ନ ଶିଳ୍ପ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଅଞ୍ଚଳବାସୀଙ୍କୁ ପ୍ରାଧାନ୍ୟ, ଜିଲାର ଯୁବତୀଯୁବକଙ୍କ ଆତ୍ମନିର୍ଭରଶୀଳ ପାଇଁ ଆଇଟିଆଇ ସହ ବିଭିନ୍ନ ତାଲିମ ପ୍ରଦାନ ଓ ନିଯୁକ୍ତି ଏବଂ ସବୁ ବର୍ଗର ଲୋକଙ୍କୁ କାମ ଦେବା ଉପରେ କଂଗ୍ରେସ ଗୁରୁତ୍ୱ ଦେବ। ଏସବୁ ପ୍ରସଙ୍ଗକୁ ନେଇ ଆମେ ନିର୍ବାଚନ ଲଢ଼ିବୁ।

–ଦୁର୍ଗାଶଙ୍କର ସାହୁ, କଂଗ୍ରେସ ଜିଲା ସଭାପତି

## ନେତୃତ୍ୱ ବିକାଶ ମିଶନକୁ ବୁଥ୍‌ସ୍ତର ପର୍ଯ୍ୟନ୍ତ ନେବାକୁ ପଡ଼ିବ: ଶରତ

**ଭୁବନେଶ୍ୱର, ୬।୧୨(ସୁନିତ୍ ମିଶ୍ର)**

କଂଗ୍ରେସର ନେତୃତ୍ୱ ବିକାଶ ମିଶନ (ଏଲ୍‌ଡିଏମ୍)ର ସମୀକ୍ଷା ବୈଠକ ବୁଧବାର କଂଗ୍ରେସ ଭବନଠାରେ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ରାଜ୍ୟରେ ସାଧାରଣ ନିର୍ବାଚନ ଖୁବ୍ ନିକଟରେ ହେବ। ଓଡ଼ିଶାର ୧୪୭ ବିଧାନସଭା କ୍ଷେତ୍ର ମଧ୍ୟରୁ ୫୭ଟି ଅନୁସୂଚିତ ଜାତି/ଜନଜାତି ନିମନ୍ତେ ଉଦ୍ଦିଷ୍ଟ ବିଧାନସଭା ନିର୍ବାଚନମଣ୍ଡଳୀରେ ନେତୃତ୍ୱ ବିକାଶ ମିଶନକୁ ବୁଥ୍‌ସ୍ତର ପର୍ଯ୍ୟନ୍ତ ନେଇ ଏହାକୁ ଦୃଢ଼ କରିବାକୁ ପଡ଼ିବ। ଏଥିପାଇଁ କଠିନ ପରିଶ୍ରମର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ବୈଠକରେ ଏଲ୍‌ଡିଏମ୍ ଜାତୀୟ ସଂଯୋଜକ ତଥା ଓଡ଼ିଶା ପ୍ରଭାରୀ ମାନସ ମଲ୍ଲିକ, ଅଖିଳ ଭାରତ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରାଙ୍କ ସମେତ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ।


ନୂଆଦିଲ୍ଲୀଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଭେଟୁଛନ୍ତି ତେଲଙ୍ଗାନାର ଭାବୀ ମୁଖ୍ୟମନ୍ତ୍ରୀ ଏ.ରେଭନ୍ତ ରେଡ୍ଡୀ।

# ହାଇକମାଣ୍ଡଙ୍କୁ ଭେଟିଲେ ରେଭନ୍ତ ରେଡ୍ଡୀ

## ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ନେବେ

### ସୋନିଆ, ମମତା, ଷ୍ଟାଲିନ୍ ଯୋଗଦେବେ

**ନୂଆଦିଲ୍ଲୀ/ହାଇଦ୍ରାବାଦ,୬।୧୨**

ତେଲଙ୍ଗାନାର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ରୂପେ ଗୁରୁବାର ଶପଥ ଗ୍ରହଣ କରିବେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଏ.ରେଭନ୍ତ ରେଡ୍ଡୀ। ଏହା ପୂର୍ବରୁ ୫୪ ବର୍ଷୀୟ ରେଭନ୍ତ ବୁଧବାର ନୂଆଦିଲ୍ଲୀ ଗସ୍ତକରି ଦଳୀୟ ହାଇକମାଣ୍ଡଙ୍କୁ ଭେଟିଛନ୍ତି। ସେ କଂଗ୍ରେସ ବିଧାୟକ ଦଳ ନେତା ନିର୍ବାଚିତ ହେବାର ଦିନକ ପରେ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ, ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ ଏଆଇସିସି ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ସାକ୍ଷାତ କରିଛନ୍ତି।

କୋଦଙ୍ଗଲ ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିବା ରେଭନ୍ତଙ୍କୁ ତେଲଙ୍ଗାନା ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ୍ ହାଇଦ୍ରାବାଦରେ ଅପରାହ୍ଣ ୧ଟାରେ ମୁଖ୍ୟମନ୍ତ୍ରୀ ରୂପେ ପଦ ଓ ଗୋପନୀୟତାର ଶପଥପାଠ କରାଇବେ। ଶପଥ ଗ୍ରହଣ ଉତ୍ସବରେ ସୋନିଆଙ୍କ ସମେତ ଦଳର ବରିଷ୍ଠ ନେତାମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ବର୍ତ୍ତମାନ ମଲକାଗିରି ଲୋକ ସଭା ଆସନରୁ ପାର୍ଲାମେଣ୍ଟରେ ପ୍ରତିନିଧିତ୍ୱ କରୁଥିବା ରେଭନ୍ତ ପରବର୍ତ୍ତୀ ସମୟରେ ଏମ୍‌ପି ପଦରୁ ଇସ୍ତଫା ଦେବେ। ୧୧୯ ଆସନ ବିଶିଷ୍ଟ ତେଲଙ୍ଗାନା ବିଧାନସଭା ପାଇଁ ଅନୁଷ୍ଠିତ ନିର୍ବାଚନରେ କଂଗ୍ରେସ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ହାତରୁ କ୍ଷମତା ଛଡ଼ାଇନେବାରେ ସଫଳ ହୋଇଛି। ସରକାର ଗଠନ ପାଇଁ ଜୁଦ୍ଧକ ସଂଖ୍ୟା ୬୪ ହୋଇଥିବାବେଳେ କଂଗ୍ରେସକୁ ୬୪ ଏବଂ କେସିଆର୍‌ଙ୍କ ଭାରତ ରାଷ୍ଟ୍ର ସମିତିକୁ ୩୯ ଆସନ ମିଳିଛି। ଏହି ଦକ୍ଷିଣ ଭାରତୀୟ ରାଜ୍ୟରେ କଂଗ୍ରେସ ପ୍ରଥମ ଥର ପାଇଁ ସରକାର ଗଠନ କରିବାକୁ ଯାଉଥିବାରୁ ଦଳୀୟ ମହଲରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି। ଶପଥ ଗ୍ରହଣ ପୂର୍ବରୁ ରାହୁଲ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଭାବୀ ମୁଖ୍ୟମନ୍ତ୍ରୀ ରେଭନ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କଂଗ୍ରେସ ଏକ ପ୍ରଜା ସରକାର ଗଠନ କରି ପୂର୍ବରୁ ତେଲଙ୍ଗାନା ଜନତାଙ୍କୁ ଦେଇଥିବା ସମସ୍ତ ପ୍ରତିଶ୍ରୁତି ଓ ଗ୍ୟାରେଣ୍ଟି ପୂରଣ କରିବ ବୋଲି ରାହୁଲ କହିଛନ୍ତି। ସେହିପରି ଦଳର ଅଧ୍ୟକ୍ଷ ଖାର୍ଗେ କହିଛନ୍ତି, କଂଗ୍ରେସ ପାର୍ଟି ଓ ଏହାର ସମସ୍ତ ନେତା ପ୍ରଜାଲା ତେଲଙ୍ଗାନାକୁ ସୁନିଶ୍ଚିତ କରିବା ପାଇଁ ସାମୂହିକ ଉଦ୍ୟମ କରିବେ। ୬ଟି ଗ୍ୟାରେଣ୍ଟି ଉପରେ ଆମେ ଦୃଢ଼ ସଂକଳ୍ପବଦ୍ଧ। ଇତିମଧ୍ୟରେ କଂଗ୍ରେସ ଏହି ଶପଥ ଗ୍ରହଣ ଉତ୍ସବକୁ ଆହୁରି ଉତ୍ସବମୁଖର କରିବା ପାଇଁ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍‌ର ନେତାମାନଙ୍କୁ ମଧ୍ୟ ନିମନ୍ତ୍ରଣ କରିଛି। ନିମନ୍ତ୍ରିତ ଅତିଥିଙ୍କ ମଧ୍ୟରେ ତାମିଲନାଡ଼ୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ସମେତ ଇଣ୍ଡିଆ ବ୍ଲକ୍‌ର ଅଂଶୀଦାର ଦଳ ନେତାମାନେ ଅଛନ୍ତି।

# ଦଳୀୟ ପ୍ରଚାର ପାଇଁ ଛାତ୍ରୀଛାତ୍ରଙ୍କୁ ବ୍ୟବହାର କରୁଛି ବିଜେଡି: ଭାଜପା

**ଭୁବନେଶ୍ୱର, ୬।୧୨(ସୁନିତ୍ ମିଶ୍ର)**

ବିଜେଡି ଦଳୀୟ ପ୍ରଚାର ପାଇଁ କଲେଜ ଛାତ୍ରୀଛାତ୍ରଙ୍କୁ ବ୍ୟବହାର କରୁଛି । କଲେଜ କ୍ୟାମ୍ପସ୍‌ରେ ଦଳୀୟ ପତାକା ଉଡୁଛି, ବ୍ୟାନର ଲାଗିଛି, ଶଙ୍ଖ ଚିହ୍ନ ଲଗାଇ ପ୍ରଚାର ହେଉଛି। ନୂଆ ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ କ୍ଲାସ୍ ଭିତରେ ବିଜେଡି ନେତା ଓ କର୍ମୀ କ୍ୟାମ୍ପେନ କରୁଛନ୍ତି। ଗୋଟିଏ ପଟେ ବିଭିନ୍ନ ଆଳ ଦେଖାଇ ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନକୁ ୬ ବର୍ଷ ହେଲା ବନ୍ଦକରି ଆସୁଛନ୍ତି । ଅନ୍ୟପଟେ ଦଳୀୟ ନେତା ଆଗାମୀ ନିର୍ବାଚନ ପାଇଁ କଲେଜ କ୍ୟାମ୍ପସରେ ରାଜନୀତି ମାହୋଲ ତିଆରିରେ ବିଜେଡି ଲାଗିଥିବା ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ଅଭିଯୋଗ କରିଛନ୍ତି।


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଠାକୁର କହିଛନ୍ତି, ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ ରଖି ନିଜର ରାଜନୈତିକ ଫାଇଦା ପାଇଁ ଶାସକ ବିଜେଡି କଲେଜ କ୍ୟାମ୍ପସର ଶୈକ୍ଷିକ ବାତାବରଣକୁ ନଷ୍ଟ କରୁଛି। ରାଜ୍ୟ ସରକାର ଲିଙ୍ଗଡୋ କମିଶନ ନିୟମକୁ ଉଲ୍ଲଂଘନ କରୁଛନ୍ତି। ଛାତ୍ର ସଂସଦ ନିର୍ବାଚନ ବାତିଲ କରିବା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ତେବେ ଛାତ୍ରୀଛାତ୍ରଙ୍କୁ ମୌଳିକ ସୁବିଧା ନ ଯୋଗାଇ ରାଜ୍ୟ ସରକାର ବିଜେଡିର ଦଳୀୟ ଚିହ୍ନକୁ ବ୍ୟବହାର କରି 'ଯୁବ ଓଡ଼ିଶା ନବୀନ ଓଡିଶା' ନାଁରେ କ୍ୟାମ୍ପେନ କରି କଲେଜଗୁଡ଼ିକରେ ଭୋଜିଭାତ ଓ ମନୋରଞ୍ଜନ କାର୍ଯ୍ୟକ୍ରମ କରିବା ନିନ୍ଦନୀୟ ବୋଲି ଠାକୁର ରଞ୍ଜିତ କହିଛନ୍ତି।


# Classified Everyday
0674-2580101, 2549949




**SALE**

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – **8249310759.** D-75276

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୫୦–୮୫୦ରେ ଜାଗା ବିକ୍ରିହେଉଛି। 06743180297. D-75176

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

ଭୁବନେଶ୍ୱର Sum Hospitalରୁ 6 Km. ମଧ୍ୟରେ ପଜେସନ୍ ଫ୍ଲାଟ୍ Sqft. 1499/- , 799/- ମିଳୁଛି – 9124839028, 7008771424. D-75277




1st Floor (1300 Sqft.) at Puri Bypass Road for Office Purpose. 9861061007, 9439917937. D-1962




Relax, refresh your body, mind by expert therapist. Contact- 8338800330. D-75175

**Relax, Refresh your body, Mind at Saikrupa Spa with best therapies. 8984068077.** D-1873

**Ashirvaad Salon and SPA get good massage for your health tha best therapy. 7077181074.** D-75069

Newly open spa positively Heath benefits with expert therapist. 9040286886. D- 75173

**Newly Healthcare benefited spa Experience Therapist in Bhubaneswar. Contact: 9938843929.** D- 75172

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75073

**AFFIDAVIT**

I, Bimala Sahoo (66 yrs.), W/o- Purna Chandra Sahoo, Vill.- Sameipad, P.O.- Goladia, P.S.- Chandabali, Dist.- Bhadrak. By this affidavit I declare that my actual Date of Birth is 27.06.1957 according my Aadhaar card (No.- xxxxxxxx3372) and PAN No.- QZAPS1005N. But my Date of Birth year is wrongly mentioned 1961 in my husbands pension record bearing PPO No. 204199700698. I want to correct my date of birth in this pension record. D-1964

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

Admission Open
JOIN AFTER +2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE : Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE : Ph : 9937440788
RMTI, Palasuni, Bhubaneswar-25

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଚୌଦ୍ୱାରସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ବୁଧବାର ଓଡ଼ିଶା ଓମେନ୍ସ ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି ଓ ଅଫିସିଆଲ।

# ଓଡ଼ିଶା ଓମେନ୍ସ ଲିଗ୍ ଆରମ୍ଭ

## ଉଦ୍‌ଘାଟନୀ ମ୍ୟାଚରେ କିଟ୍/କିସ୍ ବିଜୟୀ

ଭୁବନେଶ୍ୱର, ୬।୧୨
(ତପନ ସ୍ୱାଇଁ)

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଓଡ଼ିଶା ଓମେନ୍ସ ଲିଗ୍ ଫୁଟବଲ ପ୍ରତିଯୋଗିତା ବୁଧବାରଠାରୁ ଆରମ୍ଭ ହୋଇଛି। କଟକ ଚୌଦ୍ୱାରସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ଲିଗ୍‌ର ଉଦ୍‌ଘାଟନୀ ସମାରୋହ ଏବଂ ମ୍ୟାଚ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ଚୌଦ୍ୱାର ପୌରପାଳିକା ଅଧ୍ୟକ୍ଷା ମାନସି ସ୍ୱର୍ଣ୍ଣପ୍ରଭା ସାମଲ, କାଉନ୍‌ସିଲର ଅଜୟ କୁମାର ବେହେରା, ଚୌଦ୍ୱାର ୟୁଥ୍ ଫୁଟବଲ ଆସୋସିଏଶନ ସମ୍ପାଦକ ଅଶୋକ କୁମାର ସାହୁ, ସଭାପତି ପ୍ରଶାନ୍ତ କୁମାର ସାହୁ, ଫାଓ ଯୁଗ୍ମ ସମ୍ପାଦକ ମହମ୍ମଦ ଶହିଦ ଜବାର ଓ ସଙ୍ଗୀତା ଶର୍ମା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ କିଟ୍/କିସ୍ ଦଳ ୨-୦ ଗୋଲରେ ଆର୍ଡୋର ଫୁଟବଲ ଏକାଡେମୀକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ବିଜୟୀ ଦଳ ପକ୍ଷରୁ ଜ୍ୟୋତ୍ସ୍ନା ମୁଣ୍ଡାରୀ ୬୯ ଓ ସିମରନୀ ଦେହୁରି ୭୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଚୌଦ୍ୱାର ସମେତ ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଏହି ପ୍ରତିଯୋଗିତା ଜାନୁୟାରୀ ୬ ପର୍ଯ୍ୟନ୍ତ ଚାଲିବ। କିଟ୍/କିସ୍ ଓ ଆର୍ଡୋର ଏକାଡେମୀ ବ୍ୟତୀତ ସ୍ପୋର୍ଟ୍ସ ଓଡ଼ିଶା, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ଓଜିପି କ୍ଲବ ଓ ନିତା ଫୁଟବଲ ଏକାଡେମୀ ଏଥିରେ ଅଂଶଗ୍ରହଣ କରିଛି।

# ହଂକଂ, ମକାଉ ଓପନ ଗେଟ୍‌ବଲ୍‌ରେ ଭାରତର ସଫଳତା

ଭୁବନେଶ୍ୱର, ୬।୧୨
(ତପନ ସ୍ୱାଇଁ)

ଭାରତୀୟ ଗେଟ୍‌ବଲ ଦଳ ନିକଟରେ ଅନୁଷ୍ଠିତ ହଂକଂ ଓ ମକାଉ ଓପନ ଗେଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଗତ ୨ ଓ ୩ ତାରିଖରେ ଅନୁଷ୍ଠିତ ହଂକଂ ଓପନରେ ଭାରତ ଫାଇନାଲରେ ଚାଇନାଠାରୁ ହାରି ରୌପ୍ୟ ପଦକ ପାଇଥିଲା। ମାତ୍ର ୫ ଓ ୬ ତାରିଖରେ ଅନୁଷ୍ଠିତ ମକାଉ ଓପନରେ ଭାରତୀୟ ଦଳ ସେହି ଚାଇନାକୁ ହରାଇ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି। ୨ଟି ଯାକ ଟୁର୍ଣ୍ଣାମେଣ୍ଟରେ ଭାରତର ୨ଟି ପୃଥକ ଦଳ ଅଂଶଗ୍ରହଣ କରିଥିଲା। ୨ଟି ଯାକ ଦଳର ସମସ୍ତ ଖେଳାଳି ଓଡ଼ିଶାର ଥିଲେ। ମକାଉ ଟୁର୍ଣ୍ଣାମେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳରେ ସାମିଲ ଥିବା ଖେଳାଳିମାନେ ହେଲେ ସତୀଶ ପୃଷ୍ଟି, ଅଭିଷେକ ମହାନ୍ତି, ରଞ୍ଜନ ମିଶ୍ର, ଗିରିଜା ଭଞ୍ଜ, ସମରେନ୍ଦ୍ର ମହାରଣା, ଓ ଜ୍ୟୋତି ସିଂ। ଟିମ୍ ମ୍ୟାନେଜର ଥିଲେ ଉମାକାନ୍ତ ପାଣି ଓ କୋଚ୍ ତ୍ରିଲୋଚନ ଦେବତା। ବିଜେତା ଦଳ ଆସନ୍ତା ୯ରେ ଭୁବନେଶ୍ୱର ଆସି ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି ବୋଲି ଭାରତୀୟ ଗେଟ୍ ବଲ୍ ସଙ୍ଘର ସଭାପତି ଦ୍ୱୈପାୟନ ପଟ୍ଟନାୟକ ଓ ସମ୍ପାଦକ ଦିଲ୍ଲୀପ ଦାସ ପ୍ରକାଶ କରିଛନ୍ତି।



ଗେଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ସଫଳତା ଅର୍ଜନ କରିଥିବା ଭାରତୀୟ ଦଳ।

## ଜୁନିୟର ପୁରୁଷ ହକି ବିଶ୍ୱକପ

# ଭାରତ ଆଜି ସ୍ପେନ୍‌କୁ ଭେଟିବ

କୁଆଲାଲମ୍ପୁର, ୬।୧୨ (ପି.ଟି.): ଏଠାରେ ଚାଲିଥିବା ଜୁନିୟର ପୁରୁଷ ହକି ବିଶ୍ୱକପରେ ଭାରତ ଗୁରୁବାର ସ୍ପେନ୍‌କୁ ଭେଟିବ। କୋରିଆ ବିପକ୍ଷରେ ୪-୨ରେ ବିଜୟ ସହ ଭାରତୀୟ ଦଳ ପୁଲ୍ 'ସି'ରେ ଅଭିଯାନ ଆରମ୍ଭ କରିଛି। ତେବେ ସ୍ପେନ୍ ବିପକ୍ଷରେ ଦଳକୁ ସତର୍କତାର ସହ ଖେଳିବାକୁ ହେବ। କୌଣସି ପରିସ୍ଥିତିରେ ହାଲ୍‌କା ମନୋଭାବ ଦଳକୁ କ୍ଷତି ପହଞ୍ଚାଇବା ସମ୍ଭାବନା ରହିଛି। କୋରିଆ ବିପକ୍ଷରେ ଭାରତ ବିଜୟୀ ହୋଇଥିଲେ ହେଁ ଦଳର ପ୍ରଦର୍ଶନରେ ବିଶେଷ ସନ୍ତୁଷ୍ଟ ନାହାନ୍ତି କୋଚ୍ ସି.ଆର. କୁମାର। ଦଳକୁ ଅଧିକ ଦୃଢ଼ ପ୍ରଦର୍ଶନ ଦେବାକୁ ପଡ଼ିବ ଏବଂ ଅନାବଶ୍ୟକ ପେନାଲ୍ଟି କର୍ଣ୍ଣର ବରଣକୁ ଏଡ଼ାଇବାକୁ ହେବ ବୋଲି ସେ ମତ ଦେଇଛନ୍ତି। ପୂର୍ବ ମ୍ୟାଚରେ ଭାରତ ୬ଟି ପେନାଲ୍ଟି କର୍ଣ୍ଣର ବରଣ କରିଥିବାବେଳେ ମାତ୍ର ୨ଥର ସୁଯୋଗ ସୃଷ୍ଟି କରିଥିଲା। ୩ ପଏଣ୍ଟ ପାଇବା ନିଶ୍ଚିତ ଭଲ କଥା, ମାତ୍ର ୬ଟି ପେନାଲ୍ଟି କର୍ଣ୍ଣର ବରଣ କରିବା ଶୁଭ ସଙ୍କେତ ନୁହେଁ ବୋଲି କୋଚ୍ କହିଛନ୍ତି।

ବିଶ୍ୱକପରେ ଭାରତ ଚତୁର୍ଥ ଥରପାଇଁ ପୋଡିୟମ ଫିନିଶ୍ କରିବା ଆଶା ରଖିଛି। ଦଳ ୨୦୦୧ (ହୋବାର୍ଟ) ଓ ୨୦୧୬ (ଲକ୍ଷ୍ନୌ)ରେ ଚାମ୍ପିୟନ ହୋଇଥିବାବେଳେ ୧୯୯୭ (ମିଲଟନ କେନ୍ସ, ଇଂଲଣ୍ଡ)ରେ ରୌପ୍ୟ ପଦକ ଜିତିଥିଲା। ଭୁବନେଶ୍ୱରରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତ ପ୍ଲେ-ଅଫ୍‌ରେ ଫ୍ରାନ୍ସଠାରୁ ହାରି ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଅନ୍ୟପକ୍ଷରେ ସ୍ପେନ୍ କେବଳ ୨୦୦୫ (ରେଟରଡାମ)ରେ ଏକ ବ୍ରୋଞ୍ଜ ପଦକ ଜିତିବାକୁ ସକ୍ଷମ ହୋଇଛି। ଏଥର ପୁଲ୍ 'ସି'ରେ ଏହି ଦଳ ହିଁ ଭାରତର କଷ୍ଟସାଧ ପ୍ରତିଦ୍ୱନ୍ଦ୍ୱୀ। ତେବେ ଆଗାମୀ ମ୍ୟାଚ ପାଇଁ ଭାରତକୁ ଫେଭରାଇଟ ବିବେଚନା କରାଯାଉଛି।

# ପ୍ରଥମ ଦିନରେ ୧୫ ଉଇକେଟର ପତନ

ମୀରପୁର, ୬।୧୨ (ପି.ଟି.)

ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ମ୍ୟାଚର ପ୍ରଥମ ଦିନର ଖେଳ ବାଂଲାଦେଶ ନିୟନ୍ତ୍ରଣରେ ରହିଛି। ମୀରପୁରରେ ଖେଳା ଯାଇଥିବା ମ୍ୟାଚ୍‌ରେ ବଲ୍ ତଳୁଆ ରହୁଥିବା ବେଳେ ଅସମାନ ବାଉନ୍ସ କାରଣରୁ ପ୍ରଥମ ଦିନରେ ୧୫ ଉଇକେଟର ପତନ ଘଟିଛି। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୧୭୨ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ଖରାପ ଆଲୋକ କାରଣରୁ ଖେଳ ବନ୍ଦ ହେବା ବେଳକୁ ନ୍ୟୁଜିଲାଣ୍ଡ ୫୫ ରନ୍‌ରେ ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଛି।

ଟସ୍ ଜିତି ବାଂଲାଦେଶ ଅଧିନାୟକ ନଜମୋଲ ହୋସେନ୍ ଶନ୍ତୋ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମିଚେଲ୍ ସାଣ୍ଟନର(୩/୩୧) ଓ ଗ୍ଲେନ୍ ଫିଲିପ୍ସ(୩/୬୫) ମିଳିତ ଭାବରେ ୬ ଉଇକେଟ ନେବାରୁ ବାଂଲାଦେଶ ୧୭୨ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଦଳର ୫ ଜଣ ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିବା ବେଳେ ମୁଶଫିକୁର ରହିମ ସର୍ବାଧିକ ୩୫ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାହାଦତ ହୋସେନ୍ ୩୧ ଓ ମେହିଦୀ ହସନ ମିରାଜ ୨୦ ରନ୍ କରିଥିଲେ। ଏଜାଜ୍ ପଟେଲ ୨ ଉଇକେଟ ନେଇଥିଲେ। ସେହିପରି ବିଶ୍ୱର ଷଷ୍ଠ ବୋଲର ଭାବରେ ବିନା କୌଣସି ରନ ବ୍ୟୟ କରି ଉଇକେଟ ନେବାର ରେକର୍ଡ କରିଥିଲେ ଟିମ୍ ସାଉଦି।

ନ୍ୟୁଜିଲାଣ୍ଡର ବ୍ୟାଟିଂ ମଧ୍ୟ ଅତ୍ୟନ୍ତ ଦୟନୀୟ ରହିଥିଲା । ଖରାପ ଆଲୋକ କାରଣରୁ ୧୨ ଓଭର ପୂର୍ବରୁ ଖେଳ ବନ୍ଦ ହୋଇଥିବା ବେଳେ ନ୍ୟୁଜିଲାଣ୍ଡ ୫୫ ରନ୍‌ରେ ୫ ଉଇକେଟ ହରାଇଛି। ମେହିଦୀ ହସନ ମିରାଜ ଚମତ୍କାର ବୋଲିଂ କରି ୩ ଉଇକେଟ ନେଇଥିବା ବେଳେ ତାଇଜୁଲ ଇସଲାମ ୨ ଉଇକେଟ ନେଇଥିଲେ। କେନ୍ ୱିଲିୟମସନ୍ ୧୩ ରନ୍ କରି ଆଉଟ ହୋଇଥିବା ବେଳେ ଡାରିଲ୍ ମିଚେଲ୍ ୧୨ ଓ ଗ୍ଲେନ୍ ଫିଲିପ୍ସ ୫ ରନ୍‌ରେ ଅପରାଜିତ ଅଛନ୍ତି।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୬୬.୨ ଓଭରରେ ୧୭୨/୧୦(ମୁଶଫିକୁର ରହିମ-୩୫, ଶାହାଦତ ହୋସେନ୍-୩୧, ମେହିଦୀ ହସନ ମିରାଜ-୨୦, ମିଚେଲ୍ ସାଣ୍ଟନର-୩/୩୧, ଗ୍ଲେନ୍ ଫିଲିପ୍ସ-୩/୬୫, ଏଜାଜ ପଟେଲ୍-୨/୫୪)।

ବାଂଲାଦେଶ ୧୨.୪ ଓଭରରେ ୫୫/୫ (କେନ୍ ୱିଲିୟମସନ-୧୩, ଡାରିଲ୍ ମିଚେଲ୍-୧୨, ମେହିଦୀ ହସନ ମିରାଜ-୩/୧୭, ତାଇଜୁଲ ଇସଲାମ-୨/୨୯)।

## ବଲ୍ ଅଟକାଇ ଆଉଟ ହେଲେ ମୁଶଫିକୁର



ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ବଲ୍‌କୁ ହାତରେ ଅଟକାଇ ଆଉଟ ହୋଇଛନ୍ତି ବାଂଲାଦେଶର ମୁଶଫିକୁର ରହିମ୍। ବାଂଲାଦେଶର ପ୍ରଥମ ଖେଳାଳି ଭାବରେ ସେ ଅବଷ୍ଟ୍ରକ୍ଟିଂ ଦ ଫିଲ୍ଡରେ ଆଉଟ ହେବାର ଅଲୋଡ଼ା ରେକର୍ଡ ନିଜ ନାମରେ କରିଛନ୍ତି। ୩୬ ବର୍ଷୀୟ ରହିମ୍ ମ୍ୟାଚ୍‌ର ୪୧ ତମ ଓଭରରେ କାଇଲ୍ ଜେମିସନ୍‌ଙ୍କ ଏକ ବଲ୍‌କୁ ଡିଫେଣ୍ଡ କରିଥିଲେ। ବଲ୍‌ଟି ଅଫ୍ ଷ୍ଟମ୍ପରୁ ବାହାରକୁ ଯାଉଥିବା ବେଳେ ରହିମ୍ ଏହାକୁ ହାତରେ ରୋକି ଦେଇଥିଲେ। ନ୍ୟୁଜିଲାଣ୍ଡ ଖେଳାଳି ଆଉଟ ପାଇଁ ଆବେଦନ କରିବା ପରେ ଥାର୍ଡ ଅମ୍ପାୟର ତାଙ୍କୁ ଆଉଟ ଦେଇଥିଲେ। ଆଇସିସିର ଧାରା ୩୭.୧.୨ ଅନୁଯାୟୀ ଯଦି କୌଣସି ଖେଳାଳି ବ୍ୟାଟ ହାତରେ ନ ଥିବା ବେଳେ ଗ୍ଲୋଭ୍ ଜରିଆରେ ବଲ୍ ଅଟକାଇବାକୁ ପ୍ରୟାସ କରନ୍ତି ତେବେ ତାଙ୍କୁ ଆଉଟ ଘୋଷଣା କରାଯିବ। ସମାନ ଭାବରେ ଯଦି ଫିଲ୍ଡର ଥ୍ରୋ କରୁଥିବା ସମୟରେ ଏହାକୁ ବ୍ୟାଟରେ ଅଥବା ହାତରେ ଅଟକାଇବାକୁ ପ୍ରୟାସ କରନ୍ତି ସେଭଳି ସ୍ଥିତିରେ ମଧ୍ୟ ଆଉଟ ଘୋଷଣା କରାଯିବ। ପୂର୍ବରୁ ଏହାକୁ ହ୍ୟାଣ୍ଡେଲଡ୍ ଦ ବଲ୍ ବୋଲି କୁହାଯାଉଥିବା ବେଳେ ୨୦୧୭ ପରଠାରୁ ଏହାକୁ ଅବଷ୍ଟ୍ରକ୍ଟିଂ ଦ ଫିଲ୍ଡ ବୋଲି କୁହାଯାଉଛି। ୨୦୦୨ରେ ପୂର୍ବତନ ଇଂଲଣ୍ଡ ଅଧିନାୟକ ମାଇକେଲ୍ ଭନ୍ ପ୍ରଥମେ ଏଭଳି ଆଉଟ ହୋଇଥିଲେ।

# ଅଭିନିତଙ୍କୁ ୭ ଉଇକେଟ ସଫଳତା

## ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

ଭୁବନେଶ୍ୱର, ୬।୧୨
(ତପନ ସ୍ୱାଇଁ)

ଓଡ଼ିଶା ଓ ତ୍ରିପୁରା ମଧ୍ୟରେ ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି କ୍ରିକେଟ ମ୍ୟାଚ ବୁଧବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଚମତ୍କାର ବୋଲିଂ କରିଛନ୍ତି ଓଡ଼ିଶାର ପ୍ରତିଭା ସମ୍ପନ୍ନ ଅଭିନିତ ପଟ୍ଟନାୟକ। ସେ ୧୮.୩ ଓଭର ବୋଲିଂ କରି ୧୦ଟି ମେଡେନ ନେବାସହ ମାତ୍ର ୨୧ ରନ ଦେଇ ୭ ଉଇକେଟ ସଫଳତା ପାଇଛନ୍ତି। ଫଳରେ ତ୍ରିପୁରା ୪୮.୩ ଓଭରରେ ମାତ୍ର ୮୨ ରନକରି ଅଲ୍‌ଆଉଟ ହୋଇଯାଇଛି। ଅନ୍ୟତମ ଓଡ଼ିଶା ବୋଲର କମଲେଶ ପାତ୍ର ଗୋଟିଏ ଉଇକେଟ ପାଇଥିଲେ ହେଁ ୧୧ ଓଭରରେ ୫ ମେଡେନ ନେଇ ମାତ୍ର ୭ ରନ ବ୍ୟୟ କରିଛନ୍ତି। ତ୍ରିପୁରା ପକ୍ଷରୁ ରିୟାଦ ହୋସେନ ସର୍ବାଧିକ ୩୬ ରନ କରିଥିଲେ। ପ୍ରଥମ ଦିବସ ଖେଳ ଶେଷ ବେଳକୁ ଓଡ଼ିଶା ୫ ଉଇକେଟ ହରାଇ ୯୧ ରନ ସଂଗ୍ରହ କରିଛି। ଫଳରେ ୫ ଉଇକେଟ ସୁରକ୍ଷିତ ଥାଇ ଦଳ ୯ ରନରେ ଅଗ୍ରଣୀଲାଭ କରିଛି। ଓଡ଼ିଶା ପକ୍ଷରୁ ସ୍ୱାଗତ ସୌରଭ ମିଶ୍ର ସର୍ବାଧିକ ୪୩ ରନ କରିଛନ୍ତି। ତ୍ରିପୁରାର ରିୟାଦ ହୋସେନ ଓ ଦୀପ୍ ଦେବ୍ ୨ଟି ଲେଖାଏ ଉଇକେଟ ନେଇଛନ୍ତି।



୭ ଉଇକେଟ ସଫଳତା ପାଇଥିବା ଅଭିନିତ ପଟ୍ଟନାୟକ।

# ଓଜ୍‌ନିଆକିଙ୍କୁ ୱାଇଲ୍ଡ କାର୍ଡ

ମେଲବୋର୍ନ,୬।୧୨(ପି.ଟି.): ପୂର୍ବତନ ଏକନମ୍ବର ଖେଳାଳି କାରୋଲିନ୍ ଓଜ୍‌ନିଆକିଙ୍କୁ ୨୦୨୪ ଅଷ୍ଟ୍ରେଲିଆନ୍ ଓପନ୍ ପାଇଁ ୱାଇଲ୍ଡ କାର୍ଡ ମିଳିଛି। ୨୦୧୮ରେ ଅଷ୍ଟ୍ରେଲିଆନ୍ ଓପନ ଚାମ୍ପିୟନ ଓଜ୍‌ନିଆକିଙ୍କୁ ଅନ୍ୟ ୬ ଜଣ ଅଷ୍ଟ୍ରେଲୀୟ ଖେଳାଳିଙ୍କ ସହିତ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି। ୩ ବର୍ଷ ଧରି ଟେନିସରୁ ଦୂରେଇ ରହିବା ପରେ ଓଜନିଆକି ଅଗଷ୍ଟ ମାସରେ ପ୍ରଫେସନାଲ ଟେନିସକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହା ପରେ ମଣ୍ଟ୍ରିଲ ଓ ସିନସିନାଟି ଓପନରେ ଅଂଶଗ୍ରହଣ କରିଥିବା ବେଳେ ୟୁଏସ୍ ଓପନର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ। ମେଲବୋର୍ନରେ ମୋ କ୍ୟାରିୟରର ଅନେକ ସ୍ମୃତି ରହିଛି।

# ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବେ ଡୁପ୍ଲେସି

ଆବୁଧାବି, ୬।୧୨ (ପି.ଟି.): ପୂର୍ବତନ ଦକ୍ଷିଣ ଆଫ୍ରିକା ଅଧିନାୟକ ଫାଫ୍ ଡୁପ୍ଲେସି ଆଉଥରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବେ। ଆସନ୍ତା ଟି୨୦ ବିଶ୍ୱକପ ପୂର୍ବରୁ ସେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବାର ସମ୍ଭାବନା ଥିବା ସୂଚନା ଦେଇଛନ୍ତି ଦକ୍ଷିଣ ଆଫ୍ରିକାର କୋଚ୍ ରବ ୱାଲଟର। ଅନ୍ତର୍ଜାତୀୟ କ୍ରିକେଟରୁ ଆନୁଷ୍ଠାନିକ ଭାବେ ଅବସର ନେଇ ନ ଥିଲେ ମଧ୍ୟ ୩ ବର୍ଷ ହେବ ସେ ଦକ୍ଷିଣ ଆଫ୍ରିକା ପାଇଁ ଖେଳି ନାହାନ୍ତି। ୨୦୨୦ରେ ଶେଷ ଥର ଦକ୍ଷିଣ ଆଫ୍ରିକା ପାଇଁ ଏକ ଟେଷ୍ଟ ମ୍ୟାଚ୍ ଖେଳିଥିଲେ ଡୁପ୍ଲେସି। ବର୍ତ୍ତମାନ ଆବୁଧାବିରେ ଟି୧୦ ଲିଗ୍ ଖେଳୁଥିବା ଡୁପ୍ଲେସି ମଧ୍ୟ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବା ସପକ୍ଷରେ ଥିବା କହିଛନ୍ତି। ୩୯ ବର୍ଷୀୟ ଡୁପ୍ଲେସି ଶେଷ ଥର ପାଇଁ ୨୦୧୬ ଟି୨୦ ବିଶ୍ୱକପ ଖେଳିଥିଲେ। ଏହା ପରଠାରୁ ତାଙ୍କୁ ଟି୨୦ ଦଳରେ ସ୍ଥାନ ମିଳିନାହିଁ। ସୋମବାର ଦକ୍ଷିଣ ଆଫ୍ରିକା କୋଚ୍ ୱାଲ୍‌ଟର କହିଥିଲେ ଡୁପ୍ଲେସି, କ୍ୱିଣ୍ଟନ ଡି କକ୍ ଓ ରାଇଲି ରୋଷୋଙ୍କ ପରି ଖେଳାଳିଙ୍କ ନାମ ଟି୨୦ ଦଳ ଚୟନ ପାଇଁ ବିଚାରକୁ ନିଆଯିବ। ୨୦୨୪ ଜୁନ୍‌ରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଟି୨୦ ବିଶ୍ୱକପ ଖେଳାଯିବ। ଉଲ୍ଲେଖଯୋଗ୍ୟ ଯେ, ଆଇପିଏଲ୍ ଫ୍ରାଞ୍ଚାଇଜ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ ଖେଳି ୧୪ ମ୍ୟାଚ୍‌ରୁ ୭୩୦ ରନ୍ ସ୍କୋର କରିଥିଲେ।


OFFICE OF THE DEPUTY DIRECTOR,
SIMILIPAL (NORTH) WILDLIFE DIVISION
AT-MATIAGARH CHHAKA, PO-K. JASHIPUR,
DIST-MAYURBHANJ, ODISHA-757091
Tel: - 06797-295030, Email-dfo.similipalnorthwl@odisha.gov.in/ ddsimilipalnorth@gmail.com

**TENDER CALL NOTICE**

No.108, Date:4.12.2023

**No.MM-343:**The **DEPUTY DIRECTOR, SIMILIPAL NORTH WL DIVISION, JASHIPUR** on behalf of Governor of Odisha invites **Percentage Rate bids** to be received in offline mode for the following works from the eligible experienced contractors in similar nature of work, registered with State Govt. & Contractor of equivalent Grade / Class registered with Central Govt. / Railways.

| | | |
|---|---|---|
| 1. | Nature of Work | : Construction of Forester Quarter Complex |
| 2. | No. of Work | : 01 Building |
| 3. | Period of Completion | : 03 (Three) Months |
| 4. | Cost of Tender | : Rs.6000/- (Six Thousand) only |
| 5. | Estimated Cost | : Rs.30,21,507/- |
| 6. | Class of Contractor | : "B" Class & "C" Class |
| 7. | Date & Time of availability of tender document | : Tender Documents for construction of Forester Quarter as stated above will be available in the O/o the Deputy Director, Similipal North Wildlife Division, Jashipur, on payment of cost of Tender Document as mentioned above. The Tender Document cost which is non-refundable, should be deposited in shape of Demand Draft from any Nationalized Bank drawn in favour of the Deputy Director, Similipal North Wildlife Division, Jashipur, Mayurbhanj payable at Jashipur from 10.00 AM of 06.12.2023 to 05.30 PM of 14.12.2023. |
| 8. | Receipt of Bid documents | : Through Direct Deposit by hand / Registered post/ Speed post/ Courier service to the Deputy Director, O/o the Deputy Director, Similipal North (WL) Division, At-Matiagarh Chhaka, P.O.- K. Jashipur, Dist.- Mayurbhanj, Pin-757091 on or before 15.12.2023 by 11.00 A.M. |
| 9. | Receipt of Bid cost, Bid Security, documents | : Earnest Money Deposit (EMD) of Rs. 30,215/- (Rupees Thirty Thousand Two Hundred Fifteen) Only shall be submitted along with Tender, EMD will be in the form of demand draft in favour of Deputy Director, Similipal North (WL) Division, Jashipur payable at Jashipur. The EMD will be refunded to the unsuccessful bidder. The EMD for the successful bidder will be released only after completion and handover the Quarter |
| 10. | Date & Time of opening of technical bid | : Dt.15.12.2023 at 12.00 hours onwards |
| 11. | Other documents | : (As mentioned in DTCN) |
| 12. | The undersigned reserves the right to accept/reject any or all Tender without assigning any reason thereof. | |

Sd./-Deputy Director
Similipal (North) WL Division, Jashipur
OIPR-08133/11/0017/2324



**Expression of Interest**

No. PP-71:- "**Expression of Interest**" in sealed cover is hereby invited for allotment of **two Food Stalls, one KIOSK & one Juice centre** available at Ekamra Haat, Bhubaneswar, Odisha.

For details of EOI, TOR etc please visit the website: **www.sidacodisha.org.in**. The last date for submission of EOI in the Office of SIDAC, Handicrafts Complex, Gandamunda, Khandagiri, Bhubaneswar Ph: 0674-2350318 is upto 5:00 PM. on 20.12.2023. The details of EOI will be available in the website w.e.f. 7.12.2023.

**Sd./- Member Secretary**

SIDAC
State Institute for Development of Arts & Crafts
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-751030
Tel. No. +91(0)674 2350318,
E-mail: sidacorissa@gmail.com, www.sidacodisha.org.in
OIPR-31036/11/0025/2324



GOVERNMENT OF ODISHA
"e" PROCUREMENT NOTICE
OFFICE OF THE NOTIFIED AREA COUNCIL, BALLIGUDA

**Tender Call Notice**

No. 2729 Date 02.12.2023
E-mail: eonacballiguda@yahoo.in
**Bid Identification No. EO_BLG.N_04_2023-24**

**No. C-2018:-** The Executive Officer, NAC, Balliguda, Dist- Kandhamal inviting percentage rate bid in **online mode** for the works as detailed in the table from eligible contractors for civil work as detailed in the table below.

| | | |
|---|---|---|
| 1. | Name of Work | As per DTCN |
| 2. | No. of work | 01 |
| 3. | Tender Cost | As Per DTCN |
| 4. | Class of Contractor | As Per DTCN |
| 5. | Period & time of completion | As Per DTCN |
| 6. | Available of Bid Document in the Website | From Dt.**06.12.2023**, 11.00 AM to Dt.**14.12.2023** Up to 5.00 PM |
| 7. | Date of opening of Bid | Dt.**15.12.2023** at 11.00 AM |
| 8. | The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website. | |

OIPR-13097/11/0012/2324 Sd./- Executive Officer, NAC, Balliguda


**ODISHA PUBLIC SERVICE COMMISSION, CUTTACK**

**NOTICE**

No. 9008/PSC Dt.05.12.2023
(1E-08-2023-24) (DR-II)
Website: https://www.opsc.gov.in

No. D-173: In continuation to this Office Notice No. 8971/PSC, Dt.02.12.2023, it is for information of all concerned that the Commission have decided to conduct the Physical Verification of Original Certificates & Documents and Viva Voce Test simultaneously in respect of **101 Candidates** (Bearing following Roll Nos.), qualified in the main written examination, for recruitment to the Post of **Civil Judges in Odisha Judicial Service, 2022,** pursuant to Advt. No. 19 of 2022-23, **from 18.12.2023 to 22.12.2023** in the Office of the Commission, at 19, Dr. P.K. Parija Road, Cuttack - 753001, as per the following programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner), four passport size photographs, self-attested copies of all relevant certificates, documents, proof of identity etc. **with originals of the same** as per **Para - 09** of the aforesaid advertisement and duly filled in **"Attestation Form" & "Bio-Data Form"** (to be downloaded from the website of the Commission) and submit the same **in person** on the day of verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce Test**. The candidates shall be allowed to the Viva Voce Test on the scheduled date & time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & VIVA VOCE TEST**

| Date | Time of Verification | Time of Viva Voce Test | Roll No. of Candidates |
|---|---|---|---|
| 18.12.2023 | 8.30 A.M. | 10.45 A.M. | 100031, 200116, 300014, 300029, 300044, 300056, 300076, 300094, 300113, 300182, 300253 & 300266 **= 12 Candidates** |
| | 1.00 P.M. | 3.00 P.M. | 300309, 300319, 300388, 300414, 300423, 300443, 300533, 300544 & 300546 **= 09 Candidates** |
| 19.12.2023 | 8.30 A.M. | 10.45 A.M. | 300551, 300621, 300636, 300673, 300740, 300741, 300762, 300786, 300802, 300806, 300833 & 300893 **= 12 Candidates** |
| | 1.00 P.M. | 3.00 P.M. | 300988, 301020, 301059, 301064, 301081, 301083, 301091 & 301176 **= 08 Candidates** |
| 20.12.2023 | 8.30 A.M. | 10.45 A.M. | 301186, 301228, 301233, 301243, 301244, 301247, 301333, 301337, 301386, 301463, 301465 & 301470 **= 12 Candidates** |
| | 1.00 P.M. | 3.00 P.M. | 301479, 301486, 301566, 301595, 301602, 301604, 301637 & 400004 **= 08 Candidates** |
| 21.12.2023 | 8.30 A.M. | 10.45 A.M. | 400009, 400026, 400070, 400077, 400084, 400097, 400144, 400173, 400208, 400235, 400236 & 400284 **= 12 Candidates** |
| | 1.00 P.M. | 3.00 P.M. | 400299, 400306, 400341, 400394, 400403, 400408, 400431 & 400449 **= 08 Candidates** |
| 22.12.2023 | 8.30 A.M. | 10.45 A.M. | 400492, 400495, 400530, 400578, 400583, 400730, 400743, 400765, 400788, 400802, 400853 & 400854 **= 12 Candidates** |
| | 1.00 P.M. | 3.00 P.M. | 400865, 400969, 401014, 500125, 500144, 500192, 500250 & 500371 **= 08 Candidates** |

**N.B.:** The candidates are advised to report at the Office of the Commission **half an hour before the commencement of verification** of original certificates & documents on their scheduled dates & time as mentioned against each.

OIPR-12002/11/0117/2324 Sd./- Secretary

# ଜ୍ୟାକ୍ଲିନ୍‌ଙ୍କ ଘୋଡ଼ାଚଢ଼ା

ବେଳେବେଳେ ମଣିଷ ଯାହାକୁ ଡରିଥାଏ ସମୟ ଆସିଲେ ତାହାକୁ ସମ୍ପାଦନ କରିବାକୁ ପଡ଼େ। କଥା କ'ଣ କି, ଜ୍ୟାକ୍ଲିନ୍ ଫର୍ନାଡିସ୍‌ଙ୍କ ପିଲାଦିନରୁ ଘୋଡ଼ା ଚଢ଼ିବାକୁ ଆଗ୍ରହ ଥିଲା। କିନ୍ତୁ ଏହା ଏତେ ସହଜ କଥା ନୁହେଁ ଜାଣିବା ପରେ ସେଭଳି ଆଶାକୁ ସେ ମନରୁ ପୋଛି ଦେଇଥିଲେ। କିନ୍ତୁ ପାଠପଢ଼ା ଶେଷହେବା ପରେ ତାଙ୍କ ମନରେ ପୁଣି ଥରେ ସେହି କଥା ଆସିଥିଲା। ହେଲେ ଏଥର ସେ ପଛଘୁଞ୍ଚା ଦେବାକୁ ଚାହିଁ ନ ଥିଲେ। ଶେଷରେ ନିଷ୍ପତ୍ତି ନେଇଥିଲେ ଯେ ଯେମିତି ହେଉନା କାହିଁକି ସେ ଘୋଡ଼ାଚଢ଼ା ଶିଖିବେ। ଏ ନେଇ ସେ କୁହନ୍ତି, 'ଘୋଡ଼ା ଚଢ଼ିବାକୁ ମୋର ପିଲାଦିନରୁ ଆଗ୍ରହ ଥିଲା। ହେଲେ ଏ ନେଇ ମନରେ ଭୟ ଆସିବା ପରେ ସେ କଥାକୁ ମନରୁ ପୋଛି ଦେଇଥିଲି। କିନ୍ତୁ ପାଠପଢ଼ା ଶେଷହେବା ପରେ ମୋର ପୁଣିଥରେ ଘୋଡ଼ା ଚଢ଼ିବାକୁ ଆଗ୍ରହ ହେଲା। ତେଣୁ କାଳ ବିଳମ୍ବ ନ କରି ଏ ନେଇ ଆଗେଇଥିଲି। ତା'ପରେ ମୁମ୍ବାଇସ୍ଥିତ ଆମାଚ୍ୟୁର ରାଇଡର ନାମକ ଏକ ପ୍ରାଇଭେଟ୍ ଘୋଡାଚଢ଼ା ପ୍ରଶିକ୍ଷଣ ସଂସ୍ଥା ସହ ଯୋଗାଯୋଗ କରିଥିଲି। ବାସ୍ ସେଠାରୁ ହିଁ ଘୋଡ଼ାଚଢ଼ା ଶିଖିଥିଲି।' ମଡେଲିଂ ଏବଂ ଆକ୍ଟିଂ ଦୁନିଆରେ ପାଦ ଦେବା ପୂର୍ବରୁ ଜ୍ୟାକ୍ଲିନ୍ ଶ୍ରୀଲଙ୍କାର ଏକ ଟିଭି ଚ୍ୟାନେଲରେ ରିପୋର୍ଟର ଭାବରେ କାମ କରିଥିଲେ। ଅଭିନୟ ସହ ଜଡ଼ିତ ରହିଥିଲେ ମଧ୍ୟ ତାଙ୍କର ଏକ ସ୍ୱେଚ୍ଛାସେବୀ ସଂସ୍ଥା ମଧ୍ୟ ରହିଛି।


ଜ୍ୟାକ୍ଲିନ୍

# ଡରକୁଳୀ ବାଣୀ

ବାଣୀ କପୁର ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ଯଦି ସେ ତାହାକୁ ଦେଖିବାକୁ ପାଇଲେ ତେବେ ତାଙ୍କ ଅବସ୍ଥା ନ କହିବା ଭଲ। ହେଲେ ତାହା କ'ଣ ଜାଣିବେନି ? ନିଜ ଛାଇ। ଏକଦା ଏକ ସନ୍ଧ୍ୟା ସମୟରେ ଇନ୍‌ଡୋର ଶୁଟିଂ ଚାଲିଥାଏ। ଏହି ସମୟରେ ସେ ଯେମିତି ପଛକୁ ଚାହିଁଦେଇଛନ୍ତି ତାଙ୍କର ଅକଲ ଗୁଡୁମ୍। ସେ ଶଟ୍ ଦେବେ କ'ଣ, ଚିତ୍କାର କରିଉଠିଲେ। କ'ଣ ପାଇଁ ତାଙ୍କର ଏଭଳି ଅବସ୍ଥା ହେଲା ଜାଣିବେନି ? ସେଦିନ ପଛକୁ ଚାହିଁବା ପରେ ସେ ନିଜ ଛାଇକୁ ଦେଖି ଡରିଯାଇଥିଲେ। ଏପରି କି ସେଦିନ ସେଥିପାଇଁ ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡ଼ିଥିଲା। ଏ ସମ୍ପର୍କରେ ବାଣୀ କୁହନ୍ତି, 'ସତକଥା ହେଲା ନିଜ ଛାଇ ଦେଖିଲେ ମୋତେ ଭାରି ଡର ଲାଗେ। ଥରେ ଏଥିପାଇଁ ମୁଁ ଅଭିନୟ କରିଥିବା ଏକ ସିନେମାର ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡ଼ିଥିଲା। କ୍ୟାମେରା ସାମ୍‌ନାକୁ ଯିବା ପରେ ମୁଁ ଟିକେ ପଛକୁ ଚାହିଁଦେଲି। ଆଉ ତା'ପରେ ମୁଁ ଡାଏଲଗ୍ କହିବି କ'ଣ ଭୟରେ ଚିତ୍କାର କରିଉଠିଲି। ଏହା ଦେଖି ନିର୍ଦ୍ଦେଶକ ଦଉଡ଼ି ଆସିଲେ। ହେଲେ ମୁଁ ମୋ ଛାଇକୁ ଦେଖି ଡରିଲି ବୋଲି କହିବା ପରେ ସେଠାରେ କିଛି ସମୟ ପାଇଁ ହାସ୍ୟରୋଳ ସୃଷ୍ଟି ହୋଇଥିଲା। ତା' ସହ ଶୁଟିଂ ମଧ୍ୟ କିଛି ସମୟ ବନ୍ଦ ରହିଥିଲା। ତା'ପରେ ମୁଁ ସାଧାରଣ ଅବସ୍ଥାକୁ ଆସି ଶଟ୍ ଦେଇଥିଲି।'


ବାଣୀ

# କିପରି କଟେ ଅବସର

ଛୋଟ ପରଦାରୁ ତାଙ୍କ ଅଭିନୟ ଜୀବନ ଆରମ୍ଭ। ହେଲେ ପାଠ ପଢ଼ିବା ସମୟରେ ସେ ନିଜକୁ ଜଣେ ମେଧାବୀ ଛାତ୍ରୀ ଭାବରେ ପରିଚିତ କରାଇ ପାରିଥିଲେ। ପରବର୍ତ୍ତୀ ସମୟରେ ଆକ୍ଟିଂକୁ କ୍ୟାରିୟର ଭାବେ ବାଛି ନେଇଛନ୍ତି। ସେ ହେଲେ ମୃଣାଳ ଠାକୁର। ମାସ୍ ମିଡିଆ କମ୍ୟୁନିକେଶନରେ ଡିଗ୍ରୀ ହାସଲ ମଧ୍ୟ କରିଛନ୍ତି। ପାଠ ପଢ଼ିବା ବେଳେ ଜଣେ ସାମ୍ବାଦିକା ହେବାକୁ ଆଶା ରଖିଥିଲେ। ଏ ବିଷୟରେ ମୃଣାଳ କୁହନ୍ତି, 'ଯେତେବେଳେ ମୁଁ ସାମ୍ବାଦିକତାରେ ଡିଗ୍ରୀ ହାସଲ କଲି ସେତେବେଳେ ଭବିଷ୍ୟତରେ ଜଣେ ସାମ୍ବାଦିକା ହେବାକୁ ମୋ ମନରେ ଆଶା ସୃଷ୍ଟି ହୋଇଥିଲା। ହେଲେ ସବୁ ଆଶା ତ ପୂରଣ ହୁଏନା। ତେଣୁ ମୋର ଏହି ସ୍ୱପ୍ନ କେବଳ ସ୍ୱପ୍ନରେ ହିଁ ରହିଯାଇଥିଲା। ତେବେ ଏ ନେଇ ଟିକେହେଲେ ମନ ଦୁଃଖ କରୁନାହିଁ। କାରଣ ଅଭିନୟରେ ମୁଁ ନିଜ ଦକ୍ଷତା ଦେଖାଇସାରିଛି।' ଅବସର ମିଳିଲେ ସେ ଡ୍ୟାନ୍ସ କରିବା, ଭଲ ଭଲ ମୁଭି ଦେଖିବା, ଦର୍ଶନୀୟ ସ୍ଥାନ ବୁଲି ଯିବା ଏପରି କି ଶପିଂ କରିବାକୁ ପସନ୍ଦ କରିଥାଆନ୍ତି। ବଲିଉଡ୍‌ରେ ତାଙ୍କର ଫେଭରାଇଟ୍ ଅଭିନେତା ହେଉଛନ୍ତି ସଲ୍‌ମାନ ଖାଁ। ତାଙ୍କ ଅଭିନୀତ ପ୍ରତିଟି ଫିଲ୍ମ ସେ ଦେଖିସାରିଛନ୍ତି। ମୃଣାଳ ସବୁବେଳେ ନନ୍‌ଭେଜ୍ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି।


ମୃଣାଳ

# ଅତୀତରୁ

▶▶ପଞ୍ଚସଖା ପିକ୍ଚର୍ସ, କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ମାଣିକଯୋଡ଼ି'। ଧୀରେନ୍ଦ୍ର ନାଥ ବିଶ୍ୱାଳଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଥିଲେ ପ୍ରଭାତ ମୁଖାର୍ଜୀ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସଙ୍ଗୀତକାର ବାଳକୃଷ୍ଣ ଦାଶ। ସାମୁଏଲ ସାହୁ (ବାବି), ଡା. ସୁଖଲତା ଦାସ, ଯତିନ ଦାସ, ଅକ୍ଷୟ ମହାନ୍ତି (କାଶ୍ୟପ) ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

▶▶ସୌମେନ୍ଦ୍ର ମିଶ୍ରଙ୍କ ପ୍ରଯୋଜିତ ଏବଂ ପ୍ରଫୁଲ୍ଲ ସେନ୍‌ଗୁପ୍ତଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ସୂର୍ଯ୍ୟମୁଖୀ'ର ଗୀତଗୁଡିକୁ ସ୍ୱର ଦେଇଥିଲେ ଶାନ୍ତନୁ ମହାପାତ୍ର। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ସୌମେନ୍ଦ୍ର, ମିନତି, ଅନନ୍ତ ଏବଂ ସୁଖଲତା ପ୍ରମୁଖ କଳାକାର।

▶▶ଓଡ଼ିଆ ଚିତ୍ର 'ଜୀବନସାଥୀ'ର ପ୍ରଯୋଜନା କରିଥିଲେ ଶ୍ରୀନିବାସ ପାଇକରାୟ। ପ୍ରଭାତ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଶରତ ପୂଜାରୀ, ସାମୁଏଲ ସାହୁ (ବାବି), ଗୀତା ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା।

▶▶ଅମର ଗାଙ୍ଗୁଲିଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ର 'ଅଭିନେତ୍ରୀ'ର ପ୍ରଯୋଜନା କରିଥିଲେ ବାବୁଲାଲ ଦୋଷୀ। ଉମାକାନ୍ତ, ଝରଣା ଦାସ, ରଜନୀକାନ୍ତ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

▶▶ସୁପରହିଟ୍ ଓଡ଼ିଆ ସିନେମା 'କିଏ କାହାର'ର ନିର୍ଦ୍ଦେଶନା ଦେଇଥିଲେ ନିତାଇ ପାଲିତ୍। ଶରତ ପୂଜାରୀ, ସୌଦାମିନୀ, ଭାନୁମତି ଏବଂ ଲୀଳା ଦୁଲାରିଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଅକ୍ଷୟ ମହାନ୍ତିଙ୍କ ସ୍ୱରାୟିତ ଗୀତଗୁଡ଼ିକ ମଧ୍ୟ ଶ୍ରୋତାଦୃତ ହୋଇଥିଲା।

# କେବଳ ସଲ୍ଲୁ


କ୍ୟାଟ୍ରିନା

କ୍ୟାଟ୍ରିନାଙ୍କ ମୁହଁରେ ଏବେ ଜଣଙ୍କର ପ୍ରଶଂସା। ଯୁଆଡ଼େ ଗଲେ ତାଙ୍କ ବିଷୟରେ କିଛି ବଖାଣିବାକୁ ଭୁଲୁନାହାନ୍ତି ଏହି ଅଭିନେତ୍ରୀ ଜଣକ। ହେଲେ ସେ ଏମିତି କାହାର ପ୍ରଶଂସା କରୁଛନ୍ତି ତାକୁ ନେଇ ଏତେ ଚର୍ଚ୍ଚା। କଥା କ'ଣ କି, କ୍ୟାଟ୍ରିନା କୈଫ୍ ବର୍ତ୍ତମାନ ସଲ୍‌ମାନ ଖାଁଙ୍କ ପ୍ରଶଂସାରେ ଶତମୁଖ। କେମିତି ବା ପ୍ରଶଂସା କରିବେନାହିଁ କହୁନାହାନ୍ତି ? ନିକଟରେ ଏହି ଯୋଡ଼ିକୁ ନେଇ ନିର୍ମିତ 'ଟାଇଗର-୩' ରିଲିଜ୍ ହୋଇଛି। ପୁଣି ସିନେମାଟି ବକ୍ସ ଅଫିସ୍‌ରେ ଆଶାନୁରୂପ ବିଜ୍‌ନେସ୍ କରୁଛି। ପୁଣି ଶୁଣିବାକୁ ମିଳୁଛି ଯେ, ଏହାର ସିକୁଏଲ-୪ ନିର୍ମାଣ କରିବାକୁ ସଲ୍‌ମାନ ଯୋଜନା କରୁଛନ୍ତି। ସବୁଠାରୁ ଖାସ୍‌କଥା ହେଲା, ଏଥର ମଧ୍ୟ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ କ୍ୟାଟ୍ରିନା। ଏ ବିଷୟରେ ସୂଚନା ପାଇବା ପରେ ସେ କେମିତି ଥୟଧରି ବସନ୍ତେ ? ଅବଶ୍ୟ ଏ କଥା ଅଫିସିଆଲି ଘୋଷଣା କରାଯାଇନାହିଁ, ହେଲେ ବେଳେବେଳେ ଶୁଣାକଥା ସତରେ ପରିଣତ ହୋଇଥାଏ। ଏ ନେଇ କ୍ୟାଟ୍ରିନା କୁହନ୍ତି, 'ମୋର ଦୃଢ଼ ବିଶ୍ୱାସ ଯଦି ସଲ୍ଲୁଜୀ 'ଟାଇଗର-୪' ନିର୍ମାଣ କରନ୍ତି, ତେବେ ମୋତେ ନିଶ୍ଚୟ କାଷ୍ଟିଂରେ ନେବେ। ସତକଥା କହିବାକୁ ଗଲେ ବଡ଼ ସ୍କ୍ରିନ୍ ଉପରେ ତାଙ୍କ ସହ ମୋ କେମେଷ୍ଟ୍ରି ସବୁବେଳେ ଦର୍ଶକଙ୍କୁ ପ୍ରଭାବିତ କରିଆସିଛି। ଏ ନେଇ ମୁଁ ତାଙ୍କୁ ଏବଂ ଦର୍ଶକଙ୍କୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।' ତେବେ କ୍ୟାଟ୍ରିନାଙ୍କ ଏହି ଆଶା କେତେ ପୂରଣ ହେଉଛି ତାହା ଆଗାମୀ ସମୟ ହିଁ କହିବ।

# ମାତ୍ର ୬

ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ନିଜ କ୍ୟାରିୟରକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲେ। ହେଲେ ହେଲା କ'ଣ ? ବଡ଼ ବ୍ୟାନରରେ ସିନା ବ୍ରେକ୍ ପାଇଲେ, ହେଲେ ପରବର୍ତ୍ତୀ ସମୟରେ ପ୍ରଯୋଜକମାନଙ୍କର ଶୁଭଦୃଷ୍ଟି ତାଙ୍କ ଉପରେ ପଡ଼ିଲାନାହିଁ। ଦେଖୁନାହାନ୍ତି, ୨୦୧୯ରେ ତାଙ୍କର ହିନ୍ଦୀ ସିନେମା ଯାତ୍ରା ଆରମ୍ଭ ହୋଇଥିଲା। ଆଉ ଚଳିତ ବର୍ଷ ଭିତରେ ତାଙ୍କ ଅଭିନୀତ ସିନେମା ସଂଖ୍ୟା ଦୁଇଅଙ୍କ ସ୍ପର୍ଶ କଲାନାହିଁ। ଏପର୍ଯ୍ୟନ୍ତ ସେ ମାତ୍ର ଛଅଟି ସିନେମାରେ ଅଭିନୟ କରିଛନ୍ତି। ହଁ, ସେହି ଅଭିନେତ୍ରୀ ଜଣକ ହେଉଛନ୍ତି ତାରା ସୁଟାରିଆ। କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨'ରେ ତାଙ୍କୁ ବ୍ରେକ୍ ମିଳିଥିଲା। ଏପର୍ଯ୍ୟନ୍ତ ସେ ଅଭିନୟ କରିଥିବା ଅନ୍ୟ ଫିଲ୍ମଗୁଡ଼ିକ ହେଉଛି-'ମର୍‌ଜାଓଁ', 'ତଡପ୍', 'ହେରୋପନ୍ତୀ-୨', 'ଏକ ଭିଲେନ୍ ରିଟର୍ନ୍ସ' ଏବଂ 'ଅପୂର୍ବା'। ହେଲେ ଏବେ ବୁଝି ହେଲେଣି। କୌଣସି ନୂଆ ଅଫର ପାଇବା ମାତ୍ରେ ତାହାକୁ ଭଲଭାବରେ ତର୍ଜମା କରୁଛନ୍ତି। ଏପରି ଚିନ୍ତାଧାରା ପାଇଁ ବେଶ୍ କେତୋଟି ଅଫର ତାଙ୍କ ହାତରୁ ଖସିଯାଇଛି। ହେଲେ ତାହାକୁ ନେଇ ମନ ଦୁଃଖ କରୁନାହାନ୍ତି। ନିଜ କ୍ୟାରିୟର ସମ୍ପର୍କରେ ସେ କୁହନ୍ତି ; 'ଆକ୍ଟିଂ ଏପରି ଏକ ଲାଇନ୍, ଯେଉଁଥିପାଇଁ ବେଶ୍ ସତର୍କ ହେବାକୁ ପଡ଼ିବ। ଏକାଥରେ ଦୁଇଚାରୋଟି ସିନେମାରେ ଅଭିନୟ କରିବା ପୁଣି ସେଗୁଡିକ ବକ୍ସ ଅଫିସ୍‌ରେ ଫ୍ଲପ୍ ହେବା- କ୍ୟାରିୟର ପାଇଁ ଆଦୌ ଶୁଭପ୍ରଦ ନୁହେଁ। ତେଣୁ ମୁଁ ସ୍ଥିର କରିଛି, ଦେଖିଚାହିଁ ଫିଲ୍ମ ସାଇନ୍ କରିବି।' ତେବେ ତାରାଙ୍କ ଏଭଳି ଯୋଜନା ତାଙ୍କ କ୍ୟାରିୟରକୁ କେଉଁ ମୋଡ଼ ଦେଉଛି ତାହା ଦେଖିବାକୁ ବାକି ରହିଲା।


ତାରା

ଶୁଟିଂ ଚାଲିଛି

# ଶ୍ରୀଜଗନ୍ନାଥଙ୍କ ନବକଳେବର

ଓଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ପ୍ରଯୋଜିକା ବିନ୍ନି ସାମଲଙ୍କ ପ୍ରଯୋଜନାରେ ନିର୍ମିତ ହେଉଛି ଓଡ଼ିଆ ଫିଲ୍ମ 'ଶ୍ରୀଜଗନ୍ନାଥଙ୍କ ନବକଳେବର'। ଖାସ୍‌କଥା ହେଲା, ଏହି ପୌରାଣିକ ଚିତ୍ରର ନିର୍ଦ୍ଦେଶନାଭାର ମଧ୍ୟ ସେ ସମ୍ଭାଳିଛନ୍ତି। ଏହାର ପ୍ରାୟ ଅର୍ଦ୍ଧାଧିକ ଶୁଟିଂ ଶେଷହୋଇଛି ଏବଂ ଅବଶିଷ୍ଟ ଶୁଟିଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲୁରହିଛି। ଏ ସମ୍ପର୍କରେ ବିନ୍ନି କୁହନ୍ତି, 'ସେ ହେଉଛନ୍ତି ଜଗତର ନାଥ। ତାଙ୍କ ବିନା କିଛି ବି ସମ୍ଭବ ନୁହେଁ। ସମଗ୍ର ବିଶ୍ୱର ସେ ଠାକୁର। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କଥାବସ୍ତୁକୁ ମୁଁ ଓଡ଼ିଆ ସିନେମାର ରୂପ ଦେଉଛି। ତାଙ୍କ ଆଶୀର୍ବାଦରୁ ଏସବୁ ସମ୍ଭବ ହୋଇଛି। ଏହା ମୋ ପାଇଁ ଏକ ଚ୍ୟାଲେଞ୍ଜ୍। ହେଲେ ଜଗନ୍ନାଥଙ୍କ ଆଶୀର୍ବାଦରୁ ମୋର ଏହି ଯାତ୍ରା ସଫଳ ହେବ ବୋଲି ଆଶା ରଖିଛି।' ଅନ୍ୟପକ୍ଷରେ ଏହାପୂର୍ବରୁ ସେ ପ୍ରଯୋଜନା କରିଥିବା ଥିଏଟର ନାଟକ 'ନବକଳେବର' ବେଶ୍ ଦର୍ଶକାଦୃତ ହୋଇସାରିଛି। ଏହି ଫିଲ୍ମର କାହାଣୀ, ଚିତ୍ରନାଟ୍ୟ ତଥା ସଂଳାପ ରଚନା କରିଛନ୍ତି ବିଶିଷ୍ଟ ସଂଳାପକାର ଶଙ୍କର ତ୍ରିପାଠୀ। ସାଇ ଶ୍ରଦ୍ଧା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହେଉଥିବା ଏହି ତୃତୀୟ ଫିଲ୍ମର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି ସିଦ୍ଧାନ୍ତ ମହାପାତ୍ର, ଜ୍ୟୋତି ନାୟକ, ଶ୍ରୀତମ୍ ଦାସ, ଦେବୁ ପଟ୍ଟନାୟକ, ଅଶ୍ରୁମୋଚନ ମହାନ୍ତି, କୁନା ତ୍ରିପାଠୀ, ଶିବାନୀ ସଙ୍ଗୀତା, ସୂର୍ଯ୍ୟମୟୀ ଏବଂ ଋଷି ପଟ୍ଟନାୟକ, କେଦାର ମିଶ୍ର ଏବଂ ବିନ୍ନି ସାମଲ ପ୍ରମୁଖ କଳାକାର। ମଳୟ ମିଶ୍ର ସଙ୍ଗୀତ ଦାୟିତ୍ୱ ତୁଲାଉଥିବା ବେଳେ କୋରିଓଗ୍ରାଫି କରିବେ ବିଶିଷ୍ଟ କୋରିଓଗ୍ରାଫର ବବି ଇସ୍‌ଲାମ।


ଶିବାନୀ

# ନବୀନ ଯାହା ଖୋଜୁଥିଲେ...

କଥାରେ ଅଛି-ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ନବାଗତ ନବୀନ ଯାହା ଖୋଜୁଥିଲେ ତାହା କେମିତି ତାଙ୍କୁ ମିଳିଯାଇଛି। କଥା କ'ଣ କି, ନିର୍ମାଣାଧୀନ ଓଡ଼ିଆ ସିନେମା 'ଅନ୍ଧପୁଟୁଳି'ରେ ସେ ନାୟକ ସାଜିଛନ୍ତି। ଆଉ ଏଥିରେ ତାଙ୍କୁ ମିଳିଛି ନିଜର ମନଲାଖୀ ଭୂମିକାଟିଏ। ବେଳେବେଳେ ନିଜର ଦୋଷତ୍ରୁଟି ଦେଖି କହନ୍ତି-'ଆରେ, ତୋ ଆଖିକୁ ଦେଖାଯାଉନି କି ? ଆଖି ଥାଇ ଅନ୍ଧ ଭଳି କାମ କରୁଛୁ ମଧ୍ୟ ସେ ନ ଦେଖିଲା ପରି ହୁଏ। ସବୁ ଜାଣି ଯିଏ ଭୁଲ୍ କରେ ଆଉ ନିଜ ଦୋଷକୁ ମାନିବାକୁ ତୟାର ହୁଏନା। ଆଉ ତା'ପରେ ପରିସ୍ଥିତି କ'ଣ ହୁଏ ତାହା କହିବା ଅନାବଶ୍ୟକ। ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଆଧାରକରି ନିର୍ମିତ ହେଉଛି ଏହି ଫିଲ୍ମ। ଅନୀତା ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହାର ଶୁଟିଂ ଚାଲୁ ରହିଛି। ଅନୀତା ମହାନ୍ତିଙ୍କର କାହାଣୀକୁ ଆଧାର କରି ସଂଳାପ ଏବଂ ଚିତ୍ରନାଟ୍ୟ ରଚନା କରିଛନ୍ତି ସୁରେନ୍ଦ୍ର ପୁଷପାଳକ। ନିର୍ଦ୍ଦେଶନାର ହଟ୍ ସିଟ୍‌ରେ ବସିବେ 'ଘୋ ଘୋ ରାନୀ' ଫିଲ୍ମର ନିର୍ଦ୍ଦେଶକ ବାପି ମିଶ୍ର। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ରଜତ୍ ମିଶ୍ର। ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି ନବୀନ, ସୁଶ୍ରୀ, ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ବିକାଶ ଦାସ, ବିନାୟକ ମିଶ୍ର, ଲୋପାମୁଦ୍ରା, ସୁଶୀଲ ମିଶ୍ର ପ୍ରମୁଖ କଳାକାର।


ନବୀନ-ସୁଶ୍ରୀ

# ନାବାର୍ଡ ଦ୍ୱାରା ପ୍ରଦତ୍ତ କ୍ଷୁଦ୍ର ଋଣ ବିତରଣ କ୍ଷେତ୍ରରେ ଓଡ଼ିଶା ପ୍ରଥମ ସ୍ଥାନରେ: ଗର୍ଗ

**ଭୁବନେଶ୍ୱର, ୬।୧୨(ସୁନିତ ମିଶ୍ର):** ରାଜ୍ୟର ଗ୍ରାମୀଣ ଭିତ୍ତିଭୂମିର ସର୍ବାଙ୍ଗୀନ ବିକାଶ ନିମନ୍ତେ ଏକ ଉଚ୍ଚ ଦକ୍ଷତାସମ୍ପନ୍ନ ବୈଠକ ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୨୦୨୦ ପରଠାରୁ ନାବାର୍ଡ ଦ୍ୱାରା ପ୍ରଦତ୍ତ କ୍ଷୁଦ୍ର ଋଣ ବିତରଣ କ୍ଷେତ୍ରରେ ସାରା ଦେଶରେ ଓଡ଼ିଶା ପ୍ରଥମ ସ୍ଥାନରେ ଅଛି ବୋଲି ଗର୍ଗ କହିଛନ୍ତି। ଆଗାମୀ ଦିନରେ ରାଜ୍ୟର ଗ୍ରାମୀଣ ଭିତ୍ତିଭୂମିର ସୁଦୃଢ଼ୀକରଣ ନିମନ୍ତେ ଉଚ୍ଚ ଦକ୍ଷତାସମ୍ପନ୍ନ କମିଟି ନାବାର୍ଡ ମାଧ୍ୟମରେ ୨ ହଜାର କୋଟି ଟଙ୍କା ମୂଲ୍ୟର ୮୮୩ଟି ନୂଆ ପ୍ରକଳ୍ପ ମଞ୍ଜୁର କରାଇବା ପାଇଁ ସୁପାରିସ କରିଛନ୍ତି। ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ, କୃଷି ଓ କୃଷକ ସଶକ୍ତୀକରଣ, ପୂର୍ତ୍ତ, ଅର୍ଥ, ଗ୍ରାମ୍ୟ ଉନ୍ନୟନ, ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ସମବାୟ ବିଭାଗର କମିଶନରଙ୍କ ସମେତ ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

# ପ୍ରଭାତ କୁମାର ମହାପାତ୍ର ଓ ବିଦ୍ୟୁତ୍ କୁମାର ଦାସ ପାଇବେ 'ବିଜୁ ପଟ୍ଟନାୟକ ପୁରସ୍କାର'

## ୨ବର୍ଷର ଓଡ଼ିଶା ବିଜ୍ଞାନ ଏକାଡେମୀ ପୁରସ୍କାର ଘୋଷିତ

**'ସାମନ୍ତ ଚନ୍ଦ୍ରଶେଖର ବୈଜ୍ଞାନିକ ପୁରସ୍କାର', 'ଓଡ଼ିଶା ଯୁବ ବୈଜ୍ଞାନିକ ପୁରସ୍କାର', 'ପ୍ରାଣକୃଷ୍ଣ ପରିଜା ପୁରସ୍କାର' ସହ ବୈଜ୍ଞାନିକ ସମ୍ବର୍ଦ୍ଧନା ଘୋଷଣା**

**ଭୁବନେଶ୍ୱର, ୬।୧୨(ଅନୁରାଧା ମହାରଣା)**

ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରି ବିଭାଗର ଅନୁମୋଦନକ୍ରମେ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ଦୁଇବର୍ଷ ପାଇଁ ବିଭିନ୍ନ ପୁରସ୍କାର ଘୋଷଣା କରାଯାଇଛି। ୨୦୨୧ ମସିହା ପାଇଁ ସମ୍ବଲପୁରର ବିଶିଷ୍ଟ ଜୀବବିଜ୍ଞାନୀ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଓ ୨୦୨୨ ପାଇଁ କଟକ ଏସ୍‌ସିବି ମେଡିକାଲ କଲେଜର ପ୍ରଫେସର ବିଦ୍ୟୁତ୍ କୁମାର ଦାସଙ୍କୁ 'ବିଜୁ ପଟ୍ଟନାୟକ ପୁରସ୍କାର' ପ୍ରଦାନ କରାଯିବ। ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ୨ ଲକ୍ଷ ଟଙ୍କା ଅର୍ଥରାଶି ସହିତ ରୌପ୍ୟ ପଦକ, ଉପଢୌକନ, ପ୍ରଶସ୍ତି ପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯିବ।

ସେହିପରି 'ସାମନ୍ତ ଚନ୍ଦ୍ରଶେଖର ବୈଜ୍ଞାନିକ ପୁରସ୍କାର', 'ଓଡ଼ିଶା ଯୁବ ବୈଜ୍ଞାନିକ ପୁରସ୍କାର', 'ପ୍ରାଣକୃଷ୍ଣ ପରିଜା ପୁରସ୍କାର' ସହ ବୈଜ୍ଞାନିକ ସମ୍ବର୍ଦ୍ଧନା ଘୋଷଣା କରାଯାଇଛି। ୨୦୨୧ ପାଇଁ ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଫେସର ହୃଦୟନାଥ ଥାଟୋଇ, ଭୁବନେଶ୍ୱରସ୍ଥିତ ସିଏସ୍‌ଆଇଆର୍‌ର ପ୍ରମୁଖ ବୈଜ୍ଞାନିକ ଡ. ବିକାଶ କୁମାର ଜେନା, ଭୁବନେଶ୍ୱରର ଡ. ଅଶୋକ କୁମାର ସାହୁ ଓ ରୁର୍କି ଆଇଆଇଟିର ପ୍ରଫେସର ଡ. ନାରାୟଣ ପ୍ରସାଦ ପାଢ଼ୀ ଏବଂ ୨୦୨୨ ପାଇଁ ଓୟୁଏଟିର ପ୍ରଫେସର ରମେଶ ଚନ୍ଦ୍ର ପାତ୍ର, ସିଏସ୍‌ଆଇଆର୍‌ର ଡ. ଭାଗ୍ୟଧର ଭୋଇ ଓ ରୁର୍କିସ୍ଥିତ ସେଣ୍ଟ୍ରାଲ ବିଲ୍ଡିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରଫେସର ଦେବୀପ୍ରସନ୍ନ କାନୁନ୍‌ଗୋଙ୍କୁ 'ସାମନ୍ତ ଚନ୍ଦ୍ରଶେଖର ବୈଜ୍ଞାନିକ ପୁରସ୍କାର' ମିଳିବ। ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। 'ଓଡ଼ିଶା ଯୁବ ବୈଜ୍ଞାନିକ ପୁରସ୍କାର' ବର୍ଗରେ ୨୦୨୧ ପାଇଁ ଡ. ବାସୁଦେବ କର(ଖୋର୍ଦ୍ଧା), ଡ. ସ୍ୱାଗତିକା ଦାଶ(ଭୁବନେଶ୍ୱର), ଡ. ବିଷ୍ଣୁପ୍ରସାଦ ବିଶ୍ୱାଳ(ନାଇଜର) ଏବଂ ୨୦୨୨ ପାଇଁ ଗବେଷକ ଡ. ସୌମ୍ୟରଞ୍ଜନ ଜେନା, ବାରିପଦା ଏମ୍‌ପିସି କଲେଜର ଡ. ଉତ୍ତମ କୁମାର ପାଣିଗ୍ରାହୀ, ଭୁବନେଶ୍ୱର ଆଇଆଇଟିର ଡ. ସୌମ୍ୟ ପ୍ରକାଶ ଦାଶ ଓ ଭୁବନେଶ୍ୱରର ଡ. ରେଖା ବିଶ୍ୱାଳ ପୁରସ୍କୃତ ହେବେ। ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ଲୋକପ୍ରିୟ ବିଜ୍ଞାନ ପୁସ୍ତକର ଲେଖକ ବର୍ଗରେ ୨୦୨୧ ପାଇଁ ଅରୁଣ କୁମାର ପାତ୍ର ଓ ଡ. ଅସିତ୍ କୁମାର ସ୍ୱାଇଁ ଏବଂ ୨୦୨୨ ପାଇଁ କାର୍ତ୍ତିକ ସ୍ୱାଇଁ ଓ ଡ. ଶୁଭେନ୍ଦୁ ପଟ୍ଟନାୟକଙ୍କୁ 'ପ୍ରାଣକୃଷ୍ଣ ପରିଜା ପୁରସ୍କାର' ପୁରସ୍କାର ପ୍ରଦାନ ପୂର୍ବକ ୨୫ ହଜାର ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯିବ। ବରିଷ୍ଠ ବୈଜ୍ଞାନିକ ଭାବରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୨୧ ମସିହା ପାଇଁ ଡ. ସୁବାସିନୀ ଲେଙ୍କା, ଡ. ନିଖିଳାନନ୍ଦ ପାଣିଗ୍ରାହୀ, ପ୍ରଫେସର ଗଣପତି ପଣ୍ଡା, ଡ. ଧୀରେନ୍ଦ୍ର କୁମାର ଦାସ, ଡ. ରାମଚନ୍ଦ୍ର ମହାନ୍ତି ଏବଂ ୨୦୨୨ ମସିହା ପାଇଁ ଡ. ସୁବୋଧ କୁମାର ସାହୁ, ଡ. ବିଜୟକେତନ ପଟ୍ଟନାୟକ, ପ୍ରଫେସର ଶିବ ପ୍ରସାଦ ଅଧିକାରୀ, ପ୍ରଫେସର ସତ୍ୟବାନ ଜେନା ଓ ଡ. ମନୋରଞ୍ଜନ କରଙ୍କୁ ସମ୍ବର୍ଦ୍ଧନା ଦିଆଯିବ। ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ସମାବେଶରେ ଏସବୁ ପୁରସ୍କାର ଓ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି ବୁଧବାର ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।





























































ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୭/୨୦୨୩ Bhubaneswar, Thursday, December 7/ 2023

# ଇଂଲଣ୍ଡ ୩୮ ରନରେ ବିଜୟୀ

**ମୁମ୍ବାଇ, ୬।୧୨**

ଶେଫାଳି ବର୍ମାଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଭାରତ ବୁଧବାର ଏଠାରେ ଅନୁଷ୍ଠିତ ପ୍ରଥମ ମହିଳା ଟି୨୦ କ୍ରିକେଟ ମ୍ୟାଚରେ ଇଂଲଣ୍ଡଠାରୁ ୩୮ ରନରେ ହାରି ଯାଇଛି। ଇଂଲଣ୍ଡ ୨୦ ଓଭରରେ ୬ ଉଇକେଟ ହରାଇ ୧୯୭ ରନ କରିଥିବାବେଳେ ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ୧୫୯ ରନ କରିବାକୁ ସକ୍ଷମ ହୋଇଥିଲା। ଭାରତ ପକ୍ଷରୁ ଶେଫାଳି ସର୍ବାଧିକ ୫୨ ଓ ଅଧିନାୟିକା ହରମନପ୍ରୀତ କୌର ୨୬ ରନ କରିଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ସୋଫି ଏକଲେଷ୍ଟୋନ ୩ଟି ଏବଂ ନାଟ୍ ସ୍କିଭର-ବ୍ରଣ୍ଟ, ଫ୍ରେୟା କେମ୍ପ ଓ ସାରା ଗ୍ଲେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବିଜୟ ଫଳରେ ଇଂଲଣ୍ଡ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।

## ମହିଳା ଟି୨୦

ଟସ୍ ଜିତି ଇଂଲଣ୍ଡ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଭାରତର ରେଣୁକା ସିଂ ଚମତ୍କାର ବୋଲିଂ କରି ଇନିଂସର ପ୍ରଥମ ଓଭରରେ ଇଂଲଣ୍ଡକୁ ଡବଲ ଝଟ୍‌କା ଦେଇଥିଲେ। ତେବେ ଡାନି ୱାଟ୍ଟ ଓ ନାଟ୍ ସ୍କିଭର-ବ୍ରଣ୍ଟ ଦ୍ରୁତ ହାରରେ ରନ ସଂଗ୍ରହ କରି ତୃତୀୟ ଉଇକେଟରେ ୮୭ ବଲ୍‌ରୁ ୧୩୮ ରନର ଭାଗୀଦାରି ଗଢ଼ିବାରୁ ଇଂଲଣ୍ଡ ବଡ଼ ସ୍କୋର ଆଡ଼କୁ ମୁହାଁଇଥିଲା। ୱାଟ୍ଟ ୪୭ ବଲ୍‌ରୁ ୭୫ (୮ ଚୌକା, ୨ ଛକା) ଓ ବ୍ରଣ୍ଟ ୫୩ ବଲ୍‌ରୁ ୭୭ (୧୩ ଚୌକା) ରନ କରି ଇଂଲଣ୍ଡ ଇନିଂସ ଗଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଶେଷ ଭାଗରେ ଆମି ଜୋନ୍ସ ୯ ବଲ୍‌ରୁ ୨୩ (୩ ଚୌକା, ୧ ଛକା) ରନର ମୂଲ୍ୟବାନ ଇନିଂସ ଖେଳିଥିଲେ। ଭାରତ ପକ୍ଷରୁ ରେଣୁକା ସିଂ ୩ଟି, ଶ୍ରେୟଙ୍କା ପାଟିଲ ୨ଟି ଓ ସାଇକା ଇଶାକ ଗୋଟିଏ ଉଇକେଟ ନେଇଥିଲେ। ଏହି ମ୍ୟାଚରେ ଭାରତର ସାଇକା ଇଶାକ ଓ ଶ୍ରେୟଙ୍କା ପାଟିଲ ଟି୨୦ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ଉଭୟ ଖେଳାଳି ଡେବ୍ୟୁ ମ୍ୟାଚରେ ଉଇକେଟ ନେବାରେ ସକ୍ଷମ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୨୦ ଓଭରରେ ୧୯୭/୬ (ନାଟ୍ ସ୍କିଭର ବ୍ରଣ୍ଟ-୭୭, ଡାନି ୱାଟ୍ଟ-୭୫, ରେଣୁକା ସିଂ-୩/୨୭, ଶ୍ରେୟଙ୍କା ପାଟିଲ-୨/୪୪, ସାଇକା ଇଶାକ-୧/୧.୩୮)। ଭାରତ ୨୦ ଓଭରରେ ୧୫୯/୬ (ଶେଫାଳି ବର୍ମା-୫୨, ସୋଫି ଏକଲେଷ୍ଟୋନ-୩/୧୫)।



ଟି୨୦ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ସାଇକା ଇଶାକ ଓ ଶ୍ରେୟଙ୍କା ପାଟିଲ।



ଶଟ୍ ଖେଳିବା ଅବସରରେ ନାଟ୍ ସ୍କିଭର-ବ୍ରଣ୍ଟ।

# ଟି୨୦: ରବି ବିଷ୍ଣୋଇ ନଂ.୧

**ଦୁବାଇ,୬।୧୨(ପି.ଟି.)**

ଯୁବ ଭାରତୀୟ ଲେଗ୍ ସ୍ପିନର ରବି ବିଷ୍ଣୋଇ ବୁଧବାର ଟି୨୦ ବୋଲିଂ ର୍‌ୟାଙ୍କିଂରେ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ ସହ ସେ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ୨୩ ବର୍ଷୀୟ ବିଷ୍ଣୋଇ ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୯ ଉଇକେଟ ନେଇଥିଲେ। ୬୯୯ ରେଟିଂ ପଏଣ୍ଟ ଅର୍ଜନ କରିଥିବା ବିଷ୍ଣୋଇ ୫ଟି ସ୍ଥାନ ଉପରକୁ ଉଠି ଏକ ନମ୍ବର ସ୍ଥାନରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ୬୯୨ ରେଟିଂ ପଏଣ୍ଟ ସହିତ ଆଫଗାନିସ୍ତାନ ସ୍ପିନର ରଶିଦ୍ ଖାନ୍ ଦୁଇ ନମ୍ବର ସ୍ଥାନରେ ରହିଛନ୍ତି। ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା ଓ ଇଂଲଣ୍ଡର ଆଦିଲ୍ ରଶିଦ୍ ୬୭୯ ପଏଣ୍ଟ ସହିତ ଯୁଗ୍ମ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟତମ ଶ୍ରୀଲଙ୍କା ବୋଲର ମହୀଷ ଥିକ୍‌ସାନା ୬୭୭ ପଏଣ୍ଟ ହାସଲ କରି ଟପ୍-୫ରେ ସାମିଲ ଅଛନ୍ତି। ଏହା ସହିତ ବୋଲିଂ ତାଲିକାର ଟପ୍ ଟେନ୍ ମଧ୍ୟରେ ଏକମାତ୍ର ଭାରତୀୟ ଭାବରେ ବିଷ୍ଣୋଇ ସ୍ଥାନ ପାଇଛନ୍ତି। ଅନ୍ୟତମ ଭାରତୀୟ ବୋଲର ଅକ୍ଷର ପଟେଲ ୯ଟି ସ୍ଥାନ ଉପରକୁ ଉଠି ୧୮ ନମ୍ବର ସ୍ଥାନରେ ରହିଛନ୍ତି।

ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ସୂର୍ଯ୍ୟକୁମାର ଯାଦବ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ଋତୁରାଜ ଗାଏକ୍ୱାଡ ଗୋଟିଏ ସ୍ଥାନ ତଳକୁ ଖସି ସପ୍ତମ ସ୍ଥାନରେ ପହଞ୍ଚିଛନ୍ତି।

## ଜନ୍ମଦିନ ବିଶେଷାଙ୍କ

## ଧରିତ୍ରୀ 50

ଧରିତ୍ରୀର ୫୦ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ। ଏଥିରେ ଧରିତ୍ରୀର ୫୦ ବର୍ଷର ଯାତ୍ରାପଥରେ ବିଭିନ୍ନ ଉଲ୍ଲେଖନୀୟ ଘଟଣାର ଫଟୋଚିତ୍ର ସମେତ ଦାରୁଦିଅଁଙ୍କ ୫୦ ନୀତି, ୫୦ ମିଠାପିଠା, ଅନୁସରଣୀୟ ୫୦ ବ୍ୟକ୍ତିତ୍ୱ, ଓଡ଼ିଶାର ୫୦ ଜନଜାତି, ପର୍ଯ୍ୟଟନର ୫୦ ଆକର୍ଷଣ, ଓଡ଼ିଆ ସାହିତ୍ୟରେ ଛାପ ଛାଡ଼ିଥିବା ୫୦ ବହି, ୫୦ ଆମ ଖେଳ ଓ ଖେଳାଳି, ୫୦ ଲୋକପ୍ରିୟ ଓଡ଼ିଆ ସିନେମା ଗୀତ ସହ ୧୯୭୪ରୁ ୨୦୨୩ ମସିହା ମଧ୍ୟରେ ଧରିତ୍ରୀର ପୃଷ୍ଠା ମଣ୍ଡନ କରିଥିବା ବହୁ ପ୍ରବୀଣ ଲେଖକଙ୍କ ଗୃହୀତ ଗଳ୍ପ, କବିତା ଓ ପ୍ରବନ୍ଧକୁ ନେଇ ଏହି ସଂଖ୍ୟା ସମୃଦ୍ଧ। ଏଥିସହ ବିଶିଷ୍ଟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର କଳାକୃତିରେ ପୁଷ୍ଟ ଏହି ବିଶେଷାଙ୍କର ପ୍ରଚ୍ଛଦ।

**ମୂଲ୍ୟ:୧୦୦**

**ଯୋଗାଯୋଗ- ଭୁବନେଶ୍ୱର:** ସମୀର ରଞ୍ଜନ ପରିଡ଼ା- ୯୮୫୩୯୮୯୮୫୬
**(କଟକ ସହର,ଖୋର୍ଦ୍ଧା,ପୁରୀ):**
ଅରବିନ୍ଦ ପାଠୀ -୭୦୦୮୯୫୦୪୨୫
**କଟକ ସଦର:**ପ୍ରମୋଦ ନାୟକ - ୮୨୪୯୨୯୦୩୭୨
**ବାଲେଶ୍ୱର:** ଆଲୋକ କାନୁନ୍‌ଗୋ-୮୨୪୯୫୮୪୦୧୦
**ସମ୍ବଲପୁର:**ନରୋତ୍ତମ ଜେନା- ୯୩୪୮୨୦୯୫୩୪
**ଅନୁଗୋଳ:**ସୌରଭ ତ୍ରିପାଠୀ-୮୮୪୭୮୬୨୦୯୨
**ରାୟଗଡ଼ା:**ବିଶ୍ୱଜିତ୍ ପାଲଟାସିଂ-୭୯୭୮୦୩୮୨୦୩
**ବ୍ରହ୍ମପୁର:**ମଳୟ କୁମାର ସାହୁ-୯୪୩୯୬୮୩୯୯୯




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ।

ଦୂରଭାଷ: ୦୬୭୪-୨୫୮୦୧୦୧, ୨୫୪୯୩୦୨




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ